# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃୟାରୀ ୨୬/୨୦୨୩ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 26/2023 | Page 14 | ₹ 7.00

୪୯ଶ ଭାଗ ୯୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 94 | ମୂଲ୍ୟ ₹୭/-




**ଶର୍ଟଲିଷ୍ଟରେ ରିଚା ଘୋଷ**

ଓମେନ୍ସ ଟି୨୦ ୱାର୍ଲ୍ଡକପ୍ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପାଇଁ ଶର୍ଟଲିଷ୍ଟରେ ସ୍ଥାନ ପାଇଥିବା ୯ଖେଳାଳିଙ୍କ ମଧ୍ୟରେ ରିଚା ଘୋଷ ଜଣେ ମାତ୍ର ଭାରତୀୟ।

୧୪

୧୨

**ଆର୍‌ଆର୍‌ଆର୍‌କୁ ହଲିଉଡ୍ କ୍ରିଟିକ୍ସ ଆସୋସିଏଶନ ଆୱାର୍ଡ**

ନିର୍ଦ୍ଦେଶକ ଏସ୍‌ଏସ୍ ରାଜାମୌଳିଙ୍କ ଫିଲ୍ମ 'ଆର୍‌ଆର୍‌ଆର୍' ହଲିଉଡ୍ କ୍ରିଟିକ୍ସ ଆସୋସିଏଶନ ଆୱାର୍ଡ ହାତେଇଛି।



# ଅବହେଳାରୁ ଦୁର୍ଘଟଣା: ୭ ମୃତ

**■ ପ୍ରତିବାଦରେ ସ୍ଥାନୀୟ ଲୋକଙ୍କ ରାସ୍ତା ଅବରୋଧ**

**■ ଶୋକବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ**

ଧର୍ମଶାଳା/ଚଣ୍ଡିଖୋଲ, ୨୫।୨(ଡି.ଏନ୍.ଏ.)

ରାସ୍ତାକଡ଼ରେ ରହିଥିବା ଏକ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ର ପଛପଟୁ କୁକୁଡ଼ା ପରିବହନ ପାଇଁ ଉଦ୍ଦିଷ୍ଟ ମିନିଟ୍ରକ ଧକ୍କାଦେବାରୁ ୭ଜଣଙ୍କ ମୃତ୍ୟୁ ଘଟିଛି। ଯାଜପୁର ଜିଲା ଧର୍ମଶାଳା ଥାନା ୧୬ ନଂ. ଜାତୀୟ ରାଜପଥର ନେଉଳପୁର ସେଣ୍ଟ୍ରାଲ ବ୍ୟାଙ୍କ ସମ୍ମୁଖରେ ଶନିବାର ଭୋର ୫ଟାରେ ଏହି ଦୁର୍ଘଟଣା ଘଟିଛି। ଘନ କୁହୁଡ଼ି ଯୋଗୁ ମିନିଟ୍ରକ ଡ୍ରାଇଭର ରାସ୍ତାକଡ଼ରେ ଥିବା ଟ୍ରକକୁ ଦେଖି ନ ପାରି ଧକ୍କା ଦେଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ଜଣାପଡ଼ିଛି। ତେବେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ରାସ୍ତାକଡ଼ରୁ ହଟାଯାଇ ନ ଥିବାରୁ ଏକ ବଡ଼ ଦୁର୍ଘଟଣା ଘଟିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ପୋଲିସର ଏଭଳି ଅବହେଳା ଯୋଗୁ ୭ଜଣଙ୍କ ଜୀବନ ଚାଲିଗଲା ବୋଲି ଦର୍ଶାଇ ସ୍ଥାନୀୟ ଲୋକେ ତୀବ୍ର ପ୍ରତିବାଦ କରିଛନ୍ତି। ଦୁର୍ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ନେଉଳପୁର ନିକଟରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଅନେକଙ୍କ ପ୍ରାଣହାନି ଖବର ଜାଣି ମୁଁ ଦୁଃଖିତ। ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଉଛି। ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି।

ସମସ୍ତ ମୃତକ ପଶ୍ଚିମବଙ୍ଗର ଚବିଶପ୍ରଗଣା ଜିଲା ମାଟିଆ ଥାନା ନେହାଲପୁର ଗ୍ରାମର ବୋଲି ଜଣାପଡ଼ିଛି। ସେମାନେ ହେଲେ ସୁରଜ ମଣ୍ଡଳ(୪୫), କରିମ୍ ସର୍ଦ୍ଦାର(୨୭), ଅମିନୁଲ୍ ଅଲ୍ଲି ସର୍ଦ୍ଦାର (୨୯), ଆରିଫ୍ ଅଲ୍ଲି ସର୍ଦ୍ଦାର (୨୭), ଆମଜେଦ ଅଲ୍ଲି ସର୍ଦ୍ଦାର (୩୩), ମୌଜମ୍ ସର୍ଦ୍ଦାର (୩୨) ଏବଂ ଜହାଙ୍ଗୀର ସର୍ଦ୍ଦାର(୩୨)। ଏମାନେ ଡବ୍ଲ୍ୟୁ-୨୫-ଏଲ୍-୩୧୮୩ ☞ପୃଷ୍ଠା-୪

## ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଧକ୍କାଦେଲା ମିନିଟ୍ରକ୍



ଦୁର୍ଘଟଣାଗ୍ରସ୍ତ ମିନି ଟ୍ରକ୍

# କନ୍ୟାପକ୍ଷଙ୍କୁ ବରଯାତ୍ରୀଙ୍କ ଛୁରାମାଡ଼

**ବିବାହ ବନ୍ଦ, ବର ଶିଶୁପାଳ**

ବଲାଙ୍ଗୀର ଅଫିସ/ଲାଠୋର/କଣ୍ଟାବାଞ୍ଜି,୨୫।୨(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ତୁରେକେଲା ଥାନା ମୁରିବାହାଲ ଗାଁରେ ବରାତି ଶୋଭାଯାତ୍ରା ଚାଲିଥିବାବେଳେ କନ୍ୟାପକ୍ଷର କେତେଜଣ ବ୍ୟକ୍ତି ନାଚିବାରୁ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଛି। ଏହାକୁ ନେଇ ବରପକ୍ଷ ଲୋକେ କନ୍ୟାପକ୍ଷ ଲୋକଙ୍କୁ ଛୁରାମାଡ଼ କରିଛନ୍ତି । ଏଥିରେ କନ୍ୟାପକ୍ଷର ଦୁଇଜଣ ଗୁରୁତର ଆହତ ହୋଇଛନ୍ତି । ଘଟଣା ପରେ ବିବାହ ବନ୍ଦ ହୋଇଯାଇଥିବାବେଳେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସବୁଥିରେ ପଛୁଆ**






# ଘୃଣାର ନିଆଁରେ ଘିଅ ଢାଳୁଛି କେନ୍ଦ୍ର: ସୋନିଆ

ରାୟପୁର,୨୫।୨(ପି.ଟି.)

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଦେଶରେ ଘୃଣାର ନିଆଁ ଜାଳି ଘିଅ ଢାଳିବା ସହ କ୍ରୁରତାପୂର୍ବକ ସଂଖ୍ୟାଲଘୁ, ଦଳିତ ଏବଂ ଆଦିବାସୀମାନଙ୍କୁ ଟାର୍ଗେଟ କରୁଛି ବୋଲି ଶନିବାର କଂଗ୍ରେସର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀ ସମାଲୋଚନା କରିଛନ୍ତି। ଛତିଶଗଡ଼ର ରାୟପୁରରେ ଅନୁଷ୍ଠିତ କଂଗ୍ରେସର ୮୫ତମ ମହା ଅଧିବେଶନରେ ପୂର୍ବତନ ଅଧ୍ୟକ୍ଷା ସୋନିଆ କେନ୍ଦ୍ରକୁ ତୀବ୍ର ସମାଲୋଚନା କରିଛନ୍ତି। ଏଥିସହ କଂଗ୍ରେସ କର୍ମୀମାନେ ସାମ୍ପ୍ରତିକ ସ୍ଥିତିର ଦୃଢ଼ ମୁକାବିଲା କରି ଲୋକଙ୍କ ପାଖରେ ଦଳୀୟ ବାର୍ତ୍ତା ପହଞ୍ଚାଇବା ପାଇଁ ସେ ଆହ୍ୱାନ ଦେଇଛନ୍ତି।

ମହା ଅଧିବେଶନରେ ଉଦ୍‌ବୋଧନ ଦେଇ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା କହିଥିଲେ, ଭାଜପା ସରକାର କେତେଜଣ ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କ ପ୍ରତି ଅନୁକମ୍ପା ଦେଖାଇ ଦେଶର ଅର୍ଥନୀତିକୁ ଧ୍ୱଂସ କରିଦେଇଛନ୍ତି। ଶିଳ୍ପପତି ଗୌତମ ଆଦାନୀଙ୍କ ବ୍ୟବସାୟ ସାମ୍ରାଜ୍ୟକୁ ନେଇ ସୃଷ୍ଟ ବିବାଦ ଉପରେ ସୋନିଆ ପରୋକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଥିଲେ। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଦଳ ଓ ଦେଶ ପାଇଁ ପ୍ରତ୍ୟେକ କଂଗ୍ରେସ କର୍ମୀଙ୍କର ସ୍ୱତନ୍ତ୍ର ଦାୟିତ୍ୱ ରହିଛି। କଂଗ୍ରେସ କେବଳ ଏକ ରାଜନୈତିକ ଦଳ ନୁହେଁ, ଏହା ଜାତି, ଧର୍ମ, ଲିଙ୍ଗ ନିର୍ବିଶେଷରେ ସବୁ ଜନସାଧାରଣଙ୍କ ସ୍ୱରର ପ୍ରତିଫଳନ। ତାଙ୍କ ଦଳ ସମସ୍ତଙ୍କ ସ୍ୱପ୍ନକୁ ସାକାର କରିବ ବୋଲି ସୋନିଆ ପ୍ରତିଶ୍ରୁତି ଦେଇଥିଲେ।

ସୋନିଆ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ସମସ୍ତ ସାମ୍ବିଧାନିକ ସଂସ୍ଥାକୁ କବ୍‌ଜା କରିନେଇଛି। ତେଣୁ କଂଗ୍ରେସ ତଥା ଦେଶ ପାଇଁ ନିର୍ଦ୍ଦିଷ୍ଟ ଭାବରେ ଏହା ଏକ ☞ପୃଷ୍ଠା-୪

**୨୦୨୪ ପାଇଁ ସମଭାବାପନ୍ନ ଦଳ ସହ ମେଣ୍ଟ କରିବ କଂଗ୍ରେସ: ଖାର୍ଗେ**



ସୋନିଆ ଗାନ୍ଧୀ




**ମହିଳାଙ୍କୁ ଏସିଡ୍ ପିଆଇ ହତ୍ୟା**

ଉତ୍ତର ପ୍ରଦେଶ ବରେଲିରେ ଯୌତୁକ ପାଇଁ ୨୫ବର୍ଷୀୟା ମହିଳାଙ୍କୁ ଶାଶୁଘର ଲୋକେ ଏସିଡ୍ ପିଆଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଉଦଲା ଜାଗିର ଗ୍ରାମର ଅଞ୍ଜୁମଙ୍କ ମୃତ୍ୟୁ ଗୁରୁବାର ରାତିରେ ହୋଇଥିଲା। ଶାଶୁଘର ଲୋକେ କାର୍ ଓ ନଗଦ ଅଢ଼େଇ ଲକ୍ଷ ଟଙ୍କା ଯୌତୁକ ଦାବି କରିଥିଲେ। ଅଞ୍ଜୁମଙ୍କ ବାପଘର ଲୋକେ ଦାବି ଟଙ୍କା ଦେଇ ନ ପାରିବାରୁ ସ୍ୱାମୀ ଓ ଶାଶୁଘର ଲୋକେ ଏପରି କରିଥିବା ମହିଳାଙ୍କ ପରିବାର ଥାନାରେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଆତ୍ମହତ୍ୟା କଲେ ଆମେରିକୀୟ ବିଲିୟନେୟାର ଥୋମାସ୍ ଲି

**ୱାଶିଂଟନ୍, ୨୫।୨:** ଆମେରିକୀୟ ବିଲିୟନେୟାର ଥୋମାସ୍ ଲି'(୭୮) ଗୁରୁବାର ନ୍ୟୁୟର୍କସ୍ଥିତ ମାନହାଟନ୍‌ସ୍ଥିତ



କାର୍ଯ୍ୟାଳୟରେ ଆତ୍ମହତ୍ୟା କରିଛନ୍ତି। ସ୍ଥାନୀୟ ସମୟ ପ୍ରାୟ ୧୧ଟା ୧୦ ମିନିଟରେ ପୋଲିସ ସୂଚନା ପାଇ ସେଠାରେ ପହଞ୍ଚିଥିଲା। ଥୋମାସ୍ ନିଜକୁ ଗୁଳି କରି ସୁସାଇଡ୍ କରିଥିବା ପୋଲିସ କହିଛି। ସେ ଅଚେତ ଅବସ୍ଥାରେ କାର୍ଯ୍ୟାଳୟ ବାଥ୍‌ରୁମ୍ ଫ୍ଲୋର୍‌ରେ ପଡ଼ିଥିବାର ତାଙ୍କର ଜଣେ ମହିଳା ସହାୟିକା ପ୍ରଥମେ ଦେଖିଥିଲେ। ଲି ଇକ୍ୱିଟିର ସଂସ୍ଥାପକ ଏବଂ ସଭାପତି ଥିଲେ ଥୋମାସ୍। ୨୦୦୬ରେ ସେ ଏହାର ସ୍ଥାପନା କରିଥିଲେ। ପୂର୍ବରୁ ସେ ଥୋମାସ୍ ଏଚ୍.ଲି. ପାର୍ଟନର୍ସର ସଭାପତି ଓ ସିଇଓ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

### ଜାପାନରେ ୬.୧ ତୀବ୍ରତା ଭୂକମ୍ପ

**ଟୋକିଓ, ୨୫।୨:** ଜାପାନର ହୋକ୍କାଇଡୋରେ ଶନିବାର ରାତିରେ ୬.୧ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପ ପରେ ସ୍ଥାନୀୟ ଅଞ୍ଚଳରେ ସୁନାମି ଆଶଙ୍କା ନ ଥିବା ୟୁଏସ୍ ଜିଓଲୋଜିକାଲ ଏବଂ ଜାପାନ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଭୂକମ୍ପର ପ୍ରଭାବ କୁସିରୋ ଏବଂ ନେମୁରୋ ସହରରେ ମଧ ଅନୁଭୂତ ହୋଇଥିବା ଜଣାପଡ଼ିଛି।

### ୟୁଏଇ ସମରାଭ୍ୟାସରେ ଭାଗନେବ ତେଜସ୍

**ନୂଆଦିଲ୍ଲୀ, ୨୫।୨:** ପ୍ରଥମ ଥର ପାଇଁ ବିଦେଶୀ ସମରାଭ୍ୟାସରେ ଭାରତ ଦ୍ୱାରା ନିର୍ମିତ ଲାଇଟ୍ କମ୍ବ୍ୟାଟ୍ ଏୟାରକ୍ରାଫ୍ଟ (ଏଲ୍‌ସିଏ) ତେଜସ୍ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରେ ହେବାକୁ ଥିବା ସମରାଭ୍ୟାସରେ ଭାଗ ନେବାକୁ ଯାଉଛି। ଶନିବାର ଭାରତୀୟ ବାୟୁ ସେନା (ଆଇଏଏଫ୍) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏଥିରେ ଫ୍ରାନ୍ସ, କୁଏତ, ଅଷ୍ଟ୍ରେଲିଆ, ବ୍ରିଟେନ୍, ବାହାରିନ୍, ମରକ୍କୋ, ସ୍ପେନ୍, ଦ ରିପବ୍ଲିକ୍ କୋରିଆ ଏବଂ ଆମେରିକା ଏଥିରେ ଭାଗ ନେବେ। ସମରାଭ୍ୟାସରେ ଭାରତର ୫ଟି ଏଲ୍‌ସିଏ ଏବଂ ୨ଟି ସି-୧୭ ଗ୍ଲୋବ୍‌ମାଷ୍ଟର ୩ ଏୟାରକ୍ରାଫ୍ଟ ସାମିଲ ହେବ। ଏଥିରେ ଅଂଶଗ୍ରହଣ କରିବାକୁ ଥିବା ଭାରତୀୟ ବାୟୁସେନାର ୧୧୦ ବାୟୁ ଯୋଦ୍ଧା ଅଲ୍ ଦାଫରା ଏୟାରସ୍ପେସ୍‌ରେ ଶନିବାର ପହଞ୍ଚିଛନ୍ତି। ସମରାଭ୍ୟାସ ଫେବୃୟାରୀ ୨୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୧୭ ପର୍ଯ୍ୟନ୍ତ ଚାଲିବ।

### ବିଶ୍ୱବିଦ୍ୟାଳୟ ଉତ୍ସବରେ ନାଚୁଥିବାବେଳେ ଛାତ୍ରଙ୍କ ମୃତ୍ୟୁ

**ବେଙ୍ଗାଲୁରୁ, ୨୫।୨:** ଅଜିମ ପ୍ରେମ୍‌ଜୀ ୟୁନିଭର୍ସିଟିର ଜଣେ ସ୍ନାତକୋତ୍ତର ଛାତ୍ର ଶୁକ୍ରବାର କଲେଜ ଉତ୍ସବରେ ନୃତ୍ୟ ପରିବେଷଣ କରୁଥିବାବେଳେ ମୂର୍ଚ୍ଛା ଯାଇଥିଲେ ଓ କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଅଭିଜିତ୍ ଶିନ୍ଦେ(୨୬) ନାମକ ଛାତ୍ର ଏମ୍‌ଏ ପ୍ରଥମ ବର୍ଷରେ ପଢୁଥିଲେ। ତାଙ୍କ ଘର ମହାରାଷ୍ଟ୍ରର ନାସିକରେ ବୋଲି ଜଣାପଡ଼ିଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଉତ୍ସବ ପାଳନ ବେଳେ ହଠାତ୍ ଜଣେ ଛାତ୍ରଙ୍କ ମୃତ୍ୟୁରେ ଛାତ୍ରୀଛାତ୍ର ସ୍ତବ୍ଧ ହୋଇଯାଇଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ମଧ ବଞ୍ଚାଇବା ସମ୍ଭବ ହୋଇ ନ ଥିଲା। ବିଶ୍ୱବିଦ୍ୟାଳୟ ପକ୍ଷରୁ ମୃତ ଛାତ୍ରଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଯାଇଛି।




ୟୁକ୍ରେନ୍‌କୁ ସମର୍ଥନ ଜଣାଇ ଶନିବାର ୱାଶିଂଟନସ୍ଥିତ ରୁଷିଆ ଦୂତାବାସ ବାହାରେ ବିକ୍ଷୋଭକାରୀମାନେ ପ୍ଲାକାର୍ଡ ଦେଖାଉଛନ୍ତି।

# ରାଜ୍ୟ ପ୍ରମୁଖ ସଚିବମାନଙ୍କ ବୈଠକ ଡାକ

**ଘରୋଇ ହିଂସା ବିରୋଧରେ ଆଇନ କାର୍ଯ୍ୟକାରିତା ନେଇ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

**ନୂଆଦିଲ୍ଲୀ, ୨୫।୨(ପି.ଟି.)**

୨୦୨୨ ଜୁଲାଇ ସୁଦ୍ଧା ଦେଶରେ ୪.୭୧ ଲକ୍ଷରୁ ଊର୍ଦ୍ଧ୍ୱ ଘରୋଇ ହିଂସା ମାମଲା ବିଚାର ଅପେକ୍ଷାରେ ପଡ଼ିରହିଥିବାରୁ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଦେବା ଲାଗି ଥିବା ଆଇନର କାର୍ଯ୍ୟକାରିତାକୁ ଅନୁଧ୍ୟାନ କରିବା ଲାଗି ରାଜ୍ୟ ପ୍ରମୁଖ ସଚିବମାନଙ୍କ ବୈଠକ ଡାକିବାକୁ ସର୍ବୋଚ୍ଚ ଅଦାଲତ ଶନିବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଆଇନରେ ସୁରକ୍ଷା ଅଧିକାରୀ ନିଯୁକ୍ତ କରିବା ବ୍ୟବସ୍ଥା ଥିଲେ ମଧ ନିଯୁକ୍ତି ନୈରାଶ୍ୟଜନକ ଥିବା ଶୀର୍ଷ ଅଦାଲତ ଅନୁଭବ କରିଛନ୍ତି। ଗୋଟିଏ ଜିଲାକୁ ଜଣେ ସୁରକ୍ଷା ଅଧିକାରୀ ଯଥେଷ୍ଟ ନୁହେଁ। କାରଣ ସେମାନଙ୍କୁ ହାରାହାରି ୫୦୦ରୁ ୬୦୦ ମାମଲା ପରିଚାଳନା କରିବାକୁ ପଡୁଛି ବୋଲି ଜଷ୍ଟିସ ଏସ୍.ଆର୍. ଭଟ୍ଟ ଏବଂ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠ କହିଛନ୍ତି। ଏଭଳି ସ୍ଥିତିରେ କେନ୍ଦ୍ର ସରକାର ଉକ୍ତ ଦିଗକୁ ବିଚାରକୁ ନେଇ ହିଂସାର ସମ୍ମୁଖୀନ ହେଉଥିବା ମହିଳାମାନଙ୍କୁ ଉପଯୁକ୍ତ ଆଇନଗତ ସହାୟତା ଯୋଗାଇଦେବା ନିମନ୍ତେ ଭିତ୍ତିଭୂମି ବ୍ୟବସ୍ଥା ସହ ସେମାନଙ୍କ ପାଇଁ ସେଲ୍ଟର ହୋମ୍ ନିର୍ମାଣ କରିବାକୁ ଖଣ୍ଡପୀଠ ପରାମର୍ଶ ଦେଇଥିଲେ। ସେଥିପାଇଁ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରମୁଖ ସଚିବମାନଙ୍କ ବୈଠକ ଡାକିବାକୁ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ସଚିବଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ସିଜେଆଇଙ୍କ ଉଦ୍‌ବେଗ

**ଶିକ୍ଷାନୁଷ୍ଠାନରେ ଆତ୍ମହତ୍ୟା ଘଟଣା**

**ହାଇଦ୍ରାବାଦ, ୨୫।୨**

ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ଘଟଣା ବଢୁଥିବାରୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଶନିବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜୀବନ ହାରୁଥିବା ପିଲାମାନଙ୍କ ପାଇଁ ସେ ବିଚଳିତ ବୋଲି କହିଛନ୍ତି। ଶିକ୍ଷାନୁଷ୍ଠାନରେ କ'ଣ ତ୍ରୁଟି ରହୁଛି, ଯେଉଁଥିପାଇଁ ଛାତ୍ରୀଛାତ୍ର ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି ବୋଲି ସିଜେଆଇ ଜାଣିବାକୁ ଚାହିଁଛନ୍ତି। ନିକଟରେ ଆଇଆଇଟି ବମ୍ବେରେ ଜଣେ ଦଳିତ ଛାତ୍ର ଆତ୍ମହତ୍ୟା କରିଥିଲେ। ଗୁଜରାଟର ଦର୍ଶନ ସୋଲାଙ୍କି ବମ୍ବେ ଆଇଆଇଟିରେ ପ୍ରଥମ ବର୍ଷ ଛାତ୍ର ଥିଲେ। ସେ ଗତ ୧୨ ତାରିଖରେ କୌଣସି



ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼

କାରଣରୁ ଆତ୍ମହତ୍ୟା କରିଥିଲେ। ଏଭଳି ଆତ୍ମହତ୍ୟାରେ ସମାଜର ଦୁର୍ବଳ ଶ୍ରେଣୀ ବିଶେଷ ଭାବରେ ଶିକାର ହେଉଛନ୍ତି ବୋଲି ନ୍ୟାଶନାଲ ଏକାଡେମୀ ଅଫ୍ ଲିଗାଲ ଷ୍ଟଡିଜ୍ ଆଣ୍ଡ ରିସର୍ଚ୍ଚ (ଏନ୍‌ଏଏଲ୍‌ଏସ୍‌ଏଆର୍)ରେ ଦୀକ୍ଷାନ୍ତ ଭାଷଣ ଦେଇ ସିଜେଆଇ କହିଛନ୍ତି। ସାମାଜିକ ପରିବର୍ତ୍ତନକୁ ଆଗେଇ ନେବାରେ ବିଚାରପତିମାନଙ୍କୁ କୋର୍ଟରୁମ୍ ଭିତରେ ଏବଂ ବାହାରେ ଆଲୋଚନା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ହେବ। ଏହି ଅବସରରେ ସେ ଗତବର୍ଷ ଓଡ଼ିଶାର ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଆଦିବାସୀ ଛାତ୍ର ଆତ୍ମହତ୍ୟା ଘଟଣାକୁ ମନେ ପକାଇଥିଲେ। ଏଭଳି ଆତ୍ମହତ୍ୟା ରୋକିବାକୁ ହେଲେ ଆମକୁ ପ୍ରଥମେ ସମସ୍ୟାକୁ ଚିହ୍ନଟ କରିବା ସହ ସ୍ୱୀକାର କରିବାକୁ ପଡ଼ିବ ବୋଲି ଜଷ୍ଟିସ ଚନ୍ଦ୍ରଚୂଡ଼ କହିଛନ୍ତି। ଆଇନଜୀବୀ ଏବଂ ଛାତ୍ରମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏନେଇ ଶିକ୍ଷାକ୍ଷେତ୍ରର ନେତୃତ୍ୱ ନେଉଥିବା ବ୍ୟକ୍ତିମାନେ ମଧ ସମ୍ବେଦନଶୀଳ ହେବାକୁ ସିଜେଆଇ ପରାମର୍ଶ ଦେଇଛନ୍ତି।

# କେନ୍ଦ୍ରମନ୍ତ୍ରୀଙ୍କ କାର୍ ଉପରେ ଆକ୍ରମଣ



**କୋଲକାତା, ୨୫।୨**

ପଶ୍ଚିମବଙ୍ଗର କୁଚ୍‌ବିହାର ଅଞ୍ଚଳରେ କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନୀତୀଶ ପ୍ରମାଣିକଙ୍କ କାର୍ ଉପରେ ତୃଣମୂଳ କଂଗ୍ରେସ ସମର୍ଥକମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଟେକାମାଡ଼ରେ ମନ୍ତ୍ରୀଙ୍କ ଏସ୍‌ୟୁଭି କ୍ଷତିଗ୍ରସ୍ତ ହେବା ସହ ଏହାର ୱିଣ୍ଡୋଶିଲ୍ଡ ଭାଙ୍ଗିଯାଇଛି। ଉତ୍ତ୍ୟକ୍ତ ଲୋକଙ୍କୁ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ପ୍ରମାଣିକ କୁଚ୍‌ବିହାରରୁ ଏମ୍‌ପି ଅଛନ୍ତି। ଯଦି ଜଣେ ମନ୍ତ୍ରୀ ସୁରକ୍ଷିତ ନୁହନ୍ତି, ତେବେ ସାଧାରଣ ଲୋକଙ୍କ ସମସ୍ୟା କ'ଣ ହୋଇଥିବା ସହଜେ ଅନୁମେୟ। ଏହି ଘଟଣା ପଶ୍ଚିମବଙ୍ଗରେ ଗଣତନ୍ତ୍ରର ସ୍ଥିତିକୁ ସ୍ପଷ୍ଟ କରୁଛି ବୋଲି ପ୍ରମାଣିକ କହିଛନ୍ତି। ସେ ସ୍ଥାନୀୟ ଭାଜପା କାର୍ଯ୍ୟାଳୟକୁ ଯାଉଥିବା ବେଳେ ଆକ୍ରମଣ ହୋଇଥିଲା। ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଯବାନଙ୍କ ଗୁଳିରେ ସ୍ଥାନୀୟ ଆଦିବାସୀଙ୍କ ମୃତ୍ୟୁକୁ ନେଇ ମନ୍ତ୍ରୀ ପ୍ରମାଣିକଙ୍କ ବିରୋଧରେ ଉତ୍ତେଜନା ପ୍ରକାଶ ପାଇଥିଲା ବୋଲି ସ୍ଥାନୀୟ ରିପୋର୍ଟରେ ପ୍ରକାଶ ପାଇଛି। ନିକଟରେ ଏକ ରାଲିରେ ଟିଏମ୍‌ସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ମନ୍ତ୍ରୀ ପ୍ରମାଣିକଙ୍କୁ ଟାର୍ଗେଟ କରିଥିଲେ।

# ପୌଡେଲ ହେବେ ନେପାଳ ରାଷ୍ଟ୍ରପତି

**କାଠମାଣ୍ଡୁ, ୨୫।୨(ପି.ଟି.)**

ନେପାଳୀ କଂଗ୍ରେସର ବରିଷ୍ଠ ନେତା ରାମଚନ୍ଦ୍ର ପୌଡେଲ୍ ନେପାଳର ପରବର୍ତ୍ତୀ ରାଷ୍ଟ୍ରପତି ହେବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ'ଙ୍କ ସିପିଏନ୍-ମାଓଇଷ୍ଟ ସେଣ୍ଟର ସମେତ ୮ଟି ଦଳ ତାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରିଛନ୍ତି। ମାର୍ଚ୍ଚ ୯ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ତାଙ୍କ ସହ ସିପିଏନ୍-ୟୁଏମ୍‌ଏଲ୍ ପ୍ରାର୍ଥୀ ସୁବାସ ନେମବାଙ୍ଗଙ୍କର ପ୍ରତିଦ୍ୱନ୍ଦ୍ୱିତା ହେବ। ଶନିବାର ଉଭୟ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପୌଡେଲଙ୍କ ନାମାଙ୍କନପତ୍ରରେ ୮ଟି ଦଳର ସମର୍ଥନ ରହିଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ଶେର ବାହାଦୁର ଦେଉବା, ସିପିଏନ୍ (ୟୁନିଫାଏଡ୍ ସୋସିଆଲିଷ୍ଟ) ଅଧ୍ୟକ୍ଷ ମାଧବ କୁମାର



ରାମଚନ୍ଦ୍ର ପୌଡେଲ୍

ନେପାଳ, ମାଓବାଦୀ ସେଣ୍ଟର ବରିଷ୍ଠ ଉପାଧ୍ୟକ୍ଷ ନାରାୟଣ କାଜି ଶ୍ରେଷ୍ଠ, ଜନତା ସମାଜବାଦୀ ପାର୍ଟିଫେଡେରାଲ କାଉନସିଲ୍ ଅଧ୍ୟକ୍ଷ ଅଶୋକ ରାୟ ଏବଂ ଜନମତ ପାର୍ଟି ନେତା ଅବଦୁଲ ଖାନ୍ ପ୍ରସ୍ତାବକ ରହିଥିଲେ। ପୌଡେଲ ନିର୍ବାଚିତ ହେବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ବର୍ତ୍ତମାନର ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀଙ୍କ କାର୍ଯ୍ୟକାଳ ମାର୍ଚ୍ଚ ୧୨ରେ ଶେଷ ହେବ।

# ୮ ଆଇଏସ୍ ଆତଙ୍କବାଦୀ ଦୋଷୀସାବ୍ୟସ୍ତ

**କାନପୁର ଷଡ଼ଯନ୍ତ୍ର ମାମଲା**

**ନୂଆଦିଲ୍ଲୀ, ୨୫।୨(ଆଇଏଏନ୍‌ଏସ୍)**

୨୦୧୭ କାନପୁର ଷଡ଼ଯନ୍ତ୍ର ମାମଲାରେ ଲକ୍ଷ୍ନୌର ସ୍ୱତନ୍ତ୍ର ଏନ୍‌ଆଇଏ ଅଦାଲତ ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀ ଗ୍ରୁପ୍‌ର ୮ ଜଣଙ୍କୁ ଦୋଷୀସାବ୍ୟସ୍ତ କରିଛନ୍ତି। ଏମାନେ ଆଇଏସ୍ ତରଫରୁ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ଲାଗି କାନପୁରରେ ଷଡ଼ଯନ୍ତ୍ର କରିଥିଲେ। ତଦନ୍ତ ବେଳେ ଅଭିଯୁକ୍ତମାନେ ଆଇଇଡି ପରୀକ୍ଷା କରିବା ସହ ବିଭିନ୍ନ ସ୍ଥାନରେ ଖଞ୍ଜିବା ପାଇଁ ପ୍ରସ୍ତୁତି ଚଳାଇଥିବାର ପ୍ରମାଣ ମିଳିଥିଲା। ପ୍ରଥମେ ଲକ୍ଷ୍ନୌର ଏଟିଏସ୍ ଥାନା ୮ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଥିବାବେଳେ ପରେ ଏନ୍‌ଆଇଏ ଏହାର ତଦନ୍ତ ଦାୟିତ୍ୱ ନେଇଥିଲା। ଆସନ୍ତା ୨୭ରେ କୋର୍ଟ ଦଣ୍ଡ ଶୁଣାଣି କରିବେ।

# ପାକ୍ କ୍ରିକେଟ ଟିମ୍ ସମର୍ଥକଙ୍କୁ 'ଭାରତ ମାତା କୀ ଜୟ' କହିବାକୁ ବାଧ କରାଗଲା

**ପଣଜୀ, ୨୫।୨**

ପାକିସ୍ତାନୀ କ୍ରିକେଟ ଟିମ୍‌କୁ ସମର୍ଥନ ଜଣାଇଥିବା ଗୋଆର ଜଣେ ଦୋକାନୀଙ୍କୁ ସର୍ବସାଧାରଣରେ କ୍ଷମା ମଗାଇବା ସହ ତାଙ୍କୁ 'ଭାରତ ମାତା କୀ ଜୟ' ସ୍ଲୋଗାନ ଦେବାକୁ ବାଧ କରାଯାଇଛି। ଗତ ଗୁରୁବାର ଏହି ଘଟଣା ଘଟିଥିବାବେଳେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଏକ ଭିଡିଓରେ ଉତ୍ତର ଗୋଆ କାଲାଙ୍ଗୁଟେର ଜଣେ ଦୋକାନୀ ରହୁଥିବା ଅଞ୍ଚଳ ମୁସଲମାନ ବହୁଳ ହୋଇଥିବାରୁ ସେ ପାକିସ୍ତାନୀ କ୍ରିକେଟ ଟିମ୍‌କୁ ସମର୍ଥନ କରନ୍ତି ବୋଲି କହୁଥିବା ଦେଖିବାକୁ ମିଳିଥିଲା। ଜଣେ ଟ୍ରାଭେଲ ବ୍ଲଗର ଉକ୍ତ ଭିଡିଓକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ପାକିସ୍ତାନ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳୁଥିବାବେଳେ ଏହି ଭିଡିଓ ଶୁଟ୍ କରାଯାଇଥିଲା। ଭିଡିଓ ଭାଇରାଲ ହେବା ପରେ ଗୁରୁବାର କେତେଜଣ ଲୋକ ତାଙ୍କ ଦୋକାନ ନିକଟରେ ପହଞ୍ଚି ପାକିସ୍ତାନକୁ ସମର୍ଥନ କରିବାର କାରଣ ପଚାରିଥିଲେ। ଧର୍ମକୁ ନେଇ ଦେଶକୁ ଭାଗ ଭାଗ ନ କରିବାକୁ ସେମାନେ କହିବା ସହ ଉକ୍ତ ଦୋକାନୀଙ୍କୁ ଅଣ୍ଟେଇ ଦେଶବାସୀଙ୍କୁ କ୍ଷମା ମାଗିବାକୁ ବାଧ କରିଥିଲେ।

# ତୁର୍କୀରେ ୬୬ ଘଣ୍ଟାରେ ୩୭ ଭୂକମ୍ପ



ତୁର୍କୀର ହତାୟରେ ବିଧ୍ୱସ୍ତ ବିଲ୍ଡିଂର ଭଗ୍ନାବଶେଷ ଉପରେ ଜଣେ ବ୍ୟକ୍ତି ଯାଉଛନ୍ତି।

**ଆଙ୍କାରା, ୨୫।୨**

ତୁର୍କୀର ନିଗଡେରେ ଶନିବାର ୫.୩ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଛି। ଗତ ୬୬ ଘଣ୍ଟା ମଧ୍ୟରେ ତୁର୍କୀରେ ୩୭ଥର ଭୂକମ୍ପ ଅନୁଭୂତ ହୋଇସାରିଲାଣି। ଏଥିରେ କୌଣସି ଜୀବନହାନି ହୋଇ ନ ଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଫେବୃୟାରୀ ୬ରେ ହୋଇଥିବା ଭୂକମ୍ପରେ ତୁର୍କୀରେ ୪୪,୨୧୮ ଜଣଙ୍କ ମୃତ୍ୟୁ ଘଟିଥିଲା। ତୁର୍କୀ ଓ ସିରିଆ ମୃତ୍ୟୁସଂଖ୍ୟା ଏବେ ୫୦ ହଜାର ପାର୍ କରିଛି। ତୁର୍କୀର ୧୫ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ତେବେ ରେସ୍କ୍ୟୁ ଅପରେଶନ ବହୁ ଅଞ୍ଚଳରେ ବନ୍ଦ କରାଯାଇଛି। ଅନ୍ୟପକ୍ଷେ ସରକାରଙ୍କ ପକ୍ଷରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଗୋଟିଏ ବର୍ଷରେ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ତୁର୍କୀ ରାଷ୍ଟ୍ରପତି ତାୟିପ ଇର୍ଦ୍ଦୋଗାନ୍ କହିଛନ୍ତି। ପ୍ରଥମ ସୋପାନରେ ସରକାର ୨,୦୦,୦୦୦ ଆପାର୍ଟମେଣ୍ଟ ଏବଂ ୭୦,୦୦୦ ଗ୍ରାମାଞ୍ଚଳ ଘର ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ତେବେ ୨୫ ବିଲିୟନ୍ ଡଲାର ବିନିମୟରେ ଏହି ଘର ନିର୍ମାଣ କରାଯିବ। ସିରିଆରେ ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ୫,୯୧୪ରେ ପହଞ୍ଚିଛି।

# ଭାରତ ଶାନ୍ତି ପ୍ରକ୍ରିୟାରେ ସାମିଲ ହେବାକୁ ପ୍ରସ୍ତୁତ: ମୋଦି

**ୟୁକ୍ରେନ୍ ପ୍ରସଙ୍ଗ**

**ନୂଆଦିଲ୍ଲୀ, ୨୫।୨**

ଭାରତ ଶାନ୍ତି ପ୍ରକ୍ରିୟାରେ ସାମିଲ ହେବାକୁ ପ୍ରସ୍ତୁତ ଥିବା ଶନିବାର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଜର୍ମାନ ଚାନ୍ସେଲର ଓଲଫ ସ୍କୋଲ୍ଜଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବେଳେ କହିଛନ୍ତି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ବର୍ଷେ ବିତିଯାଇଛି। ଯୁଦ୍ଧର ପ୍ରଭାବ ବୈଶ୍ୱିକ ଖାଦ୍ୟ ଓ ଶକ୍ତି ସମ୍ପଦ ଉପରେ ପଡୁଥିବାବେଳେ ବହୁ ଦେଶ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି। ଏ ପ୍ରକାର ବୈଶ୍ୱିକ ସମସ୍ୟାର ସମାଧାନ ହେବା ଜରୁରୀ। ଓଲଫ ଦୁଇଦିନିଆ ଭାରତ ଗସ୍ତରେ ଅଛନ୍ତି। ୨୦୨୧ରେ ଜର୍ମାନ ଚାନ୍ସେଲର ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ଭାରତ ଗସ୍ତ। ଦୁଇ ରାଷ୍ଟ୍ର ପ୍ରତିନିଧିଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ସାଙ୍ଗକୁ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ନୂଆ ଟେକ୍‌ନୋଲୋଜି ଉଦ୍ଭାବନ ଦିଗରେ ଉଭୟ ଦେଶ ମିଳିତ ଭାବେ କାର୍ଯ୍ୟ



ଜର୍ମାନ ଚାନ୍ସେଲର ଓଲଫ ସ୍କୋଲ୍ଜଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

କରିବା ନେଇ ଆଲୋଚନା ହୋଇଥିବା କୁହାଯାଉଛି। ଯୁଦ୍ଧରେ ୟୁକ୍ରେନ୍‌ର ବ୍ୟାପକ କ୍ଷତି ହୋଇଛି। ଏହାର ନକାରାତ୍ମକ ପ୍ରଭାବ ସାରା ବିଶ୍ୱ ଉପରେ ପଡ଼ିଛି ବୋଲି ଶନିବାର ମିଳିତ ଖବରଦାତା ସମ୍ମିଳନୀରେ ସ୍କୋଲ୍ଜ କହିଛନ୍ତି। ସେହିପରି ଯୁଦ୍ଧ ଶେଷ କରିବା ଲାଗି ଭାରତ ଶାନ୍ତି ପ୍ରକ୍ରିୟାରେ ଭାଗ ନେବା ପାଇଁ ପ୍ରସ୍ତୁତ ଥିବା ମୋଦି ପ୍ରକାଶ କରିଛନ୍ତି। ଆତଙ୍କବାଦୀ, ବିଚ୍ଛିନ୍ନତାବାଦୀ ବିରୋଧରେ ଭାରତ, ଜର୍ମାନ ଏକାଠି କାମ କରିବେ। ଏଥିସହ ସୀମାରେ ଅନୁପ୍ରବେଶକାରୀଙ୍କ ମୂଳପୋଛ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୀମାର କୌଣସି ହିଂସାତ୍ମକ କାଣ୍ଡକୁ ପ୍ରଶ୍ରୟ ଦିଆଯିବ ନାହିଁ।

# ଏମ୍‌ସିଡି ଷ୍ଟାଣ୍ଡିଂ କମିଟି ପୁନଃ ନିର୍ବାଚନ ଅଟକିଲା

**ହାଇକୋର୍ଟଙ୍କ ସ୍ଥଗିତାଦେଶ**

**ନୂଆଦିଲ୍ଲୀ, ୨୫।୨**

ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି) ଷ୍ଟାଣ୍ଡିଂ କମିଟିର ୬ ସଦସ୍ୟଙ୍କ ପୁନଃ ନିର୍ବାଚନ ଉପରେ ଦିଲ୍ଲୀ ହାଇକୋର୍ଟ ଶନିବାର ସ୍ଥଗିତାଦେଶ ଲଗାଇଛନ୍ତି। ଫଳରେ ଶାସକ ଏଏପିକୁ ଶକ୍ତ ଝଟକା ଲାଗିଛି। ନିର୍ବାଚନ ନିୟମାବଳୀ ୫୧ରେ ଷ୍ଟାଣ୍ଡିଂ କମିଟି ନିର୍ବାଚନକୁ ବାତିଲ ଘୋଷଣା କରିବା ଅଧିକାର ମେୟରଙ୍କର ରହିଥିବା ଉଲ୍ଲେଖ କରାଯାଇ ନାହିଁ ବୋଲି ହାଇକୋର୍ଟ କହିଥିଲେ। ଶୁକ୍ରବାର ଏମ୍‌ସିଡି ଷ୍ଟାଣ୍ଡିଂ କମିଟି ନିର୍ବାଚନରେ ଗୋଟିଏ




ଭୋଟକୁ ମେୟର ଶେଲି ଓବେରୟ ଅବୈଧ ଘୋଷଣା କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଭାଜପା କାଉନସିଲର ଶିଖା ରାୟ ଏବଂ କମଲଜିତ୍ ସେହରାୱତ୍ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ପିଟିଶନ ଉପରେ ହାଇକୋର୍ଟ ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ଏବଂ ମେୟର ଓବେରୟଙ୍କୁ ନୋଟିସ ଜାରି କରିଛନ୍ତି। ବାଲଟ ପେପର, ସିସିଟିଭି ଫୁଟେଜ ଏବଂ ଭୋଟିଂ ସମୟର ଅନ୍ୟାନ୍ୟ ତଥ୍ୟ ପ୍ରମାଣକୁ ସଂରକ୍ଷିତ ରଖିବା ଲାଗି ମେୟରଙ୍କୁ କୁହାଯାଇଛି। ସୂଚନାଯୋଗ୍ୟ, ଏମ୍‌ସିଡି ଷ୍ଟାଣ୍ଡିଂ କମିଟି ସଦସ୍ୟ ନିର୍ବାଚନରେ ଭୋଟ ପୁନଃଗଣନାକୁ ମେୟର ଶୁକ୍ରବାର ବନ୍ଦ କରିବା ପରେ ଏହାକୁ ନେଇ ଗୃହରେ ରଣକ୍ଷେତ୍ର ପାଲଟିଥିଲା। ଏଏପି ଏବଂ ଭାଜପା କାଉନସିଲରମାନେ ପରସ୍ପରକୁ ମୁଥ ଓ ଗୋଇଠା ମାରିବା ସହ ଚୁଟି ଘୋଷାଡ଼ିଥିଲେ। ଏହି ସଂଘର୍ଷ ବେଳେ କେତେଜଣଙ୍କ କୁର୍ତ୍ତା ଚିରିବା ସହ ଦୁଇଜଣ ସଦସ୍ୟ ତଳେ ପଡ଼ିଯାଇଥିଲେ। ଏପରିକି ମହିଳା ସଦସ୍ୟମାନେ ମଧ ଆକ୍ରମଣରୁ ବାଦ୍ ପଡ଼ି ନ ଥିଲେ। ମେୟର ଓବେରୟଙ୍କୁ ମଧ ଭାଜପା ଗୁଣ୍ଡାମାନେ ଆକ୍ରମଣ କରିଥିବା ଏଏପି ଅଭିଯୋଗ କରିଥିଲା।




# ସରକାରୀ ସ୍କୁଲ ପିଲାଙ୍କୁ ମିଳିବ ନୋଟ୍ ବୁକ୍

**ଭୁବନେଶ୍ୱର, ୨୫।୨(ବ୍ୟୁରୋ)**

ରାଜ୍ୟରେ ଥିବା ସମସ୍ତ ସରକାରୀ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନୋଟ୍ ବୁକ୍ ବା ଡାଏରୀ ମିଳିବ। ଏ ନେଇ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏଣିକି ଘରୋଇ ସ୍କୁଲ ଭଳି ସରକାରୀ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନୋଟ୍ ବୁକ୍ ଦିଆଯିବ। ଯେଉଁଥିରେ ଛାତ୍ରୀଛାତ୍ରଙ୍କୁ ହୋମ୍ ୱାର୍କ ଓ ଶିକ୍ଷକମାନେ କ'ଣ ପାଠ ପଢ଼ାଉଛନ୍ତି ସେ ନେଇ ଉଲ୍ଲେଖ ରହିବ। ପିଲାଙ୍କୁ ନୋଟ୍ ବୁକ୍ ଦିଆଯିବା ଫଳରେ ଅଭିଭାବକମାନେ ପିଲାଙ୍କ ପାଠପଢ଼ା ସମ୍ପର୍କରେ ସବୁକଥା ଜାଣିପାରିବେ। ସ୍କୁଲରେ କ'ଣ ପାଠ ପଢ଼ାଯାଉଛି ଏବଂ ଘରକୁ କ'ଣ ପାଠ ଦିଆଯାଉଛି, ତାହା ଅଭିଭାବକମାନେ ଜାଣିପାରିବେ। ନୋଟ୍ ବୁକ୍‌ରେ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ପ୍ରତି ସେମାନଙ୍କର ରିମାର୍କସ ଦେବେ। ଅଭିଭାବକମାନେ ଏହି ନୋଟ୍ ବୁକ୍ ଜରିଆରେ ଏକାଡେମିକ ଆକ୍ଟିଭିଟିଜ୍ ସମ୍ପର୍କରେ ଜାଣିବା ସହ ପିଲାଙ୍କୁ ସେହିଅନୁସାରେ ଗାଇଡ୍ କରିପାରିବେ। ଏହାଛଡ଼ା ଏଥିରେ ଛୁଟିଦିନ, ସ୍କୁଲ ପ୍ରୋଗ୍ରାମ, ଜରୁରିକାଳୀନ ଫୋନ୍ ନମ୍ବର ଏବଂ ଶିକ୍ଷକଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଉପଲବ୍ଧ ରହିବ। ମୁଖ୍ୟମନ୍ତ୍ରୀ ଶିକ୍ଷା ବିଭାଗକୁ ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି। 'ମୋ ସ୍କୁଲ ଯୋଜନା' ଅନୁଯାୟୀ ଏଥିପାଇଁ ସ୍ୱତନ୍ତ୍ର ଫୋକସ୍ କରାଯାଉଛି। ତେଣୁ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନୋଟ୍ ବୁକ୍ ଦେବା ପାଇଁ ବିଭାଗ ଯୋଜନା କରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।




# ହାଇଦ୍ରାବାଦ ସ୍ଥାନାନ୍ତର ହେଲେ ପିଣ୍ଟୁ ନନ୍ଦ

**ଭୁବନେଶ୍ୱର, ୨୫।୨(ବ୍ୟୁରୋ)**



■ ପରିବାର ସଦସ୍ୟଙ୍କ ବ୍ଲଡ୍‌ଗ୍ରୁପ୍ ନ ମିଶିବାରୁ ଲିଭର ଟ୍ରାନ୍ସପ୍ଲାଣ୍ଟ ହୋଇପାରିଲାନି

■ ବାହାର ଡୋନର ଯୋଗାଡ଼ ଲାଗି ପ୍ରକ୍ରିୟା ଆରମ୍ଭ

ଲିଭର ଟ୍ରାନ୍ସପ୍ଲାଣ୍ଟ ଲାଗି ଡୋନର ନ ମିଳିବାରୁ ଶନିବାର ଦିଲ୍ଲୀରୁ ହାଇଦ୍ରାବାଦ ସ୍ଥାନାନ୍ତର ହୋଇଛନ୍ତି ଓଲିଉଡ୍ ଅଭିନେତା ପିଣ୍ଟୁ ନନ୍ଦ। ଲିଭର ସିରୋସିସ୍ ରୋଗରେ ପୀଡ଼ିତ ଥିବା ପିଣ୍ଟୁ ନନ୍ଦ ଗତ ୭ ତାରିଖରେ ନୂଆଦିଲ୍ଲୀସ୍ଥିତ ଆଇଏଲ୍‌ବିଏସ୍ ହସ୍ପିଟାଲରେ ଭର୍ତ୍ତି ହୋଇ ଆଇସିୟୁରେ ଚିକିତ୍ସିତ ହେଉଥିଲେ। ପ୍ରାୟ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି। ପରିବାର ସଦସ୍ୟଙ୍କ ବ୍ଲଡ୍ ଗ୍ରୁପ ମ୍ୟାଚ୍ ନ କରିବାରୁ ଲିଭର ଟ୍ରାନ୍ସପ୍ଲାଣ୍ଟ ଲାଗି ତାଙ୍କୁ ହାଇଦ୍ରାବାଦ ସ୍ଥାନାନ୍ତର କରାଯାଇଥିବା ସୂଚନା ଦିଆଯାଇଛି।

ଆଇଏଲ୍‌ବିଏସ୍ ହସ୍ପିଟାଲର ନିୟମ ଅନୁଯାୟୀ, କେବଳ ପରିବାର ଲୋକେ ହିଁ ଲିଭର ଦେଇପାରିବେ। ମାତ୍ର ପିଣ୍ଟୁଙ୍କୁ ଲିଭର ଦେବାକୁ ସହମତି ପ୍ରକାଶ କରିଥିବା ତାଙ୍କ ପରିବାର ସଦସ୍ୟଙ୍କ ବ୍ଲଡ୍ ଗ୍ରୁପ୍ ତାଙ୍କ ସହ ମ୍ୟାଚ୍ କଲା ନାହିଁ। ବାହାରୁ ଲିଭର ଆଣି ଟ୍ରାନ୍ସପ୍ଲାଣ୍ଟ କରିବା ଲାଗି ସେଠାରେ ସମ୍ଭବ ହୋଇ ନ ଥିଲା। ତେବେ ହାଇଦ୍ରାବାଦ ସ୍ଥାନାନ୍ତର ପରେ ପିଣ୍ଟୁଙ୍କ ଅବସ୍ଥା ଏବେ ସ୍ଥିର ଥିବାବେଳେ ଶୀଘ୍ର ଡୋନର ଯୋଗାଡ଼ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଡୋନର ମିଳିଲେ ତାଙ୍କ ଶରୀରରେ ଲିଭର ଟ୍ରାନ୍ସପ୍ଲାଣ୍ଟ କରାଯିବାର ବ୍ୟବସ୍ଥା କରାଯିବ ବୋଲି ଅଭିନେତା ଶ୍ରୀତମ ଦାସ କହିଛନ୍ତି। ତାଙ୍କୁ ଆର୍ଥିକ ସହାୟତା ପାଇଁ ବହୁ ଯୁବପିଢ଼ି, କଳାକାରମାନେ ଲାଗି ପଡ଼ିଛନ୍ତି। ସୂଚନାଯୋଗ୍ୟ, ପ୍ରଥମେ ପିଣ୍ଟୁ ନନ୍ଦ ଭୁବନେଶ୍ୱରରରେ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ନୂଆଦିଲ୍ଲୀସ୍ଥିତ ଆଇଏଲ୍‌ବିଏସ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

# ମାଓବାଦୀଙ୍କ ସହ ଗୁଳି ବିନିମୟ: ୩ ଯବାନ ଶହୀଦ

**ମାଲକାନଗିରି, ୨୫।୨ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ଜାଗୁରୁକୋଣ୍ଡା ଥାନା ଅଞ୍ଚଳର କୁନ୍ଦେର ଜଙ୍ଗଲରେ ଶନିବାର ମାଓବାଦୀମାନେ ଏକ ବଡ଼ଧରଣର ଅଘଟଣ ଘଟାଇଛନ୍ତି। ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ୩ଜଣ ଯବାନ ଶହୀଦ ହୋଇଛନ୍ତି। ୨ଜଣ ଆହତ ହୋଇଥିବା ଜଣାପଡ଼ିଛି। ଶହୀଦ ଯବାନମାନେ ହେଲେ ସୁକ୍‌ମା ଜିଲା ଡିଆର୍‌ଜି ବାହିନୀର ଏଏସ୍‌ଆଇ ରଘୁରାମ ନାଗ, କନଷ୍ଟେବଲ କୁଞ୍ଜାମ ଜଗା ଓ ଭାଜାମ ଭୀମା।

ସକାଳେ ଜାଗୁରୁକୋଣ୍ଡା କ୍ୟାମ୍ପରୁ ଯବାନମାନେ କୁନ୍ଦେର ଜଙ୍ଗଲ ଦେଇ କୋମ୍ବିଂ ଅପରେଶନକୁ ଯାଉଥିଲେ। ତେବେ ମାଓବାଦୀମାନେ ଏହା ପୂର୍ବରୁ ଆମ୍ବୁସ ଲଗାଇଥିବା ସେମାନେ ଜାଣିପାରି ନ ଥିଲେ। ଫଳରେ ମାଓବାଦୀଙ୍କ ଆମ୍ବୁସ ଘେରରେ ଯବାନମାନେ ଫସିଯାଇଥିଲେ। ଏହି ସମୟରେ ମାଓବାଦୀମାନେ ଯବାନମାନଙ୍କ ଉପରକୁ ଆଖିବୁଜା ଗୁଳିଚାଳନା କରିଥିଲେ। ଯବାନମାନେ ମଧ୍ୟ ମାଓବାଦୀଙ୍କ ସହ କଡ଼ା ମୁକାବିଲା କରି ପାଲଟା ଗୁଳିଚାଳନା କରିଥିଲେ। ପୋଲିସ ଗୁଳିର ସାମ୍ନା କରି ନ ପାରି ଶେଷରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଏହି ଘଟଣାରେ ମାଓବାଦୀଙ୍କ ମୃତାହତ ସମ୍ପର୍କରେ କିଛି ସୂଚନା ମିଳିପାରି ନାହିଁ। ତେବେ ଘଟଣାସ୍ଥଳ ତଲାସି ବେଳେ ପୋଲିସ ଉପରୋକ୍ତ ୩ ଯବାନଙ୍କ ମୃତଦେହ ପାଇଥିଲା। ପରେ କୁନ୍ଦେର ଜଙ୍ଗଲ ଅଞ୍ଚଳରେ ପୋଲିସ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରିଛି। ଆହତମାନଙ୍କୁ ପ୍ରଥମେ ଜାଗୁରୁକୋଣ୍ଡା କ୍ୟାମ୍ପରେ ପ୍ରାଥମିକ ଚିକିତ୍ସା ପରେ ଜଗଦଲପୁର ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସମ୍ପୃକ୍ତ ଅଞ୍ଚଳରେ ହାଇ ଆଲର୍ଟ ଜାରି କରାଯାଇଛି। ଅଚିହ୍ନା ବ୍ୟକ୍ତି ଏବଂ ବିଭିନ୍ନ ଲଜ୍‌ରେ ରହୁଥିବା ବାହାର ଲୋକଙ୍କ ଉପରେ ପୋଲିସ କଡ଼ା ନଜର ରଖିଛି। ସୂଚନାଯୋଗ୍ୟ, ଗତ କିଛିବର୍ଷ ହେଲା ମାଲକାନଗିରି ଜିଲାରେ ମାଓବାଦୀ ହିଂସା ଦେଖିବାକୁ ମିଳୁ ନ ଥିଲା। ସୀମାନ୍ତ ଛତିଶଗଡ଼ର ସୁକ୍‌ମା, ବିଜାପୁର, ଦାନ୍ତେୱାଡ଼ା ଜିଲାରେ ମାଓବାଦୀ ହିଂସା ବିଭିନ୍ନ ସମୟରେ ଦେଖିବାକୁ ମିଳୁଥିଲା ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ରିକି କେଜ୍



**ଭୁବନେଶ୍ୱର, ୨୫।୨(ବ୍ୟୁରୋ):** ତିନି ଥର ଗ୍ରାମୀ ପୁରସ୍କାର ବିଜେତା ତଥା ଭାରତୀୟ ସଙ୍ଗୀତକାର ଏବଂ ପ୍ରଯୋଜକ ରିକି କେଜ୍ ଶନିବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ନିକଟରେ ତୃତୀୟଥର ପାଇଁ ଗ୍ରାମୀ ପୁରସ୍କାର ପାଇଥିବାରୁ ମୁଖ୍ୟମନ୍ତ୍ରୀ ରିକି କେଜ୍‌ଙ୍କୁ ଅଭିନନ୍ଦନ ଜଣାଇଥିଲେ। ସାକ୍ଷାତ ବେଳେ ଉଭୟ କିଛି ସମୟ ପାଇଁ ଆଲୋଚନା କରିଥିଲେ। ଅନ୍ତର୍ଜାତୀୟ ମାଣ୍ଡିଆ ଦିବସରେ ରିକି କେଜ୍‌ଙ୍କ ଓଡ଼ିଆ ଭାଷାରେ ମାଣ୍ଡିଆ ଗୀତରେ ଥିବା ଅବଦାନ ପାଇଁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ହକି ଜର୍ସି ପ୍ରଦାନ କରିଥିଲେ।

# 'ଦେଶର ଗର୍ବ ମ୍ୟୁଜିୟମ ଅଫ୍ ଜଷ୍ଟିସ'



**କଟକ ଅଫିସ, ୨୫।୨**



ମ୍ୟୁଜିୟମ ଅଫ୍ ଜଷ୍ଟିସ ଉଦ୍‌ଘାଟନୀ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଅନ୍ୟମାନେ।

କଟକ ବାରବାଟୀ ଦୁର୍ଗ ପରିସରରେ ମ୍ୟୁଜିୟମ ଅଫ୍ ଜଷ୍ଟିସ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହାକୁ ଉଦ୍‌ଘାଟନ କରି କହିଥିଲେ, ମ୍ୟୁଜିୟମ ଅଫ୍ ଜଷ୍ଟିସ୍ ଦେଶର ଗର୍ବ। ଏଥିସହ ସେ ନାଗରିକର ଅଧିକାର ଅକ୍ଷୁଣ୍ଣ ରହିବା ଉପରେ ସଚେତନତା ସୃଷ୍ଟି କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଥିଲେ, ମ୍ୟୁଜିୟମ ଅଫ୍ ଜଷ୍ଟିସ ମାଧ୍ୟମରେ ଇତିହାସକୁ କେବଳ ସମ୍ମାନ ଦିଆଯାଇନାହିଁ ବରଂ ଇତିହାସ ସୃଷ୍ଟି କରାଯାଇଛି। ହାଇକୋର୍ଟ ଓ ଜିଲାକୋର୍ଟଗୁଡ଼ିକର ରେକର୍ଡ ରୁମ୍‌ରେ ଥିବା ଊନବିଂଶ ଶତାବ୍ଦୀ ପୂର୍ବର ପୁରୁଣା ରେକର୍ଡଗୁଡିକୁ ମ୍ୟୁଜିୟମ୍‌ରେ ସ୍ଥାନିତ କରାଯାଇଛି। ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ, ପ୍ରସିଦ୍ଧ ବ୍ୟକ୍ତିତ୍ୱ ଓ ଘଟଣାବଳୀ ସମ୍ପର୍କିତ ବହୁ ଲୁକ୍କାୟିତ ରେକର୍ଡଗୁଡ଼ିକୁ ଏଠାରେ ସ୍ଥାନିତ କରାଯାଇ ଓଡ଼ିଶାର ନ୍ୟାୟିକ ବ୍ୟବସ୍ଥାର ବୈପ୍ଳବିକ ପରିବର୍ତ୍ତନକୁ ଉପସ୍ଥାପନା କରିବାର ପ୍ରୟାସ କରାଯାଇଛି। ଏହି ମ୍ୟୁଜିୟମ କେବଳ ଓଡ଼ିଶାର ନୁହେଁ, ସାରା ଦେଶର ନ୍ୟାୟିକ ବ୍ୟବସ୍ଥାର ପ୍ରତିଫଳନ। କାରଣ ଯେକୌଣସିଠାରେ ସଂଘଟିତ ଘଟଣାବଳୀର ଦର୍ପଣ ହେଉଛି ଓଡ଼ିଶା। ଏହି ମ୍ୟୁଜିୟମ ଅଧ୍ୟୟନ, ଅଧ୍ୟାପନା ଓ ଗବେଷଣା ଆଦିର ପ୍ରମୁଖ ସ୍ଥଳ ପାଲଟିବ ବୋଲି ମୁଖ୍ୟ ବିଚାରପତି କହିଛନ୍ତି। ବିଚାରପତି ଦେବବ୍ରତ ଦାଶ ସ୍ୱାଗତ ଭାଷଣ ଦେଇ କହିଥିଲେ, ନ୍ୟାୟିକ ବ୍ୟବସ୍ଥାର ଏକ ସମ୍ଭ୍ରାନ୍ତ ଐତିହ୍ୟ ରହିଛି। ମ୍ୟୁଜିୟମ ଅଫ୍ ଜଷ୍ଟିସରେ ପ୍ରାଚୀନ ସମୟରୁ ନ୍ୟାୟିକ ବ୍ୟବସ୍ଥାର ଉଜ୍ଜ୍ୱଳମୟ ଇତିହାସ ସ୍ଥାନିତ ହୋଇଛି। ଏହି ଅବସରରେ ମ୍ୟୁଜିୟମ୍‌ର ପ୍ରଥମ ପ୍ରକାଶନକୁ ଉନ୍ମୋଚନ କରାଯାଇଥିଲା। ବିଚାରପତି ଶଶିକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଉଦ୍‌ଘାଟନ କଲେ ରାଜ୍ୟପାଳ

ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜି.ବି. ପଟ୍ଟନାୟକ, ମ୍ୟୁଜିୟମର କନ୍‌ସଲଟେଟିଭ କମିଟି ସଦସ୍ୟ ବିଚାରପତି ଡ. ଏ. କେ. ମିଶ୍ର, ଡ. ନିବେଦିତା ମହାନ୍ତି, ଟ୍ରାଇବାଲ ମ୍ୟୁଜିୟମର ନିର୍ଦ୍ଦେଶକ ଏ. ବି. ଓତା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ଶୁଚିସ୍ମିତା ମନ୍ତ୍ରୀ, ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକ, ଇନ୍‌ଟାକ୍‌ର ନିର୍ଦ୍ଦେଶକ ମଲ୍ଲିକା ମିତ୍ରଙ୍କ ସମେତ ହାଇକୋର୍ଟର କାର୍ଯ୍ୟରତ ବିଚାରପତି, ପୂର୍ବତନ ବିଚାରପତି, ଆଡ୍‌ଭୋକେଟ ଜେନେରାଲ, ବରିଷ୍ଠ ସରକାରୀ ପ୍ରଶାସକ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ୟୁନିଭର୍ସିଟି ଲ' କଲେଜ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଉଦ୍‌ଘାଟନୀ ସମାରୋହ ଶେଷ ହେବାପରେ ରାଜ୍ୟପାଳ, ହାଇକୋର୍ଟ ମୁଖ୍ୟ ବିଚାରପତି ଓ ଅନ୍ୟମାନେ ମ୍ୟୁଜିୟମର ବିଭିନ୍ନ ଗ୍ୟାଲେରି ବୁଲି ଦେଖିଥିଲେ। ସେହିପରି ଛାତ୍ରୀଛାତ୍ରମାନେ ମଧ୍ୟ ମ୍ୟୁଜିୟମ୍‌ର ବିଭିନ୍ନ ଗ୍ୟାଲେରି ବୁଲି ଦେଖିଥିଲେ। ଏଥିରେ ସ୍ଥାନିତ ହୋଇଥିବା ଜନଜାତି ନ୍ୟାୟ ବ୍ୟବସ୍ଥା, କୋର୍ଟ ରୁମ୍‌ର ପ୍ରତିକୃତି ଓ ବିଚାର ପ୍ରକ୍ରିୟାଗୁଡ଼ିକ ଅତ୍ୟନ୍ତ ଶିକ୍ଷଣୀୟ ଏବଂ ଆନନ୍ଦଦାୟକ ହୋଇଥିବା ଛାତ୍ରୀଛାତ୍ରମାନେ କହିଛନ୍ତି।



**ଆଜିର ମନ୍ତବ୍ୟ**

"ଆଲୋଚନା ଓ କୂଟନୀତି ଜରିଆରେ ୟୁକ୍ରେନ୍ ସଙ୍କଟର ସମାଧାନ ପାଇଁ ଶାନ୍ତି ପ୍ରକ୍ରିୟାରେ ସାମିଲ ହେବାକୁ ଭାରତ ପ୍ରସ୍ତୁତ। -**ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକା ତୁଣ୍ଡରେ
ଉଆ ଉଷୁନା।**

ଅରୁଆ ଏବଂ ଉଷୁନା ଏକା କଥା ନୁହେଁ। ଜଣଙ୍କ ମୁହଁରେ ଦୁଇ ବିପରୀତ କଥା ବା ମତ ପୋଷଣ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଏକା ହୋଇକରି ତପସ୍ୟା କରିବ,
ଦୁଇଜଣ ମିଶି ପଢ଼ିବ ପାଠ,
ତିନିଜଣ ମିଶି ସଙ୍ଗୀତ କରିବ,
ଚାରିଜଣ ମିଶି ଚାଲିବ ବାଟ,
କୃଷି ଆରମ୍ଭିବ ମିଶି ପାଞ୍ଚଜଣ,
ବହୁ ଲୋକ ମିଶି କରିବ ଋଣ।**

ଏକୁଟିଆ ନିରୋଳା ସ୍ଥାନରେ ତପସ୍ୟା କଲେ ତପସ୍ୟା ସଫଳ ହୋଇଥାଏ। ଦୁଇଜଣ ପରସ୍ପର ମଧ୍ୟରେ ଆଲୋଚନା କରି ପାଠ ପଢ଼ିଲେ ପାଠ ଅଧିକ ମନେରହିଥାଏ। ତିନିଜଣ ମିଶି ସଙ୍ଗୀତ କରିବା ଲାଭପ୍ରଦ ହୋଇଥାଏ। ଚାରିଜଣ ମିଶି ବାଟ ଚାଲିଲେ ଚାଲିବାର ଶ୍ରମ ଜଣାପଡ଼ି ନ ଥାଏ। ସେହିପରି କୃଷି ପାଞ୍ଚଜଣ ମିଶି ଆରମ୍ଭ କରିବା ଭଳି ବହୁଲୋକ ମିଶି ଋଣ କଲେ ଋଣ ଶୁଝିବାର ବୋଝ ବାଧୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୬ ହଜାର କୋଟିର ୮ ବୃହତ୍ ଶିଳ୍ପ ଅଚଳ

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ରାଜ୍ୟରେ ୨୦୦୪ରୁ ୨୦୦୯ ମଧ୍ୟରେ ଅନୁମୋଦନ ପାଇଥିବା ୮ଟି ବୃହତ୍ ଥର୍ମାଲ ଓ ଇସ୍ପାତ୍ ଶିଳ୍ପ ସଂସ୍ଥା ଅଚଳ ହୋଇଯାଇଛି। ସେଥିରୁ ୭ଟି ଇସ୍ପାତ୍ ଶିଳ୍ପ ହୋଇଥିବା ବେଳେ ଗୋଟିଏ ଥର୍ମାଲ ପାୱାର ବନ୍ଦ ହୋଇଯାଇଛି। ସେହି ଶିଳ୍ପସଂସ୍ଥାଗୁଡ଼ିକ ହେଲା ଝାରସୁଗୁଡ଼ାର ଆକ୍ସନ ଷ୍ଟିଲ୍ ଆଣ୍ଡ ପାୱାର, କେନ୍ଦୁଝରର ଦୀପକ ଷ୍ଟିଲ୍ ଆଣ୍ଡ ପାୱାର, ଝାରସୁଗୁଡ଼ାର ଜେନ୍ ଷ୍ଟିଲ୍ ଆଣ୍ଡ ପାୱାର, କଟକର ମାହେଶ୍ୱରୀ ଇସ୍ପାତ୍, ଝାରସୁଗୁଡ଼ାର ଏମ୍ଏସ୍‌ପି ମେଟାଲିକ୍ସ, କେନ୍ଦୁଝରର ଓଡ଼ିଶା ସ୍ପଞ୍ଜ ଆଇରନ ଆଣ୍ଡ ଷ୍ଟିଲ୍, ସମ୍ବଲପୁରର ରଥି ଷ୍ଟିଲ୍ ଆଣ୍ଡ ପାୱାର ଏବଂ ଝାରସୁଗୁଡ଼ାର ଇଣ୍ଡ ଭାରତ ଏନର୍ଜୀ। ଏହି ଶିଳ୍ପ ସଂସ୍ଥାଗୁଡ଼ିକର ପ୍ରକଳ୍ପ ମୂଲ୍ୟ ୬୪୫୦ କୋଟି ଟଙ୍କା ହୋଇଥିବା ବେଳେ ୧୦୮୫ ଜଣଙ୍କୁ ନିଯୁକ୍ତି ଦେବାର କ୍ଷମତା ଥିଲା। ତେବେ ଏହି ଶିଳ୍ପ ସଂସ୍ଥାଗୁଡ଼ିକ ଦୀର୍ଘ ବର୍ଷ ପରେ ମଧ୍ୟ ଉତ୍ପାଦନକ୍ଷମ ହୋଇପାରିନାହାନ୍ତି। ବିଜେଡି ସଭ୍ୟ ରମେଶ ଚନ୍ଦ୍ର ବେହେରାଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

# ପାଣିରେ ପଡ଼ିଛି ଅର୍ଥ ନିଗମର ୭୧୯୨ କୋଟି

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ଓଡ଼ିଶା ରାଜ୍ୟ ଅର୍ଥ ନିଗମର ୭୧୯୨ କୋଟି ଟଙ୍କା ପାଣିରେ ପଡ଼ିଛି। ଋଣ ନେଇଥିବା ସଂସ୍ଥା ଓ ବ୍ୟକ୍ତିଙ୍କଠାରୁ ସେହି ଟଙ୍କା ଦୀର୍ଘବର୍ଷ ହେବ ଆଦାୟ ହୋଇପାରୁ ନାହିଁ। ନିଗମ ପକ୍ଷରୁ ବାରମ୍ବାର ନୋଟିସ ପଠାଗଲେ ମଧ୍ୟ ତାହାର କୌଣସି ଜବାବ ମିଳୁନାହିଁ। ଯେଉଁମାନେ କୌଣସିପ୍ରକାର ସହଯୋଗ କରୁନାହାନ୍ତି ସେମାନଙ୍କ ସମ୍ପତ୍ତିକୁ ଜବତ କରିବା ପାଇଁ ନିଗମ ପକ୍ଷରୁ ପଦକ୍ଷେପ ନିଆଯାଉଛି। ବିଜେଡି ସଭ୍ୟ ପ୍ରଶାନ୍ତ ବେହେରାଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ଅର୍ଥ ନିଗମରୁ ୮୧୮୫ ଜଣ ଋଣ ନେଇଛନ୍ତି। ମୂଳ ବାବଦକୁ ୨୫୧ କୋଟି ଓ ସୁଧ ବାବଦକୁ ୭୧୯୨ କୋଟି ଟଙ୍କା ସେମାନଙ୍କ ଉପରେ ପଡ଼ିଛି। ଋଣଗ୍ରହୀତାମାନଙ୍କୁ ବାରମ୍ବାର ପରିଶୋଧ ପାଇଁ ନୋଟିସ କରାଯାଉଛି। ୱାନ୍ ଟାଇମ୍ ସେଟଲମେଣ୍ଟ(ଓଟିଏସ୍) ଜରିଆରେ ପଇଠ କରିବାକୁ ପ୍ରବର୍ତ୍ତା ଯାଉଛି। ଯେଉଁମାନେ କୌଣସି ସହଯୋଗ କରୁନାହାନ୍ତି ସେମାନଙ୍କ ସମ୍ପତ୍ତି ଜବତ କରିବାକୁ ପଦକ୍ଷେପ ନିଆଯାଉଛି। ୨୦୨୨ ଡିସେମ୍ବର ୩୧ ସୁଦ୍ଧା ଭୁବନେଶ୍ୱର, କଟକ, ପାରାଦୀପ, ସମ୍ବଲପୁର ଅଞ୍ଚଳର ୩୭୦ଟି ଶିଳ୍ପାନୁଷ୍ଠାନ ଓ ଅନ୍ୟାନ୍ୟ ବନ୍ଧକ ସମ୍ପତ୍ତି ଜବତ କରାଯାଇଛି। କେତେକ କ୍ଷେତ୍ରରେ ମକଦ୍ଦମା ଅଦାଲତର ବିଚାରାଧୀନ ଥିବାରୁ ଏବଂ ଜମିଜମା ରେକର୍ଡ ବିବାଦୀୟ ହୋଇଥିବାରୁ ସମ୍ପତ୍ତି ନିଲାମ କରିବାରେ ବାଧା ସୃଷ୍ଟି ହେଉଛି ବୋଲି ମନ୍ତ୍ରୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପୂର୍ବାହ୍ଣ ପରେ ବୃଷ ରାଶିସ୍ଥ ଚନ୍ଦ୍ର ଆପଣଙ୍କୁ ଅର୍ଥ ଓ ସମ୍ମାନ ପ୍ରଦାନ କରିବାରେ ଅବହେଳା କରିବ ନାହିଁ। କର୍ମକ୍ଷେତ୍ରରେ ମଧ୍ୟ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ଅବଶ୍ୟ ପରିବାରରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବନ୍ଧୁ କିମ୍ବା ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହୋଇପାରନ୍ତି।

**ବୃଷ** ଉଚ୍ଚ ରାଶିସ୍ଥ ଶୁକ୍ର ସ୍ୱାସ୍ଥ୍ୟକୁ ଠିକ୍ ରଖିବାରେ ସାହାଯ୍ୟ କରିବ। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶା କରୁଥିବା ଫଳ ନିଶ୍ଚିତ ପାଇବେ। ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବାରୁ ସାମୟିକ ଖୁସି ଅନୁଭବ କରିପାରନ୍ତି। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ।

**ମିଥୁନ** ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟି କାର୍ଯ୍ୟ ପାଇଁ ପ୍ରେରଣା ଯୋଗାଇବ। ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରିବେ। ମାଙ୍ଗଳିକ କାମରେ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**କର୍କଟ** ଦୀର୍ଘ ଦିନରୁ ଭଙ୍ଗା ପଡ଼ିଯାଇଥିବା ସମ୍ପର୍କ ପଡ଼ୋଶୀଙ୍କ ମାଧ୍ୟମରେ ପୁନଃ ପ୍ରତିଷ୍ଠିତ ହେବ। ଆଲୋଚନା କ୍ଷେତ୍ରରେ ଭାବପ୍ରବଣବଶତଃ ଓଲଟା କଥା କହି ଅପଦସ୍ଥ ହୋଇପାରନ୍ତି। ବନ୍ଧୁ ଓ ପରିଜନଙ୍କ ସହଯାତ୍ରୀ ହୋଇ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। ନିର୍ମାଣ କାର୍ଯ୍ୟରେ ମନ୍ଥରତା ଚିନ୍ତା ବୃଦ୍ଧି କରିବ।

**ସିଂହ** ଆବଶ୍ୟକତା ଅନୁଯାୟୀ ହଠାତ୍ ଗୁଡ଼ାଏ ଟଙ୍କା ଖର୍ଚ୍ଚ କରି ଦୁଃଖିତ ହେବେ। ପାପଗ୍ରହଯୁକ୍ତ ଚନ୍ଦ୍ର ଜନିତ ମାନସିକ ଅବସାଦ ଯୋଗୁଁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିବାର ସୂଚନା ରହିଛି। ବ୍ୟବସାୟରେ ଲାଭ ପରିମାଣ କୌଣସି ପ୍ରକାରେ ଊଣା ହେବ ନାହିଁ।

**କନ୍ୟା** ଶନି କ୍ଷେତ୍ରସ୍ଥ ବୁଧ ହେତୁ ଧୀର ମନ୍ଥର ଗତିରେ କାର୍ଯ୍ୟ ହାସଲ କରିବେ। ପ୍ରକାଶନ, ରଚନାତ୍ମକ କାର୍ଯ୍ୟ, ଯୋଗାଯୋଗ ତଥା ଏଜେନ୍‌ସିରୁ ଖୁସି ରହିବେ। ସରକାରୀ ସ୍ତରରୁ ଅଚାନକ ଭାବରେ ଶୁଭ ସମ୍ବାଦ ଶୁଣି ଖୁସି ହେବେ। ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**ତୁଳା** ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ ହେବାର ମାର୍ଗ ଉନ୍ମୁକ୍ତ ହେବ। ଷଷ୍ଠସ୍ଥ ଶୁକ୍ର ଓ ବୃହସ୍ପତି ପ୍ରଭାବରୁ ଋଣ ପରିଶୋଧର ଲକ୍ଷ୍ୟ ନେଇ ବିଭିନ୍ନ ସୂତ୍ରରୁ ରୋଜଗାର କରିବେ। ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବାର ସମ୍ଭାବନା ରହିଛି। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ଣେ ପାଇପାରନ୍ତି।

**ବିଛା** ପରିଜନମାନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରା ମଙ୍ଗଳମୟ ରହିବ। ମାଙ୍ଗଳିକ କାମରେ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପାରିବେଶିକ କୁପ୍ରଭାବରୁ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ରାଜନୈତିକ ସ୍ଥିତି ମଜଭୁତ ରହିବା ସାଙ୍ଗକୁ ସାମାଜିକ ପ୍ରତିଷ୍ଠା ବଢ଼ିବ।

**ଧନୁ** ପାରସ୍ପରିକ ମତାନ୍ତର ଜନିତ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ସରଳବିଶ୍ୱାସ କରି କୌଣସି ଅଜଣା ଅଶୁଣା ବ୍ୟକ୍ତି ଦ୍ୱାରା ପ୍ରତାରିତ ହୋଇପାରନ୍ତି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବାର ଆଶା ରହିଛି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**ମକର** ରାଶିରେ ବୁଧ ଅବସ୍ଥାନ କରିଥିବା ଯୋଗୁ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ପରୋକ୍ଷ ଶତ୍ରୁତା ନିଶ୍ଚିତ କାମକୁ ଅନିଶ୍ଚିତତା ଭିତରକୁ ଠେଲି ଦେଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଜଗିରଖି ଚଳିବା ଭଲ ହେବ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ।

**କୁମ୍ଭ** ପରକଥାରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ବିନା କାରଣରେ ଅଶାନ୍ତି ସୃଷ୍ଟି ହୋଇପାରେ। ଶିଳ୍ପ, ବାଣିଜ୍ୟ ଶେୟାର ବଜାର କ୍ଷେତ୍ରରେ କ୍ଷତିର ଆଶଙ୍କା ରହିଛି। ବହୁତ ଦିନରୁ ଭଲ ସମ୍ପର୍କ ନଥିବା ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବ। ସଭାସମିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**ମୀନ** ନିକଟ ସମ୍ପର୍କୀୟମାନଙ୍କ ଈର୍ଷା ଓ ଅସୂୟାର କୁପରିଣାମ ଭୋଗ କରିବାକୁ ପଡ଼ିପାରେ। ଯେତେ ଭଲ କାମ କଲେ ମଧ୍ୟ ଖଳ ଲୋକମାନଙ୍କ ଦ୍ୱାରା ସମାଲୋଚିତ ହେବେ। ନିର୍ମାଣକୁ କେନ୍ଦ୍ର କରି ଜମିଜମା ବିବାଦ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

ଆଜି ଫାଲ୍‌ଗୁନ ଶୁକ୍ଳପକ୍ଷର ବିଜୟା ସପ୍ତମୀ ରବିବାର, ଫେବୃୟାରୀ ୨୬ ତାରିଖ, ବୀର ସାବରକରଙ୍କ ତିରୋଧାନ ଦିବସ, ଦିବା ଘ.୧୦।୧୫ ଗତେ, ରାଶିନକ୍ଷତ୍ର-କୃତ୍ତିକା/ବୃଷ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୨ ଗତେ ଘ.୧୦।୦୩ ମଧ୍ୟେ, ଘ.୦୧।୨୬ ଗତେ ଘ.୦୧।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୨୦ ଗତେ ଘ.୦୫।୪୬ ମଧ୍ୟେ ରାହୁକାଳ।

# ଇଂ ବସନ୍ତ ପରିଡ଼ା ଆଇଡବ୍ଲ୍ୟୁଡବ୍ଲ୍ୟୁଏର ପ୍ରଥମ ଓଡ଼ିଆ ମହାସଚିବ ନିର୍ବାଚିତ

ଭୁବନେଶ୍ୱର, ୨୫।୨(ବ୍ୟୁରୋ)

ଦେଶ ବିଦେଶର ୧୨ଶହରୁ ଅଧିକ ଇଞ୍ଜିନିୟର ଏବଂ ଦକ୍ଷ ବିଶେଷଜ୍ଞଙ୍କୁ ନେଇ ଜଳ ଓ ବର୍ଜ୍ୟଜଳ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଖିଳ ଭାରତୀୟ ସଂସ୍ଥା ଇଣ୍ଡିଆନ ୱାଟର ୱାର୍କ୍ସ ଆସୋସିଏଶନ (ଆଇଡବ୍ଲ୍ୟୁଡବ୍ଲ୍ୟୁଏ)ର ମହାସଚିବ ଭାବେ ଇଞ୍ଜିନିୟର ବସନ୍ତ ପରିଡ଼ା ନିର୍ବାଚିତ ହୋଇଛନ୍ତି। ୨୦୨୩ରୁ ୨୦୨୫ ପର୍ଯ୍ୟନ୍ତ ଦେଶବ୍ୟାପୀ



ଏହି ସମ୍ମାନଜନକ ଫୋରମ୍‌ର ନେତୃତ୍ୱ ନେବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ ଇଞ୍ଜିନିୟର। ମହାରାଷ୍ଟ୍ରର ପୁଣେଠାରେ ସଂସ୍ଥାର ୫୬ତମ ବାର୍ଷିକ ସମ୍ମିଳନୀରେ ପରିଡ଼ାଙ୍କୁ ଏହି ଗୁରୁ ଦାୟିତ୍ୱ ମିଳିଛି। ଏଥିପାଇଁ ସେ ଆଇଡବ୍ଲ୍ୟୁଡବ୍ଲ୍ୟୁଏ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ୧୯୬୮ରେ ପ୍ରତିଷ୍ଠିତ ଆଇଡବ୍ଲ୍ୟୁଡବ୍ଲ୍ୟୁଏର ମୁଖ୍ୟ କାର୍ଯ୍ୟାଳୟ ମୁମ୍ବାଇରେ ଥିବାବେଳେ ସବୁ ରାଜ୍ୟରେ ୩୫ଟି କେନ୍ଦ୍ର ରହିଛି। ଗ୍ରାମାଞ୍ଚଳ, ପୌରପାଳିକା,ଶିଳ୍ପ,କୃଷିଆଦିକାର୍ଯ୍ୟରେବ୍ୟବହୃତଜଳରପରିଚାଳନାତଥାବର୍ଜ୍ୟଜଳ ନିଷ୍କାସନ କ୍ଷେତ୍ର ସହ ଜଡିତ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଅର୍ଥନୀତି, ପରିବେଶ ଏବଂ ସାମାଜିକବିଜ୍ଞାନର ବିକାଶକୁ ପ୍ରୋତ୍ସାହିତ କରିବା ହେଉଛି ଏହିସଙ୍ଗଠନର ଲକ୍ଷ୍ୟ।

# ସ୍ଥିତି ଅନୁଧ୍ୟାନକଲେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି



ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ମୃତ ଚନ୍ଦନଙ୍କ ସ୍ତ୍ରୀଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

**ଯୁବକଙ୍କୁ ପୋଲିସ ଇନ୍‌ଫର୍ମର ସନ୍ଦେହରେ ମାଓବାଦୀଙ୍କ ହତ୍ୟା ଘଟଣା**

**■ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା**

ନବରଙ୍ଗପୁର,୨୫।୨(ବି.ପ୍ର.)

ନବରଙ୍ଗପୁର ଜିଲା ରାଇଘର ଥାନା ଅଧୀନ ହାତିଗାଁ ପଞ୍ଚାୟତ ଖାଲେପାରାରେ ପୋଲିସ ଇନ୍‌ଫର୍ମର ସନ୍ଦେହରେ ଚନ୍ଦନ ମଲ୍ଲିକଙ୍କୁ ହତ୍ୟା ଘଟଣାରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ସେଠାକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ସମୟରେ ନବରଙ୍ଗପୁର ଏସ୍‌ପି ଏସ୍.ସୁଶ୍ରୀ, ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଏନ୍.କେ.କେ. ପ୍ରସାଦ ଉପସ୍ଥିତ ଥିଲେ। ଡିଆଇଜି ରାଇଘର ଥାନାରେ ମୃତ ଚନ୍ଦନଙ୍କ ସ୍ତ୍ରୀଙ୍କୁ ଭେଟି ସମବେଦନା ଜଣାଇବା ସହ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ୪ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ମଧ୍ୟ ସହାୟତା ମିଳିବ ବୋଲି ଡିଆଇଜି କହିଛନ୍ତି। ଏହାପରେ ପୋଲିସ ରିଜର୍ଭ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରି ଚନ୍ଦନ ପୋଲିସ ଇନ୍‌ଫର୍ମର ନ ଥିଲେ ବୋଲି ସେ ସ୍ପଷ୍ଟ କରିଛନ୍ତି। ଉଦନ୍ତି ଓ ସୀତାନଦୀ ଦଳର ମାଓବାଦୀମାନେ ଏହି ହତ୍ୟା ଘଟଣାରେ ସମ୍ପୃକ୍ତ ବୋଲି ଡିଆଇଜି ପଣ୍ଡିତ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ୯ ତାରିଖରେ ମାଓବାଦୀମାନେ ଦଳଗତ ଭାବେ ଆସି ଚନ୍ଦନଙ୍କୁ ତାଗିଦ କରିଥିଲେ। ଗାଁରୁ ବାହାରକୁ ଗଲେ ଗ୍ରାମବାସୀଙ୍କୁ ଜଣାଇଯିବାକୁ ସେମାନେ କହିଥିଲେ। ଗୁରୁବାର ପୁଅଙ୍କ ଦେହ ଖରାପ ଥିବାରୁ ଚନ୍ଦନ ତାଙ୍କୁ ନେଇ ଉମରକୋଟ ଡାକ୍ତରଖାନା ଆସିଥିଲେ। ଏ ସମ୍ପର୍କରେ ସେ କିନ୍ତୁ ଗ୍ରାମବାସୀଙ୍କୁ କିଛି ଜଣାଇ ନ ଥିଲେ। ଏହାପରେ ଉକ୍ତ ଦିନ ରାତିରେ ପ୍ରାୟ ୨୦ରୁ ୨୫ ମାଓବାଦୀ ଖାଲେପାରା ଗ୍ରାମକୁ ଆସି ଚନ୍ଦନଙ୍କୁ ଘରୁ ଡାକିନେଇ ହତ୍ୟା କରିଛନ୍ତି। ଏନେଇ ରାଇଘର ଥାନାରେ କେସ୍ ନମ୍ବର ୩୫/୨୩ରେ ଏକ ମାମଲା ରୁଜୁ କରାଯାଇ ଉମରକୋଟ ଏସ୍‌ଡିପିଓଙ୍କୁ ତଦନ୍ତ ଭାର ଦିଆଯାଇଛି।

# ଶିଶୁକନ୍ୟା ବଳାତ୍କାର ମାମଲା: ଦୋଷୀଙ୍କୁ ୨୦ ବର୍ଷ ଜେଲ

କେନ୍ଦୁଝର, ୨୫।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ଫାଷ୍ଟଟ୍ରାକ୍ କୋର୍ଟରେ ଶନିବାର ଜଣେ ୫ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ମାନସ କୁମାର ମିଶ୍ର ଏହାର ଶୁଣାଣି କରି ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଆର୍ଥିକ ଜରିମାନା ଓ ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୭ ମାର୍ଚ୍ଚ ୧୩ରେ ଉକ୍ତ ଶିଶୁକନ୍ୟା ନିଜ ମା'ଙ୍କ ସହ ସଦର ଥାନା ଅଞ୍ଚଳସ୍ଥିତ ମାମୁଘରକୁ ବୁଲିବାକୁ ଆସିଥିଲେ। ଘର ବାହାରେ ଖେଳୁଥିବା ବେଳେ ଉକ୍ତ ଗ୍ରାମର ଘନଶ୍ୟାମ ପାତ୍ର (୨୮) ତାଙ୍କୁ ଡାକିନେଇ ନିକଟସ୍ଥ ସ୍କୁଲ ଘର ପାଇଖାନାରେ ବଳାତ୍କାର କରିଥିଲେ। ଶିଶୁକନ୍ୟା କାନ୍ଦି କାନ୍ଦି ଘରକୁ ଆସି ମା'ଙ୍କୁ ସବୁ ଘଟଣା ପ୍ରକାଶ କରିଥିଲା। ଥାନାରେ ମା'ଙ୍କ ଅଭିଯୋଗ ଆଧାରରେ ସଦର ପୋଲିସ ମାମଲା(ନଂ. ୯୩ /୧୭), ଧାରା ୩୭୬(୧)(କ)(ଆଇ) ଓ ପୋକ୍ସୋ ଆଇନର ଧାରା ୬ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ୧୬ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଶନିବାର କୋର୍ଟ ଉକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ ଲାଗି ଆଦେଶ ଦିଆଯାଇଥିବା ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଜ୍ଞାନେନ୍ଦ୍ର ନାଥ ଜେନା କହିଛନ୍ତି।

# ଘରୋଇ କଲେଜ ହଷ୍ଟେଲରୁ ୪ ଛାତ୍ର ନିଖୋଜ

କେନ୍ଦୁଝର,୨୫।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଗୁମୁରାରେ ଥିବା ଏକ ଘରୋଇ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହଷ୍ଟେଲରୁ ଶୁକ୍ରବାର ୪ ଛାତ୍ର ନିଖୋଜ ହୋଇଯାଇଛନ୍ତି। ଏନେଇ ସେମାନଙ୍କ ପରିବାର ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ଶନିବାର ସନ୍ଧ୍ୟାରେ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି। ଅନୁଷ୍ଠାନ ମୁଖ୍ୟ ଜିତେନ କ୍ରିଷ୍ଣା ଦାନ କହିଛନ୍ତି, ହରିଚନ୍ଦନପୁର ବ୍ଲକ୍‌ର ଚନ୍ଦନ ପରିଡ଼ା, ସଦର ବ୍ଲକ୍‌ର ଧର୍ମନନ୍ଦନ ମହାନ୍ତ, ଯଯାତି କେଶରୀ ମହାନ୍ତ ଓ ନିରଞ୍ଜନ ମହାନ୍ତ ହଷ୍ଟେଲରେ ରହି ଯୁକ୍ତ ୨ ବିଜ୍ଞାନରେ ପାଠ ପଢୁଥିଲେ। ଶୁକ୍ରବାର ରାତିରେ ୪ଜଣ ପିଲା ହଷ୍ଟେଲରୁ କାହାକୁ ନ ଜଣାଇ ପଳାଇଯାଇଛନ୍ତି। ଏଣୁ ସେମାନଙ୍କ ଅଭିଭାବକମାନେ ଅଭିଯୋଗ କରିବାକୁ ଆସିଛନ୍ତି। ସେ ମଧ୍ୟ ଅନୁଷ୍ଠାନ ପକ୍ଷରୁ ଟାଉନ ଥାନାରେ ଏନେଇ ଲିଖିତ ଭାବେ ଜଣାଇଛନ୍ତି। ଅଭିଭାବକ ଭାନୁମତି ପରିଡ଼ା କହିଛନ୍ତି, ତାଙ୍କ ପୁଅ ଏହି ସ୍କୁଲରେ ପଢୁଥିଲେ। ସେ ଅନ୍ୟମାନଙ୍କ ସହିତ ନିଖୋଜ ହୋଇଯାଇଥିବା ସ୍କୁଲ କର୍ତ୍ତୃପକ୍ଷଠାରୁ ଖବରପାଇ ଥାନାରେ ଜଣାଇଛୁ। ଅନ୍ୟ ଜଣେ ଅଭିଭାବକ ଅଚ୍ୟୁତ ପରିଡ଼ା କହିଛନ୍ତି, ତାଙ୍କ ପୁଅ ହଷ୍ଟେଲରେ ରହି ପାଠ ପଢୁଥିଲେ। ସେ ନିଖୋଜ ହୋଇଥିବା ଖବର ସ୍କୁଲରୁ ମିଳିବା ପରେ ହଷ୍ଟେଲରେ ପହଞ୍ଚି ଖୋଜାଖୋଜି କରିଥିଲେ। ନ ପାଇ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଟାଉନ ଥାନା ଅଧିକାରୀ ସୁନୀଲ କର କହିଛନ୍ତି, ଅଭିଭାବକ ଏବଂ ସ୍କୁଲ ପକ୍ଷରୁ ପିଲାମାନେ ନିଖୋଜ ହୋଇଥିବା ନେଇ ଅଭିଯୋଗ ମିଳିଛି। ଏନେଇ ତଦନ୍ତ ଆରମ୍ଭ କରାଯାଇଛି। ଅନୁଷ୍ଠାନ ସିସିଟିଭି କ୍ୟାମେରା, ମୋବାଇଲ କଲ୍ ଯାଞ୍ଚ, ଅନ୍ୟ ପିଲାଙ୍କ ମତାମତ ନିଆଯିବ। ତଦନ୍ତ ପରେ ପଦକ୍ଷେପ ଗ୍ରହଣ କରାଯିବ।

ପ୍ରଥମ ପୃଷ୍ଠାରୁ...

## କନ୍ୟାପକ୍ଷଙ୍କୁ ବରଯାତ୍ରୀଙ୍କ ...



ଛୁରାମାଡ଼ ପରେ ଗ୍ରାମବାସୀଙ୍କୁ ପଚରାଉଚରା କରାଯାଉଛି।

ମୁରିବାହାଲରେ ଉତ୍ତେଜନା ଲାଗିରହିଛି। ସୂଚନା ମୁତାବକ, ବଡ଼ବାଙ୍କୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମୁରିବାହାଲ ଗାଁର ବେଲଖମ ତାଣ୍ଡିଙ୍କ ଦ୍ୱିତୀୟ କନ୍ୟା ପ୍ରମିଳାଙ୍କର ବିବାହ ଛତିଶଗଡ଼ ରାୟପୁରର କୁକୁରବେଡ଼ା ନିବାସୀ ମଗଶିର ଛୁରାଙ୍କ ପୁଅ ଜୟାନନ୍ଦଙ୍କ ସହ ସ୍ଥିର ହୋଇଥିଲା। ଶୁକ୍ରବାର ସନ୍ଧ୍ୟାରେ ବରପକ୍ଷ ଲୋକେ ମୁରିବାହାଲ ଗାଁରେ ପହଞ୍ଚିଥିଲେ। ଗାଁରେ କନ୍ୟାପକ୍ଷରୁ ଅତିଥି ଚର୍ଚ୍ଚା ପରେ ବର ସହ ବରାତି ଶୋଭାଯାତ୍ରାରେ ବରଯାତ୍ରୀ ବାହାରିଥିଲେ। ବ୍ୟାଣ୍ଡପାର୍ଟି ଗାଁରେ ଯିବାବେଳେ ବରପକ୍ଷ ଲୋକେ ନୃତ୍ୟଗୀତରେ ମସ୍‌ଗୁଲ ଥିଲେ। ଏହି ସମୟରେ କନ୍ୟାପକ୍ଷର ୨-୩ ଜଣ ଶୋଭାଯାତ୍ରାରେ ମିଶି ନାଚିଥିଲେ। ଏହି ଘଟଣାକୁ ନେଇ ବରପକ୍ଷ ଓ କନ୍ୟାପକ୍ଷ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବରପକ୍ଷର କେତେଜଣ ଯୁବକ କନ୍ୟାପକ୍ଷର ସମ୍ପର୍କୀୟ ଶଙ୍କର ତାଣ୍ଡି ଓ ଚିନ୍ତା ତାଣ୍ଡିଙ୍କୁ ଛୁରାମାଡ଼ କରିଥିଲେ। ଏଥିରେ ଶଙ୍କର ଓ ଚିନ୍ତା ଗୁରୁତର ଆହତ ହେବା ସହ ଅନ୍ୟ କେତେଜଣ ସାମାନ୍ୟ ଆହତ ହୋଇଥିଲେ। କନ୍ୟାପକ୍ଷ ଲୋକେ ଡୁରେକେଲା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଟିମ୍ ଗାଁରେ ପହଞ୍ଚି ବରପକ୍ଷର ଦୁଇ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଥିବା ଥାନା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି ସୂଚନା ଦେଇଛନ୍ତି। ଗୁରୁତର ଆହତ ଶଙ୍କର ଏବଂ ଚିନ୍ତାଙ୍କୁ ସ୍ଥାନୀୟ ହସ୍‌ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ରାୟପୁର ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଗଣ୍ଡଗୋଳ ପରେ ବରଙ୍କୁ ଶିଶୁପାଳ ହୋଇ ଫେରିବାକୁ ପଡ଼ିଛି। ଏ ନେଇ ଡୁରେକେଲା ଥାନାରେ ନଂ.୨୫/୨୩ରେ ଏକ ମାମଲା ରୁଜୁ ହୋଇଛି।

## ଅବହେଳାରୁ ଦୁର୍ଘଟଣା...

ନମ୍ବର ବିଶିଷ୍ଟ ମିନିଟ୍ରକ (ଆଇଚର)ରେ କୋଲକାତାରୁ କୁକୁଡ଼ା ଛୁଆ ବୋଝେଇ କରି କଟକ ଜିଲା ଫୁଲନଖରାକୁ ଆସୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଖବରପାଇ ଚଣ୍ଡିଖୋଲ ଦମକଳ କେନ୍ଦ୍ର କର୍ମଚାରୀମାନେ ପହଞ୍ଚି ମିନିଟ୍ରକ ଡାଲାରେ ବସିଥିବା ଅମିନୁଲ୍ ଅଲ୍ଲି ସର୍ଦ୍ଦାରକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। କିନ୍ତୁ ଘଟଣାସ୍ଥଳରେ ଡ୍ରାଇଭର ସୁରଜ ମଣ୍ଡଳଙ୍କ ସମେତ ଅନ୍ୟ ୬ ଜଣଙ୍କର ମୃତ୍ୟୁ ଘଟିଥିଲା। ୬ ମୃତକଙ୍କୁ ଗାଡିର ଡୋର କାଟି ବାହାର କରାଯାଇଥିଲା। ଗୁରୁତର ଆହତ ଅମିନୁଲଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହଗୁଡ଼ିକ ରହିଛି। ଖବର ପାଇ ଗାଡ଼ି ମାଲିକ ବିମଳ ଘୋଷ ଓ ମୃତକଙ୍କ ପରିବାର ଲୋକେ ବଡ଼ଚଣା ଡାକ୍ତରଖାନାରେ ପହଞ୍ଚି ମୃତଦେହ ଚିହ୍ନଟ କରିଛନ୍ତି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ସେମାନଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ଏନେଇ ଧର୍ମଶାଳା ଥାନାରେ ୮୮/୨୩ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଉକ୍ତ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଗତ ଗୁରୁବାର ଏଠାରେ ଲୁହାପଥର ବୋଝେଇ ୨ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାକଡ଼ରେ ଛିଡ଼ା ହୋଇରହିଥିଲା। ଉକ୍ତ ୨ ଟ୍ରକକୁ ସେଠାରୁ ସ୍ଥାନାନ୍ତର କରାଯାଇ ନ ଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଛୁଟିରେ ଥିବାରୁ ଯାଜପୁର ଏସ୍‌ପି ବିନତ୍ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଥାନାଧିକାରୀ ନାୟକ ଏବଂ ଧର୍ମଶାଳା ଥାନା ପୋଲିସ ଲୋକମାନଙ୍କୁ ବୁଝାଶୁଝା କରିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହାପରେ ପୋଲିସ ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ୨ ଟ୍ରକରୁ ଲୁହାପଥର ଗୁଣ୍ଡ ଖଲାସ କରି ଆଣି ଧର୍ମଶାଳା ଥାନାରେ ରଖିଛି। ସେହିପରି ମିନିଟ୍ରକ୍‌କୁ ମଧ୍ୟ ଥାନାରେ ଆଣି ରଖାଯାଇଛି।

## ଘୃଣାର ନିଆଁରେ ଘିଅ ...

ଆହ୍ୱାନପୂର୍ଣ୍ଣ ସମୟ। କେନ୍ଦ୍ର ସରକାରଙ୍କ କାର୍ଯ୍ୟ ସାମ୍ବିଧାନିକ ମୂଲ୍ୟବୋଧକୁ ଅବମାନନା କରୁଥିବା କଂଗ୍ରେସ ନେତ୍ରୀ ଅଭିଯୋଗ କରିଥିଲେ। ତେଣୁ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନେତୃତ୍ୱରେ ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବା କଂଗ୍ରେସ କର୍ମୀମାନଙ୍କ ଏକମାତ୍ର ଲକ୍ଷ୍ୟ ହେବା ଆବଶ୍ୟକ ବୋଲି ସୋନିଆ କହିଥିଲେ। ମହା ଅଧିବେଶନରେ ଉଦ୍‌ବୋଧନ ଦେଇ କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ କହିଥିଲେ, ୨୦୨୪ ନିର୍ବାଚନରେ ଜନବିରୋଧୀ ଭାଜପା ସରକାରକୁ ପରାଜିତ କରିବା ଲାଗି ସମଭାବାପନ୍ନ ଦଳଗୁଡିକ ସହ ବିକଳ୍ପ ମେଣ୍ଟ କରିବା ପାଇଁ ତାଙ୍କ ଦଳ ଆଗ୍ରହୀ। ଲକ୍ଷ୍ୟ ହାସଲ ପାଇଁ କଂଗ୍ରେସ ଯେକୌଣସି ତ୍ୟାଗ ସ୍ୱୀକାର କରିବାକୁ ପ୍ରସ୍ତୁତ। ନିଜକୁ ପ୍ରଧାନ ସେବକ ଭାବେ ପ୍ରଚାର କରୁଥିବା ମୋଦି ତାଙ୍କ ନିଜ ବନ୍ଧୁଙ୍କର ସେବା କରୁଛନ୍ତି ବୋଲି ଖାର୍ଗେ କହିଛନ୍ତି। କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ବ୍ୟକ୍ତିଙ୍କ ଡିଏନ୍‌ଏ ଗରିବ ବିରୋଧୀ। ସେମାନେ ଗଣତନ୍ତ୍ରକୁ ଧ୍ୱଂସ କରିଦେବାକୁ ଉଦ୍ୟମ ଚଳାଇଛନ୍ତି। ଦେଶର ସାମ୍ପ୍ରତିକ ସ୍ଥିତି ବିରୋଧରେ ଜନ ଆନ୍ଦୋଳନ ଲାଗି ସେ ଆହ୍ୱାନ ଦେଇଥିଲେ। ବିରୋଧୀ ଦଳଗୁଡ଼ିକ ଏକାଠି ହେବା ଲାଗି ବିଭିନ୍ନ ଦଳର ନେତା ଆହ୍ୱାନ ଦେଉଛନ୍ତି। ତେବେ ତୃତୀୟ ସାମ୍ମୁଖ୍ୟ ଗଠନ ହେଲେ ନିର୍ବାଚନ ବେଳେ ଭାଜପାକୁ ସୁହାଇବ ବୋଲି କଂଗ୍ରେସ କହିଛି। ଧର୍ମନିରପେକ୍ଷ ଏବଂ ସମାଜବାଦୀ ଶକ୍ତିଗୁଡ଼ିକର ଏକତା କଂଗ୍ରେସ ଦଳର ଭବିଷ୍ୟତର ହଲ୍‌ମାର୍କ। ଏହି ସମଭାବାପନ୍ନ ଶକ୍ତିଗୁଡ଼ିକୁ ନେଇ କଂଗ୍ରେସ ଆଗାମୀ ନିର୍ବାଚନର ସମ୍ମୁଖୀନ ହେବ। ଆମ ନୀତି ଆଦର୍ଶ ସହ ସହମତ ଧର୍ମନିରପେକ୍ଷ ଆଞ୍ଚଳିକ ଦଳଗୁଡ଼ିକୁ ସାଙ୍ଗରେ ନିଆଯିବ ବୋଲି କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି। ଦଳର ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରାକୁ ପ୍ରଶଂସା କରି ଖାର୍ଗେ କହିଥିଲେ, କନ୍ୟାକୁମାରୀରୁ କଶ୍ମୀର ପଦଯାତ୍ରା ଦେଶର ସବୁ ବର୍ଗର ଲୋକଙ୍କୁ ଏକାଠି କରିଛି। ଦେଶବାସୀ ସମ୍ମୁଖୀନ ହୋଇଥିବା ଅଭୂତପୂର୍ବ ଚ୍ୟାଲେଞ୍ଜ ବିରୋଧରେ ଏହି ଯାତ୍ରା ଦୃଢ଼ ସ୍ୱର ଉତ୍ତୋଳନ କରିଥିଲା।

ସମସ୍ତ ପ୍ରତିକୂଳ ସ୍ଥିତି ସତ୍ତ୍ୱେ କଂଗ୍ରେସ ଏକମାତ୍ର ଦଳ, ଯାହା ଦେଶକୁ ସମର୍ଥ ଓ ନିର୍ଣ୍ଣାୟକ ନେତୃତ୍ୱ ଦେଇପାରିବ। ଏହି ଦଳ ୨୦୦୪ରୁ ୨୦୧୪ ସମଭାବାପନ୍ନ ଦଳଗୁଡ଼ିକ ସହ ମେଣ୍ଟ କରି ଦେଶବାସୀଙ୍କୁ ଉପଯୁକ୍ତ ସରକାର ଦେଇଥିଲା। ଆମେ ଜନବିରୋଧୀ ଅଗଣତାନ୍ତ୍ରିକ ଭାଜପା ସରକାରକୁ ପରାସ୍ତ କରିବା ଲାଗି ପୁଣିଥରେ ସମଭାବାପନ୍ନ ଦଳଗୁଡ଼ିକ ସହ ମେଣ୍ଟ କରିବାକୁ ଚାହୁଁଛୁ ବୋଲି ଖାର୍ଗେ କହିଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୨୬ ଫେବୃୟାରୀ, ୨୦୨୩



# ଜୀବନଚର୍ଯ୍ୟାରେ ଘଣ୍ଟା ଅପରିହାର୍ଯ୍ୟ

**ବର୍ତ୍ତମାନ ସମୟରେ ସମୟ ବହୁତ ମୂଲ୍ୟବାନ୍ ହୋଇପଡ଼ିଛି। ଏପରିକି ବ୍ୟସ୍ତବହୁଳ ଜୀବନରେ ସମୟକୁ ସଦୁପଯୋଗ କରିବା ସବୁସ୍ତରର ବ୍ୟକ୍ତିମାନଙ୍କ ପାଇଁ ଉଦ୍ଦିଷ୍ଟ ଥାଏ। ବିଶେଷକରି ସମୟ ପ୍ରତି ସଜାଗ ରହି କାମ କରିବା ପାଇଁ ଘଣ୍ଟା ଏକ ପରିମାପକ ଭାବେ ପରିଗଣିତ ହୋଇଛି। ସେଥିପାଇଁ ଜୀବନଚର୍ଯ୍ୟାରେ ଘଣ୍ଟା ଅପରିହାର୍ଯ୍ୟ ହୋଇପଡିଛି। ଆଧୁନିକ ଯୁଗରେ ଘଣ୍ଟା ଭଳି ଏକ ବ୍ୟବସାୟକୁ ବୃତ୍ତିକରି ଅନେକ ସଫଳତା ହାସଲ ସହ ଜଣେ ଅଭିଜ୍ଞ ବ୍ୟବସାୟୀର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ୱାର୍ଲ୍ଡ ଅଫ୍ ଟାଇଟାନ ଶୋ'ରୁମ୍‌ର ସ୍ୱତ୍ୱାଧିକାରୀ ରମନ କୁମାର ବାଗାଡ଼ିଆଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଲୋଚନା...**

ଧରିତ୍ରୀ | OrissaPOST BUSINESS EMINENCE AWARDS



ରମନ କୁମାର ବାଗାଡ଼ିଆ

**ପ୍ର-୧: ଜୀବନର ପ୍ରାରମ୍ଭିକ ସୋପାନ କିପରି କଟିଛି?**

ଉ- କଟକ ସହରର ମାଣିକଘୋଷ ବଜାରରେ ମୋର ଜନ୍ମ। ଏପରିକି ମାରୱାଡି ହାଇସ୍କୁଲରୁ ପାଠ ପଢ଼ିସାରିବା ପରେ ରେଭେନ୍‌ଶା କଲେଜରୁ ଫିଜିକ୍ସ ଅନର୍ସ ସ୍ନାତକରେ ଉଚ୍ଚଶିକ୍ଷା ସମ୍ପୂର୍ଣ୍ଣ କରି କର୍ମମୟ ଜୀବନ ପଥରେ ଅଗ୍ରସର ହେଉଛି।

**ପ୍ର- ୨: ବୃତ୍ତିଗତ ଜୀବନର ଆରମ୍ଭ କିପରି ଥିଲା ?**

ଉ- କଟକ କହିଲେ ଓଡ଼ିଶାର ବ୍ୟବସାୟ କେନ୍ଦ୍ର କୁହାଯାଏ। ଯେହେତୁ କଟକରେ ବଢ଼ିଛି ଓ ପଢ଼ିଛି, ଏପରିକି ମୋ ବାପା ମୋହନଲାଲ ବାଗାଡ଼ିଆ ଜଣେ ବ୍ୟବସାୟୀ ଥିଲେ, ସେଥିପାଇଁ ମୁଁ ଅଧିକ ସମୟ ବାପାଙ୍କ ସହ ବିତାଇଛି। ବିଶେଷ କରି ବାପାଙ୍କ ସହ ମିଶି ବ୍ୟବସାୟ କୌଶଳ ଶିକ୍ଷା କରିଛି। ପରବର୍ତ୍ତୀ ସମୟରେ ଓଡ଼ିଶା ସରକାରଙ୍କ ମେଡିକାଲ ଷ୍ଟୋରକୁ ୧୯୭୮ରେ ବିଛଣା ସାମଗ୍ରୀ ଯୋଗାଇବା ବ୍ୟବସାୟ ଆରମ୍ଭ କଲି। ଏପରିକି ଦୀର୍ଘ ବର୍ଷ ଧରି ଉକ୍ତ ବ୍ୟବସାୟ ସଫଳ ଭାବେ ଚାଲିଲା, ବର୍ତ୍ତମାନ ମଧ୍ୟ ମୋ ସାନଭାଇ ଉକ୍ତ ବ୍ୟବସାୟକୁ ଚଳାଇ ରଖିଛନ୍ତି।

**ପ୍ର-୩: ଟାଇଟାନ ସହ କିଭଳି ଜଡ଼ିତ ହେଲେ?**

ଉ- ଦୀର୍ଘ ବର୍ଷ ବ୍ୟବସାୟିକ ଅଭିଜ୍ଞତା ଓ ଉଚ୍ଚଶିକ୍ଷିତ ହୋଇଥିବାରୁ ମୋର ବ୍ୟବସାୟିକ ଚିନ୍ତାଧାରା ଉନ୍ନତ ରହିଥିଲା। ତେଣୁ ମୁଁ ସବୁବେଳେ ଭଲ ବ୍ରାଣ୍ଡ୍ ଓ ସମୟ ଉପଯୋଗୀ ବ୍ୟବସାୟ ଚଳାଇବା ଲକ୍ଷ୍ୟରେ ଥିଲି। ଏପରିକି ୧୯୮୯ରେ ଟାଇଟାନ କମ୍ପାନୀର ଏକ ଏକ୍ସକ୍ଲୁସିଭ ଶୋ'ରୁମ୍ ପାଇଁ ବିଜ୍ଞାପନ ନଜରକୁ ଆସିଲା। ଏହା ପରେ ମୁଁ ଟାଇଟାନ ପରି ଏକ ବ୍ରାଣ୍ଡେଡ୍ ଘଣ୍ଟା ବ୍ୟବସାୟ ପାଇଁ ଆକର୍ଷିତ ହେଲି। ପରବର୍ତ୍ତୀ ସମୟରେ ଆବଶ୍ୟକ ବ୍ୟବସ୍ଥା ସହ ମୁଁ ଓଡ଼ିଶାରେ କମ୍ପାନୀର ପ୍ରଥମ ଫ୍ରାଞ୍ଚାଇଜ ପାଇବାର ସୌଭାଗ୍ୟ ପାଇଲି। କଟକର ବ୍ୟବସାୟିକ କେନ୍ଦ୍ର ବକ୍ସିବଜାରଠାରେ ବ୍ରାଣ୍ଡର ପ୍ରଥମ ବାତାନୁକୂଳିତ ଘଣ୍ଟା ଶୋ' ରୁମ୍ ସ୍ଥାପନ କଲି, ଯାହା ଆଜି ପର୍ଯ୍ୟନ୍ତ ଏକ ମାଇଲଷ୍ଟୋନ ହୋଇ ରହିଛି।

**ପ୍ର-୪: ଆଜିର ଦିନରେ ଆପଣଙ୍କ ବ୍ୟବସାୟ କିପରି ରହିଛି?**

ଉ- ବର୍ତ୍ତମାନର ଆଧୁନିକ ସୁବିଧା ମଧ୍ୟରେ ମଧ୍ୟ ବ୍ୟବସାୟ ଭଲ ରହିଛି। କାରଣ ଲୋକଙ୍କ ଚାହିଦା ପୂରଣକୁ ସର୍ବଦା ଗୁରୁତ୍ୱ ଦେଇଆସୁଛି। ଏପରିକି ଗ୍ରାହକଙ୍କ ଆଗ୍ରହ ଅନୁଯାୟୀ କଟକରେ ମୋର ଆଉ ୩ଟି ଶୋ'ରୁମ୍ ମଧ୍ୟ ରହିଛି। ଏଥିରେ ଟାଇଟାନ ଘଣ୍ଟା ଓ ଚଷମାର ବ୍ୟାପକ ସମ୍ଭାର ଉପଲବ୍ଧ। ସେହିପରି ଯାଜପୁର ରୋଡ୍‌ରେ ମଧ୍ୟ ୧୬୦୦ବର୍ଗଫୁଟର ଅତ୍ୟାଧୁନିକ ଟାଇଟାନ ଶୋ'ରୁମ୍ ରହିଛି। ବିଶେଷ କରି ଘଣ୍ଟା ବ୍ୟବସାୟର ମୁଖ୍ୟତଃ ବିବାହ, ବ୍ରତ ଓ ଫେଷ୍ଟିଭ ସିଜନ୍‌ରେ ଅଧିକ ଡିମାଣ୍ଡ ଥାଏ। ଏହା ଛଡ଼ା ଅନ୍ୟାନ୍ୟ ଦିନରେ ମଧ୍ୟ କମ୍ପାନୀ ପକ୍ଷରୁ ଅଫର ଦେଇ ଗ୍ରାହକମାନଙ୍କୁ ଆକର୍ଷିତ କରାଯାଇଥାଏ। କରୋନା ପରେ ବ୍ୟବସାୟ ଯଦିଓ କମିଯାଇଥିଲା ଏବେ ଟିକେ ସୁଧାର ଆସୁଛି। ଆଶା କରେ ଚଳିତ ବିବାହ ଋତୁରେ ବ୍ୟବସାୟରେ ବୃଦ୍ଧି ଆସିପାରେ।

**ପ୍ର-୫: ଟାଇଟାନ ଘଣ୍ଟା ବ୍ୟତୀତ ଶୋ'ରୁମ୍‌ରୁ ଆଉ କ'ଣ ଉପଲବ୍ଧ?**

ଉ- ବର୍ତ୍ତମାନ ଟାଇଟାନ କେବଳ କ୍ୱାର୍ଜ ଘଣ୍ଟାରେ ସୀମିତ ନୁହେଁ, ବରଂ ସମୟ ଉପଯୋଗୀ ସ୍ମାର୍ଟ ୱାଚ୍, ଡିଜିଟାଲ ୱାଚ୍ ପ୍ରସ୍ତୁତ କରି ବଜାରରେ ଚାହିଦା ସୃଷ୍ଟି କରିପାରିଛି। ଏଗୁଡ଼ିକ ସମୟ ଜଣାଇବା ସହ ଫିଟ୍‌ନେସ, ଷ୍ଟ୍ରେସ୍, ପଲ୍‌ସ ରେଟ୍, ରିମୋଇଣ୍ଡର, ହାର୍ଟ ରେଟ୍, ମର୍ନିଂ ଆଲାରାମ୍ ପରି ବିଭିନ୍ନ ଫିଚର ସଂଯୁକ୍ତ ହୋଇଛି। ଏହାଛଡ଼ା ମେନ୍ ଆସେସୋରିଜ ଯଥା ୱାଲେଟ୍, ବେଲ୍‌ଟ, ପରଫ୍ୟୁମ୍, ସନ୍‌ଗ୍ଲାସ୍ ଓ ଖାଣ୍ଟି ସୁନାର ନେବୁଲା ବ୍ରାଣ୍ଡ୍‌ରେ ଉପହାର ଘଣ୍ଟା ମଧ୍ୟ ଉପଲବ୍ଧ ରହିଛି।

**ପ୍ର-୬: ଅବସର ସମୟରେ କ'ଣ କରିଥାନ୍ତି?**

ଉ- ବର୍ତ୍ତମାନର ପ୍ରତିଯୋଗିତାମୂଳକ ବ୍ୟବସାୟରେ ଅବସର ସମୟରେ ସଂଜ୍ଞା ବଦଳିଯାଇଛି। ହେଲେ ବଞ୍ଚିବା ପାଇ ବ୍ୟବସାୟ କରୁଥିଲେ ମଧ୍ୟ ସମାଜ ପାଇଁ ଆଉ କିଛି କାମ ମୁଁ କରିଥାଏ। ବିଶେଷକରି ଜନସେବାରେ ମୋ ଜୀବନ ଉତ୍ସର୍ଗୀକୃତ। ଯେପରି କି ସ୍ୱାସ୍ଥ୍ୟ ଶିବିର ଆୟୋଜନ, ମହିଳାମାନଙ୍କୁ କର୍ମସଂସ୍ଥାନରେ ସହାୟତା, ଆର୍ଥିକ ଅନଗ୍ରସର ପିଲାମାନଙ୍କ ବିବାହ ଓ ବ୍ରତ ଆଦି ଉତ୍ସବ କରିବାରେ ମୁଁ ଖୁସିପାଏ। ବିଭିନ୍ନ ସମୟରେ ପ୍ରତିଷ୍ଠିତ ଯୁବ ଉଦ୍ୟୋଗୀମାନଙ୍କୁ ସମାଜସେବାରେ ନିୟୋଜିତ ହେବା ପାଇଁ ଉତ୍ସାହ, ପ୍ରେରଣା ଦେଇଥାଏ। ମୁଁ ନିରାମିଷାଶୀ। ନିଜେ ଭିନ୍ନ ଭିନ୍ନ ଖାଦ୍ୟ ଆଇଟମ୍ ପ୍ରସ୍ତୁତ କରି ସାଙ୍ଗମାନଙ୍କୁ ଖୁଆଇବାରେ ଆନନ୍ଦ ପାଏ। ପ୍ରତି ସପ୍ତାହରେ ମୁଁ ସମୟ ବାହାର କରି ବୟସ୍କ ଲୋକମାନଙ୍କ ବାସଭବନରେ ଭେଟି ସୁବିଧା ଅସୁବିଧା ବୁଝିଥାଏ। ଏହାଛଡ଼ା ଦେଶବିଦେଶ ବୁଲିବା ଓ ଆମ ସଂସ୍କୃତିର ପ୍ରଚାର ପ୍ରସାର କରିବାରେ ମୋର ଆଗ୍ରହ ରହିଛି।

**ପ୍ର-୭: ବ୍ୟବସାୟ ପ୍ରତି ଆଗ୍ରହୀ ଯୁବବର୍ଗଙ୍କୁ କି ପରାମର୍ଶ ଦେବେ?**

ଉ- ଆଜିକାର ଏହି ପ୍ରତିଯୋଗିତା ମାହୋଲରେ ଯୁବପିଢ଼ି ବ୍ୟବସାୟ ପ୍ରତି ଆଗ୍ରହ ପ୍ରକାଶ କରିବା ନିଶ୍ଚିତ ଭାବେ ଭଲ ଖବର। ଏପରିକି ମାତ୍ର ସଫଳ ହେବା ପାଇଁ ପୂର୍ଣ୍ଣ ପ୍ରାଣରେ ନିଜକୁ ସମର୍ପିତ କରିବାକୁ ପଡ଼ିବ। ବିଶେଷକରି ପ୍ରାରମ୍ଭରେ ଖର୍ଚ୍ଚ କମ୍ କରି ବ୍ୟବସାୟ ଆଗକୁ ବଢ଼ାଇନେବାରେ ଚେଷ୍ଟା କରିବା ଉଚିତ। ସେହିଭଳି ଗ୍ରାହକ ସମ୍ପର୍କ, ବ୍ୟବହାର ଓ ନୀତିନିଷ୍ଠ ବ୍ୟବସାୟ ସଫଳତାର ମୂଳମନ୍ତ୍ର ବୋଲି ମନରେ ରଖିବାକୁ ପଡ଼ିବ।

# ୪ ଦିନିଆ ପୋଲିସ ରିମାଣ୍ଡରେ ଅଭିଯୁକ୍ତ

## ଆଇଟିଆର୍ ତଥ୍ୟ ଲିକ୍ ମାମଲା

ବାଲେଶ୍ୱର ଅଫିସ, ୨୫।୨

ବାଲେଶ୍ୱର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍)ରୁ ଗୁପ୍ତ ତଥ୍ୟ ପାକିସ୍ତାନକୁ ଯୋଗାଇ ଗିରଫ ହୋଇଥିବା ବରିଷ୍ଠ ବୈଷୟିକ ଅଧିକାରୀ ବାବୁରାମ ଦେଙ୍କୁ ପୋଲିସ ୪ଦିନିଆ ରିମାଣ୍ଡରେ ନେଇଛି। ଅଭିଯୁକ୍ତଙ୍କୁ ୫ଦିନିଆ ରିମାଣ୍ଡରେ ନେବା ପାଇଁ ପୋଲିସ ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଥିଲା। କିନ୍ତୁ କୋର୍ଟ ୪ଦିନ ପାଇଁ ଅନୁମତି ଦେଇଛନ୍ତି। ବାବୁରାମ ଦେ'ଙ୍କ ରିମାଣ୍ଡ ଅବଧି ଶନିବାରଠାରୁ ଆରମ୍ଭ ହୋଇ ଆସନ୍ତା ୨୮ ତାରିଖରେ ଶେଷ ହେବ ବୋଲି ଜଣାପଡିଛି। ଚାନ୍ଦିପୁର ଆଇଟିଆର୍ ଟେଲିମେଟ୍ରି ବିଭାଗର ଟେକ୍ନିକାଲ ଅଫିସର ଭାବେ କାର୍ଯ୍ୟ କରୁଥିବା ବାବୁରାମ (୫୧)ଙ୍କ ଘର ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ବାଗପୁଞ୍ଜି ଗ୍ରାମରେ। ସେ ହନିଟ୍ରାପରେ ଫସି ପାକିସ୍ତାନକୁ ଗୁପ୍ତ ତଥ୍ୟ ଦେଉଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଏହି ଘଟଣାରେ ଆଉ କିଏ କିଏ ସାମିଲ ଅଛନ୍ତି ସେନେଇ ପୋଲିସ ଖୋଳତାଡ ଆରମ୍ଭ କରିଛି। ଅନ୍ୟପକ୍ଷରେ ବାବୁରାମଙ୍କ ଗିରଫଦାରି ଖବର ପ୍ରଚାର ହେବା ପରେ ତାଙ୍କ ପରିବାର, ସମ୍ପର୍କୀୟ ଓ ଗ୍ରାମବାସୀ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଅତି ଗରିବ ପରିବାରରେ ଜନ୍ମିତ ବାବୁରାମ ବାଗପୁଞ୍ଜି ଶ୍ରୀଚୈତନ୍ୟଦେବ ହାଇସ୍କୁଲ୍‌ରେ ପାଠ ପଢୁଥିଲେ। ସେହି ସମୟରେ ଶିକ୍ଷକ ମୁରଲୀମୋହନ ତାଙ୍କୁ ପାଠପଢ଼ା ପାଇଁ ଆର୍ଥିକ ସହାୟତା ଦେଇଥିବା ପ୍ରକାଶ କରିଛନ୍ତି। ସେହିପରି ତାଙ୍କ ସ୍କୁଲ ବେଳର ସାଙ୍ଗ ସୁଧାଂଶୁ ଶେଖର ପାତ୍ର ପିଲାବେଳୁ ଜଣେ ମେଧାବୀ ଛାତ୍ର ଥିବା ବାବୁରାମଙ୍କ ବିରୋଧରେ ଆସିଥିବା ଦେଶଦ୍ରୋହ ଅଭିଯୋଗ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ତାଙ୍କ ଗ୍ରାମର ଜଣେ ବାସିନ୍ଦା କହିଛନ୍ତି, ଚଳିତମାସ ପ୍ରାରମ୍ଭରେ ବାବୁରାମ ଗାଁର ଶିବ ମନ୍ଦିର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଗାଁରେ ପ୍ରାୟ ୪ ଦିନ ରହିବା ସହ ମନ୍ଦିରକୁ ୨୦ହଜାର ଟଙ୍କା ଦାନ କରିଥିଲେ। ସେହିପରି ଗାଁରେ ଏକ ପାଣିଟାଙ୍କି ବସାଇବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ବାବୁରାମ ଜଣେ ସରଳ ବ୍ୟକ୍ତି। ଏହା ତାଙ୍କ ବିରୋଧରେ ଏକ ଷଡ଼ଯନ୍ତ୍ର ବୋଲି କହିଛନ୍ତି। ଦୁଇ ବଡ଼ଭାଇଙ୍କ କହିବାନୁସାରେ, ଦାରିଦ୍ର୍ୟକୁ ଖାତିର୍ ନ କରି ତାକୁ ଆମେ ପାଠ ପଢ଼ାଇଥିଲୁ। ଗାଁ ସ୍କୁଲ୍‌ରୁ ମାଟ୍ରିକ୍ ପାସ୍ ପରେ ବାଲେଶ୍ୱରରେ ଆଇଟିଆଇ ପାସ୍ କରିଥିଲେ। ପରେ ଆଇଟିଆର୍‌ରେ ଚାକିରି



ବାବୁରାମ ଦେ

ପାଇଥିଲେ। ସେ ଆମ ପରିବାରର ସାହା ଓ ଭରସା। ଅତ୍ୟନ୍ତ ସରଳ ଓ ସାଧାରଣ ଜୀବନଯାପନ କରୁଥିବାବେଳେ ଏପରି ଅପବାଦକୁ ସହଜରେ ଗ୍ରହଣ କରି ହେଉନି। ତାଙ୍କୁ ଫସାଇ ଦିଆଯାଇଥିବା ଅଭିଯୋଗ ଆଣି ନ୍ୟାୟ ବିଚାର ପାଇଁ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗିରଫ ବାବୁରାମ ପାକିସ୍ତାନୀ ମହିଳାଙ୍କ ମାୟାଜାଲରେ ପଡ଼ି ଭିଡିଓ କଲ ମାଧ୍ୟମରେ ଆଇଟିଆର୍‌ର ଗୋପନୀୟ ତଥ୍ୟ ଦେଇଥିଲେ। ଚାନ୍ଦିପୁର ଥାନାରେ ମାମଲା (ନଂ. ୨୫/୨୩) ରୁଜୁ ହୋଇଥିଲା। ପୋଲିସ ଅଧିକ ତଦନ୍ତ କରିବା ପରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାକିସ୍ତାନୀ ଏଜେଣ୍ଟଙ୍କୁ ଦିଆଯାଇଥିବା ଜାଣିବାକୁ ପାଇଥିଲା। ପୋଲିସ ୧୪ ଜଣଙ୍କୁ ଜେରା ପରେ ବାବୁରାମଙ୍କ ମୋବାଇଲରୁ ସମ୍ବେଦନଶୀଳ ତଥ୍ୟ ଲିକ୍ ହୋଇଥିବା ଜାଣିବାକୁ ପାଇଥିଲା।

# ଟ୍ରାଇଆଥ୍ଲୋନ ସୁଇମିଂରେ ପ୍ରତିଯୋଗୀଙ୍କ ମୃତ୍ୟୁ

କୋଣାର୍କ,୨୫।୨(ଡି.ଏନ୍.ଏ.)- କୋଣାର୍କ-ପୁରୀ ବେଳାମାର୍ଗ ନିକଟ ରାମଚଣ୍ଡୀ ପୀଠରେ ରାଜସ୍ଥାନର ହରକ୍ୟୁଲିନ୍ ପକ୍ଷରୁ ଟ୍ରାଇଆଥ୍ଲୋନର ଶନିବାର ସୁଇମିଂ ପ୍ରତିଯୋଗିତା ଚାଲିଥିବାବେଳେ ଜଣେ ପ୍ରତିଯୋଗୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଜସ୍ଥାନ ଯୋଧପୁର ଅଞ୍ଚଳର ନୀତିନ ସୋନି(୪୨)। ସେ ଆର୍ମିର ଜଣେ ମେଜର ଥିବାବେଳେ ମୁମ୍ବାଇରେ ରହୁଥିବା ଜଣାପଡ଼ିଛି। ଏ ନେଇ ଚନ୍ଦ୍ରଭାଗା ମେରାଇନ ଥାନା ପୋଲିସ ମାମଲା(ନଂ.୧/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗତ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ରାମଚଣ୍ଡୀଠାରୁ ଚନ୍ଦ୍ରଭାଗା ପର୍ଯ୍ୟନ୍ତ ଏକ ଇଭେଣ୍ଟ ଚାଲିଥିଲା। ଏଥିରେ ସାଇକେଲ ରେସ୍, ଦୌଡ଼ ଓ ସୁଇମିଂକୁ ନେଇ ୩ଟି ଇଭେଣ୍ଟରେ ପ୍ରତିଯୋଗୀମାନେ ଇଭେଣ୍ଟର ମୂଲ୍ୟ ଦେଇ ଭାଗ ନେଉଥିଲେ। ତେବେ ଶନିବାର ଶେଷ ଦିନରେ ଇଭେଣ୍ଟ ଚାଲିଥିଲା ବେଳେ ସୁଇମିଂରେ ନୀତିନ ଭାଗ ନେଇଥିଲେ। ରାମଚଣ୍ଡୀ ନଦୀରେ ପହଁରୁଥିବା ବେଳେ ହଠାତ ସେ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ଉଦ୍ଧାର କରି ପ୍ରଥମେ କୋଣାର୍କ ହସ୍ପିଟାଲ ପରେ ପୁରୀ ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ହସ୍ପିଟାଲରେ ପହଞ୍ଚି ମୃତଦେହ ଜବତ କରି ପରିବାର ଲୋକଙ୍କୁ ଜଣାଇଛି।



ନୀତିନ ସୋନି







# ବଢ଼ୁଛି ନକଲି ହାତୀଦାନ୍ତ ବେପାର

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

ରାଜ୍ୟରେ ହାତୀ-ମଣିଷ ଦ୍ୱନ୍ଦ୍ୱ ଦିନକୁ ଦିନ ବଢ଼ିବାରେ ଲାଗିଛି। ହାତୀ ଯୋଗୁ ମଣିଷ ଜୀବନ ନଷ୍ଟ ହେଲେ କ୍ଷତିପୂରଣ ସରକାର ଦେଉଛନ୍ତି। ହେଲେ ମଣିଷ ଦ୍ୱାରା ହାତୀର ମୃତ୍ୟୁ ହେଲେ କେହି ଉତ୍ତରଦାୟୀ ହେଉନାହାନ୍ତି। ହାତୀ ଶିକାର ଓ ଦାନ୍ତ ଚାଲାଣରେ ଖୋଦ୍ ବନ ବିଭାଗର ଅଧିକାରୀ ତଥା କର୍ମଚାରୀଙ୍କ ସମ୍ପୃକ୍ତି ରହୁଥିବାରୁ ରାଜ୍ୟରେ ଏହି ର୍ୟାକେଟ ସକ୍ରିୟ ରହିଛି। ତେବେ ବେଳେବେଳେ ବନ ବିଭାଗ ପକ୍ଷରୁ ଶିକାରୀଙ୍କୁ ଗିରଫ କରାଯିବା ସହ ହାତୀଦାନ୍ତ ଜବତ କରାଯାଉଥିଲେ ମଧ୍ୟ ତାହା ସମୁଦ୍ରକୁ ଶଙ୍ଖେ। ଏପଟେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ହାତୀମୃତ୍ୟୁର ତଦନ୍ତ ଓ ଦାନ୍ତ ଜବତ କରିବାରେ ଉଲ୍ଲେଖନୀୟ ସଫଳତା ହାସଲ କରୁଥିଲେ ମଧ୍ୟ ଜବତ ଦାନ୍ତ ମଧ୍ୟରୁ ପ୍ରାୟ ୯୦% ନକଲି ରହୁଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଦାବି କରୁଛନ୍ତି। ବନ ବିଭାଗ ହେଉ କିମ୍ବା କ୍ରାଇମବ୍ରାଞ୍ଚ୍ ହାତୀଦାନ୍ତ ଜବତ କଲେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥାଏ। ହେଲେ ଅଧିକାଂଶ ନକଲି ଜଣାପଡୁଥିଲେ ମଧ୍ୟ ତାହାକୁ କାହିଁକି ସାର୍ବଜନୀନ କରାଯାଉ ନାହିଁ ବୋଲି ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇଛନ୍ତି।

ଭୁବନେଶ୍ୱରରୁ ଗତ ୧୯ ତାରିଖରେ ୩ କେଜି ଓଜନର ଏକ ହାତୀଦାନ୍ତ ଜବତ କରାଯିବା ସହ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଭୁବନେଶ୍ୱର ବନ୍ୟପ୍ରାଣୀ ରେଞ୍ଜ ପକ୍ଷରୁ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ତେବେ ସେମାନଙ୍କଠାରୁ ଜବତ ଦାନ୍ତ ନକଲି ବୋଲି ବାଙ୍ଗାଲୋରସ୍ଥିତ ବନ୍ୟପ୍ରାଣୀ ଅପରାଧ ବିଶେଷଜ୍ଞ ଶରଥ ବାବୁ କହିଛନ୍ତି। ଖାଲି ସେତିକି ନୁହେଁ, ୨୦୨୨ ମେ' ୪ରେ ବଲାଙ୍ଗୀର ଜିଲାରୁ କ୍ରାଇମବ୍ରାଞ୍ଚ ଜବତ କରିଥିବା ୬ ଖଣ୍ଡ ହାତୀଦାନ୍ତ ମଧ୍ୟରୁ ୫ଟି ଏବଂ ଏପ୍ରିଲ ୨୩ରେ ସୁବର୍ଣ୍ଣପୁର ଜିଲାରୁ ଜବତ ହୋଇଥିବା ୩ଟି ହାତୀଦାନ୍ତ ନକଲି ବୋଲି ଶରଥ ଦାବି କରିଛନ୍ତି। ଶରଥ ନିଜ ଆଡୁ ଇଂଲିଶ ଖବରକାଗଜରେ ପ୍ରକାଶିତ ଖବର ପଢ଼ି ଓ ଫଟୋ ଦେଖି ଅଧିକ ତଥ୍ୟ ଜାଣିବାକୁ ଚାହିଁଥିଲେ। ତେଣୁ ସେ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକଙ୍କ ସହ ଯୋଗାଯୋଗ କରିଥିଲେ। ଶୁଭେନ୍ଦୁ ବଲାଙ୍ଗୀର, ସୁବର୍ଣ୍ଣପୁର ଏବଂ ଭୁବନେଶ୍ୱରରେ ଜବତ ହୋଇଥିବା ହାତୀଦାନ୍ତର ଫଟୋ ସହ କିଛି ତଥ୍ୟ ତାଙ୍କ ପାଖକୁ ପଠାଇଥିଲେ। ଜବତ ୧୦ ଖଣ୍ଡ ଦାନ୍ତ ଭିତରେ ୯ଟି ନକଲି ବୋଲି ଶରଥ ଦୃଢ଼ ଭାବରେ କହିଛନ୍ତି।

ବିଶେଷଜ୍ଞଙ୍କ ମତରେ, ଭୁବନେଶ୍ୱରରୁ ଜବତ ହାତୀଦାନ୍ତରେ ଗୋଟିଏ ଫାଟ ରହିଛି, ଯାହା ହାତୀଦାନ୍ତରେ ନ ଥାଏ। ସେହିପରି ମାତ୍ର ୮ଇଞ୍ଚ ଲମ୍ବ ଓ ସାଢ଼େ ୩ଇଞ୍ଚ ବ୍ୟାସ ବିଶିଷ୍ଟ ଦାନ୍ତ ୩ କେଜି ହେବ ନାହିଁ। ଆହୁରି ମଧ୍ୟ ଗୋଟିଏ ପଟେ ପ୍ରାୟ ୨ଇଞ୍ଚ ବ୍ୟାସ ବିଶିଷ୍ଟ ଗୋଲେଇ କରି, ତାକୁ ଖୋଦେଇ କରି କିଛି ଓଜନିଆ ଜିନିଷ ଭର୍ତ୍ତି କରି ସିଲ୍ କରାଯାଇଥିବା ପରି ସ୍ପଷ୍ଟ ଜଣାପଡୁଥିଲା। ହାତୀଦାନ୍ତର ଓଜନ ଅଧିକ କରିବା ଲାଗି ଏହି କାରସାଦି କରାଯାଇଛି ବୋଲି ଶୁଭେନ୍ଦୁ କହିଛନ୍ତି। ପୁଣି ହାତୀଦାନ୍ତରେ ଏଭଳି ପୋଲା ନ ଥାଏ। ଏହାକୁ କାଟି ପରୀକ୍ଷା କଲେ ଭିତରେ କ'ଣ ଭର୍ତ୍ତି କରାଯାଇଛି ତାହା ଜଣାପଡ଼ିବ। ହାତୀଦାନ୍ତ ପ୍ରାକୃତିକ ଭାବରେ ବଙ୍କା ଥାଏ, କିନ୍ତୁ ଏଠାରେ ୮ଇଞ୍ଚ ସମ୍ପୂର୍ଣ୍ଣ ସରଳ ରେଖାରେ ରହିବା ପ୍ରମାଣ କରୁଛି କି ତାହା ଦାନ୍ତ ନୁହେଁ; ତାହା ହାତୀର ଗୋଡ଼ କିମ୍ବା ଅନ୍ୟ କେଉଁ ଅଂଶର ହାଡ଼ ହୋଇଥାଇପାରେ ବୋଲି ଶରଥ କହିଛନ୍ତି।

ଏ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, ଗତବର୍ଷ ବଲାଙ୍ଗୀର ଓ ସୋନପୁରରୁ ଜବତ ୯ ହାତୀଦାନ୍ତର ଫଟୋରେ ମାତ୍ର ଗୋଟିଏ ଅସଲି ଭଳି ଦେଖାଯାଉଥିବା ମୁଁ ଅନୁଭବ କରିଛି। ହାତୀ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ୧୯୭୨ ଅନୁଯାୟୀ ତଫସିଲ-୧ ପ୍ରାଣୀ। ହାତୀର ହାଡ଼କୁ ବିକିବାକୁ ଚେଷ୍ଟା କଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ ବନ୍ୟପ୍ରାଣୀ ଆଇନର ଧାରା ୯ ଲାଗିବ। ସେହିପରି ହାତୀ ହାଡ଼କୁ ଦାନ୍ତ ବୋଲି ଦେଖେଇ ଯେଉଁମାନେ ବିକିବା ପାଇଁ ଚେଷ୍ଟା କରନ୍ତି, ସେମାନେ ଠକେଇ କରିଥା'ନ୍ତି ଏବଂ ସେମାନଙ୍କ ବିରୋଧରେ ଆଇପିସିର ୪୨୦ ଦଫା ମଧ୍ୟ ଲାଗିପାରିବ।



## ଅସଲି କି ନକଲି କେମିତି ଚିହ୍ନିହେବ

୨୦୨୦ରେ ସାଇଟିସ୍ ସେକ୍ରେଟାରିଏଟ୍ ଏବଂ ୱାର୍ଲ୍ଡ ୱାଇଲ୍ଡ ଫଣ୍ଡର ମିଳିତ ସହଯୋଗରେ ପ୍ରକାଶ ପାଇଥିବା 'ଆଇଡେଣ୍ଟିଫିକେଶନ ଗାଇଡ୍ ଫର୍ ଆଇଭରି ଆଣ୍ଡ ଆଇଭରି ସବ୍‌ଷ୍ଟିଚ୍ୟୁଟ୍‌ସ' ପୁସ୍ତକର ୪ର୍ଥ ସଂସ୍କରଣରେ ହାତୀଦାନ୍ତ ଅସଲି କି ନକଲି ଚିହ୍ନିବା ପାଇଁ ବୁଝାଯାଇଛି। ପୋଲିସ ବା ବନ ଅଧିକାରୀମାନେ ମାଗଣାରେ ସେ ବହିକୁ ଡାଉନ୍‌ଲୋଡ୍ କରି ଜ୍ଞାନ ଆହରଣ କରିବା ସହ କ୍ଷେତ୍ର ବିଶେଷରେ କାମରେ ଲଗାଇପାରିବେ। ଭୌତିକ, ରାସାୟନିକ ଏବଂ ଜେନେଟିକ୍ସ ପରୀକ୍ଷା ଦ୍ୱାରା ହାତୀଦାନ୍ତ ଅସଲି କି ନକଲି ଜାଣିହେବ। ତେବେ ଫିଲ୍ଡରେ କାମ କଲାବେଳେ ଜେନେଟିକ୍ସ ପରୀକ୍ଷା ସମ୍ଭବପର ହୋଇ ନ ଥାଏ। ତେଣୁ ଅନ୍ୟ ୩ଟି ପଦ୍ଧତିକୁ ଅଧିକାରୀମାନେ ଆପଣାଇପାରିବେ। ଅସଲି ହାତୀଦାନ୍ତ ବା ହାତୀଦାନ୍ତରୁ ନିର୍ମିତ ସାମଗ୍ରୀ ଉପରେ ଅଲ୍‌ଟ୍ରା ଭାଓଲେଟ ଲାଇଟ୍ ପଡ଼ିଲେ ତାହା ଫ୍ଲୋରୋସେଣ୍ଟ ରଙ୍ଗ ବିକିରଣ କରିଥାଏ। ସେହିଭଳି ହାତୀର ହାଡ଼କୁ ଘୋରି ପାଲିସ କରି ଦାନ୍ତ ଭଳି ଆକାର ଦିଆଯାଇଥିଲେ ତାହାକୁ ଲେନ୍ସରେ ଭଲ ଭାବରେ ପରୀକ୍ଷା କଲେ ଧରାପଡ଼ିଯିବ। ହାତୀଦାନ୍ତର କ୍ରସ୍ ସେକ୍ସନ କରି ତାହାର ଫଟୋ ଉଠାଇ ସେଥିରେ ସ୍ରେଗର ଲାଇନ୍ ମପାଯାଇଥାଏ। ଯଦି ସେହି କୋଣ ୧୦୦ ଡିଗ୍ରୀରୁ ଅଧିକ ହୁଏ, ତେବେ ତାହା ହାତୀଦାନ୍ତ ବୋଲି ସ୍ପଷ୍ଟ ହୋଇଥାଏ।

ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି– ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। –ଶ୍ରୀଅରବିନ୍ଦ

# ସବୁଥିରେ ପଛୁଆ



**ଆକାର ପଟେଲ**

ଚଳିତ ସପ୍ତାହରେ ଭାରତର ପ୍ରତିଷ୍ଠିତ ନ୍ୟୁଜ୍ ଏଜେନ୍ସି ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ପ୍ରକାଶ କରିଥିଲା ଯେ, ଇଣ୍ଟରନ୍ୟାଶନାଲ ଇଣ୍ଟେଲେକ୍ଚୁଆଲ ପ୍ରପର୍ଟି ଇଣ୍ଡେକ୍ସ ର୍ୟାଙ୍କିଙ୍ଗ୍‌ରେ ଭାରତ ୫୫ ଦେଶ ମଧ୍ୟରେ ୪୨ ସ୍ଥାନରେ ରହିଛି। ଉକ୍ତ ରିପୋର୍ଟ ଏହି ପରିପ୍ରେକ୍ଷୀରେ ଭାରତରେ କ'ଣ କରାଯାଉଥିଲା ତାହାର ପ୍ରଶଂସା କରିଥିଲା। କିନ୍ତୁ ଭାରତ ୨୦୨୧ର ର୍ୟାଙ୍କ୍ ୪୦ରୁ ତଳକୁ ଖସିଥିଲା ବୋଲି କହି ନ ଥିଲା କିମ୍ବା ୨୦୧୪ରେ ୨୫ଟି ଦେଶ ମଧ୍ୟରେ ହୋଇଥିବା ର୍ୟାଙ୍କିଙ୍ଗ୍‌ରେ ଏହା ୨୫ ସ୍ଥାନରେ ଥିବା ଦର୍ଶାଇ ନ ଥିଲା। ଏହି କ୍ଷେତ୍ରରେ ଆମେ ଯଦି ଭଲ କାମ କରୁଛୁ ତେବେ କାହିଁକି ଆମ ର୍ୟାଙ୍କିଙ୍ଗ୍‌ରେ ଉନ୍ନତି ଘଟୁନାହିଁ, ସେ ସମ୍ପର୍କରେ ରିପୋର୍ଟରେ କିଛି ବି ପ୍ରକାଶ କରାଯାଇ ନ ଥିଲା। ବିଶ୍ୱ ସ୍ତରରେ ସ୍ମାର୍ଟସିଟି ଇଣ୍ଡେକ୍ସ ବା ସୂଚକାଙ୍କ ୨୦୧୯ରେ ପ୍ରଥମ ତାଲିକା ସମ୍ବଳିତ ରିପୋର୍ଟ ପ୍ରସ୍ତୁତ କରିଥିଲା। ଏଥିରେ ଭାରତର ବେଙ୍ଗାଲୁରୁ, ମୁମ୍ବାଇ, ଦିଲ୍ଲୀ ଏବଂ ହାଇଦ୍ରାବାଦ ସହର ସ୍ଥାନିତ ହୋଇଥିଲେ। ଉକ୍ତ ସୂଚକାଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା, ସୁଯୋଗ, ଗତିଶୀଳତା ଓ ଶାସନ ଉପରେ ସମୀକ୍ଷା କରିଥିଲା। ବେଙ୍ଗାଲୁରୁ ୭୯ ସ୍ଥାନରୁ ୯୩, ମୁମ୍ବାଇ ୭୮ସ୍ଥାନରୁ ୯୦, ଦିଲ୍ଲୀ ୬୮ ସ୍ଥାନରୁ ୮୯ ଏବଂ ହାଇଦ୍ରାବାଦ ୬୭ ସ୍ଥାନରୁ ୯୨କୁ ଖସିଥିଲା। ସେହିଭଳି ଦି ଇକୋନୋମିଷ୍ଟ ଗ୍ଲୋବାଲ ଲାଇଭ୍‌ଆବିଲିଟି ଇଣ୍ଡେକ୍ସରେ ଦିଲ୍ଲୀ ୧୧୦ରୁ ଖସି ୧୧୮ ଏବଂ ମୁମ୍ବାଇ ୧୧୫ରୁ ଖସି ୧୨୪ ସ୍ଥାନରେ ରହିଥିଲା। ୱାର୍ଲ୍ଡ ଇକୋନୋମିକ୍ ଫୋରମ ବା ବିଶ୍ୱ ଆର୍ଥିକ ମଞ୍ଚର ଗ୍ଲୋବାଲ ଇକୋନୋମିକ୍ କମ୍ପିଟେଟିଭନେସ ଇଣ୍ଡେକ୍ସରେ ଭାରତ ୪୦ର୍ୟାଙ୍କରୁ ୬୮କୁ ଖସିଥିଲା। ଏହାର ଲିଙ୍ଗଗତ ପ୍ରଭେଦ ସୂଚକାଙ୍କରେ ଭାରତ ମଧ୍ୟ ୧୧୪ତମ ସ୍ଥାନରୁ ତଳକୁ ଖସି ୧୩୫ରେ ରହିଛି।

ଆମ ଡିଜିଟାଲ ନେଟ୍‌ୱର୍କ ଶସ୍ତା ଓ ଉନ୍ନତ ବୋଲି ଆମକୁ କୁହାଯାଉଛି, କିନ୍ତୁ ଭାରତ ବିଶ୍ୱ ସ୍ତରରେ ଇଣ୍ଟରନେଟ ବନ୍ଦ କରିବାରେ ସବୁଠୁ ଆଗରେ ବୋଲି କୁହାଯାଉନାହିଁ। ବିଶ୍ୱରେ ଅନ୍ୟ ସରକାରଗୁଡ଼ିକ ଯେତେ ଥର ଇଣ୍ଟରନେଟ ସେବା ବନ୍ଦ କରିଛନ୍ତି ତାହାର ଅଧାରୁ ଅଧିକ ହୋଇଛି ଭାରତରେ। ରୁଲ୍ ଅଫ୍ ଲ ଇଣ୍ଡେକ୍ସ ବା ଆଇନର ଶାସନ ସୂଚକାଙ୍କରେ ଭାରତ ୬୬ ତମ ସ୍ଥାନରୁ ୭୫କୁ ଖସିଛି। ଆମ ଚାରିପାଖରେ ଯାହା ଘଟୁଛି ତାହା ଆମେ ଦେଖୁଛୁ। ଆଇନ ଶାସନର ଅଧୋଗତି ଉପରେ ଯାହା ଉପଲବ୍ଧି କରୁଛୁ ସେଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ। କାରଣ ଏଠାରେ ସଂସ୍ଥାଗୁଡ଼ିକର ଅପବ୍ୟବହାର ହେଉଛି, ସଂଖ୍ୟାଲଘୁଙ୍କ ଭିଡ଼ହତ୍ୟା ବଢୁଛି, ନିୟମିତ ଭାବେ ଭାଜପା ଶାସିତ ରାଜ୍ୟଗୁଡ଼ିକର ପୋଲିସ ବିରୋଧୀ ନେତାମାନଙ୍କୁ ଆକ୍ରମଣ କରୁଛି ଓ ଅନ୍ୟ କେତେକ ଭାଜପା ଶାସିତ ରାଜ୍ୟରେ ଅସଂଖ୍ୟ ଲୋକଙ୍କୁ ବିନା ଜାମିନରେ ଜେଲରେ ଭର୍ତ୍ତି କରାଯାଉଛି। ଭାରତୀୟ ଉପମହାଦେଶ ସବୁବେଳେ ଏକ ଅରାଜକ ଏବଂ ଆଇନର ଶାସନରୁ ବଞ୍ଚିତ ସ୍ଥାନ ଭାବେ ରହିଆସିଛି। ଅନେକ ସ୍ଥାନରେ ଏହା ଦିନକୁ ଦିନ ଅତ୍ୟନ୍ତ ଖରାପ ହେଉଛି। ସବୁ ଧର୍ମୀୟ ବକ୍ତବ୍ୟ ଲାଗି ଆମକୁ ବାକ୍ ସ୍ୱାଧୀନତା ଦିଆଯାଇଛି। କିନ୍ତୁ ଟୁଇଟର ହଟାଇଦେବା ଏବଂ ବନ୍ଦ କରିବା ଲାଗି ଦାବି ଗୋଟିଏ ବର୍ଷରେ ଅନେକ ହଜାର ଥର କରାଯାଇଛି। କାରଣ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାରତରେ ସରକାର ବିଶେଷକରି ପ୍ରଧାନମନ୍ତ୍ରୀଙ୍କ ଉପରେ ସମାଲୋଚନା ଅସହ୍ୟ ହୋଇଯାଇଛି। 'ଇଜି ଅଫ୍ ଡୁଇଂ ବିଜ୍‌ନେସ' ବିଷୟରେ ଶୁଣିଥିବେ। କିନ୍ତୁ ଏହା ଜାଣି ନ ଥିବେ ଯେ, ଭାରତ ଗ୍ଲୋବାଲ ଇକୋନୋମିକ୍ ଫ୍ରିଡମ୍ ଇଣ୍ଡେକ୍ସ (ଆଇନର ଭୂମିକା, ସରକାରର ଆକାର, ନିୟାମକ ଦକ୍ଷତା ଏବଂ ମୁକ୍ତ ମାର୍କେଟ ଉପରେ ସମୀକ୍ଷା କରିଥାଏ)ରେ ୧୨୦ ର୍ୟାଙ୍କରୁ ୧୩୧କୁ ଖସିଛି। ଏହାର କାରଣ, ଏଠି କହିବା ସହଜ ଏବଂ କରିବା କଷ୍ଟ। ଗଣମାଧ୍ୟମର କୌଣସି ଉତ୍ତରଦାୟିତ୍ୱ ନ ଥିବା କିମ୍ବା କୌଣସି ବିଷୟରେ ତୁମେ ଯାହା କୁହ ତାହା କରିପାରୁ ନ ଥିବାରୁ; କେବଳ ସେମିତି ଆମେ କହୁଥିବା। ଫ୍ରାଜାଇଲ ଷ୍ଟେଟ୍ସ ଇଣ୍ଡେକ୍ସ (ପୂର୍ବରୁ ଫେଲ୍ଡ ଷ୍ଟେଟ୍ସ ଇଣ୍ଡେକ୍ସ ଥିଲା)ରେ ଭାରତ ୨୦୧୪ରୁ ଲଗାତର ନିମ୍ନଗାମୀ ହୋଇଚାଲିଛି। ଏହି ସୂଚକାଙ୍କ ସାମାଜିକ ଏକତା, ଅର୍ଥ ବ୍ୟବସ୍ଥା ଏବଂ ରାଜନୀତି ଉପରେ ସମୀକ୍ଷା କରୁଥିବାରୁ ଆମ ସ୍ଥିତି ଏଭଳି ହୋଇଛି। ସରକାର ବିଶ୍ୱ ବ୍ୟାଙ୍କର ଇଜି ଅଫ୍ ଡୁଇଂ ବିଜ୍‌ନେସ ସୂଚକାଙ୍କ ସମ୍ପର୍କରେ ବାରମ୍ବାର କହି ଆସୁଥିଲେ। ଦୁର୍ଭାଗ୍ୟବଶତଃ ଦୁଇବର୍ଷ ପୂର୍ବେ ଏହା ବନ୍ଦ ହୋଇଗଲା। କେତେକ ଦେଶ ଭୁଲ୍ ତଥ୍ୟ ଦେଉଥିବା ଜଣାପଡ଼ିବା ପରେ ଏଭଳି ଘଟିଲା। ତେବେ ସନ୍ଦେହରେ ଥିବା ଭୁଲ୍ ତଥ୍ୟ ପ୍ରଦାନକାରୀ ଦେଶଗୁଡ଼ିକ ମଧ୍ୟରେ ଭାରତ ନ ଥିଲେ ବି ଆଉ ଏକ ସମସ୍ୟା ଥିଲା। ଏଠାରେ କିଛି ମିଡିଆ ସୂଚିତ କରିଥିଲେ ଯେ, କେବଳ ଦୁଇଟି ସହରର ରେଟିଂ କରାଯାଇଥିଲା ଏବଂ ଏକ ନିର୍ଦ୍ଦିଷ୍ଟ ଆକାରର ଊର୍ଦ୍ଧ୍ୱରେ ଥିବା କମ୍ପାନୀଗୁଡ଼ିକୁ ତାଲିକାଭୁକ୍ତ କରାଯାଇଥିଲା। ଏପରି କି ପ୍ରକ୍ରିୟାରେ ସାମାନ୍ୟ ପରିବର୍ତ୍ତନ ଉପରେ ନଜର ରଖିଲେ ହେରଫେର କରାଯାଇପାରୁଥିଲା। ତୃଣମୂଳ ସ୍ତରରେ ଇଜି ଅଫ୍ ଡୁଇଂ ବିଜ୍‌ନେସ କ୍ଷେତ୍ରରେ ବାସ୍ତବରେ କିଛି ବି ପରିବର୍ତ୍ତନ ହୋଇ ନ ଥିବାବେଳେ ରେଟିଂରେ ଉନ୍ନତି ଆଣିବା ସମ୍ଭବ ହେଲା; ଯେଉଁଥିପାଇଁ ରେଟିଂ ବନ୍ଦ ହେଲା ପର୍ଯ୍ୟନ୍ତ ଆମେ ର୍ୟାଙ୍କିଙ୍ଗ୍‌ରେ ଉପରକୁ ଉଠିଥିଲୁ।

ଆମେ ଯେଉଁ ବିଷୟଗୁଡ଼ିକରେ ପଛୁଆ ରହିଛୁ ତାହାର ତାଲିକା ଖୁବ୍ ଲମ୍ବା ଏବଂ ଏହାକୁ ମୋ ବହି ପାଇଁ ସଂଗ୍ରହ କରି ସଂଯୋଜିତ କରିଛି। ହେଲେ ଏଥିରେ ସମସ୍ୟା ସୃଷ୍ଟି ହେଉଛି, କାରଣ ଆମେ ଅନେକ କ୍ଷେତ୍ରରେ ଲଗାତର ନିମ୍ନଗାମୀ ହେଉଥିବାରୁ ପ୍ରତ୍ୟେକ ନୂଆ ସଂସ୍କରଣରେ ତଥ୍ୟରେ ପରିବର୍ତ୍ତନ କରିବା ଆବଶ୍ୟକ ପଡୁଛି। ପୂର୍ବରୁ ଏ ସମ୍ପର୍କରେ ଲେଖିଛି ଓ ତାହା କରିବାର ଏକ କାରଣ ହେଉଛି ପ୍ରତିଦିନ ଯେଉଁଭଳି ବନେଇ ଚୂନେଇ ଆମକୁ କୁହାଯାଉଛି ତାହାକୁ ଅନୁଧ୍ୟାନ କରିବାର ଆବଶ୍ୟକତା ଅଛି। ଏହାସହ ଆମ ପ୍ରଦର୍ଶନ ଓ ତଥ୍ୟକୁ ବି ସମୀକ୍ଷା କରିବା ଦରକାର। କିନ୍ତୁ ତାହା ହେଉନାହିଁ। ଏସବୁ ବାଦ୍ ସେମାନେ ଯେଉଁ ନ୍ୟୁଜ୍ ଦେଉଛନ୍ତି ତାହାର ପୃଷ୍ଠଭୂମି ସମ୍ପର୍କରେ ରିପୋର୍ଟିଂ କରିବାରେ ମିଡିଆର ଆଗ୍ରହ ନାହିଁ। କୁହାଯାଇପାରେ, ଭାରତ ଯେଉଁ ସବୁ ର୍ୟାଙ୍କ୍‌ରେ ରହିଛି ସେଥିରେ ଆବଶ୍ୟକ ପୃଷ୍ଠଭୂମି ଓ ଦୃଷ୍ଟିକୋଣକୁ ବାସ୍ତବରେ ରିପୋର୍ଟ କରାଯାଇନାହିଁ।

Email:aakar.patel@gmail.com

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | | | 5 | | |
| 5 | | 1 | 6 | | 2 | | | 8 |
| 3 | 8 | | 5 | | | | 2 | |
| 7 | | 4 | | | | | | |
| 2 | | | | | 1 | | 6 | 4 |
| | | | 2 | | | 7 | 9 | |
| | | | 1 | 3 | | 2 | | |
| | | 5 | | 6 | | 3 | | |
| | | 3 | | | | | | 6 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 9 | 3 | 7 | 2 | 1 | 4 | 8 |
| 2 | 1 | 3 | 5 | 4 | 8 | 9 | 6 | 7 |
| 4 | 7 | 8 | 9 | 6 | 1 | 5 | 3 | 2 |
| 3 | 2 | 7 | 8 | 9 | 4 | 6 | 1 | 5 |
| 9 | 4 | 1 | 2 | 5 | 6 | 7 | 8 | 3 |
| 5 | 8 | 6 | 7 | 1 | 3 | 4 | 2 | 9 |
| 8 | 9 | 4 | 6 | 3 | 5 | 2 | 7 | 1 |
| 7 | 6 | 2 | 1 | 8 | 9 | 3 | 5 | 4 |
| 1 | 3 | 5 | 4 | 2 | 7 | 8 | 9 | 6 |

ଗତ କାଲିର ଉତ୍ତର

# ଅଭିଭାବକ: ସେଦିନ ଓ ଆଜି



**ଡ. ଛାୟାକାନ୍ତ ଷଡ଼ଙ୍ଗୀ**

ଦିନଥିଲା ମାତାପିତା ପୁତ୍ରକନ୍ୟାଙ୍କୁ ଯେଉଁ ଶିକ୍ଷା ଦେବାକୁ ଚାହୁଁଥିଲେ, ତାହା ଭକ୍ତକବି ମଧୁସୂଦନଙ୍କ ଭାଷାରେ, ''କ୍ଷୁଦ୍ରକୀଟ ଉଇ ଅଳ୍ପ ଅଳ୍ପ କରି ରଚଇ ବାଲ୍ମୀକ ଘର/ ମୁହିଁ ସେହିପରି ଯତନେ ସଞ୍ଚିବି ଧର୍ମଧନ ନିରନ୍ତର।'' ଆଜି ସମୟ ବଦଳି ଯାଇଛି। ଧର୍ମଧନର ସ୍ଥାନ ନେଇଛି କେବଳ ଧନ। ମାତାପିତା ତାଙ୍କ ପୁତ୍ରକନ୍ୟାଙ୍କ ପାଇଁ ଏଭଳି ସ୍କୁଲ ଅନ୍ୱେଷଣ କରୁଛନ୍ତି, ଯେଉଁଠି ଅଧ୍ୟୟନ କଲେ ସେମାନେ ନିଜକୁ ମେଧାବୀ ଭାବରେ ଗଢ଼ି ତୋଳିବେ ଓ ପରୀକ୍ଷାରେ ଉଚ୍ଚ ନମ୍ବର ରଖି ଉଚ୍ଚ ଚାକିରି ପାଇବେ ଏବଂ ବିପୁଳ ଅର୍ଥ ରୋଜଗାର କରିପାରିବେ। ମନେପଡ଼େ ବିଶିଷ୍ଟ ଲେଖକ ମନୋଜ ଦାସଙ୍କ ଏକ ଅଭିଜ୍ଞତା। ଥରେ ସେ ବିମାନ ଯାତ୍ରା କରୁଥା'ନ୍ତି। ପାଖରେ ବସିଥା'ନ୍ତି ଜଣେ ଶିଳ୍ପପତି। ସେ ମନୋଜ ବାବୁଙ୍କ ସହ କଥାବାର୍ତ୍ତା କରୁକରୁ କହିଲେ, ''ବୁଝିଲେ ଆଜ୍ଞା। ମୋ ଝିଅର ଡାକ୍ତରୀ ପାଠ ପଢ଼ିବା ପାଇଁ ସଉକ ଅଛି। ଗୋଟିଏ କଲେଜ କହିଲା, ତାହା ସମ୍ଭବ ନୁହେଁ; କାରଣ ନାମଲେଖା ମାପଦଣ୍ଡ ଅନୁସାରେ ପରୀକ୍ଷାରେ ତା'ର ନମ୍ବର କମ୍ ଅଛି। ମୁଁ କହିଲି ଆପଣ ଯେତେ ଲକ୍ଷ ଟଙ୍କା ଦାବି କଲେ ମୁଁ ଦେବାକୁ ପ୍ରସ୍ତୁତ ଅଛି, କିନ୍ତୁ ମୋ ଝିଅର ଡାକ୍ତରୀ ପାଠ ପଢ଼ିବା ଦରକାର। ତା' ସତ୍ତ୍ୱେ ସେହି କଲେଜ କର୍ତ୍ତୃପକ୍ଷ ରାଜି ହେଲେ ନାହିଁ। ଠିକ୍ ଅଛି, ମୋ ଝିଅ ଡାକ୍ତର ହେବା ଦରକାର ନାହିଁ। ମୁଁ ଏଭଳି ବ୍ୟବସ୍ଥା କରିବି, ଯେମିତି ତା' ପାଖରେ ଦଶଜଣ ଡାକ୍ତର ଖଟୁଥିବେ।'' ମନୋଜ ଦାସ ଏହା ଶୁଣି କହିଲେ, ''ତା'ହେଲେ ଆପଣ ତା'ର ନାମଲେଖାକୁ ନେଇ ବ୍ୟସ୍ତ ହେବାର କୌଣସି କାରଣ ନାହିଁ।'' ଶିଳ୍ପପତି କହିଲେ, ''ଠିକ୍ ଯେ ଆଜ୍ଞା। ଯେଉଁ ଦେଶର ଲୋକ ଅର୍ଥର ମର୍ଯ୍ୟାଦା ବୁଝନ୍ତି ନାହିଁ, ସେ ଦେଶରେ ଆପଣ କ'ଣ କରିପାରିବେ?'' ଏହା ହେଉଛି ଆମ ଦେଶର ଜଣେ ସମ୍ଭ୍ରାନ୍ତ ଅଭିଭାବକର ଦୃଷ୍ଟିଭଙ୍ଗୀ। ଆଜି ଅଭିଭାବକମାନେ ଚାହୁଁଛନ୍ତି ସେମାନଙ୍କ ପିଲା ମେଧା ବଳରେ ନ ହେଲେ ଅର୍ଥ ବଳରେ ଉତ୍କୃଷ୍ଟ ଶିକ୍ଷାନୁଷ୍ଠାନରେ ପ୍ରବେଶ କରୁ, ପରୀକ୍ଷାରେ ଉଚ୍ଚ ନମ୍ବର ପାଇବା ପାଇଁ ଆବଶ୍ୟକ ହେଲେ ଅସାଧୁ ଉପାୟ ଅବଲମ୍ବନ କରୁ ଓ ଶେଷରେ ଲାଞ୍ଚ ଦେଇ ଅଯୋଗ୍ୟ ହେବା ସତ୍ତ୍ୱେ ଉଚ୍ଚ ଚାକିରି ପାଉ। ଆଜି ଏହା ହେଉଛି ବହୁ ଅଭିଭାବକଙ୍କ ମାନସିକତା।

ଏହି ପ୍ରସଙ୍ଗରେ ମନେପଡ଼େ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୀବନର ଏକ ଘଟଣା। ବନ୍ଧୁ ବ୍ରଜମୋହନ ପଣ୍ଡା ଗଙ୍ଗାଧରଙ୍କୁ ତାଙ୍କ ଗାଁ ଲରମ୍ଭାରେ ପ୍ରତିଷ୍ଠିତ ହୋଇଥିବା ସ୍କୁଲରେ ତାଙ୍କ ପୁଅ ଭଗବାନ୍ ମେହେରଙ୍କୁ ଜଣେ ଶିକ୍ଷକ ଭାବରେ ଗ୍ରହଣ କରିବା ପାଇଁ ଅନୁମତି ଦେବା ଲାଗି ଅନୁରୋଧ କରିଥିଲେ ହେଁ ଗଙ୍ଗାଧର ସେହି ପ୍ରସ୍ତାବକୁ ଗ୍ରହଣ କରି ନ ଥିଲେ। ତାଙ୍କ ଆଶଙ୍କା ଥିଲା, ସେଠାରେ ଆତ୍ମସମ୍ମାନ ବଜାୟ ରଖି ଚାକିରି କରିବା ଭଗବାନ୍ ମେହେରଙ୍କ ପକ୍ଷରେ ସମ୍ଭବ ନ ଥିଲା; କାରଣ ସେ ଶିକ୍ଷକତା କରିବା ପାଇଁ ଆବଶ୍ୟକ କୌଣସି ସାର୍ଟିଫିକେଟ ପାଇନଥିଲେ। କେବଳ ବନ୍ଧୁଙ୍କ ଜୋରରେ ଜଣେ ଯୋଗ୍ୟତାହୀନ ବ୍ୟକ୍ତି ସ୍କୁଲରେ ଛାତ୍ରମାନଙ୍କ ଦ୍ୱାରା ଉପହସିତ ହେବା ଓ ତଦ୍ୱାରା ଛାତ୍ରମାନଙ୍କର କ୍ଷତି ହେବା ତାଙ୍କର ଆଶଙ୍କା ହେଲା। ଏଣୁ ସେ ବ୍ରଜମୋହନଙ୍କ ନିକଟକୁ ଚିଠିରେ ଲେଖିଲେ, ''ଭଗବାନ୍ ଲରମ୍ଭା ନ ଯିବାକୁ ଆପଣ ମୋ ପ୍ରତି ଅସନ୍ତୁଷ୍ଟ ହୋଇନାହାନ୍ତି ତ? ଭଗବାନ୍ ଏଣ୍ଟ୍ରାନ୍ସ ପାସ୍ କରି ନ ଥିବାରୁ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅପମାନ ପାଇବାର ଆଶଙ୍କା ହେବାରୁ ତାଙ୍କୁ ପଠାଇବାରେ ଦ୍ୱିଧା ହେଲା। ଛାତ୍ରମାନେ ମଧ୍ୟ ଅନାଗ୍ରହ କଲେ ସ୍କୁଲର ଅବନତି ହେବ। ଆପଣଙ୍କ ସ୍ନେହ ଏଡ଼ିବା ମୋ ପକ୍ଷରେ ଉଚିତ ନୁହେଁ, ତଥାପି ସ୍କୁଲର ଉନ୍ନତିରେ ବାଧା ହେବ ଭାବି ସେପରି କରିଛି।'' ଏହାଥିଲା ଅଭିଭାବକ ଭାବରେ ଗଙ୍ଗାଧରଙ୍କ ଦୃଷ୍ଟିଭଙ୍ଗୀ। ପୁତ୍ର ବରଂ ଚାକିରି ନ ପାଉ, ମାତ୍ର ତା'ର ଅଯୋଗ୍ୟତା ଛାତ୍ରମାନଙ୍କ କ୍ଷତି ନ କରୁ। ଅଭିଭାବକ ଗଙ୍ଗାଧର ଏହିଭଳି ଏକ ମହତ୍ ଭାବନା ପୋଷଣ କରିଥିଲେ।



ମହାତ୍ମା ଗାନ୍ଧୀଙ୍କ ପୁତ୍ର ମଣିଲାଲ ଗାନ୍ଧୀ ଦକ୍ଷିଣ ଆଫ୍ରିକାର ଡର୍ବାନ ସହରରେ ରହୁଥା'ନ୍ତି। ଥରେ ସେ ପୁତ୍ର ଅରୁଣ ଗାନ୍ଧୀଙ୍କ ସହ ୧୮ କିଲୋମିଟର ଦୂର ଏକ ସ୍ଥାନକୁ ଯାଇଥା'ନ୍ତି। ଅରୁଣ ପିତାଙ୍କୁ ଏକ ସେମିନାର ହଲରେ ଛାଡ଼ି ଦେଇ ଗାଡ଼ି ମରାମତି ପାଇଁ ଏକ ଗ୍ୟାରେଜକୁ ଗଲେ। ସନ୍ଧ୍ୟା ୫ଟା ବେଳେ ସେ ପିତାଙ୍କୁ ଧରି ଘରକୁ ଫେରିବା କଥା। ଅରୁଣ ଗାଡ଼ି ମରାମତି କାମ ସରିବାପରେ ଚାଲିଗଲେ ସିନେମା ଦେଖିବାକୁ। ସିନେମା ଦେଖିବାରେ ସେ ଏତେ ଭୋଳ ହୋଇଗଲେ ଯେ, କେତେବେଳେ ସମୟ ଅତିକ୍ରାନ୍ତ ହୋଇଗଲା ସେ ଜାଣିପାରିଲେ ନାହିଁ। ବାପାଙ୍କ ପାଖରେ ପହଞ୍ଚିବା ବେଳକୁ ଏକ ଘଣ୍ଟା ବିଳମ୍ବ ହୋଇ ସାରିଥିଲା। ବାପା ବିଳମ୍ବର କାରଣ ପଚାରନ୍ତେ ଅରୁଣ କହିଲେ, ଗାଡ଼ି ମରାମତିରେ ବିଳମ୍ବ ହେଲା। ଅରୁଣଙ୍କ ପାଖରୁ ଏହି ମିଥ୍ୟା ଉତ୍ତର ଶୁଣି ମଣିଲାଲ ମର୍ମାହତ ହେଲେ କାରଣ ସେ ସତ୍ୟକଥାଟି ଗ୍ୟାରେଜ ମାଲିକ ପାଖରୁ ଜାଣି ସାରିଥିଲେ। ମଣିଲାଲ ଅରୁଣକୁ କହିଲେ, ''ତୋତେ ବଡ଼ାଇବାରେ ମୋର ବୋଧେ କିଛି ଭୁଲ ରହିଯାଇଛି, ଯେଉଁଥିପାଇଁ ତୁ ଆଜି ମୋତେ ମିଛ କହିଲୁ। ଏଣୁ ସେହି ଭୁଲ ହୃଦୟଙ୍ଗମ କରିବା ପାଇଁ ମୁଁ ଆଜି ଚାଲିଚାଲି ଘରକୁ ଫେରିବି।'' ଏହା କହି ଦୀର୍ଘ ପାଞ୍ଚଘଣ୍ଟା ଚାଲି ଘରେ ପହଞ୍ଚିଲେ। ନିଜ ପୁଅକୁ ଉପଯୁକ୍ତ ମଣିଷ ଭାବରେ ଗଢ଼ିବାରେ ସେ ଜଣେ ଆଦର୍ଶ ଅଭିଭାବକର ଭୂମିକା ତୁଲାଇଲେ।

ସମ୍ପ୍ରତି ଅଭିଭାବକମାନଙ୍କ ଦୃଷ୍ଟିଭଙ୍ଗୀ ବଦଳିଯାଇଛି। ସେମାନେ ଗୋଟିଏ ବ୍ୟାଧି ଦ୍ୱାରା ପୀଡ଼ିତ। ସେହି ବ୍ୟାଧି ହେଉଛି ସ୍ଥୂଳ ଉପଯୋଗିତାବାଦ। ଏହି ଦୃଷ୍ଟିକୋଣରୁ ସବୁକଥାକୁ ବିଚାର କରାଯାଉଛି। ଦରକାରୀ ହୋଇ ନ ଥିଲେ କୌଣସି କଥାର ମୂଲ୍ୟ ନାହିଁ। ନିଜକୁ ସଭ୍ୟ ବୋଲାଉଥିବା ଲୋକେ ଦରକାରୀ ବୋଇଲେ ତାକୁ ହିଁ ବୁଝୁଛନ୍ତି; ଯାହା ଅର୍ଥ ଆକର୍ଷଣ କରିପାରିବ, ଅର୍ଥ ଉପୁଜାଇପାରିବ। ଏହି ବ୍ୟାଧି ଭୀଷଣ ସଂକ୍ରାମକ। ଏବେ ଏହି ବ୍ୟାଧି ଅଭିଭାବକମାନଙ୍କଠାରୁ ପିଲାମାନଙ୍କ ପାଖକୁ ସଂକ୍ରମଣ ହୋଇଛି। ସେମାନେ ଭାବନ୍ତି, ଅଧିକ ଅର୍ଥ ଆମ ଆୟତ୍ତରେ ଥିଲେ ଆମେ ଅଧିକ ସ୍ୱାଧୀନ। ଯାହା ମନ ଚାହିଁବ ଆମେ ତାହା କରିପାରିବା। ଏହି ଧାରଣାରୁ ସେମାନେ ଅର୍ଥ ଉପାର୍ଜନ ଓ ସଞ୍ଚୟ କରିଚାଲନ୍ତି। ମାତ୍ର ଅର୍ଥ ସ୍ୱାଧୀନତାର ମାଧ୍ୟମ ହୋଇ ରହେନାହିଁ। ସେମାନଙ୍କ ଅଜାଣତରେ ସେହି ମାଧ୍ୟମ ହିଁ ତାଙ୍କ ଉପରେ ପ୍ରଭୁତ୍ୱ ଜାହିର କରେ। ଯେଉଁ ସ୍ୱାଧୀନତାର ସ୍ୱପ୍ନରେ ସେମାନେ ଅର୍ଥ ଲୋଡ଼ିଥିଲେ, ସେ ସ୍ୱାଧୀନତା ହରାଇ ସେମାନେ ଅର୍ଥର ଦାସ ହୋଇଯା'ନ୍ତି। ଯେଉଁ ବୟସରେ ସେମାନେ ଜୀବନର ମହତ୍ତ୍ୱ ଓ ଉତ୍କର୍ଷର ସ୍ୱପ୍ନ ଦେଖିବା କଥା, ସେହି ବୟସରେ ସେମାନେ ଟଙ୍କାର ସ୍ୱପ୍ନ ଦେଖୁଛନ୍ତି। ସେମାନଙ୍କ ପାଇଁ ବିଦ୍ୟା ଅର୍ଜନରେ ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ। ଶ୍ରୀମା' କହିଛନ୍ତି ''ଜ୍ଞାନ ପାଇଁ ବିଦ୍ୟାର୍ଜନ କରିବା, ପ୍ରକୃତିର ତଥା ଜୀବନର ଗୋପନ ରହସ୍ୟ ବୁଝିବା ପାଇଁ ଅଧ୍ୟୟନ କରିବା, ଚେତନାର ଅଭିବୃଦ୍ଧି ପାଇଁ, ନିଜକୁ ଶୃଙ୍ଖଳିତ କରିବା ପାଇଁ, ନିଜ ଭିତରେ ଥିବା ଦୁର୍ବଳତା, ଅକ୍ଷମତା ଓ ଅଜ୍ଞାନ ଅତିକ୍ରମ କରିବା ନିମନ୍ତେ ଏକ ମହତ୍ତର ସତ୍ୟ ସକାଶେ ପ୍ରସ୍ତୁତ ହେବା ହେଉଛି ଶିକ୍ଷାର ଉଦ୍ଦେଶ୍ୟ। ମାତ୍ର ସ୍ଥୂଳ ଉପଯୋଗିତାବାଦ ଦ୍ୱାରା ପୀଡ଼ିତ ଆଜିର ଅଭିଭାବକମାନେ ଏ ସମ୍ପର୍କରେ ଚିନ୍ତା କରନ୍ତି ନାହିଁ। ସେମାନଙ୍କ ପାଇଁ ଏକମାତ୍ର ଗୁରୁତ୍ୱପୂର୍ଣ୍ଣ କଥା ହେଲା କେମିତି ସେମାନଙ୍କ ପୁତ୍ରକନ୍ୟା ବିପୁଳ ଅର୍ଥ ଉପାର୍ଜନ କରିବା ପାଇଁ ପ୍ରସ୍ତୁତ ହେବେ। ଏହିଭଳି ଅଧଃପତିତ ଅବସ୍ଥାରୁ ଉର୍ତ୍ତୀର୍ଣ୍ଣ ହେବା ପାଇଁ ଲୋଡ଼ା ବ୍ୟାପକ ସାମୂହିକ ସଚେତନତା। ଏ ଦିଗରେ ସମାଜର ବିଜ୍ଞବର୍ଗ ହିଁ ଆଗଭର ହେବା ଉଚିତ।

ମୋ: ୯୪୩୭୩୨୯୨୬୩

# ବିଶ୍ୱବ୍ୟାଙ୍କର ନୂଆ ମଙ୍ଗୁଆଳ

### ବ୍ୟକ୍ତିତ୍ୱ



ଅଜୟ ବଙ୍ଗା

ଆମେରିକାରେ ଶିଖ୍‌ଙ୍କ ବିରୋଧରେ ଘୃଣା ଅପରାଧ ବଢ଼ିଥିବା ବିଷୟ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ) ରିପୋର୍ଟ ପ୍ରକାଶ କରିବା ପରେ ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ନିଷ୍ପତ୍ତି କ୍ରମେ ରାଷ୍ଟ୍ରପତି ଜୋ ବାଇଡେନ ଭାରତୀୟ ବଂଶୋଦ୍ଭବ ଅଜୟ ବଙ୍ଗାଙ୍କୁ ବିଶ୍ୱ ବ୍ୟାଙ୍କର ସଭାପତି ଲାଗି ମନୋନୀତ କରିଛନ୍ତି। ଫଳରେ ସେ ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ଏହି ଅନ୍ତର୍ଜାତୀୟ ଆର୍ଥିକ ସଂସ୍ଥାର ମୁଖ୍ୟ ହେବାକୁ ଯାଉଛନ୍ତି। ଆମେରିକାର ବହୁରାଷ୍ଟ୍ରୀୟ ଆର୍ଥିକ ସେବା ସଂସ୍ଥା 'ମାଷ୍ଟର କାର୍ଡ' ବ୍ୟବସାୟ ସହିତ ତାଙ୍କର ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ରହିଆସିଥିଲା। ସେ ମାଷ୍ଟର କାର୍ଡର ସଭାପତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ରହିବା ପରେ ଏହାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପଦକୁ ଉନ୍ନୀତ ହୋଇଥିଲେ। ୩୧ ଡିସେମ୍ବର ୨୦୨୧ରେ ସେ ତାଙ୍କ ପଦବୀରୁ ଅବସର ନେବା ପରେ ଘରୋଇ କମ୍ପାନୀ 'ଜେନେରାଲ ଆଟ୍‌ଲାଣ୍ଟିକ୍'ରେ ଯୋଗ ଦେଇଥିଲେ। ଏବେ ସେ ତାହାର ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। କ୍ରମାଗତ ଭାବେ ଭାରତୀୟ ବଂଶୋଦ୍ଭବ ଆମେରିକାର ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହେବା ଭାରତ ସକାଶେ ଗର୍ବର ବିଷୟ। ହେଲେ ବହୁ ମେଧାବୀ ଭାରତୀୟ ଏ ଦେଶର ଅନେକ ବଡ଼ ଶିକ୍ଷା ପ୍ରତିଷ୍ଠାନରେ ପଢ଼ି ଉତ୍କର୍ଷ ଲଭୁଥିଲେ ମଧ୍ୟ ସେମାନଙ୍କୁ ଅଟକାଇ ରଖିବାରେ ଦେଶ ବିଫଳ ହେଉଥିବା ଦେଖାଯାଉଛି। ଏହା ଭାରତ ପାଇଁ 'ବ୍ରେନ୍ ଡ୍ରେନ୍' ବୋଲି କୁହାଯାଉଛି। କାରଣ ସେମାନଙ୍କୁ ଉଚ୍ଚଶିକ୍ଷିତ କରିବାରେ ଏ ଦେଶର ପୁଞ୍ଜି ନିହିତ ରହିଛି। ତେଣୁ ମେଧାଯୁକ୍ତଙ୍କୁ ବାଛି ସେମାନଙ୍କୁ ଅବସ୍ଥାପିତ କରିବା ସକାଶେ ଭାରତ ସରକାର ପଦକ୍ଷେପ ନେବା ଆବଶ୍ୟକ ହୋଇପଡ଼ିଲାଣି ବୋଲି ଆଲୋଚନା ହେଉଛି। ତେବେ କାର୍ଯ୍ୟକାଳ ବାକି ଥିବା ବେଳେ ବିଶ୍ୱ ବ୍ୟାଙ୍କର ସଭାପତି ପଦବୀରୁ ଇସ୍ତଫା ଦେଇଥିବା ଡେଭିଡ୍ ମାଲପାସ୍‌ଙ୍କ ସ୍ଥାନରେ ଅଜୟଙ୍କୁ ବଛାଯିବା ନେଇ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ବିଷୟ ଗୁରୁତ୍ୱ ଲାଭ କରିଛି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ମାଲପସ୍ ନିଯୁକ୍ତ ହୋଇଥିଲେ। ଉଭୟ ପରିବେଶ ବିରୋଧୀ ନୀତି ଯୋଗୁ ସମାଲୋଚିତ ହୋଇଆସିଛନ୍ତି। ଅନ୍ୟପକ୍ଷରେ ଅଜୟ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ଅର୍ଥନୈତିକ ପ୍ରସଙ୍ଗକୁ ଉତ୍ତମ ପରିଚାଳନା କରିବାରେ ଦକ୍ଷତା ରଖିଥିବାରୁ ତାଙ୍କୁ ବିଶ୍ୱବ୍ୟାଙ୍କ ସଭାପତି ଭାବେ ମନୋନୀତ କରାଯାଇଥିବା ଆଲୋଚନା ହେଉଛି।

ମହାରାଷ୍ଟ୍ର ପୁଣେର ଖାଡ଼କି କାଣ୍ଟନମେଣ୍ଟରେ ଅଜୟପାଲ ସିଂ ବଙ୍ଗା ୧୦ ନଭେମ୍ବର ୧୯୫୯ରେ ଏକ ସାଇନି ଶିଖ୍ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପିତା ହରଭଜନ ସିଂ ବଙ୍ଗା ଜଣେ ଅବସରପ୍ରାପ୍ତ ଆର୍ମି ଅଧିକାରୀ। ପଞ୍ଜାବର ଜଲନ୍ଧର ହେଉଛି ସେମାନଙ୍କ ପୈତୃକ ଅଞ୍ଚଳ। ହରଭଜନ ହେଉଛନ୍ତି ବିଶିଷ୍ଟ ବ୍ୟବସାୟୀ ଏମ୍. ଏସ୍. ବଙ୍ଗାଙ୍କ ସାନ ଭାଇ। ତେବେ ଅଜୟ ବଙ୍ଗା ଶିମ୍‌ଲାର ସେଣ୍ଟ ଏଡ୍‌ୱାର୍ଡ ସ୍କୁଲ ଓ ହାଇଦ୍ରାବାଦର ପବ୍ଲିକ୍ ସ୍କୁଲରୁ ପାଠ ପଢ଼ିଥିଲେ। ପିତାଙ୍କ ବିଭିନ୍ନ ସ୍ଥାନକୁ ବଦଳି ହେଉଥିବାରୁ ଅଜୟଙ୍କୁ ମଧ୍ୟ ସେହି ଅନୁଯାୟୀ ପଢ଼ିବାକୁ ପଡୁଥିଲା। ଦିଲ୍ଲୀର ସେଣ୍ଟ ଷ୍ଟିଫେନ୍ସ କଲେଜରୁ ସେ ଅର୍ଥନୀତିରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍)ରୁ ମ୍ୟାନେଜମେଣ୍ଟରେ ପିଜିପି (ଏମ୍‌ବିଏ ସହ ସମାନ ଡିଗ୍ରୀ) କରିଥିଲେ। ଉଚ୍ଚଶିକ୍ଷା ପରେ ଅଜୟ ୧୯୮୧ରେ ନେସ୍‌ଲେରେ ବିଜ୍‌ନେସ୍ କ୍ୟାରିୟର ଆରମ୍ଭ କରିଥିଲେ। ସେହିଠାରେ ସେ ସେଲ୍ସ, ମାର୍କେଟିଂ ଓ ଜେନେରାଲ ମ୍ୟାନେଜମେଣ୍ଟରେ ଦୀର୍ଘ ୧୫ ବର୍ଷ କାର୍ଯ୍ୟ କରି ବହୁ ଅଭିଜ୍ଞତା ଅର୍ଜନ କରିଥିଲେ। ଏହା ପରେ ସେ ପେପ୍‌ସିକୋରେ ଯୋଗ ଦେଇ ଭାରତରେ ଅନ୍ତର୍ଜାତୀୟ ଫାଷ୍ଟଫୁଡ୍‌ର ଫ୍ରାଞ୍ଚାଇଜ୍ ନେଇଥିଲେ। ସେତେବେଳକୁ ଭାରତ ଉଦାରୀକରଣ ଅର୍ଥନୀତିକୁ ଅନୁସରଣ କରିସାରିଥିଲା।

ଅଜୟଙ୍କ ବ୍ୟବସାୟ କ୍ଷେତ୍ରରେ ଦକ୍ଷତା ବଢ଼ିବା ସହ ଶିଳ୍ପଜଗତ ସହ ଜଡ଼ିତ ରହି ତା'ର ନେତୃତ୍ୱ ନେବାକୁ ପ୍ରୟାସ କରିଥିଲେ। ତାଙ୍କ ସୂକ୍ଷ୍ମ ବୁଦ୍ଧି ଆଗକୁ ବଢ଼ିବାକୁ ସୁଯୋଗ ଦେଇଥିଲା। ସେଥିପାଇଁ ସେ ୨୦୦୫ରୁ ୨୦୦୯ ମଧ୍ୟରେ ସାମାଜିକ ବିକାଶମୂଳକ ପ୍ରସଙ୍ଗକୁ ଧରିଥିଲେ। ବିଶ୍ୱର ମାଇକ୍ରୋ ଫାଇନାନ୍ସ କ୍ଷେତ୍ରରେ ସେ ନୂଆ ରଣକୌଶଳ ପ୍ରୟୋଗ କରିଥିଲେ। ୨୦୨୦ରେ ସେ ପଲ୍ ପୋଲ୍‌ମାନ୍‌ଙ୍କ ସ୍ଥାନରେ ଇଣ୍ଟରନ୍ୟାଶନାଲ ଚାମ୍ବର ଅଫ୍ କମର୍ସ (ଆଇସିସି)ର ଅଧ୍ୟକ୍ଷ ମଧ୍ୟ ନିର୍ବାଚିତ ହୋଇଥିଲେ। ଅବଶ୍ୟ ସେ ଜୁନ୍ ୨୦୧୮ରେ ଆଇସିସିର ପ୍ରଥମ ଉପାଧ୍ୟକ୍ଷ ରହିଥିଲେ। ଅଜୟଙ୍କ କ୍ୟାରିୟରରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ଗୁରୁତ୍ୱପୂର୍ଣ୍ଣ ସହଯୋଗ ଦେଇଥିଲେ। ଫେବୃୟାରୀ ୨୦୧୫ରେ ଓବାମା ତାଙ୍କୁ ପ୍ରେସିଡେଣ୍ଟସ୍ ଆଡଭାଇଜରି କମିଟି ଫର୍ ଟ୍ରେଡ୍ ପଲିସି ଆଣ୍ଡ୍ ନେଗୋସିଏସନ୍‌ର ସଦସ୍ୟ ଭାବେ ନିଯୁକ୍ତି ଦେଇଥିଲେ।

ଅଜୟ ବାଙ୍ଗା କର୍ପୋରେଟ୍ ସଂସ୍ଥା ଓ ଅଣଲାଭଦାୟକ ସଙ୍ଗଠନରେ ନିଜକୁ ଜଡ଼ିତ କରି ରଖିବାରୁ ଆଜି ଗୁରୁତ୍ୱପୂର୍ଣ୍ଣ ପଦବୀରେ ପହଞ୍ଚିପାରିଛନ୍ତି। ସେ ନ୍ୟୁୟର୍କ ୟୁନିଭର୍ସିଟିର ଲିଓନାର୍ଡ ଏନ. ଷ୍ଟର୍ନ ସ୍କୁଲ ଅଫ୍ ବିଜ୍‌ନେସଠାରୁ ଆରମ୍ଭ କରି ଆଇଆଇଏମ୍, ଆହମ୍ମଦାବାଦ ପର୍ଯ୍ୟନ୍ତ ପ୍ରତିଷ୍ଠିତ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନର ବହୁ ଲିଡରଶିପ୍ କନଫରେନ୍ସରେ ବକ୍ତା ଭାବେ ଯୋଗ ଦେଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ବଂଶୋଦ୍ଭବ ଭାବେ ଯୋଗଦାନ ଲାଗି ଭାରତ ସରକାର ତାଙ୍କୁ ୨୦୧୬ରେ ଦେଶର ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମଶ୍ରୀ'ରେ ସମ୍ମାନିତ କରିଥିଲେ।

**– ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ବହୁ ସମୟରେ ଲୋକମାନଙ୍କର ଅଜବ ପସନ୍ଦ ଦେଖିବାକୁ ମିଳେ। କିଏ ପଶୁପକ୍ଷୀଙ୍କ ସହ ରହି ଜୀବନର ଆନନ୍ଦ ନେଉଥିବାବେଳେ କିଏ ଜଳଚର ଜୀବଙ୍କୁ ପାଳି ଖୁସି ହୁଅନ୍ତି। କିନ୍ତୁ ମୁମ୍ବାଇର ପ୍ରିୟଙ୍କା ସିଂଙ୍କ ପସନ୍ଦ ଏ କ୍ଷେତ୍ରରେ ନିଶ୍ଚୟ ଭିନ୍ନ। ସେ ପ୍ରଜାପତି ଗହଣରେ ରହି ସମୟ କଟାଉଛନ୍ତି। ପ୍ରିୟଙ୍କା ମୁମ୍ବାଇର ଏକ ଫ୍ଲାଟର ୧୩ ମହଲାରେ ରହୁଛନ୍ତି। ସେ ଦୀର୍ଘ ୧୦ ବର୍ଷ ହେଲା ତାଙ୍କ ଘରେ ପ୍ରଜାପତି ପାଳୁଛନ୍ତି। ରଙ୍ଗବେରଙ୍ଗର ପ୍ରାୟ ୫,୦୦୦ ପ୍ରଜାପତି ତାଙ୍କ ଘରେ ରହିଛନ୍ତି। ତାଙ୍କ ଘରର ସବୁ ଜାଗାରେ ପ୍ରଜାପତି ବସିଥିବା ଦେଖିବାକୁ ମିଳେ। ଏଥିପାଇଁ ଲୋକେ ତାଙ୍କୁ ବଟରଫ୍ଲାଏ ମମ୍ କହୁଛନ୍ତି। ବଡ଼ କଥା ହେଉଛି ଏହିସବୁ ପ୍ରଜାପତିଙ୍କୁ ସେ ବନ୍ଦ କରି ରଖିନାହାନ୍ତି, ସେମାନେ ଘର ଭିତର ଓ ବାହାରେ ଉଡୁଛନ୍ତି। ସେମାନଙ୍କ ପାଇଁ ପ୍ରିୟଙ୍କା ବି ଏକ ଅର୍ଗାନିକ ବଗିଚା କରିଛନ୍ତି। ପ୍ରଜାପତି ତାଙ୍କ ବଗିଚାରେ ବସୁଛନ୍ତି। ପ୍ୟୁପାରୁ ନୂଆ ପ୍ରଜାପତି ବାହାରିବା ପରେ ସେ ସେମାନଙ୍କ ପ୍ରତି ଧ୍ୟାନ ରଖୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୬ ଫେବୃୟାରୀ ୧୯୯୮**

- ଶ୍ରୀଲଙ୍କାର ଉତ୍ତରାଞ୍ଚଳରେ ସେନା ଓ ତାମିଲ ଗେରିଲାଙ୍କ ମଧ୍ୟରେ ସଂଘର୍ଷ ଘଟି ୫୦ ଜଣ ସୈନ୍ୟ ଓ ୬ ଜଣ ଏଲ୍‌ଟିଟିଇ ଗେରିଲା ନିହତ।
- ବେଆଇନ ଭାବେ ନିଶା କାରବାର ଚଳାଇଥିବା ଅଭିଯୋଗରେ ଚାଇନାରେ ଜଣେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ତାଙ୍କ ଭାଇଙ୍କ ସମେତ ୭ ଜଣଙ୍କୁ ଫାଶି।
- ଦେଶରେ ବହୁ ପ୍ରତୀକ୍ଷିତ ଆକାଶବାଣୀ ଓ ଦୂରଦର୍ଶନର ଇଣ୍ଟରନେଟ ସେବା ଆରମ୍ଭ।

## ପାଠକ ଶ୍ରେଷ୍ଠ ବିଚାରକ

### ଜମିଜମା କମ୍ପ୍ୟୁଟରୀକରଣରେ ତ୍ରୁଟି

ମହାଶୟ,

ଜମିଜମା କମ୍ପ୍ୟୁଟରୀକରଣ ଦ୍ୱାରା ରୟତମାନେ ନିଜ ଜମିର ଆର୍.ଓ.ଆର୍. ସମ୍ପର୍କରେ ସହଜରେ ଜାଣିବେ। କିନ୍ତୁ ମାନୁଆଲ ସେଟଲମେଣ୍ଟ ପଟ୍ଟାରେ ଅନେକ ତହସିଲଦାର ବହୁତ ସଂଶୋଧନ କରିଛନ୍ତି। ସେ ନୂତନ ପଟ୍ଟା ଦେବେ କିନ୍ତୁ ସେଟଲମେଣ୍ଟ ପଟ୍ଟାକୁ କଟାକଟି କରି ବିକୃତ କରିପାରିବେ ନାହିଁ। ୨୦୨୨ରେ ମୁଁ ପରଜଙ୍ଗ ତହସିଲରୁ ଉଭୟ ଡିଜିଟାଲ ଓ ମାନୁଆଲ ପଟ୍ଟାର ସାର୍ଟିଫାଏଡ କପି ପାଇଲି। ସେଥିରେ କିଛି ତ୍ରୁଟି ଦେଖିଲି। ତୁଳନା କରି ଦେଖିଲି ଯେ, ଗୋବର୍ଦ୍ଧନ ସ୍ୱାଇଁ ପି. ରାଧାମୋହନ ସ୍ୱାଇଁଙ୍କର ପରିଚୟ ଉଭୟ କପିରେ ଭିନ୍ନ ଭିନ୍ନ। ଏହା ଏକ ବିରାଟ ଭୁଲ। ଗୋବର୍ଦ୍ଧନ ସ୍ୱାଇଁଙ୍କ ଜନ୍ମ ୧୯୩୮ ମସିହା। ତାଙ୍କ ମାଟ୍ରିକ ସାର୍ଟିଫିକେଟ, ସର୍ଭିସ ବୁକ, ବ୍ୟାଙ୍କ ପାସ୍ ବୁକ, ଆଧାରକାର୍ଡ, ମୃତ୍ୟୁ ପ୍ରମାଣପତ୍ରରେ ତାଙ୍କର ପ୍ରକୃତ ପରିଚୟ ଥିବା ବେଳେ ୧୯୯୨ରେ ଚାକିରି ଶେଷ ପରେ ପରିଚୟ ତହସିଲଦାର ବଦଳାଇଦେଲେ। ପରଜଙ୍ଗ, କାମାକ୍ଷାନଗର ତହସିଲ ଅଫିସକୁ ଆର୍‌ଟିଆଇ ଆକ୍ଟରେ ତଥ୍ୟ ମାଗିଲେ ଶୁଣୁ ନାହାନ୍ତି। ତହସିଲଦାର, ସବ୍‌କଲେକ୍ଟର, କଲେକ୍ଟର, ଆରଡିସି ଉତ୍ତରାଞ୍ଚଳଙ୍କୁ କମ୍ପ୍ୟୁଟରରୁ ଭୁଲ ତଥ୍ୟ ବାଦ୍ ଦେବାକୁ ପଦକ୍ଷେପ ନିଅନ୍ତୁ।

**–ଗିରିଧର ସ୍ୱାଇଁ, ପିଟିରି, ପରଜଙ୍ଗ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ସରଳ ମତି ସହଜ ଗତି
ଯା'ନ୍ତି ଚଳି ବାଳୀ
ନ ବୁଝି ଏ ନିଦାଘ ପଥେ
କି ରୂପରାଶି ଢାଳି।
(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସଂକ୍ଷେପରେ

## ଦୁର୍ଘଟଣାରେ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ

ଡେରାବିଶ,୨୫।୨(ସ୍ୱ.ପ୍ର.): ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଭିତରବମ୍ପ ଗାଁର ଜଣେ ଯୁବ ଇଞ୍ଜିନିୟଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକ ହେଲେ ତ୍ରିଲୋଚନ ନାୟକଙ୍କ ସାନପୁଅ ପ୍ରଫୁଲ୍ଲ ନାୟକ (୨୫)। ବ୍ରହ୍ମପୁରରେ ଏକ କମ୍ପାନୀରେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଭାବେ କର୍ଯ୍ୟକରୁଥିଲେ। ଦୁଇଦିନ ତଳେ ପ୍ରଫୁଲ୍ଲ ଛୁଟିରେ ଘରକୁ ଆସିଥିଲେ। ଗତ ଶୁକ୍ରବାର କର୍ମକ୍ଷେତ୍ରକୁ ଯାଉଥିବାବେଳେ ଏକ ଅଜଣା ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ପ୍ରଫୁଲ୍ଲଙ୍କ ମୃତଦେହ ଗାଁରେ ପହଞ୍ଚି ନ ଥିଲା।

## ବେଳାଭୂମି ରାସ୍ତା ପାଇଁ ବଳି ପଡ଼ିବ ୨,୩୩୨ ଝାଉଁ ଗଛ

ପାରାଦୀପ,୨୫।୨(ସ୍ୱ.ପ୍ର.): ପାରାଦୀପର ନୂଆ ଷଣ୍ଢକୁଦ, କଂସାରୀପାଟିଆ, ଅଭୟଚାନ୍ଦପୁର ସମୁଦ୍ର କୂଳରେ ଥିବା ଝାଉଁ ଜଙ୍ଗଲ ଏବେ କଟାଯିବା ସମୁଦ୍ର ବେଳାଭୂମି ରାସ୍ତା ନିର୍ମାଣ ପାଇଁ ଇଡ୍‌କୋକୁ ରାଜନଗର ବନଖଣ୍ଡ ଅଧିକାରୀ ଗତ ୨୦ ତାରିଖରେ ସ୍ୱୀକୃତି (ଚିଠି ନଂ.୧୧୬୨)ଦେଇଥିବା ଜଣାପଡିଛି। ଏଥିପାଇଁ ୨୩୩୨ ଝାଉଁ ଗଛ କଟାଯିବ ବୋଲି ଚିଠିରେ ଉଲ୍ଲେଖ ଅଛି। ଉକ୍ତ ସ୍ୱୀକୃତି ମିଳିବା ପରେ ଶନିବାର ଉପରୋକ୍ତ ସ୍ଥାନରେ ଏକ କମ୍ପାନୀ ଠିକାଦାର ଗଛ କାଟିବା ପ୍ରକ୍ରିୟା ଆରମ୍ଭ କରିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଢ଼ିଙ୍କିଆ ଅଞ୍ଚଳରେ ଏକ ବୃହତ ପ୍ରକଳ୍ପ ହେବାକୁ ଯାଉଛି। ସେହି ସ୍ଥାନକୁ ଯାତାୟାତ ଓ ପଣ୍ୟ ପରିବହନ ପାଇଁ ବେଳାଭୂମି ରାସ୍ତା ନିର୍ମାଣ ହେବ ବୋଲି ଇଡକୋ ପକ୍ଷରୁ ରାଜନଗର ବନଖଣ୍ଡ ପକ୍ଷରୁ ଆବେଦନ କରାଯାଇଥିଲା। ଏହାକୁ ବନବିଭାଗ ସ୍ୱୀକୃତି ଦେଇଛି।

## ହାଇୱା ଚାପାରେ ବାଇକ୍ ଆରୋହୀ ମୃତ

ଆଳି,୨୫।୨(ଡି.ଏନ.ଏ.): କଟକ-ଚାନ୍ଦବାଲି ରାସ୍ତାରେ ଦିନକୁ ଦିନ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଶନିବାର ସନ୍ଧ୍ୟାରେ ଏହି ରାସ୍ତାର ସିଙ୍ଗିରି ଛପୋଲିଆ ନିକଟରେ ଜଣେ ବାଇକ୍ ଆରୋହୀଙ୍କୁ ହାଇୱା ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ ଘଟିଛି। ମୃତକ ହେଲେ ଆଳି ଥାନା ଅନ୍ତର୍ଗତ ଚଣ୍ଡିଆଗଡି ଗ୍ରାମର ଦିଗମ୍ବର ଦାଶ (୫୬)। ସେ ପଟ୍ଟାମୁଣ୍ଡାଇ ପଟରୁ ନିଜ କାମ ସାରି ଚଣ୍ଡିଆଗ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଦିଗମ୍ବର ରକ୍ତ ଜୁବୁବୁବୁ ଅବସ୍ଥାରେ ପଡିଥିବା ବେଳେ ହାଇୱାଟି ଦ୍ରୁତ ଗତିରେ ଚାଲି ଯାଇଥିଲା। ସ୍ଥାନୀୟ ଲୋକେ ଦିଗମ୍ବରଙ୍କୁ ଆଳି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଲ୍ଲେଖଯୋଗ୍ୟ, ଗତ ୨ ସପ୍ତାହ ହେବ ଉପରୋକ୍ତ ସ୍ଥାନରେ ୬ରୁ ଉର୍ଦ୍ଧ ଦୁର୍ଘଟଣା ଘଟିଛି।

## ଜନଶୁଣାଣିକୁ ବିରୋଧ ଆଶଙ୍କା ସରପଞ୍ଚଙ୍କ ସମେତ ୨୫ ଜଣଙ୍କ ନାମରେ ମାମଲା

କଳିଙ୍ଗନଗର,୨୫।୨(ଡି.ଏନ.ଏ.): କଳିଙ୍ଗନଗର ଶିଳ୍ପାଞ୍ଚଳର ପଙ୍କପାଳ ପଞ୍ଚାୟତରେ ଥିବା ମିଶ୍ରୀଲାଲ କାରଖାନା ପରିସରରେ ଏକ କ୍ରୋମାଇଟ ବିଶୋଧନାଗାର (ସିଓବି) ପ୍ଲାଣ୍ଟ ସ୍ଥାପନ ହେବାକୁ ଯାଉଛି। ଏଥିପାଇଁ ଏକ ପରିବେଶ ଜନଶୁଣାଣି ଶିବିର ଆସନ୍ତା ୨୮ତାରିଖ ପୂର୍ବାହ୍ନରେ ଅନୁଷ୍ଠିତ ହେବା ମାତ୍ର ଏହି କାରଖାନା କାର୍ଯ୍ୟକ୍ଷମ ହେଲେ ସ୍ଥାନୀୟ ଅଞ୍ଚଳରେ ଜଳ ସଙ୍କଟ ସୃଷ୍ଟି ହେବ ବୋଲି ଅଭିଯୋଗ କରି ସ୍ଥାନୀୟ ପଙ୍କପାଳ ସରପଞ୍ଚ ସ୍ମିତିରଞ୍ଜନ ଜେନା ଲିଖିତ ଭାବେ ବିଧାନସଭା ପରିବେଶ ଗୃହ କମିଟି ଓ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଘଟଣା ପରେ ଜନଶୁଣାଣି ଶିବିରରେ ସିଓବିକୁ ବିରୋଧ ହେବା କିମ୍ବା ଶୁଣାଣି ପଣ୍ଡ ହେବା ପୂର୍ବାନୁମାନ କରି ଆଗୁଆ ଦମନ ପାଇଁ ନକ୍ସା ପ୍ରସ୍ତୁତ କରାଯାଇଥିବା ଅଭିଯୋଗ ହୋଇଛି। ବିରୋଧ ସ୍ୱରକୁ ବନ୍ଦ କରିବା ପାଇଁ ପ୍ରଶାସନକୁ ଢ଼ାଲ କରାଯାଇଛି। ଦାନଗଦି ତହସିଲ କୋର୍ଟରୁ ସରପଞ୍ଚ ଏବଂ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ୨୫ ଜଣଙ୍କ ବିରୋଧରେ ଦଫା ୧୦୭ରେ ଏକ ଫୌଜଦାରୀ ମାମଲା ରୁଜୁ କରାଯାଇଛି। ଜନଶୁଣାଣି ଶିବିର ପୂର୍ବାହ୍ନରେ ସମସ୍ତେ ଦାନଗଦି ତହସିଲଦାରଙ୍କ କୋର୍ଟରେ ହାଜର ହେବା ପାଇଁ ନୋଟିସ ଜାରି କରାଯାଇଛି। ତେଣୁ ସ୍ୱର ଚପାଇବା ପାଇଁ ଏହା ସୁଚିନ୍ତିତ ଯୋଜନା ବୋଲି ସରପଞ୍ଚ ଅଭିଯୋଗ କରିଛନ୍ତି।

# ୩ ମାସରେ ନିଷ୍ପତ୍ତି ନିଅ: ହାଇକୋର୍ଟ

**ବିଞ୍ଝାରପୁର ବ୍ଲକ**

■ନକଲି ବିଲ୍ କରି ଆବାସ ଅନୁଦାନ ହଡ଼ପ ଅଭିଯୋଗ

■ମୃତ ବ୍ୟକ୍ତି, ଭିକାରୁଣୀଙ୍କ ନାମରେ ଜାଲିଆତି

ଯାଜପୁର ଅଫିସ,୨୫।୨

ଯାଜପୁର ଜିଲାର ବିଞ୍ଝାରପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଯୋଜନାରେ ଦୁର୍ନୀତି ଅଭିଯୋଗ ପିଛା ଛାଡୁନି। ଏଠାରୁ ରାଜ୍ୟସ୍ତରୀୟ ବଡ଼ ବଡ଼ ଦୁର୍ନୀତିର ସୂତ୍ରପାତ ହୋଇଥିବା ନଜିର ରହିଛି। କେତେବେଳେ ଭୂମିହୀନ କହି ଆବାସ ଯୋଜନାର ଅନୁଦାନ ନେଇ ଯାଉଛନ୍ତି ତ କେତେବେଳେ ମୃତ ବ୍ୟକ୍ତିଙ୍କ ନାମରେ ଘର ଦିଆଯାଉଛି। ଅତୀତରେ ଥିଲାବାଲା ଲୋକ ଆବାସ ଘର କରି ଅର୍ଥ ଫେରାଇଥିବାର ଦୃଷ୍ଟାନ୍ତ ରହିଛି। ଏବେ ପୁଣି ଜଣେ ଭିକାରୁଣୀଙ୍କ ନାମରେ ଆବାସ ଅନୁଦାନ ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ଏହି ବ୍ଲକର ସୟଦପୁର ପଞ୍ଚାୟତରେ ନକଲି ବିଲ୍ ଭାଉଚର ଜରିଆରେ ବିପୁଳ ଅର୍ଥ ବାଟମାରଣା ଅଭିଯୋଗ ସଂକ୍ରାନ୍ତରେ ହାଇକୋର୍ଟ ହସ୍ତକ୍ଷେପ କରିଛନ୍ତି। ପୂର୍ବତନ ସରପଞ୍ଚ ଅବଦୁଲ କାଦିର ଖାନଙ୍କ ଏକ ଜନସ୍ୱାର୍ଥ ମାମଲାର ବିଚାରକରି ହାଇକୋର୍ଟ ୩ ମାସ ମଧ୍ୟରେ ଅଭିଯୋଗ ଉପରେ ଦୃଷ୍ଟି ଦେବାକୁ ଏବଂ ଉପଯୁକ୍ତ ନିଷ୍ପତ୍ତି ନେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିଭିନ୍ନ ପ୍ରକଳ୍ପ ଶେଷ ହେବାପରେ ଭେଣ୍ଡରଙ୍କଠାରୁ ସାମଗ୍ରୀ କିଣାଯିବା, ଯନ୍ତ୍ରୀଙ୍କ ଦ୍ୱାରା ବିଲ୍ ପ୍ରସ୍ତୁତ ହେବା ପରେ ସାମଗ୍ରୀ କିଣା ବାବଦ ଇନ୍‌ଭଏସ୍ ଦାଖଲ ହେବା, ଇନ୍‌ଭଏସ୍‌ରେ ଜିଏସ୍‌ଟି ସମ୍ପର୍କରେ ବିବରଣୀ ନ ଦେବା, ଗୋଟିଏ କାର୍ଯ୍ୟାଦେଶ ନମ୍ବରରେ ୧୧ଟି ପ୍ରକଳ୍ପ କାର୍ଯ୍ୟ କରାଯିବା ଭଳି ଅନିୟମିତତା କରାଯାଇଛି। ସୟଦପୁର ଗ୍ରାମ ପଞ୍ଚାୟତରେ ୨୧ ପ୍ରକଳ୍ପରେ ଏପରି ଭାବେ ନକଲି ବିଲ୍ ପ୍ରସ୍ତୁତ କରାଯାଇ ବିପୁଳ ସରକାରୀ ଅର୍ଥ ହରିଲୁଟ୍ ହୋଇଛି। ଏହି ମର୍ମରେ ପୂର୍ବତନ ସରପଞ୍ଚ ଅବଦୁଲ କାଦିର ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ତଥ୍ୟ ସଂଗ୍ରହ କରି ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ସଚିବ, ଭିଜିଲାନ୍ସ ଡାଇରେକ୍ଟର, ଯାଜପୁର ଜିଲାପାଳ, ଜିଲା ପରିଷଦର ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏନେଇ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ସେ ହାଇକୋର୍ଟରେ ଏକ ମାମଲା (ଡବ୍ଲ୍ୟୁପିସି ନମ୍ବର ୨୧୨୮/୨୦୨୩) ରୁଜୁ କରିଥିଲେ।

ଅଭିଯୋଗ ଅନୁସାରେ ଫ୍ଲଡ୍ ଡ୍ୟାମେଜ ଆଣ୍ଡ ରେଷ୍ଟୋରେଶନ (ଏଫ୍‌ଡିଆର୍) ଯୋଜନାରେ ନକଲି ବିଲ୍ ଭାଉଚର ପ୍ରସ୍ତୁତ ହୋଇଛି। ପ୍ରକଳ୍ପଗୁଡ଼ିକରେ କୌଣସି ସୂଚନା ଫଳକ ଲଗାଯାଇନାହିଁ। ସମ୍ପୃକ୍ତ ଭେଣ୍ଡରଙ୍କ ଆକାଉଣ୍ଟକୁ ଇନ୍‌ଭଏସ୍ ଅନୁଯାୟୀ ସମୁଦାୟ ଟଙ୍କା ପ୍ରଦାନ କରାଯାଇଛି। ସମ୍ପୃକ୍ତ ଯନ୍ତ୍ରୀ ଅଗ୍ରିମ ଭାବେ ବିନା ନିର୍ମାଣ ସାମଗ୍ରୀରେ ରୟାଲ୍‌ଟି ଆକଳନ କରିଛନ୍ତି। ଏହିସବୁ କାରସାଦିରେ ଏକ ର୍ୟାକେଟ ସକ୍ରିୟ ଥିବା କାଦିର ଅଭିଯୋଗରେ ଦର୍ଶାଇଛନ୍ତି। ଲୋକଙ୍କ ପାଣ୍ଠିର ଦୁରୁପଯୋଗ ଅଭିଯୋଗ ଉପରେ ହାଇକୋର୍ଟ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ବିଞ୍ଝାରପୁର ବ୍ଲକର କଏଣା-ରଘୁନାଥପୁର ପଞ୍ଚାୟତରେ ଦାଦନ ଖଟିବାକୁ ଯାଇଥିବା ମହିଳା, ୨ ମୃତ ବ୍ୟକ୍ତି ଏବଂ ୨ ଭୂମିହୀନଙ୍କ ନାମରେ ଆବାସ ଅନୁଦାନ ଚଳୁ ଅଭିଯୋଗ ହୋଇଛି। ରଘୁନାଥପୁର ଗ୍ରାମର ଗୀତା ପାଣ୍ଡବ ଭିକ ମାଗି ଚଳୁଥିବାବେଳେ ତାଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଆଇଡି ନମ୍ବର ଓଆର ୩୧୫୫୫୫୦ରେ ଅର୍ଥ ଉଠାଯାଇଛି। ଅଜଣା ବ୍ୟକ୍ତିଙ୍କ ୟୁନିୟନ ବ୍ୟାଙ୍କ ଖାତା ନମ୍ବରକୁ ବିଭିନ୍ନ ପର୍ଯ୍ୟାୟରେ ୧ ଲକ୍ଷ ୩୦ ହଜାର ଟଙ୍କା ପଠାଇ ହଡ଼ପ ହୋଇଛି। ସେହିପରି ଦାଦନ ଶ୍ରମିକ କଳ୍ପନା ବେହେରା ଏବଂ ୧୨ ବର୍ଷ ତଳେ ମୃତ୍ୟୁ ଘଟିଥିଲା ତାରାମଣି ଧଳ ଓ ୧୫ ବର୍ଷ ହେଲା ମୃତ ସାଉଁଟି ବେହେରାଙ୍କ ନାମରେ ୧ ଲକ୍ଷ ୩୦ ହଜାର ଟଙ୍କା ଲେଖାଏ ହଡ଼ପ ଅଭିଯୋଗ ହୋଇଛି। ଆବାସ ଯୋଜନା ଆରମ୍ଭରୁ ଏଠାରେ ଦୁର୍ନୀତିର ତାଲିକା ଲମ୍ବିବାରେ ଲାଗିଛି। ବିଭିନ୍ନ ସମୟରେ ଅଭିଯୋଗ ହେଲେ ତଦନ୍ତ ହେଉଛି, ହେଲେ କୋହଳ କାର୍ଯ୍ୟାନୁଷ୍ଠାନ ଯୋଗୁ ଦୁର୍ନୀତି କମିବାର ନାଁ ଧରୁନାହିଁ। ଏହି ସବୁଥିରେ ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସ୍ଥାନୀୟ କେତେଜଣ ପ୍ରଭାବଶାଳୀ ନେତା ସୁରକ୍ଷା ଯୋଗାଇଦେଉଥିବାରୁ ଦଣ୍ଡ ନାମରେ ଅତିବେଶିରେ ବଦଳିଟିଏ ହେଉଛି। ଦୁର୍ନୀତି ସଂକ୍ରାନ୍ତରେ ବିଞ୍ଝାରପୁର ବିଡିଓ ମିନତି ଜଗଦେବଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ଉପରେ ତଦନ୍ତ ଚାଲିଛି। ତଦନ୍ତ ରିପୋର୍ଟ ମିଳିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ହାଇୱା ଧକ୍କାରେ ଶାଶୁ ମୃତ, ବୋହୂ ଗୁରୁତର



ମୃତଦେହ ରଖି ସ୍ଥାନୀୟ ଲୋକ ରାସ୍ତା ଅବରୋଧ କରିଛନ୍ତି।

**କ୍ଷତିପୂରଣ ଦାବିରେ ୪ ଘଣ୍ଟା ରାସ୍ତା ଅବରୋଧ**

ବିଞ୍ଝାରପୁର,୨୫।୨(ଡି.ଏନ.ଏ.)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଯାଜପୁର-ସିଂହପୁର ମୁଖ୍ୟ ରାସ୍ତାର ମଇଁଦା ପେଟ୍ରୋଲ ପମ୍ପ ନିକଟରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଶାଶୁଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ବୋହୂ ଗୁରୁତର ହୋଇଛନ୍ତି। ମୃତକ ହେଲେ ବିଞ୍ଝାରପୁର ଥାନା ଅନ୍ତର୍ଗତ ଚନ୍ଦ୍ରମୁଁ ପଞ୍ଚାୟତ ବାଣପୁର ଗ୍ରାମର ଇନ୍ଦ୍ରମଣି ରାଉତଙ୍କ ସ୍ତ୍ରୀ ସ୍ୱର୍ଣ୍ଣଲତା ରାଉତ(୬୦)। ଗୁରୁତର ହେଲେ ତାଙ୍କ ପୁତ୍ରବଧୂ ଲିଜା ରାଉତ। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ରାସ୍ତା ମଝିରେ ମୃତଦେହ ରଖି ୪ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ଖବର ପାଇ ବିଞ୍ଝାରପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଦୁର୍ଘଟଣା ଘଟାଇଥିବା ହାଇୱାକୁ ପୋଲିସ ଜବତ କରିବା ସହ ଏହାର ଚାଳକଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ସ୍ୱର୍ଣ୍ଣଲତା ଓ ତାଙ୍କ ପୁତ୍ରବଧୂ ଲିଜା ଏକ ସ୍କୁଟିରେ ଯାଜପୁରରୁ ନିଜ ଘର ବାଣପୁରକୁ ଫେରୁଥିଲେ। ଏହି ସମୟରେ ମଇଁଦା ପେଟ୍ରୋଲ ପମ୍ପ ନିକଟରେ ସେମାନଙ୍କୁ ଏକ ଚିପ୍ସ ବୋଝେଇ ହାଇୱା ନଂ.ଓଡି-୦୪-ଏମ-୩୨୮୧ ପଛପଟୁ ଧକ୍କା ଦେଇଥିଲା। ଯଦ୍ୱାରା ଶାଶୁ, ବୋହୂ ଭାରସ୍ୟାମ ହରାଇ ତଳେ ପଡିଯାଇଥିବା ବେଳେ ହାଇୱାଟି ଶାଶୁ ସ୍ୱର୍ଣ୍ଣପ୍ରଭାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ସ୍ୱର୍ଣ୍ଣପ୍ରଭାଙ୍କର ମୃତ୍ୟୁ ହୋଇଥିବା ବେଳେ ଲିଜା ଗୁରୁତର ହୋଇଥିଲେ। ବିଞ୍ଝାରପୁର ଥାନା ଅଧିକାରୀ ରଞ୍ଜିତ ମହାନ୍ତି, ଅତିରିକ୍ତ ତହସିଲଦାର ଠାକୁର ଦାସନାୟକ, ଜିଲା ପରିଷଦସଭ୍ୟ ନନ୍ଦ କିଶୋର ସାମଲ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କୈଳାସ ସେଠୀ, ପୂର୍ବତନ ଜିଲା ପରିଷଦ ସଭାପତି ଇଂ. ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ଅତିରିକ୍ତ ତହସିଲଦାର ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି।

## ହୋଟେଲ କର୍ମଚାରୀଙ୍କ ଅସ୍ୱାଭାବିକ ମୃତ୍ୟୁ

ଡେରାବିଶ,୨୫।୨(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଚାନ୍ଦୋଳ ବଜାରରେ ଥିବା ଏକ ହୋଟେଲର କର୍ମଚାରୀଙ୍କ ଅସ୍ୱାଭାବିକ ମୃତ୍ୟୁ ହେବା ନେଇ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଉଛନ୍ତି ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମାଣ୍ଡୁକା ଗ୍ରାମର ତ୍ରିଲୋଚନ ଯେନାଙ୍କ ପୁଅ ମାନସ। ଅଭିଯୋଗ ମୁତାବକ ମାନସ ଉକ୍ତ ହୋଟେଲରେ ଦୀର୍ଘଦିନ ହେଲା କାମ କରୁଥିଲେ। ମାନସଙ୍କ ଦେହ ଖରାପ ଥିବା ତାଙ୍କ ସାନଭାଇ ନିକଟକୁ ଶୁକ୍ରବାର ରାତି ପ୍ରାୟ ୩ଟାରେ ହୋଟେଲର ଜଣେ କର୍ମଚାରୀ ଖବର ଦେଇଥିଲେ। ନିଶ୍ଚିନ୍ତକୋଇଲି ହସ୍ପିଟାଲରେ ପହଞ୍ଚିବା ପାଇଁ କହିଥିଲେ। ପରିବାର ଲେକେ ପହଞ୍ଚିଲାବେଳକୁ ମାନସଙ୍କ ମୃତ୍ୟୁ ହୋଇସାରିଥିଲା। ଏହାକୁ ନେଇ ପରିବାର ଲୋକେ ସନ୍ଦେହ କରିଥିଲେ। ହୋଟେଲ ମାଲିକ ଷଡ଼ଯନ୍ତ୍ର କରି ହତ୍ୟା କରିଥିବା ପରିବାର ଲୋକେ କେନ୍ଦ୍ରାପଡ଼ା ସଦର ଥାନାରେ ଶନିବାର ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୧୮୯/୨୩ ନମ୍ବରରେ ମାମଲା ରୁଜୁ କରିଛି। ଚାନ୍ଦୋଳ ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହିତ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାନସଙ୍କ ମୃତଦେହକୁ ପଞ୍ଚନାମା କରାଯାଇ କଟକ ବଡ଼ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରବିବାର ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ତାହାକୁ ଭିତ୍ତିକରି ତଦନ୍ତ ଆଗକୁ ବଢ଼ିବ ବୋଲି ଥାନାଧିକାରୀ ପାଣିଗ୍ରାହୀ କହିଛନ୍ତି। ହୋଟେଲ ମାଲିକ ପ୍ରକାଶ ଚନ୍ଦ୍ର ବେହେରାଙ୍କ କହିବା ଅନୁଯାୟୀ, ରୋଷେୟା ନ ଥିବାରୁ ହୋଟେଲ୍ ବନ୍ଦ ରହିଥିଲା। ମାନସ ଓ ତାଙ୍କ ସାଥୀ ଖାଇପିଇ ଶୋଇଥିଲେ। ମାନସଙ୍କ ଦେହ ହଠାତ୍ ଖରାପ ହେବାରୁ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲୁ। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଭୋଜି ଆଳରେ ବରୀରେ ଦେବାଶିଷ

**ଆଗାମୀ ନିର୍ବାଚନକୁ ନେଇ ଚର୍ଚ୍ଚା**

ବରୀ,୨୫।୨(ଡି.ଏନ.ଏ.)

ପୂର୍ବତନ ବିଧାୟକ ଦେବାଶିଷ ନାୟକ ୪ ବର୍ଷର ନୀରବତା ପରେ ପୁଣି ସକ୍ରିୟ ହୋଇ ଉଠିଛନ୍ତି। ସେ ଘନଘନ ବରୀ ଅଞ୍ଚଳକୁ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମ ଓ ଭୋଜି ମାଧ୍ୟମରେ ଲୋକଙ୍କ ସହ ଆଲୋଚନା କରୁଛନ୍ତି। ଏପରି କି ଆଗାମୀ ସାଧାରଣ ନିର୍ବାଚନରେ ବରୀରୁ ଶାସକ ଦଳରୁ ପ୍ରାର୍ଥୀ ହୋଇ ଲଢ଼ିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଦେବାଶିଷ କେଉଁ ଦଳରୁ ପ୍ରାର୍ଥୀ ହେବେ ତାହାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେ ୨ ମାସ ପୂର୍ବରୁ ବରୀ ବ୍ଲକ୍ ଅଧୀନ ଅମଠପୁର, ମହାକାଳପଡ଼ା ପଞ୍ଚାୟତକୁ ଆସି ନିଜର ଅନୁଗତମାନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ପୁଣି ଚଳିତ ସପ୍ତାହରେ ଅଙ୍ଗାଳୋ ପଞ୍ଚାୟତର ଅରିଲୋ ଓ ଧାରପୁର ପଞ୍ଚାୟତର ଦୁଇଟି ଭୋଜିରେ ଯୋଗଦେବା ସହ ନିଜର ଅନୁଗତମାନଙ୍କ ସହ ଆଲୋଚନା କରିଛନ୍ତି। ଏକଥା ଜାଣିବା ପରେ ଦେବାଶିଷ ବରୀକୁ ଫେରିବେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।



ଲୋକଙ୍କ ସହ ଦେବାଶିଷ ନାୟକ ଆଲୋଚନା କରୁଛନ୍ତି।

ଦେବାଶିଷ ଲଗାତର ଭାବେ ୪ ଥର ବିଧାୟକ ହୋଇଥିଲେ। ନବୀନ ପଟ୍ଟନାୟକଙ୍କ ଅନୁଗତ ଥିବାରୁ ଟିକେଟ ହାତେଇବାରେ ସେ ସକ୍ଷମ ହୋଇଥିଲେ। ମାତ୍ର ୨୦୧୯ ସାଧାରଣ ନିର୍ବାଚନରେ ସେ ଶାସକ ଦଳର ପ୍ରାର୍ଥୀ ହେବେ ବୋଲି ବିଭିନ୍ନ ସଭା ସମିତିରେ ମନ୍ତବ୍ୟ ଦେଇଥିଲେ ମଧ୍ୟ ଦଳ ସଭାପତି ତାଙ୍କୁ ଟିକେଟ ଦେଇ ନ ଥିଲେ। ଭାଜପା ସମର୍ଥିତ ବରୀ ବ୍ଲକ୍‌ର ଅଧ୍ୟକ୍ଷା ସୁନନ୍ଦା ଦାସଙ୍କୁ ବିଜେଡି ଦଳରେ ସାମିଲ କରି ଟିକେଟ ଦେଇଥିଲା। ଫଳରେ ସେ ଏବେ ବିଧାୟିକା ହୋଇଛନ୍ତି। ସୁନନ୍ଦା ବିଧାୟିକା ନିର୍ବାଚିତ ହେବା ପରେ ବରୀ ଅଞ୍ଚଳର ଜନସାଧାରଣଙ୍କ ନିକଟତର ହେବାରେ ଲାଗିଛନ୍ତି। ଅପରପକ୍ଷରେ ଏବେ ନବୀନ ମହିଳାଙ୍କୁ ଅଗ୍ରାଧିକାର ଦେଉଥିବାବେଳେ ଦେବାଶିଷଙ୍କ ପ୍ରତି ଦଳ କ'ଣ ବିଚାର କରୁଛନ୍ତି ତାହା ଦେଖିବାକୁ ବରୀବାସୀଙ୍କ ଅପେକ୍ଷା ରହିଛି। ଏ ସମ୍ପର୍କରେ ଦେବାଶିଷଙ୍କୁ ପଚାରିବାରେ ସେ କହିଛନ୍ତି, ଦଳ ଗଠନ କ୍ଷେତ୍ରରେ ତାଙ୍କର ଭୂମିକା ରହିଛି। ହେଲେ ଗତ ସାଧାରଣ ନିର୍ବାଚନରେ ତାଙ୍କୁ ଦଳୀୟ ଟିକଟ ଦିଆଯାଇ ନ ଥିଲା। କିନ୍ତୁ ଆଗାମୀ ସାଧାରଣ ନିର୍ବାଚନରେ ବରୀରୁ ବିଜେଡି ଟିକଟରେ ଲଢ଼ିବେ ବୋଲି ସେ ପ୍ରକାଶ କରିଛନ୍ତି।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ କବିତା



@ ସିଦ୍ଧାର୍ଥ



@ ସମୟ



@ ହିମାଂଶୁ



@ ଭୋଳା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଏସ୍‌ସିବି ମେଡିକାଲ କଲେଜକୁ ଦାନ କରାଗଲା ଜ୍ୟୋତ୍ସ୍ନା ବୋଷଙ୍କ ମୃତଦେହ

କେନ୍ଦ୍ରାପଡ଼ା ଅଫିସ, ୨୫।୨



କେନ୍ଦ୍ରାପଡା ସହରର ବଡହାଟସ୍ଥିତ ସ୍ୱର୍ଗତ ସୁନିଲ କୁମାର ବୋଷଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାଙ୍କ ମୃତଦେହ ଏସିସିବି ମେଡିକାଲ କଲେଜକୁ ଶୁକ୍ରବାର ଦାନ କରାଯାଇଛି। ଏହି ମୃତଦେହକୁ ଡାକ୍ତର ଶିକ୍ଷାର୍ଥୀ ବିଭିନ୍ନ ପରୀକ୍ଷା ନିରୀକ୍ଷା କରିପାରିବେ । ୨୦୨୨ ଫେବୃୟାରୀ ୧୪ରେ କେନ୍ଦ୍ରାପଡ଼ା ଜିଲାର ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶରୀର ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଜ୍ୟୋତ୍ସ୍ନା ଡାକ୍ତର ଶିକ୍ଷାର୍ଥୀଙ୍କ ପରୀକ୍ଷା ପାଇଁ ମୃତହେଦ ଦାନ କରିବାକୁ ସ୍ୱୀକୃତୀ ପ୍ରଦାନ କରିଥିଲେ। ଏସମ୍ପର୍କରେ ଟ୍ରଷ୍ଟ ସଭାପତି ଦମନ କୁମାର ମହାନ୍ତି କହିଛନ୍ତି, ଶିବିରରେ ତାଙ୍କର ୩ ଝିଅ ଓ ଜ୍ୱାଇଁଙ୍କ ଉପସ୍ଥିତିରେ ଏହି ଚୁକ୍ତି ହୋଇଥିଲା । ଶୁକ୍ରବାର ତାଙ୍କର ବିୟୋଗ ପରେ ଟ୍ରଷ୍ଟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ସହିତ ଝିଅ ଓ ଜ୍ୱାଇଁଙ୍କ ଉପସ୍ଥିତିରେ ଏସ୍‌ସିବି ମେଡ଼ିକାଲ କଲେଜକୁ ମୃତଦେହ ପ୍ରଦାନ କରାଯାଇଛି । ସାମ୍ପ୍ରତିକ ସମୟରେ ଶିକ୍ଷାର୍ଥୀଙ୍କ ପରୀକ୍ଷା ଅଭିଜ୍ଞତା ପାଇଁ ମୃତଦେହର ଆବଶ୍ୟକତା ରହିଛି। ଏହି ସମସ୍ୟାର ସମାଧାନ ପାଇଁ ଟ୍ରଷ୍ଟ ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇ ୧୦୧ ଜଣଙ୍କଠାରୁ ସ୍ୱକୃତୀ ନିଆଯାଇଛି।

**SUMMONS FOR SETTLEMENT OF ISSUES**
Under Order V Rule 20 CPC 1908
IN THE COURT OF SENIOR CIVIL JUDGE, ROURKELA
Civil Suit No. 72 / 2015
Vijaya Bank (Now Bank of Baroda) ...Plaintiff
: Versus :
Sri Gurinder Singh Sharma and Another ...Defendants
To,
1. **Sri Gurinder Singh Sharma,** S/o- Tarlok Singh Sharma, C/o: Sharma Electricals, Power House Road, Rourkela, P.S.: Plantsite, Dist.: Sundargarh, Odisha.
2. **Sri Subrata Chatterjee,** S/o- B.K. Chotterjee, Resident of Qrs. No.- B/408, Koelnagar, Rourkela-14, P.S.: Jhirpani, Dist: Sundargarh, Odisha, vide PL No. 941366 office of Horticulture Deptt., IG Park SAIl Rourkela.

Whereas you are avoiding the process of the court to receive the summons and Whereas ***the Plaintiff*** has instituted a suit against you, you are hereby summoned to appear in this Court in person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **27th day of March 2023 at 10.30 A.M.** O' Clock in the fore noon, to answer the claim, and you are directed to produce on that day all the documents upon which you intend to rely in support of your defence.

Take notice that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this the **13th Day of December, 2022.**

S/d- Sr. Civil Judge
ROURKELA

## ସଂକ୍ଷେପରେ

### ହରିଣ ଶାବକ ଉଦ୍ଧାର



**ଗଣିଆ,୨୫।୨(ଡି.ଏନ୍.ଏ.):** ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳରେ ଶନିବାର ଏକ ହରିଣ ଶାବକ ଉଦ୍ଧାର ହୋଇଛି। ବନାଞ୍ଚଳ କାର୍ଯ୍ୟାଳୟରେ ଶାବକଟିର ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜଙ୍ଗଲରେ ଛଡ଼ାଯିବ ବୋଲି ବନବିଭାଗ କହିଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ମଧ୍ୟାହ୍ନରେ ହରିଣ ଶାବକଟି ମା ହରିଣ ସହ ଗୋପିନାଥପୁର ଗାଁ ନିକଟକୁ ଚାଲିଆସିଥିଲା। ବୁଲା କୁକୁର ଗୋଡାଇବା ଯୋଗୁ ମା'ହରିଣଟି ଜଙ୍ଗଲକୁ ପଳାଇଥିବା ବେଳେ ଶାବକଟି ଗାଁର ସତ୍ୟବାଦୀ ନାୟକଙ୍କ ଘରେ ପଶିଯାଇଥିଲା। ସତ୍ୟବାଦୀ ବନ ବିଭାଗକୁ ଖବର ଦେବା ପରେ ଫରେଷ୍ଟର ସଞ୍ଜୟ କୁମାର ରାଉତ ଓ ବନକର୍ମଚାରୀମାନେ ହରିଣ ଶାବକକୁ ଉଦ୍ଧାର କରି ବନାଞ୍ଚଳ କାର୍ଯ୍ୟାଳୟକୁ ନେଇଥିଲେ।

### ଜାତୀୟସ୍ତରରେ ସ୍କାଉଟ୍, ଗାଇଡ୍ ଛାତ୍ରୀଛାତ୍ରଙ୍କ ସଫଳତା

**ରଣପୁର,୨୫।୨(ସ୍ୱ.ପ୍ର.):** ନୟାଗଡ଼ ଜିଲାରେ ରଣପୁରରେ ଥିବା ଚାରିୟଟ ପବ୍ଲିକ ସ୍କୁଲ ରାଜ୍ୟ ଭାରତ ସ୍କାଉଟ୍ ଏବଂ ଗାଇଡ୍ ଦ୍ୱାରା ମନୋନୀତ ହୋଇ ଜାତୀୟସ୍ତରରେ କବ ବୁଲବୁଲ ଉତ୍ସବ ଓ ଗୋଲଡେନ ଆରୋ ଆୱାର୍ଡ ଉତ୍ସବରେ ଯୋଗ ଦେଇ ସଫଳତା ହାସଲ କରିଛନ୍ତି। ହରିୟାଣାର ଗୋଦପୁରସ୍ଥିତ ଜାତୀୟ ପ୍ରଶିକ୍ଷଣ କେନ୍ଦ୍ରଠାରେ ୧୮ଟି ରାଜ୍ୟର କବ ବୁଲବୁଲ ଯୋଗ ଦେଇଥିଲେ। ଓଡିଶାର କବ ବୁଲବୁଲମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଗ୍ରୁପ ଡ୍ୟାନ୍ସ ଓ ରେଡ ଫ୍ଲାୱାର ନୃତ୍ୟ ପ୍ରତିଯୋଗିତାରେ ରଣପୁର ଚାରିୟଟ ପବ୍ଲିକ୍ ସ୍କୁଲର ୯ ଜଣ କବ ବୁଲବୁଲ ପ୍ରଥମ ସ୍ଥାନ ଅଧିକାର କରିବା ସହିତ ଗୋଲଡେନ ଆରୋ ଆୱାର୍ଡ ହାସଲ କରିଛନ୍ତି। ଶନିବାର ଏହି ଛାତ୍ରୀଛାତ୍ରମାନେ ରଣପୁରରେ ପହଞ୍ଚିବା ପରେ ନିକଟସ୍ଥ ପଞ୍ଚୁଦଲ ପଡିଆରୁ ସେହି ଛାତ୍ରୀଛାତ୍ରମାନଙ୍କୁ ଶୋଭାଯାତ୍ରାରେ ବିଦ୍ୟାଳୟ ପର୍ଯ୍ୟନ୍ତ ଅଣାଯାଇଥିଲା। ସେଠାରେ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ସ୍କୁଲର ଅଧକ୍ଷା ସୁଜାତା ପ୍ରଧାନଙ୍କ ନେତୃତ୍ୱରେ ଆୟାସା ଅଭିଲିପ୍ସା, ଅମ୍ରିତ କୁମାର ସ୍ୱାଇଁ, ଶିବ ପ୍ରସାଦ ସେନାପତି, ଅକ୍ଷୟ ମହାକୁଡ଼, ସୂର୍ଯ୍ୟ ନାରାୟଣ ପୃଷ୍ଟି, ପ୍ରହ୍ଲାଦ ରାଉତରାୟ, ପ୍ରମୁକ୍ତା କିରଣ ପ୍ରମୁଖ କୃତୀ ଛାତ୍ରୀଛାତ୍ର ଟ୍ରଫି ଓ ସାର୍ଟିଫିକେଟ ହାସଲ କରିଛନ୍ତି। ବିଦ୍ୟାଳୟର ଚେୟାରମ୍ୟାନ ପ୍ରଭାତ କୁମାର ପ୍ରଧାନଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକମାନେ ଛାତ୍ରଛାତ୍ରୀଙ୍କୁ ପାଛୋଟି ଆଣିଥିଲେ। ସ୍କାଉଟ ଗାଇଡ଼ ରାଜ୍ୟ ସଂଯୋଜକ ରବୀନ୍ଦ୍ର କୁମାର ନାୟକ ଉପସ୍ଥିତ ଥିଲେ।

### ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ

**ଭଞ୍ଜନଗର,୨୫।୨(ଡି.ଏନ୍.ଏ.):** ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ପଟାଧାର ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ଡିସେମ୍ବର ୭ ତାରିଖରେ ସୁରଟରେ ତାଙ୍କ ପଡ଼ୋଶୀ ବଳାତ୍କାର କରିବା ପରେ ହତ୍ୟା କରିଥିଲେ। ଏହି ମାମଲାର ଶୁଣାଣି କରି ସୁରଟ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଶୁକ୍ରବାର ସନ୍ଧ୍ୟାରେ ରାୟ ପ୍ରକାଶ ପାଇଛି। ବିଚାରପତି ଅଭିଯୁକ୍ତ ମୁକେଶ ପାଞ୍ଚାଲଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ନାବାଳିକାଙ୍କ ପରିବାରକୁ ୨୩ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ପଟାଧାର ଅଞ୍ଚଳର ଏକ ପରିବାର ସୁରଟରେ ବହୁ ବର୍ଷ ଧରି ରହିଆସୁଛନ୍ତି। ଗତ ଡିସେମ୍ବର ୭ରେ ନାବାଳିକାଙ୍କ ବାପା ବାହାରକୁ କାମ କରିବାକୁ ଯାଇଥିବା ବେଳେ ମା'ଙ୍କ ସହ ନାବାଳିକା ଘରେ ଥିଲେ। ଏହି ସମୟରେ ତାଙ୍କ ପଡ଼ୋଶୀ ମୁକେଶ ନାବାଳିକାଙ୍କୁ ତାଙ୍କ ମା'ଙ୍କ ଅଜାଣତରେ ଡାକି ନେଇ ବଳାତ୍କାର କରିବା ପରେ ହତ୍ୟା କରିଥିଲେ। ଧରାପଡ଼ିଯିବା ଭୟରେ ନାବାଳିକାଙ୍କ ମୃତଦେହକୁ ଏକ ବସ୍ତାରେ ବାନ୍ଧି ଖଟ ତଳେ ରଖିଦେଇଥିଲେ। ମଧ୍ୟାହ୍ନରେ ନାବାଳିକାଙ୍କ ପିତା ଘରକୁ ଫେରି ଝିଅକୁ ଖୋଜିଥିଲେ। ଝିଅକୁ ନ ପାଇବାରୁ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସିସିଟିଭିକୁ ଆଧାର କରି ଅଭିଯୁକ୍ତଙ୍କୁ ସେହିଦିନ ଗିରଫ କରିବା ସହିତ ନାବାଳିକାଙ୍କ ମୃତଦେହ ଜବତ କରିଥିଲା।

# ସପ୍ତମ ବେତନ କମିଶନ ଆପ୍ରୁଭାଲରେ ଅନିୟମିତତା

- ୧୪ ହାଇସ୍କୁଲ ଆପ୍ରୁଭାଲ ଅର୍ଡର ପାଇ ନାହାନ୍ତି
- ୨୩ କ୍ରୀଡା ଶିକ୍ଷକଙ୍କ ପୋଷ୍ଟ ଆପ୍ରୁଭାଲକୁ ଅନୁକମ୍ପା
- ବର୍ଦ୍ଧିତ ଦରମାରୁ ଅଧିକ ନେଇ ଫସିଛନ୍ତି କ୍ରୀଡ଼ା ଶିକ୍ଷକ
- ଅନିୟମିତତାକୁ ଅସ୍ୱୀକାର କଲେ ଡିଇଓ

**ନୟାଗଡ଼ ଅଫିସ,୨୫।୨**

ସପ୍ତମ ବେତନ କମିଶନ ଆଧାରରେ ଦରମା ଦେବା ପାଇଁ ପୋଷ୍ଟ ଆପ୍ରୁଭାଲରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ୫୭ ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲରୁ ୪୩ଟି ସ୍କୁଲର କର୍ମଚାରୀମାନେ ଆପ୍ରୁଭାଲ ଅର୍ଡର ପାଇ ସାରିଛନ୍ତି। ତେବେ ୧୪ ହାଇସ୍କୁଲକୁ ଆପ୍ରୁଭାଲ ଅର୍ଡର ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି ବୋଲି ଅଭିଯୋଗ ରହିଛି। ସେହିଭଳି ୨୩ କ୍ରୀଡ଼ା ଶିକ୍ଷକଙ୍କୁ ଅନୁକମ୍ପା ଦେଖାଇ ପୋଷ୍ଟ ଆପ୍ରୁଭାଲ କରାଯାଇଥିବା ଅନୁରୂପ ଅଭିଯୋଗ ହୋଇଛି। ସପ୍ତମ ବେତନ କମିଶନ ଆଧାରରେ ଫିକ୍ସ ହୋଇଥିବା ଦରମାଠାରୁ ୨୩ କ୍ରୀଡ଼ା ଶିକ୍ଷକ ଅଧିକ ଦରମା ନେଇଥିବାରୁ ଏହା ଅସୁବିଧା ସୃଷ୍ଟି କରୁଥିବା କୁହାଯାଉଛି। ତେବେ ସପ୍ତମ ବେତନ କମିଶନ ଆଧାରରେ ଦରମା ଦେବା ପାଇଁ ପୋଷ୍ଟ ଆପ୍ରୁଭାଲରେ ଅନିୟମିତତା ହୋଇ ନ ଥିବା ଜିଲା ଶିକ୍ଷା ଅଧିକାରୀ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ଜିଲାରେ ୫୭ ନୂତନ ଅନୁଦାନ ପ୍ରାପ୍ତ ହାଇସ୍କୁଲର ୭୦୦ କର୍ମଚାରୀ ରହିଛନ୍ତି। ଏଥିରୁ ୪୩ଟି ସ୍କୁଲର ଶିକ୍ଷକ ଓ କର୍ମଚାରୀ ଆପ୍ରୁଭାଲ ଅର୍ଡର ପାଇଛନ୍ତି। ତେବେ ସମ୍ପୃକ୍ତ ସ୍କୁଲର ହିନ୍ଦୀ, ସଂସ୍କୃତ ଓ ଖେଳ ଶିକ୍ଷକ ବାଦ୍ ପଡିଛନ୍ତି। ଅନ୍ୟପକ୍ଷେ ୧୪ ସ୍କୁଲ ଆପ୍ରୁଭାଲ ଅର୍ଡର ପାଇ ନାହାନ୍ତି। ଆପ୍ରୁଭାଲ ଅର୍ଡର ଦଶପଲ୍ଲା ବ୍ଲକର ୮ଟି ହାଇସ୍କୁଲରୁ ୭ଟି ପାଇଛନ୍ତି। ଦଶପଲ୍ଲା ବ୍ଲକର ଭୋଗବାଡ଼ି ହାଇସ୍କୁଲ ବାଦ ପଡଛି। ନୂଆଗାଁ ବ୍ଲକର ୭ଟି ହାଇସ୍କୁଲରୁ ଜାକେଡା ଓ ବକଳବନ୍ଧ ହାଇସ୍କୁଲ ବାଦ୍ ପଡିଛି। ଗଣିଆ ବ୍ଲକରେ ୨ଟି ହାଇସ୍କୁଲ ଆପ୍ରୁଭାଲ ଅର୍ଡର ପାଇଛନ୍ତି। ସେହିଭଳି ଭାପୁର ବ୍ଲକରେ ଦୁଇଟି ହାଇସ୍କୁଲ ମଧ୍ୟରୁ କରବର ବାଳିକା ଉଚ୍ଚ ବିଦ୍ୟାଳୟର ଆପ୍ରୁଭାଲ ହୋଇନି। ପୁଣି ନୟାଗଡ଼ ବ୍ଲକର ୫ଟି ସ୍କୁଲରୁ ଗମ୍ଭାରିଡିହି ହାଇସ୍କୁଲ ବାଦ୍ ପଡିଛି। ଓଡ଼ଗାଁ ବ୍ଲକର ୬ ହାଇସ୍କୁଲରୁ କଳାକାହ୍ନୁ ହାଇସ୍କୁଲ ଓ ଗୋଡିପଲ୍ଲୀ ହାଇସ୍କୁଲ ମଧ୍ୟ ଆପ୍ରୁଭାଲ ହୋଇନି। ଖଣ୍ଡପଡ଼ା ବ୍ଲକର ୧ସ୍କୁଲରୁ ବିରିଡିହି ଓ ଦୁଃଖୀପଲ୍ଲୀ ହାଇସ୍କୁଲ ଆପ୍ରୁଭାଲ ହୋଇନି। ରଣପୁର ବ୍ଲକର ୧୨ଟି ହାଇସ୍କୁଲରୁ ଚମ୍ପାଗଡ଼, ବାରଙ୍ଗଗାଡ଼ିଆ, ଲାଖପଡା, ନରେନ୍ଦ୍ରପୁର, ମହତପଲ୍ଲୀ ପରି ୫ ହାଇସ୍କୁଲ ମଧ୍ୟ ଆପ୍ରୁଭାଲ ହୋଇନି। ଅପରପକ୍ଷେ ସପ୍ତମ ବେତନ କମିଶନର ବିଜ୍ଞପ୍ତି ୨୦୨୨ ଜାନୁୟାରୀ ୧୧ରେ ପ୍ରକାଶ ପାଇଥିଲା। ମୋଡାଲିଟି ଭୁଲ ଥିବାରୁ ମାଧ୍ୟମିକ ଶିକ୍ଷକ ସଂଘ ବିରୋଧ କରି ସଂଶୋଧିତ ବିଜ୍ଞପ୍ତି ପ୍ରକାଶ କରିବାକୁ ଦାବି କରିଥିଲା। ତେବେ ବିଜ୍ଞପ୍ତି ପ୍ରକାଶ ପୂର୍ବରୁ ୨୩ ଖେଳ ଶିକ୍ଷକ ପୋଷ୍ଟ ଆପ୍ରୁଭାଲ କରି ୨୦୨୨ ନଭେମ୍ବରରେ ଦରମା ପ୍ରଦାନ କରାଯାଇଥିବା ଅଭିଯୋଗ ରହିଛି। ସେ ସମୟରେ ୨୩ କ୍ରୀଡା ଶିକ୍ଷକ ଦରମା ନେଇ ଯାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସଂଶୋଧିତ ବିଜ୍ଞପ୍ତି ୧୦।୧।୨୦୨୩ରେ ପ୍ରକାଶ ପାଇଥିଲା। ସଂଶୋଧିତ ବିଜ୍ଞପ୍ତି ପ୍ରକାଶ ପରେ ୨୩ କ୍ରୀଡା ଶିକ୍ଷକ ଅଧିକ ଦରମା ନେଇଥିବା ଜଣାପଡିଛି। ଯାହା ତଦନ୍ତ ସାପେକ୍ଷ। ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ଜିଲା ସମ୍ପାଦକ ମାଣିକେଶ୍ୱର ସ୍ୱାଇଁଙ୍କୁ ପଚାରିବାରୁ କୁହନ୍ତି, ଅନ୍ୟ ଶିକ୍ଷା ଜିଲାରେ ସପ୍ତମ ବେତନ କମିଶନର ଦରମା ମିଳି ସାରିଲାଣି। ତେବେ ନୟାଗଡ଼ ଜିଲାରେ ସପ୍ତମ ବେତନ କମିଶନର ଦରମା ଦେବାରେ ବିଳମ୍ବ କରାଯିବାର କାରଣ ବୁଝା ପଡୁନି। ଜିଲାର ୫୭ ବିଦ୍ୟାଳୟରୁ ୪୩ ବିଦ୍ୟାଳୟର କର୍ମଚାରୀମାନଙ୍କ ସପ୍ତମ ବେତନ କମିଶନ ଆଧାରରରେ ଦରମା ଦେବାପ ।ଇଁ ପୋଷ୍ଟ ଆପ୍ରୁଭାଲ କରାଯାଇଛି। ବାକି ୧୪ ବିଦ୍ୟାଳୟର କର୍ମଚାରୀଙ୍କ ଆପ୍ରୁଭାଲ ପାଇଁ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। କାରଣ କ'ଣ ପଚାରଲେ ଉତ୍ତର ମିଳୁନି। ଏଣୁ ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ କୁହନ୍ତି, ସପ୍ତମ ବେତନ କମିଶନ ଆଧାରରେ ଦରମା ଦେବା ପାଇଁ ପୋଷ୍ଟ ଆପ୍ରୁଭାଲରେ ଅନିୟମିତତା ହୋଇଥିବା ଅଭିଯୋଗର ସତ୍ୟତା ନାହିଁ। କେତେଜଣ ଶିକ୍ଷକ ନିଜକୁ ନେତା ବୋଲି ପ୍ରମାଣ ଦେବା ପାଇଁ ଅଯଥାରେ ବିବାଦୀୟ ପରିସ୍ଥିତି ସୃଷ୍ଟି କରୁଛନ୍ତି। ସପ୍ତମ ବେତନ କମିଶନ ଆଧାରରେ ଦରମା ଦେବା ପାଇଁ ପର୍ଯ୍ୟାୟ କ୍ରମେ କାମ ଚାଲୁ ରହିଛି। ସବୁ ସ୍କୁଲ ଏଥିରେ ସାମିଲ ହେବେ ବୋଲି କହିଛନ୍ତି।

# କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା




ଉତ୍ସବରେ ଯୋଗଦେଇଥିବା ଅତିଥି।

**ଦଶପଲ୍ଲା,୨୫।୨(ଡି.ଏନ.ଏ.)**

ଦଶପଲ୍ଲା ଚଳଚ୍ଚିତ୍ର ମହୋତ୍ସବ କମିଟି (ଚମକ) ଏବଂ ଫେସବୁକ ପେଜ ଆମ ନୟାଗଡ଼ର ମିଳିତ ସହଯୋଗରେ ଶୁକ୍ରବାରଠାରୁ ଲୋକକଳା ଗ୍ରାମ, କୁଞ୍ଜବନଗଡ଼, ମହାବୀର କ୍ଷେତ୍ର, ଦଶପଲ୍ଲାଠାରେ ପ୍ରଥମ ରାଜ୍ୟସ୍ତରୀୟ ସଚେତନତା ମୂଳକ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ-୨୦୨୩ ଆରମ୍ଭ ହୋଇଛି। ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁ ଉକ୍ତ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ରୁପେ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରିୟବ୍ରତ ସାହୁ , ସମ୍ମାନନୀୟ ଅତିଥି ରୁପେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରର ଯୁଗ୍ମ ନିର୍ଦ୍ଦେଶକ ସନାତନ ପଣ୍ଡା, ଜିଲା ପରିଷଦ ସଭ୍ୟ ବସନ୍ତ ପ୍ରଧାନ ଏବଂ ହରିଶ୍ଚନ୍ଦ୍ର ଯାନୀ ପ୍ରମୁଖ ଉପସ୍ଥିତ ଥିଲେ। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଶରତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଚନ୍ଦ୍ରବିଜୟୀ ମିଶ୍ର ସଂଯୋଜନା କରିଥିଲେ। ହାଡିବନ୍ଧୁ ମହାକୁଡ଼ ପରିଚୟ ପ୍ରଦାନ କରିଥିଲେ। କମିଟି ସମ୍ପାଦିକା ଶୁଭଶ୍ରୀ ସନମ ଦାଶ ଉପସ୍ଥିତ ଥିଲେ।

# ପୋଲିସ ଅଭିଯୋଗ ନ ରଖିବାରୁ ମହିଳା କମିଶନଙ୍କୁ ଫେରାଦ

**ଡିଇଓଙ୍କ ଅଫିସରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର ଘଟଣା**

**ନୟାଗଡ଼ ଅଫିସ,୨୫।୨**

ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ମିନତୀ କୁମାରୀ ତ୍ରିପାଠୀଙ୍କୁ ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟରେ ଦୁର୍ବ୍ୟବହାର କରାଯାଇଥିଲା। ଏହାପରେ ସେ ନୟାଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ। ହେଲେ ପୋଲିସ ସେହି ଏତଲାକୁ ଫେରାଇ ଦେଇଥିଲେ। ଏହାକୁ ନେଇ ପ୍ରଧାନ ଶିକ୍ଷୟିତୀ ମହିଳା କମିଶନ, ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ନୟାଗଡ଼ ଜିଲାପାଳ, ନୟାଗଡ ଏସ୍‌ପିଙ୍କୁ ଅବଗତ କରାଇ ନ୍ୟାୟ ପାଇଁ ନିବେଦନ କରିଛନ୍ତି।

ପ୍ରଧାନଶିକ୍ଷୟିତ୍ରୀଙ୍କ ଅଭିଯୋଗ ଅନୁସାରେ ସପ୍ତମ ବେତନ କମିଶନ ଆଧାରରେ ଦରମା ଦେବା ପାଇଁ ନୟାଗଡ଼ ଜିଲାର ୫୭ ନୂତନ ଅନୁଦାନ ପ୍ରାପ୍ତ ହାଇସ୍କୁଲର ଆପ୍ରୁଭାଲ ଅର୍ଡର ଦିଆ ଯାଉଛି। ଏ ସମ୍ପର୍କିତ ନିର୍ଦ୍ଦେଶ ନାମା ନେବାକୁ ପ୍ରଧାନଶିକ୍ଷୟିତ୍ରୀ ଗତ ୨୧ ତାରିଖରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଅର୍ଡର କପି ବଣ୍ଟନ ଦାୟିତ୍ୱରେ ଥିବା କିରାଣୀଙ୍କୁ ମାଗିଥିଲେ। କିରାଣୀ ଅର୍ଡର କପି ନ ଦେବାରୁ ପ୍ରଧାନଶିକ୍ଷୟିତ୍ରୀ କପି ନ ଦେବାର କାରଣ ପଚାରିଥିଲେ। ହେଲେ ସନ୍ତୋଷଜନକ ଉତ୍ତର ନ ପାଇ ପ୍ରତିବାଦ କରିଥିଲେ। ନିକଟରେ ଥିବା କେତେଜଣ ଲୋକଙ୍କ ହସ୍ତକ୍ଷେପ ପରେ କିରାଣୀ ୨୨ ତାରିଖରେ କପି ଦେବାକୁ ରାଜି ହୋଇଥିଲେ। ୨୨ ତାରିଖରେ ସ୍ୱାମୀଙ୍କ ସହ ମିଶି କପି ମାଗିବାକୁ ଗଲାବେଳେ କିରାଣୀ କିପି ନ ଦେଇ ଖରାପ ବ୍ୟବହାର ଦେଖାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ୫ ହଜାର ଟଙ୍କା ମାଗିଥିଲେ। ଟଙ୍କା ଦେବାକୁ ମନା କରିବା ପରେ ଅଫିସରୁ କାଢ଼ି ଦେବାକୁ ଉଦ୍ୟମ କଲେ। ସ୍ୱାମୀ ପ୍ରତିବାଦ କରିବାରୁ ସେ ଆମ ଦୁହିଁଙ୍କୁ ମାରପିଟ୍ କରି କାଢ଼ିଦେଲେ। ଜିଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ଅଭିଯୋଗ କରିବାକୁ ଯିବାରୁ ନିଲମ୍ବିତ କରିବେ ଧମକ ଦେଇ ଅଫିସରୁ ବିଦା କରିଦେଇଥିଲେ। ପରେ ଏନେଇ ପ୍ରଧାନଶିକ୍ଷୟିତ୍ରୀ ନୟାଗଡ ଟାଉନ ଥାନାରେ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ନ ରଖି ଘଟଣାର ସମାଧାନ କରିବାକୁ କହି ଅଭିଯୋଗକୁ ଅଣଦେଖା କରିଥିଲେ। ତେବେ ପିଛିଲା ତାରିଖ ପକାଇ ଜିଲା ଶିକ୍ଷା ଅଧିକାରୀ ମୋ ସ୍ୱାମର ତଥା ଜାକେଡା ସ୍କୁଲର କନିଷ୍ଠ କିରାଣୀ ରବୀନ୍ଦ୍ର ହୋତାଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଯେଉଁଥିରେ ସରକାରୀ କାର୍ଯ୍ୟ ବାଧା ସୃଷ୍ଟି କରି ଡିଇଓ ଅଫିସର କିରାଣୀଙ୍କୁ ଆକ୍ରମଣ କରାଯାଇଥିବାର ଅଭିଯୋଗ ରହିଛି। ଭୁଲ ନ ଥାଇ ମୋତେ ଓ ମୋର ସ୍ୱାମୀଙ୍କୁ ହଇରାଣ ହରକତ କରାଯାଉଥିବା ଦର୍ଶାଯାଇଛି। ଏନେଇ ନୟାଗଡ ଟାଉନ ଥାନାର ଏସଆଇ ଧର୍ମେନ୍ଦ୍ର ଶିଆଳଙ୍କୁ ପଚାରିବାରୁ କହିଥିଲେ ପ୍ରଧାନଶିକ୍ଷୟିତ୍ରୀଙ୍କ ଅଭିଯୋଗ ମିଥ୍ୟା ବୋଲି ଜଣାପଡ଼ିଛି। ଅନ୍ୟପକ୍ଷେ ଘଟଣାର ସମାଧାନ ଡିଇଓ କରିବେବୋଲି କହିବା ପରେ ଅଭିଯୋଗ ରଖା ଯାଇ ନାହିଁ ବୋଲି କହିଛନ୍ତି। ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ କୁହନ୍ତି ସପ୍ତମ ବେତନ କମିଶନ ଆଧାରରେ ନୂତନ ଅନୁଦାନ ପ୍ରାପ୍ତ ହାଇସ୍କୁଲ ଆପ୍ରୁଭାଲ ଅର୍ଡର ବଣ୍ଟନ ହେଉଛି। ତେବେ ସରକାରୀ କାର୍ଯ୍ୟରେ ବାଧା ଦେବାରୁ କାରଣଦର୍ଶାଅ ନୋଟସ୍ ଜାରି ହୋଇଥିବା କହିଛନ୍ତି। କାହାରିକୁ ହଇରାଣ ହରକତ କରାଯାଉ ନାହିଁ ବୋଲି ସେ କହିଛନ୍ତି।

# ବଢ଼ିଲା ବିଜେଡି ନେତା ଗୟାଧରଙ୍କ ଅଡୁଆ

**ବହୁ ଚର୍ଚ୍ଚିତ ଗୁରୁବାରୀ କଅଁର ହତ୍ୟା ମାମଲା**

ସୁପ୍ରିମକୋର୍ଟରେ ହାଇକୋର୍ଟର ରାୟ କାଏମ୍ ରହିଛି

**ନୟାଗଡ଼ ଅଫିସ/ଭାପୁର, ୨୫।୨(ଡି.ଏନ୍.ଏ.)**

ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟ କାଏମ ରଖିବା ପରେ ନୟାଗଡ଼ ଜିଲା ଭାପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ବହୁ ଚର୍ଚ୍ଚିତ ଗୁରୁବାରୀ କଅଁର ହତ୍ୟା ମାମଲାରେ ଭାପୁର ବ୍ଲକ ବିଜେଡି ସଭାପତି ତଥା ପୂର୍ବତନ ଭାପୁର ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡ଼ାଙ୍କ ଅଡୁଆ ବଢ଼ିଛି। ମାଡ୍ରାସ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ତଥା ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଏସ. ନାଗା ମୁଥୁଙ୍କ ସୂଚନା ଅନୁଯାୟୀ, ୨୦୧୨ ଜୁନ ୧୩ରେ ରାଜନୈତିକ ଆକ୍ରୋଶରୁ ଭାପୁର ତହସିଲ ଅଫିସ ନିକଟରେ ପୂର୍ବତନ ଅଧ୍ୟକ୍ଷ ଗୁରୁବାରୀ କଅଁରଙ୍କୁ ହତ୍ୟା କରାଯାଇଥିଲା। ସେତେବେଳର ଭାପୁର ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡ଼ାଙ୍କ ନିର୍ଦ୍ଦେଶରେ ଏହି ହତ୍ୟାକାଣ୍ଡ ଘଟିଥିବା ମୃତ ଗୁରୁବାରୀଙ୍କ ପୁଅ ରାଜେନ୍ଦ୍ର କ୍ଷୀରାବ୍ଧି ତନୟାକାନ୍ତ ଅଭିଯୋଗ କରିଥିଲେ। ତେବେ ଆଇନର ଗଳାବାଟ ଦେଇ ଗୟାଧରଙ୍କ ସମେତ ୩ ଜଣ ଖସି ଯାଇଥିଲେ। ଚାର୍ଜଶିଟ୍‌ରୁ ପୋଲିସ ୩ଜଣଙ୍କ ନାଁ କାଟି ଦେଇଥିଲା। ତେବେ ଏତଲାକାରୀଙ୍କ ଲେଖା ତଥା ଗୁରୁବାରୀ ହତ୍ୟାର ୧୦ମ ସାକ୍ଷୀ ଜିତେନ୍ଦ୍ର କୁମାର ରଣସିଂ ଏନେଇ ନୟାଗଡ଼ ଅତିରିକ୍ତ ଜିଲା ଦୌରାଜଜଙ୍କ କୋର୍ଟରେ ପିଟିସନ ଦାଖଲ କରିଥିଲେ। ଗୟାଧରଙ୍କ ସମେତ ୩ଜଣ ହତ୍ୟାକାଣ୍ଡରେ ସଂପୃକ୍ତି ରହିଥିବା କେତେଜଣ ସାକ୍ଷ୍ୟ ଦେଇଥିଲେ ହେଁ ପୋଲିସ ସେମାନଙ୍କ ନାଁ କାଟି ଦେଇଥିବା ଦର୍ଶାଇ ଥିଲେ। କୋର୍ଟ ପିଟିସନକୁ ଗ୍ରହଣ କରି ୨୦୨୨ ଜୁନ ୨୮ରେ ଶୁଣାଣୀ କରିଥିଲେ। ଗୁରୁବାରୀ ହତ୍ୟା ଘଟଣାରେ ଗୟାଧରଙ୍କ ସମେତ ବିଜିପୁର ଗାଁର ଜ୍ୟୋତିରଞ୍ଜନ ପଣ୍ଡା ଓ ଫତେଗଡ ଗାଁର ଦାଶରଥି ଦାଶ ହତ୍ୟା ଅଭିଯୁକ୍ତ ବୋଲି ପ୍ରମାଣ ଥିବାରୁ ୩ଜଣଙ୍କ ନାଁ ଯୋଡିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷେ ୨୦୨୨ ଜୁଲାଇ ୧୫ରେ ହାଜର ହେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ଗୟାଧର ଓ ଜ୍ୟୋତି ରଞ୍ଜନ କୋର୍ଟରେ ହାଜର ନ ହୋଇ ମାମଲାକୁ ଖାରଜ କରିବାକୁ ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟ ସଂପୃକ୍ତ ମାମଲାର ଆବେଦନକୁ ଅଗ୍ରହ୍ୟ କରି ଦେଇଥିଲେ। ପରେ ଗୟାଧର ଓ ଜ୍ୟୋତି ରଞ୍ଜନ ପୁଣି ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ତେବେ ସୁପ୍ରିମକୋର୍ଟରେ ବିଚାରପତି ହୃଷୀକେଶ ରାୟ ଓ ଅରବିନ୍ଦ କୁମାରଙ୍କ ମିଳିତ ବେଞ୍ଚ ଶୁକ୍ରବାର ମାମଲାକୁ ପୁନଃ ଖାରଜ କରି ହାଇକୋର୍ଟଙ୍କ ରାୟକୁ କାଏମ ରଖିଛନ୍ତି। ଅନ୍ୟପକ୍ଷେ ମାମଲା ତଳକୋର୍ଟରେ ବିଚାରଧୀନ ଥିବାରୁ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବ ନାହିଁ ବୋଲି ମନା କରିଛନ୍ତି। ଏଣୁ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟ କାଏମ ରଖିବା ପରେ ତଳ କୋର୍ଟ ମାମଲାର ବିଚାର କରିବେ ବୋଲି କହିଛନ୍ତି।

# ବଢ଼ିଲା ନୟାଗଡ଼ ଛେନାପୋଡ଼ର ଚାହିଦା

- ଅଭିନେତା ଆୟୁଷ୍ମାନଙ୍କ ଟୁଇଟ୍ ବଢ଼ାଇଛି ଆଗ୍ରହ
- ପୁଣି ଜିଆଇ ଟ୍ୟାଗ୍ ଦାବି ତ୍ୱରାନ୍ୱିତ ହୋଇଛି

**ନୟାଗଡ଼ ଅଫିସ,୨୫।୨**

ଛେନାପୋଡ଼କୁ ନେଇ ଅଭିନେତା ଆୟୁଷ୍ମାନ ଖୁରାନାଙ୍କ ଟୁଇଟ୍ ନୟାଗଡ଼ର ଛେନାପୋଡ଼କୁ ଜିଓଗ୍ରାଫିକାଲ୍ ଇଣ୍ଡିକେଶନ(ଜିଆଇ) ଟ୍ୟାଗ୍ ମାନ୍ୟତାର ଦାବିକୁ ତ୍ୱରାନ୍ୱିତ କରିଛି। ଗତ ୧୫ରେ ଆୟୁଷ୍ମାନ ଖୁରାନା ଟୁଇଟ୍‌ରେ ଲେଖିଥିଲେ ଛୋନାପୋଡ଼ର ଅନ୍ଧକାର ପାର୍ଶ୍ୱ ସଫଳତାର ସହିତ ମୋର ଅନ୍ଧକାର ପାର୍ଶ୍ୱକୁ ହ୍ରାସ କରେ। ଅଭିନେତାଙ୍କ ଏହି ଟୁଇଟ୍ ନୟାଗଡ଼ର ଛେନାପୋଡ଼ ପାଇଁ ଡିମାଣ୍ଡ ଆଣିଦେବ ବୋଲି ମତ ପ୍ରକାଶ ପାଇଛି। ଜିଆଇ ଟ୍ୟାଗ୍ ମାନ୍ୟତା ମିଳିଲେ ଛେନାପୋଡ଼ର ସୃଷ୍ଟି ନୟାଗଡ଼ରୁ ବୋଲି ସରକାରୀ ସ୍ୱୀକୃତି ରହିବ। ଏନେଇ ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ଥିବା ଶିଳ୍ପନୀତି ଓ ପ୍ରୋତ୍ସାହନ ବିଭାଗ ନିକଟରେ ଜିଆଇ ଟ୍ୟାଗ୍ ପ୍ରଦାନ ସମ୍ବନ୍ଧୀୟ ଆବଶ୍ୟକ କାଗଜାତ ଦାଖଲ କରାଯାଇଥିଲେମଧ୍ୟ ଏହି ଦାବି ଶୀତଳ ଭଣ୍ଡାରରେ ପଡି ରହିଛି। ୨୦୧୭ରେ ନୟାଗଡ଼ର କେତେଜଣ ବୁଦ୍ଧିଜୀବୀ ଛେନାପୋଡ଼ ସମେତ ଅନ୍ୟ ସାମଗ୍ରୀକୁ ଜିଆଇ ଟ୍ୟାଗ୍ ମିଳୁ ବୋଲି ଦାବି କରିଥିଲେ। ପରେ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ଜିଲା ଓରମାସ କାର୍ଯ୍ୟାଳୟକୁ ଏହାର ସ୍ଥିତି ବିଷୟରେ ଜଣାଇବା ପାଇଁ କୁହାଯାଇଥିଲା। ଜିଲା ଓରମାସ କାର୍ଯ୍ୟାଳୟ ୧୩ ଜୁନ୍ ୨୦୧୭ରେ ନୟାଗଡ଼ର ଛେନାପୋଡ଼ ସମେତ ଜିଲାର ପ୍ରସିଦ୍ଧ ଥିବା ରଣପୁର ବ୍ଲକର ଲୋଧାଚୁଆ, ନୟାଗଡ଼ ବ୍ଲକର ଇଟିକିରି, କିଦ୍ରାଶପୁର ଗ୍ରାମ ଓ ଦଶପଲ୍ଲା ବ୍ଲକର ବାଣିଗୋଛା ଗ୍ରାମର ମୁଗ, ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ଗ୍ରାମର ପିତଳ ମୂର୍ତ୍ତି, ଦଶପଲ୍ଲା , ନୂଆଗାଁ, ଖଣ୍ଡପଡ଼ା ଏବଂ ଗଣିଆ ବ୍ଲକର ମେଶିନ୍ ଦ୍ୱାରା ସିଲାଇ ହେଉଥିବା ଶିଆଳି ଖଲିପତ୍ର, ଖଣ୍ଡପଡ଼ା ଓ ଗଣିଆ ବ୍ଲକର ଧୂଆମଡ଼ା ଗ୍ରାମର କାଠ ହସ୍ତଶିଳ୍ପ ବିଷୟରେ ତଥ୍ୟ ପ୍ରଦାନ କରିଥିଲା। ଏହି ସମସ୍ତ ଦ୍ରବ୍ୟକୁ ଜିଆଇ ଟ୍ୟାଗ୍ ପାଇଁ ପଞ୍ଜିକୃତ କରିବା ପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗକୁ ଚିଠିରେ ଦର୍ଶାଯାଇଥିଲା। ଏହା ପରେ ଛେନା ପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ପାଇଁ ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ୫ରୁ ଊର୍ଦ୍ଧ୍ୱ ବୈଠକ ହୋଇ ସାରିଲାଣି। ଏନେଇ ଆବଶ୍ୟକ କାଗଜାତ ପ୍ରସ୍ତୁତି ଚାଲିଥିଲେ ମଧ୍ୟ ଭାରତ ସରକାରଙ୍କ ପାଖରେ ପୁନଃ ଆବେଦନ ହୋଇ ନାହିଁ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କବିତା



@ ସିଦ୍ଧାର୍ଥ



@ ସମୟ



@ ହିମାଂଶୁ



@ ଭୋଳା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ମାନ୍ୟଗଣ୍ୟ ବ୍ୟକ୍ତି।

**ଦଶପଲ୍ଲା,୨୫।୨(ଡି.ଏନ୍.ଏ.)**

ଦଶପଲ୍ଲାଠାରେ ପବିତ୍ର ଶ୍ରୀନବମୀ ଦିନ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହେବ । ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶନିବାର ଦଶପଲ୍ଲାରେ ଅନୁଷ୍ଠିତ ହୋଇଥିଲା । ଆର୍‌ଏସ୍‌ଏସ୍‌ର ଜିଲା ପଦାଧିକାରୀ ମାନସ ସାହୁଙ୍କ ଆହ୍ୱାନ କ୍ରମେ ଉକ୍ତ ବୈଠକରେ ରାଜ୍ୟ ବିଶ୍ୱହିନ୍ଦୁ ପରିଷଦର ମନୋଜ ଆଚାର୍ଯ୍ୟ, ଜିଲା ସମ୍ପାଦକ ପ୍ରସନ୍ନ ଦାଶ, ଭାରତୀୟ ମଜଦୁର ସଂଘର ଜିଲା ସଭାପତି ବନମାଳୀ ମିଶ୍ର, ଭାଜପା ନେତା ରାଘବ ମଳିକ ,କିଶୋର ଦଳ ବେହେରା ସମେତ ସ୍ଥାନୀୟ ଜନ ସାଧାରଣ ଯୋଗଦାନ କରିଥିଲେ । ଏଥି ନିମନ୍ତେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗାନ୍ଧୀ ମଇଦାନ ଠାରେ ଏକ ସାଧାରଣ ସଭା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

**SUMMONS FOR SETTLEMENT OF ISSUES**

Under Order V Rule 20 CPC 1908

IN THE COURT OF SENIOR CIVIL JUDGE, ROURKELA

Civil Suit No. 72 / 2015

Vijaya Bank (Now Bank of Baroda) ...Plaintiff

: Versus :

Sri Gurinder Singh Sharma and Another ...Defendants

To,

1. **Sri Gurinder Singh Sharma,** S/o- Tarlok Singh Sharma, C/o: Sharma Electricals, Power House Road, Rourkela, P.S.: Plantsite, Dist.: Sundargarh, Odisha.
2. **Sri Subrata Chatterjee,** S/o- B.K. Chotterjee, Resident of Qrs. No.- B/408, Koelnagar, Rourkela-14, P.S.: Jhirpani, Dist: Sundargarh, Odisha, vide PL No. 941366 office of Horticulture Deptt., IG Park SAIl Rourkela.

Whereas you are avoiding the process of the court to receive the summons and Whereas ***the Plaintiff*** has instituted a suit against you, you are hereby summoned to appear in this Court in person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **27th day of March 2023 at 10.30 A.M.** O' Clock in the fore noon, to answer the claim, and you are directed to produce on that day all the documents upon which you intend to rely in support of your defence.

Take notice that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this the **13th Day of December, 2022.**

**S/d- Sr. Civil Judge**
**ROURKELA**

## ସଂକ୍ଷେପରେ

### ଭ୍ରାମ୍ୟମାଣ ଚିକିତ୍ସା ସେବାର ଶୁଭାରମ୍ଭ




କୁଜଙ୍ଗ,୨୫।୨(ଡି.ଏନ୍.ଏ.): ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳ ଢ଼ିଙ୍କିଆ, ନୂଆଗାଁ, ଗଡ଼କୁଜଙ୍ଗ ସମେତ ପାରାଦୀପ ନଗର ଅନ୍ତର୍ଗତ ବସ୍ତି ଅଞ୍ଚଳର ଅଧିବାସୀମାନଙ୍କ ପାଇଁ ଭ୍ରାମ୍ୟମାଣ ଚିକିତ୍ସାର ଶୁଭାରମ୍ଭ କରାଯାଇଛି । ବିଶେଷକରି ମହିଳା, ବୃଦ୍ଧା ଓ ବୃଦ୍ଧମାନଙ୍କୁ ଘର ପାଖରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇଦେବାପାଇଁ କମ୍ପାନୀ ପକ୍ଷରୁ ଲକ୍ଷ ରଖାଯାଇଛି । ଉକ୍ତ ମେଡିକାଲ ଚିକିତ୍ସା ୟୁନିଟରେ ଅଭିଜ୍ଞ ଡାକ୍ତର ଓ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀ ମାଗଣାରେ ରୋଗୀମାନଙ୍କୁ ଚିକିତ୍ସା ପରାମର୍ଶ ଯୋଗାଇ ଦେବା ସହ ସାଧାରଣ ରୋଗ ପାଇଁ ଔଷଧ ଯୋଗାଇଦେବାକୁ ବ୍ୟବସ୍ଥା କରାଯାଇଛି। ଏଥିସହ ଭ୍ରାମ୍ୟମାଣ ଚିକିତ୍ସା କେନ୍ଦ୍ର ଜରିଆରେ ସାଧାରଣ ରୋଗ ସଂକ୍ରାମକ ତଥା ଅଣ ସଂକ୍ରାମକ ରୋଗର ନିରାକରଣ କରାଯିବା ସହ ରୋଗର ସ୍କ୍ରିନିଂ କରାଯିବ। ଆବଶ୍ୟକସ୍ଥଳେ ନିକଟସ୍ଥ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଧିକ ଚିକିତ୍ସା ଓ ପରାମର୍ଶ ନିମନ୍ତେ ପ୍ରେରଣ କରାଯିବ। ଏହାବ୍ୟତୀତ ଏହି କେନ୍ଦ୍ର ମାଧମରେ ପୃଷ୍ଟିକର ଖାଦ୍ୟ ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ଲୋକମାନଙ୍କୁ ସଚେତନତା କରାଯାଉଛି ବୋଲି ଜେଏସ୍‌ଡବ୍ଲ୍ୟୁ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋରଦାର

ରାଜକନିକା,୨୫।୨(ଡିଏନଏ): କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ କଣ୍ଡିଆହାଟରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋର ହୋଇଛି । ଏଥିପାଇଁ ଶନିବାର ପୂର୍ବକନିକାର ଶହୀଦ ବାସୁବିସୁନି ସ୍ମୃତିସ୍ତମ୍ଭରୁ ଏକ ଶୋଭାଯାତ୍ରା ବାହାରି ଅଶୋକବଜାର, ଓଲାଭର, ଆଗପଡ଼ା, ସିହୋପଡ଼ା ,ବରିପଡ଼ା, ଦେଉଳତରା , ନମତରା, ,କଣ୍ଡିଆଦେଇ କଣ୍ଡିଆ ଶହୀଦ ସଚ୍ଚିଦାନନ୍ଦଙ୍କ ସ୍ମୃତିପୀଠଠାରେ ସେହି ଶୋଭାଯାତ୍ରା ପହଞ୍ଚି ଥିଲା । ଶୋଭାଯାତ୍ରାରେ ସାମିଲ ହୋଇଥିବା ନେତାମାନେ ସ୍ମୃତିପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ କଣ୍ଡିଆହାଟରେ ମେଡିକାଲ କଲେଜ ପ୍ରତିଷ୍ଠା ଉପରେ ବକ୍ତାମାନେ ଦାବି କରିଥିଲେ । ଏଥିପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଏହି ଆନ୍ଦୋଳନରେ ସାମିଲ ହେବାକୁ ରାଜକନିକା ବ୍ଲକର କଂଗ୍ରେସ ସଭାପତି ଦାମୋଦର ଧଳ, ମଙ୍ଗୁଳି ଚରଣ ବେହେରା,ଆଳିର ପ୍ରାକ୍ତନ ବିଧାୟକ ଦେବେନ୍ଦ୍ର ନାଥଶର୍ମା, ସଭାପତି ପ୍ରଫୁଲ ଦାସ, ରଞ୍ଜନ ସେଠୀ, ରମଣିରଞ୍ଜନ ରାଉତ, ଅଜୟ ସାମଲ, ସୁରେଶ ଚନ୍ଦ୍ର ମିଶ୍ର, ପ୍ରଦୀପ ଦାସ, ଅମିତା ନାୟକ, ବେଣୁଧର ପରିଡା ପ୍ରମୁଖ ଦାବି କରିଥିଲେ । ଖରସ୍ରୋତା ସାଂସ୍କୃତିକ ପରିଷଦର ସଭାପତି ଲକ୍ଷ୍ମୀଧର ରାଉତ, ପଣ୍ଡିତ ଗୋଲକ ବିହାରୀ ନାୟକ, ମିତ୍ରଭାନୁ ସାମନ୍ତସିଂହାର, ସୁଦାମ ଦାସ, ବକଣ୍ଡିଆ ଶହୀଦ ସ୍ମୃତି କମିଟିର ସଭାପତି ଶିବରାମ ଦାସ ଉପସ୍ଥିତ ଥିଲେ ।

# ସରୁନି ସେତୁ, ବାଉଁଶ ପୋଲ ଭରସା

### ବ୍ରାହ୍ମଣୀ ନଦୀ ଉପରେ ୫ ବର୍ଷ ହେଲା ଚାଲିଛି ନିର୍ମାଣ

ଯାଜପୁର ଅଫିସ,୨୫।୨

ଯାଜପୁର ଜିଲା ଖାଲପଡା-ବ୍ରହ୍ମବରଦା ରାସ୍ତାର ବ୍ରାହ୍ମଣୀ ଉପରେ ବିଜୁ ସେତୁ ନିର୍ମାଣ କାର୍ଯ୍ୟ ୫ ବର୍ଷ ହେଲା ଚାଲିଛି। କାମ ଶେଷ ହୋଇପାରୁ ନ ଥିବାରୁ ଅଞ୍ଚଳବାସୀ ଏକ ବାଉଁଶ ପୋଲ ନିର୍ମାଣ କର ବିପଦପୂର୍ଣ୍ଣ ଯାତାୟାତ କରୁଛନ୍ତି। ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ ପକ୍ଷରୁ ଠିକାଦାରଙ୍କୁ କେବଳ ଚେତାବନୀ ନୋଟିସ ଦେଇ ନିଜର ଦାୟିତ୍ୱ ସମ୍ପାଦନ ହେଉଛି ବୋଲି ମତପ୍ରକାଶ ପାଇଛି। ଯାଜପୁର ଜିଲାରେ ଅନେକ କାର୍ଯ୍ୟରେ ଏଭଳି ସ୍ଥିତି ଦେଖିବାକୁ ମିଳୁଛି। ଅନେକ ନେତା ଓ ଲୋକ ପ୍ରତିନିଧି ପରୋକ୍ଷରେ ଠିକାଦାରୀରେ ମାତି ଲୋକଙ୍କ ସମସ୍ୟା ଠାରୁ ଦୂରେଇ ଯାଇଛନ୍ତି। ସରକାରୀ ଅଧିକାରୀମାନଙ୍କୁ ହାତ କରି ଠିକା କାର୍ଯ୍ୟ ଜରିଆରେ ଲାଭବାନ ହେବା ନିଶା ସେମାନଙ୍କୁ ଘାରିଛି। ଫଳରେ କେତେଜଣ ଠିକାଦାର ବିଭାଗୀୟ ଚେତାବନୀକୁ ଖାତିର କରୁ ନ ଥିବାରୁ ପ୍ରଭାବିତ ଲୋକଙ୍କ ସମସ୍ୟା ଆହୁରି ଦ୍ୱିଗୁଣିତ ହେଉଛି। ଆଭ୍ୟନ୍ତରୀଣ ଅଞ୍ଚଳକୁ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ୨୦୧୧ରେ ବିଜୁ ସେତୁ ଯୋଜନାର ପରିକଳ୍ପନା ହୋଇଥିଲା। କିନ୍ତୁ ଏହି ଯୋଜନାରେ ଯେଉଁ ପରିମାଣରେ ଜନବସତି ଉପକୃତ ହେବା କଥା ତାହା ବିଭିନ୍ନ ସମୟରେ ଅନୁଷ୍ଠିତ ବିଭାଗୀୟ ସମୀକ୍ଷା ବୈଠକର ନିଷ୍ପତ୍ତିରେ ସୀମିତ ରହୁଛି। ୨୦୨୧ ଜୁଲାଇରେ ଅନୁଷ୍ଠିତ ବିଭାଗୀୟ ସମୀକ୍ଷା ବୈଠକରେ ରାଜ୍ୟର ବିଭିନ୍ନ ଜିଲାରେ ୩୦୦ରୁ ଊର୍ଦ୍ଧ୍ୱ ବିଜୁ ସେତୁ ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ସେହି ବର୍ଷ ଶେଷ ସୁଦ୍ଧା ମାତ୍ର ୫୮ଟି ସେତୁ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲା। ଏନେଇ ୨୦୨୨ ଜାନୁୟାରୀ ୧୭ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ବୈଠକରେ ଗ୍ରାମ୍ୟ ନିର୍ମାଣ ବିଭାଗର ମୁଖ୍ୟ ଯନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହ ବାକ ସେତୁଗୁଡ଼ିକୁ ମାର୍ଚ୍ଚ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଠିକାସଂସ୍ଥାଗୁଡିକ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ବୈଠକରେ ମୁଖ୍ୟ ଯନ୍ତ୍ରୀ ପ୍ରକାଶ କରିଥିଲେ। ବିଫଳ ହେଲେ ସମ୍ପୃକ୍ତ ଠିକାଦାରମାନଙ୍କଠାରୁ ଆଇନ ଅନୁଯାୟୀ ଜରିମାନା ଆଦାୟ କରାଯିବ ବୋଲି ମୁଖ୍ୟ ଯନ୍ତ୍ରୀ ଚେତାବନୀ ମଧ୍ୟ ଦେଇଥିଲେ। ହେଲେ ଏହି ଚେତାବନୀକୁ କିଏ ପଚାରେ। ଠିକାଦାରମାନେ ବ୍ୟୟଅଟକଳକୁ ବୃଦ୍ଧି କରିବା ଆଶା ରଖି ଜାଣିଶୁଣି ବିଳମ୍ବ କରୁଥିବା ଅଭିଯୋଗ ହେଉଛି।

ଖାଲପଡ଼ା ସେତୁ ନିର୍ମାଣ ୧୨।୬।୨୦୧୮ରେ ଆରମ୍ଭ ହୋଇ ୧୧।୬।୨୦୧୯ରେ ସରିବା କଥା। କିନ୍ତୁ ସମ୍ପୃକ୍ତ ଠିକାଦାର ପ୍ରହ୍ଲାଦ ମହାରଣା ଏବଂ ସାଥୀ ମାତ୍ର ୮୫.୪୫% କାମ କରିଛନ୍ତି। ଏନେଇ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକ ସମ୍ପୃକ୍ତ ଠିକାଦାରଙ୍କୁ ଗୁରୁବାର ପୁଣି ଥରେ ଚେତାବନୀ ପତ୍ର ଦେଇଛନ୍ତି। ଉକ୍ତ ପତ୍ରରେ ସେ ଦର୍ଶାଇଛନ୍ତି ଯେ, ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ଉକ୍ତ ପ୍ରକଳ୍ପର ଅଗ୍ରଗତି ଉପରେ ଅସନ୍ତୋଷ ପ୍ରକାଶ କରି ୩୧।୩।୨୦୨୩ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ୭ ଦିନ ମଧ୍ୟରେ ରିଭାଇଜ୍ ୱାର୍କ ପ୍ରୋଗ୍ରାମ ଦାଖଲ କରି ପ୍ରକଳ୍ପକୁ ନିଶ୍ଚିତ ଭାବେ ସମ୍ପୂର୍ଣ୍ଣ କରିବାକୁ ହେବ।

ଅନ୍ୟପକ୍ଷରେ ଅଭିଯୋଗ ହେଉଛି ଯେ, ବ୍ୟୟ ଅଟକଳ ବୃଦ୍ଧି କରିବା ପାଇଁ ଜାଣିଶୁଣି କାର୍ଯ୍ୟରେ ଅବହେଳା କରାଯାଉଛି। ଏହି ସେତୁ ହେଉଥିବା ରାସ୍ତାଉପରେ ଯାଜପୁର ବ୍ଲକ୍ ଅନ୍ତର୍ଗତ କୁକୁଡ଼ିକୁଦ, ଖାଲପଡ଼ା, ବାଗସାହି, ସିଠାଲୋଇ, ରୁଦ୍ରପୁର ଅଞ୍ଚଳବାସୀ ନିର୍ଭର କରିଥାନ୍ତି। ଛାତ୍ରୀଛାତ୍ରମାନେ ଏହି ରାସ୍ତା ଦେଇ ଯିବା ଆସିବା କରିଥାନ୍ତି। ତେଣୁ ଅଞ୍ଚଳବାସୀ ଏକ ଅସ୍ଥାୟୀ ବାଉଁଶ ପୋଲ ନିର୍ମାଣ କରିଛନ୍ତି। ତେବେ ବାଉଁଶ ପୋଲ ଉପରେ ଯାତାୟତ ସମୟରେ ବେଳେବେଳେ ତାହା ଭାଙ୍ଗିଯାଉଥିବା ଏବଂ ଛାତ୍ରୀଛାତ୍ର ତଥା ଅଞ୍ଚଳବାସୀ ପାଣିରେ ପଡ଼ିଯିବାର ନଜରକୁ ଆସିଛି। ଏ ସଂକ୍ରାନ୍ତରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ନାୟକ ସମ୍ପୃକ୍ତ ଠିକାଦାରଙ୍କୁ ତୁରନ୍ତ ସେତୁ କାର୍ଯ୍ୟ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



# ଜିଲାସ୍ତରୀୟ ବନ୍ଧୁତ୍ୱପୂର୍ଣ୍ଣ ଯୁବ ସାଂସଦ କାର୍ଯ୍ୟକ୍ରମ




ଜିଲାସ୍ତରୀୟ ବନ୍ଧୁତ୍ୱପୂର୍ଣ୍ଣ ଯୁବ ସାଂସଦ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଯାଜପୁର ଟାଉନ,୨୫।୨(ଡି.ଏନ.ଏ.)

ନେହରୁ ଯୁବ କେନ୍ଦ୍ର ଯାଜପୁର ଓ ମହାଲକ୍ଷ୍ମୀ ସ୍ପୋର୍ଟିଂ ୟୁଥ୍ କ୍ଲବ୍ ଦେବୀଦ୍ୱାର ପକ୍ଷରୁ ଚିତାଲୋ ମହାବିଦ୍ୟାଳୟଠାରେ ଜିଲାସ୍ତରୀୟ ବନ୍ଧୁତ୍ୱପୂର୍ଣ୍ଣ ଯୁବ ସାଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିରଜା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଅଖିଳ ରଞ୍ଜନ ପାଢ଼ୀ, ସମ୍ମାନିତ ଅତିଥି ଅଧ୍ୟାପକ ଦାମୋଦର ବେହେରା ଓ ମୁଖ୍ୟବକ୍ତା ଚିତାଲୋ ମହାବିଦ୍ୟାଳୟ ଅଧ୍ୟକ୍ଷ ଆଦିତ୍ୟ ପ୍ରସାଦ ମଲ୍ଲିକ ଯୋଗ ଦେଇଥିଲେ। ନେହରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ବାସୁଦେବ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ 'ବସୁଦେବ କୁଟୁମ୍ବକମ୍' ଅତିଥିମାନଙ୍କ ଦ୍ୱାରା ଉପସ୍ଥାପନା କରାଯିବା ସହ ଜି୨୦ କାର୍ଯ୍ୟକାରିତା ଉପରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ବିଦ୍ୟାର୍ଥୀଙ୍କ ମଧ୍ୟରେ ବିଷୟବସ୍ତୁ ଉପରେ ତର୍କ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ଶେଷରେ ବାସୁଦେବ ଦାସ ଧନ୍ୟବାଦ ଦେଇଥିଲେ।

### ଧର୍ମପ୍ରାଣ ମହିଳାଙ୍କ ପରଲୋକ

ଡେରାବିଶ,୨୫।୨(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣପାରି ଗ୍ରାମର ସ୍ୱର୍ଗତ ଶୁକଦେବ ତ୍ରିପାଠୀଙ୍କ ସ୍ତ୍ରୀ ହାରାମଣୀ ତ୍ରିପାଠୀ (୯୭)ଙ୍କ ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି । ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି । ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ଚନ୍ଦ୍ରମଣି ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ତ୍ରିପାଠୀ ଜଣେ ଧର୍ମ ପରାୟଣା, ସ୍ନେହୀ ଓ ପରୋପକାରୀ ମହିଳା ଭାବେ ପରିଚିତ ଥିଲେ ।

# ଭକ୍ତ ବିଦୁରଙ୍କ ପାଇଁ ଓଳକଣା ମେଳଣ

ଡେରାବିଶ,୨୪।୨(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳୀରେ ଅବସ୍ଥିତ ଓଳକଣା ମେଳନ ପଡ଼ିଆ ନିକଟ ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ ଅରାଖଣ୍ଡ ଗାଁରେ ପୂଜା ପାଉଥିବା ଭକ୍ତ ବିଦୂର ଏକ ଅନନ୍ୟ ପରମ୍ପରାର ପ୍ରତୀକ। ପୁରାଣ ବର୍ଣ୍ଣିତ ଦ୍ୱାପର ଯୁଗର ଭଗବାନ ଶ୍ରୀକୃଷ୍ଣ ଓ ସଖା ବିଦୂରଙ୍କ କାହାଣୀର ସ୍ମୃତି ପାଲଟିଛି ଏହି ମନ୍ଦିର । ବୌଦ୍ଧ ଗବେଷକ ଡ.ହରିଶ୍ଚନ୍ଦ୍ର ପୃଷ୍ଟିଙ୍କ ସୂଚନା ଅନୁଯାୟୀ ,ମହାଭାରତ ଯୁଦ୍ଧ ସମୟରେ ପାଣ୍ଡବ ପାଞ୍ଚଭାଇ ମାତା କୁନ୍ତି ଓ ସ୍ତ୍ରୀ ଦ୍ରୌପଦୀଙ୍କ ଅଜ୍ଞାତବାସ ଡେରାଡ଼ିହଠାରେ ହୋଇଥିଲା। ଏହାର ଅନତି ଦୂରରେ ଥିବା ଅରାଖଣ୍ଡର ଘଞ୍ଚ ଅରଣ୍ୟରେ ଶ୍ରୀକୃଷ୍ଣଙ୍କ ପ୍ରିୟ ଭକ୍ତ ବିଦୂରଙ୍କ ଆଶ୍ରମ ଥିଲା । ଏହି ସମୟରେ ବିଦୂରଙ୍କ ଆଶ୍ରମରେ ଶ୍ରୀକୃଷ୍ଣ କିଛିଦିନ ପାଇଁ ଆତିଥ୍ୟ ଗ୍ରହଣ କରିଥିଲେ । ପ୍ରିୟ ଖାଦ୍ୟ ଶାଗଭଜା ପଖାଳ ଭୋଜନରେ ତୋଷ ହୋଇ ଶ୍ରୀକୃଷ୍ଣ ବିଦୂରଙ୍କୁ ବର ମାଗିବା ପାଇଁ କହିଥିଲେ। ନିଷ୍କାମ ଭକ୍ତିରେ ଥିବା ବିଦୂର ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ହରି ଓ ହରଙ୍କୁ ଦର୍ଶନ କରିବା ପାଇଁ ଇଚ୍ଛା ପ୍ରକଟ କରିଥିଲେ । ଶ୍ରୀକୃଷ୍ଣ ବିଦୂରଙ୍କ ଇଚ୍ଛା ପୁରଣ କରିବାକୁ ଯାଇ ଫାଲ୍‌ଗୁନ ମାସ ଶୁକ୍ଳପକ୍ଷ ତିଥିରେ ଏହି ଦିବ୍ୟ ଦର୍ଶନ ପାଇଁ ବର ପ୍ରଦାନ କରିଥିଲେ । ସେହିଦିନଠାରୁ ଓଳକଣାରେ ମେଳଣ ଅନୁଷ୍ଠିତ ହୋଇ ଆସୁଛି ।

ମେଳଣ ପଡ଼ିଆକୁ ଆସୁଥିବା ସମସ୍ତ ବିମାନରେ ରାଧାକୃଷ୍ଣ ଉପବେଶନ କରିଥାନ୍ତି। କଟକ ଜିଲାର ପ୍ରସିଦ୍ଧ ଶୈବପୀଠ ଭଦ୍ରେଶ୍ୱରଙ୍କ ମନ୍ଦିରରୁ ଏକ ସୁସଜ୍ଜିତ ବିମାନରେ ଶିବଶକ୍ତି ଆସିଥାନ୍ତି ବୋଲି ଅରାଖଣ୍ଡ ଗ୍ରାମର ବଟକୃଷ୍ଣ ସାମଲ କହିଛନ୍ତି । ତେବେ ଏହି ମହାମିଳନର ଦର୍ଶନ ପାଇଁ ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ସେହି ପଡ଼ିଆ ଲୋକାରଣ୍ୟ ହୋଇଯାଏ। ଏଥିସହିତ ଏହି ମେଳନର ଅନ୍ୟ ଏକ ପରମ୍ପରା ହେଉଛି ଆଳି ରାଜାଙ୍କ ଡେରାବିଶ ବ୍ଲକ ଅଧୀନ ରାଜନଗରରୁ ଆସୁଥିବା ପଞ୍ଚମୁଖି ବିମାନରେ ରାଧାକୃଷ୍ଣ ଓ ଡେରାବିଶରୁ ଆସୁଥିବା ବିମାନରେ ମା'ଲକ୍ଷ୍ମୀ ମେଳନ।

ଗବେଷକ ପୃଷ୍ଟିଙ୍କ ମତ ଅନୁଯାୟୀ ପରବର୍ତ୍ତୀ ଅବସ୍ଥାରେ ଆଳି ରାଜାଙ୍କ ଇଲାକାରେ ମେଳନ ପଡ଼ିଆ ଓ ଭକ୍ତ ବିଦୂରଙ୍କ ମନ୍ଦିର ଅବସ୍ଥିତି ଥିବାରୁ ମେଳନର ଅଧିପତି ଭାବେ ମା' ଲକ୍ଷ୍ମୀ ଓ ଶ୍ରୀ ରାଧାକୃଷ୍ଣଙ୍କ ବିମାନଦ୍ୱୟ ଉପବେଶନ ପାଇଁ ମାଟିରେ ଏକ କନକ ବେଦୀ ପୂର୍ବରୁ ନିର୍ମିତ ହୋଇଥାଏ । ସ୍ୱତନ୍ତ୍ର ଝୁଲଣରେ ଆଳି ରାଜା ଓ ରାଣୀଙ୍କ ଏହି ମେଳନ ଦର୍ଶନ ଏକ ପରମ୍ପରା ଥିଲା ବୋଲି ପୃଷ୍ଟି କହିଛନ୍ତି । ଆସନ୍ତା ମାର୍ଚ୍ଚ ୬ ରେ ମେଳନ ଥିବାରୁ ଉଭୟ କେନ୍ଦ୍ରାପଡ଼ା ଓ କଟକ ଜିଲା ମେଳନ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି।

### ମାର୍ଚ୍ଚ ୬ରୁ ମେଳଣ ପାଇଁ ପ୍ରସ୍ତୁତି



# ବ୍ରାହ୍ମଣ ଜାତିର ବିକାଶ ଉପରେ ଗୁରୁତ୍ୱ

### ସର୍ବଭାରତୀୟ ବ୍ରାହ୍ମଣ ମହାସଂଘର କାର୍ଯ୍ୟକାରିଣୀ ବୈଠକ

ପୁରୀ ଅଫିସ, ୨୫।୨

ପୁରୀ ଟାଉନ ହଲରେ ଶନିବାରଠାରୁ ସର୍ବଭାରତୀୟ ବ୍ରାହ୍ମଣ ମହାସଂଘର ଜାତୀୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଆରମ୍ଭ ହୋଇଛି। ଏହା ଦୁଇଦିନ ଯାଏ ଚାଲିବ। ବୈଠକରେ ମହାସଂଘର ରାଷ୍ଟ୍ରୀୟ ସଭାପତି ଡ. ପ୍ରଦୀପ କୁମାର ଜ୍ୟୋତି ସଭାପତିତ୍ୱ କରିଥିଲେ। ଜ୍ୟୋତି କହିଥିଲେ, ବ୍ରାହ୍ମଣ ସମାଜ ସର୍ବଦା ସମସ୍ତଙ୍କ କଲ୍ୟାଣ ପାଇଁ ଆଗ୍ରହ ପ୍ରକାଶ କରିଆସୁଛି ଏବଂ ସମାଜକୁ ଜ୍ଞାନ, ସଂସ୍କୃତି ଓ ଶୁଦ୍ଧତାରେ ଋଦ୍ଧିମନ୍ତ କରୁଛି। ତେବେ ବ୍ରାହ୍ମଣ ସବୁକ୍ଷେତ୍ରରେ ଅବହେଳିତ ହୋଇଆସୁଛନ୍ତି। ଦେଶର ସବୁ ବ୍ରାହ୍ମଣଙ୍କୁ ଏକାଠି କରି ବ୍ରାହ୍ମଣ ଜାତିର ବିକାଶ ଓ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ। ସେହିପରି ଫେଡେରେଶନର ଜାତୀୟ ସାଧାରଣ ସମ୍ପାଦକ ପଦ୍ମପ୍ରକାଶ ଶର୍ମା କହିଥିଲେ, ବ୍ରାହ୍ମଣମାନଙ୍କ ଦ୍ୱାରା ପଠାଯାଇଥିବା ସୂଚନା ଆଧାରରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବ। ବ୍ରାହ୍ମଣ ସମ୍ପ୍ରଦାୟର ସ୍ୱାର୍ଥରେ ନିଷ୍ପତ୍ତି ନିଆଯିବ। ଏହାର କାର୍ଯ୍ୟକାରିତା ପାଇଁ ମଧ୍ୟ ପଦକ୍ଷେପ ନିଆଯିବ। ବୈଠକରେ ଜାତୀୟ କୋଷାଧ୍ୟକ୍ଷ କେଶବ ରାଓ, ରାଷ୍ଟ୍ରୀୟ କାର୍ଯ୍ୟନିର୍ବାହୀ ଭଗବାନ୍ ଶର୍ମା, କେ.ସି. ଧୋବେ, ଡ. ଜୟକୃଷ୍ଣ ଦାଶଶର୍ମା, ଶେଖର ଶୁକ୍ଲାଙ୍କ ସମେତ ଓଡ଼ିଶା ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାତ କୁମାର ମିଶ୍ର ଏବଂ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ବ୍ରାହ୍ମଣ ସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ୧୧ଟି ପଏଣ୍ଟ ଉପରେ ଖୋଲା ଅଧିବେଶନରେ ଆଲୋଚନା କରାଯାଇଥିଲା। ସେଗୁଡ଼ିକ ମଧ୍ୟରେ ଦେବସ୍ଥଳ ତଥା ମନ୍ଦିରଗୁଡ଼ିକରେ ରାଜନୈତିକ ଦଳର ହସ୍ତକ୍ଷେପ ନ ରହିବା, ଶିକ୍ଷାଗତ ଯୋଗ୍ୟତା ଓ ପ୍ରତିଭା ପ୍ରଦର୍ଶନ ଆଧାରରେ ନିଯୁକ୍ତି ଏବଂ ନାମଲେଖା ସହ ମହିଳା ସଶକ୍ତୀକରଣ, କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ, ବ୍ରାହ୍ମଣ କମିଶନ ଏବଂ ବ୍ରାହ୍ମଣ ୱେଲଫେୟାର କର୍ପୋରେଶନ ବୋର୍ଡ ଗଠନ ଆଦି ବିଭିନ୍ନ ପ୍ରସଙ୍ଗ ରହିଛି। ଏହି ଅବସରରେ ଓଡ଼ିଶା ବ୍ରାହ୍ମଣ ସମାଜ ପ୍ରତିନିଧିଙ୍କ ପକ୍ଷରୁ ରାଷ୍ଟ୍ରୀୟ ସଭାପତି ଡ. ଜ୍ୟୋତି, ସାଧାରଣ ସମ୍ପାଦକ ପଣ୍ଡିତ ଶର୍ମା ଓ ମଞ୍ଚାସୀନ ଅତିଥିମାନଙ୍କୁ ପଗଡ଼ି ପିନ୍ଧାଯାଇ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା।

# ସୁସ୍ଥ ସମାଜ ଗଠନରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

କେନ୍ଦ୍ରାପଡ଼ା ଅଫିସ,୨୫।୨

ଖବରଦାତାଙ୍କ ଚିହ୍ନଟ ଦାବି ପୂରଣ ହୋଇଛି । ସ୍ୱାସ୍ଥ୍ୟ ବୀମା ଓ କରୋନାଜନିତ ଖବରଦାତାଙ୍କ ମୃତ୍ୟୁ କ୍ଷେତ୍ରରେ ସହାୟତା ରାଶି ରାଜ୍ୟ ସରକାର ପ୍ରଦାନ କରୁଛନ୍ତି । ଆଗାମୀ ଦିନରେ ଖବରଦାତାଙ୍କ ଅନ୍ୟ ସମସ୍ୟାର ସମାଧାନ ହେବ ବୋଲି ଶନିବାର ଉତ୍କଳ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଛନ୍ତି ।

ସହରର ଉଦୟନଗରସ୍ଥ ସଂସ୍କୃତି ଭବନରେ କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ସଂଘର ବାର୍ଷିକ ଉତ୍ସବ ଓ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସଭାପତି ବିଭୁତିଭୂଷଣ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ମନ୍ତ୍ରୀ ନାୟକଙ୍କ ସହ ସମ୍ମାନୀତ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଜିଲାପରିଷଦ ଅଧ୍ୟକ୍ଷା ଗୀତାରାଣୀ ସେଠୀ, ପୌରାଧ୍ୟକ୍ଷା ସରିତା ସାହୁ, ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ, ରାଜ୍ୟ ସମ୍ପାଦକ ବେଣୁଧର ପଣ୍ଡା ଯୋଗ ଦେଇଥିଲେ । ଅତିଥିମାନେ କହିଥିଲେ, ସୁସ୍ଥ ସମାଜ ଗଠନ ପାଇଁ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ ଲୋକ ସମ୍ମାନର ସହ ବଞ୍ଚିବା ଅଧିକାରକୁ ଖବରଦାତାମାନେ ମାର୍ଗ ଦେଖାଉଛନ୍ତି । ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଥିବା ବେଳେ ଏହାର ନିରାକରଣକୁ ରାଜ୍ୟ ସରକାର ସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି । ଖବରଦାତାଙ୍କୁ ସ୍ୱାସ୍ଥ୍ୟ ବୀମା ରାଶି ବୃଦ୍ଧି, ପେନସନ ବ୍ୟବସ୍ଥା, ପ୍ରେସ ଏକାଡେମୀ ପ୍ରତିଷ୍ଠା ଆଦି ସଂଘର ଦାବିକୁ ଗୁରୁତ୍ୱ ଦିଆଯାଉଥିବା ସେମାନେ ପ୍ରକାଶ କରିଛନ୍ତି । ଏହି ଅବସରରେ ଅତିଥିମାନେ ଜିଲାର କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରି ଥିବା ବେଳେ ସଂଘର ମୁଖପତ୍ର ଉନ୍ମେଷକୁ ଲୋକାର୍ପଣ କରିଥିଲେ । ଜିଲା ସଭାପତି ହିମାଂଶୁ ଶେଖର ନାୟକ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ । ସଂଘର ନୂତନ କର୍ମକର୍ତ୍ତା ମନୋଜ କୁମାର ସ୍ୱାଇଁ, ରାଧାକାନ୍ତ ମହାନ୍ତି, ମାତୃଦତ୍ତ ମହାନ୍ତି, ପ୍ରସନ୍ନ କୁମାର ଧଳ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ ।

# ବିପଦରେ ପରିବେଶ ସମ୍ବେଦନଶୀଳ ୧୪୭ ଗାଁ

- ଶ୍ରମିକଙ୍କ ଜୀବନ ନେଉଛି ଘେରିର ପାଣିଉଠା ମୋଟର, ଏଭିଏଟର
- ପରିବେଶ ସୁରକ୍ଷା ଆଇନର ଖୋଲାଖୋଲି ଉଲ୍ଲଂଘନ
- ବଢ଼ୁଛି ଚିଙ୍ଗୁଡ଼ି ଘେରି, ତାଗିଦା ସତ୍ତ୍ୱେ ପ୍ରଶାସନ ନୀରବ

କେନ୍ଦ୍ରାପଡ଼ା ଅଫିସ, ୨୫।୨



ରାଜନଗର ଚିଙ୍ଗୁଡ଼ି ଘେରିରେ ଲାଗିଥିବା ଏଭିଏଟର ।

କେନ୍ଦ୍ରାପଡ଼ା ଜିଲା ତାଳଚୁଆ ଥାନା ଅମରାବତୀ ଗ୍ରାମର ଚିଙ୍ଗୁଡ଼ି ଘେରିରେ ଲାଗିଥିବା ପାଣିଉଠା ମୋଟରରେ ମୟୁରଭଞ୍ଜ ଜିଲାର ଶ୍ରମିକ କଂଗ୍ରେସ ମୁଣ୍ଡାଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି । କେବଳ କଂଗ୍ରେସ ନୁହନ୍ତି, ଗତ ୩ ବର୍ଷରେ ନିମ୍ନମାନର ପାଣିପମ୍ପ ଓ ଏଭିଏଟର ପାଇଁ ୪ ଜଣଙ୍କ ଜୀବନ ଯାଇଛି । ଅପରପକ୍ଷେ ୨୦୧୪ ଅକ୍ଟୋବର ୨୧ରେ ଭାରତ ସରକାରଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଜିଲାର ୧୪୭ ଗ୍ରାମକୁ ପରିବେଶ ସମ୍ବେଦନଶୀଳ ଗ୍ରାମ ଭାବେ ବିଜ୍ଞପ୍ତି (ନଂ.୨୧୮୦ଜେ) ପ୍ରକାଶ କରିଛନ୍ତି । ଏହି ଚିହ୍ନଟ ଗ୍ରାମ ବର୍ଦ୍ଧିତ ଚିଙ୍ଗୁଡ଼ି ଘେରି ପାଇଁ ବିପଦରେ ପଡିଛି । ଜିଲାର ମହାକାଳପଡ଼ା, ରାଜନଗର ଓ ରାଜକନିକା ବ୍ଲକ ଅଞ୍ଚଳରେ ବେଆଇନ ଭାବେ ୧୦ ହଜାରରୁ ଅଧିକ ଚିଙ୍ଗୁଡ଼ି ଘେରି ଗଢ଼ିଉଠିଛି । ଏହି ଘେରିରୁ ନିର୍ଗତ ରାସାୟନିକ ସାମଗ୍ରୀ ପରିବେଶକୁ ନଷ୍ଟ କରୁଛି । ହାଇକୋର୍ଟରୁ ବାରମ୍ବାର ତାଗିଦା ସତ୍ତ୍ୱେ ପ୍ରଶାସନର ନୀରବତା ପ୍ରଶ୍ନବାଚୀ ସୃଷ୍ଟି କରିଛି । ପରିବେଶ ସୁରକ୍ଷା ଆଇନ ୧୯୮୬ର ଘୋଲାଖୋଲି ଉଲ୍ଲଂଘନ ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତ ଦେଇଛନ୍ତି।

ଏ ସମ୍ପର୍କରେ ଓଡ଼ିଶା ସୂଚନା ଆଇନ ଅଧିକାର ଅଭିଯାନ(ଓସା)ର ଜିଲା ଆବାହକ ପ୍ରତାପ କୁମାର ମହାନ୍ତି କହିଛନ୍ତି, ୨୦୧୭ରୁ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ବାରମ୍ବାର ନିର୍ଦ୍ଦେଶ ଦିଆଯାଉଛି । ଏପରିକି ଏହି କାର୍ଯ୍ୟର ତଦାରଖ ପାଇଁ କୋର୍ଟ ପକ୍ଷରୁ ମୋହିତ ଅଗ୍ରୱାଲଙ୍କୁ ଆମିକସକ୍ୟୁରୀ ଭାବେ ନିଯୁକ୍ତ କରାଯାଇଛି । କୋର୍ଟର ନିର୍ଦ୍ଦେଶ ସତ୍ତ୍ୱେ କୌଣସି ଚାପର ବଶବର୍ତ୍ତୀ ହୋଇ ପ୍ରଶାସନ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ । ପ୍ରଶାସନର ନୀରବତା ଏହି ବର୍ଗର ଚାଷୀଙ୍କୁ ସୁହାଇଛି। ମହାକାଳପଡ଼ା ବଡତୁବି ଅଞ୍ଚଳରେ ଏବେ ଶତାଧିକ ଏକର ଜମିରେ ଘେରି ନିର୍ମାଣ ହୋଇଛି । ତଟାଞ୍ଚଳରେ ଘେରି ନିର୍ମାଣ ଫଳରେ ବଣପଦା, ଭୁଇଁପୁର, ଗୋଗୁଆ, ଇଶାନୀପଲା, ହରିପୁର, କଜଳାବନ୍ଧ କଳତୁଙ୍ଗା, କାକଟପୁର, କୋରିଆପଲା, ନରସିଂହପୁର, ମଲାଡିହ, ପାଉଁଶିଆପାଳ, ରଟପଙ୍ଗ, ଶଙ୍ଖଚିଡ, ଶାସନ, ସିଙ୍ଗାରପୁର, ତନ୍ତିଆପାଳ, ବେଣାକନ୍ଦା, ତେଲଙ୍ଗା, ପାଣିଖିଆ ଆଦି ୧୪୭ ଗ୍ରାମର ପରିବେଶ ନଷ୍ଟ ହେବ । ପରିବେଶବିତ୍ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି, ବନବିଭାଗ, ବନ୍ୟପ୍ରାଣୀ ବିଭାଗ, କୋଷ୍ଟାଲ ଆକ୍ୱା କଲଚର ଅଥରିଟି ଓ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ପ୍ରସ୍ତୁତ ସିଇସି (ସେଣ୍ଟ୍ରାଲ ଏମ୍ପାୱାର୍ଡ କମିଟି) ଗାଇଡ୍‌ଲାଇନକୁ ଚିଙ୍ଗୁଡ଼ି ଘେରି ଉଲ୍ଲଂଘନ କରୁଛି । ଏହି ଘେରିରେ ଖାଦ୍ୟ, ଔଷଧ ଓ ରାସାୟନିକ ସାର ପ୍ରୟୋଗ ହେତୁ ଗ୍ରାମ ପରିବେଶ ବିଷାକ୍ତ ହୋଇଯାଉଛି । ବୁଦ୍ଧିଜୀବୀ ଲକ୍ଷ୍ମୀକାନ୍ତ ନାୟକ କହିଛନ୍ତି, ନିମ୍ନମାନର ପାଣି ମୋଟର ଓ ଏଭିଏଟର ପାଇଁ ଗତ ତିନି ବର୍ଷ ମଧ୍ୟରେ ଚିଙ୍ଗୁଡ଼ି ଘେରିରେ ୧୧ଟି ଦୁର୍ଘଟଣା ହେଲାଣି। ଏଥିରେ ୪ ଜଣ ମରିଥିବା ବେଳେ ଅନ୍ୟମାନେ ଆହତ ହୋଇଛନ୍ତି । ଏଠାରେ ବ୍ୟବହୃତ ଯନ୍ତ୍ରଗୁଡିକ କେତେକ ବ୍ୟବସାୟୀ ଦିଲ୍ଲୀ, ମୁମ୍ବାଇ, କୋଲକତା ଆଦି ସ୍ଥାନରୁ ବିନା ରସିଦରେ ଆଣିଛନ୍ତି। ଏହି ମୋଟର ଓ ଏଭିଏଟରଗୁଡିକ ନିମ୍ନମାନର ହୋଇଥିବାରୁ ଶ୍ରମିକଙ୍କ ଜୀବନମରଣ ସମସ୍ୟା ଦେଖାଦେଇଛି । ଏପରି କି ଅଧିକାଂଶ ପାଣି ଉଠା ମୋଟର ଚାଲୁଥିବା ସମୟରେ ବିସ୍ଫୋରଣ ହୋଇଛି ବୋଲି ସେ ମତ ଦେଇଛନ୍ତି । ଏସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି, ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପ୍ରକ୍ରିୟା ବନ୍ଦ ହୋଇନାହିଁ । କୋର୍ଟର ନିର୍ଦ୍ଦେଶ ପରେ ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ନିକଟରେ ଏସମ୍ପର୍କରେ ଡ୍ରୋନ ଦ୍ୱାରା ପର୍ଯ୍ୟବେକ୍ଷଣ କରାଯିବ ବୋଲି ଉପଜିଲାପାଳ ବେହେରା ମତ ରଖିଛନ୍ତି।

## ସଂକ୍ଷେପରେ

### 'ଟେଲରିଂ ପାଇଁ ଦୀର୍ଘମିଆଦୀ ରଣ ଦିଆଯାଉଛି'
**ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ**

**ବିରିଡି,୨୫।୨(ଡି.ଏନ୍.ଏ.):** ବିରିଡି ବ୍ଲକ ପୁରଣ ଗ୍ରାମପଞ୍ଚାୟତ ପରିସରରେ ଏକ ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଶୁକ୍ରବାର ନାବାର୍ଡ ପକ୍ଷରୁ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ନାବାର୍ଡର ସିଜିଏମ୍ ସି.ଉଦୟଭାସ୍କର ଉଦ୍‌ଘାଟନ କରିଥିଲେ। ନାବାର୍ଡ ଜଗତ୍‌ସିଂହପୁର ଡିଡିଏମ୍ ବିଶ୍ୱଭୂଷଣ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ନାବାର୍ଡ ଡିଜିଏମ୍ ଏସ୍‌ଆର ପଣ୍ଡା, କମଳ ପଟ୍ଟନାୟକ, ଦେବେଶ ବାବୁ, ପୁରଣ ସରପଞ୍ଚ ଯୁଧିଷ୍ଠିର ବେହେରା, ଜିଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ପୁରଣ କାନାଡା ବ୍ୟାଙ୍କ ଶାଖା ପରିଚାଳକ ଧର୍ମେଶ ସାହୁ, ମଙ୍ଗୁଳି ବସୁମାତାର ସଭାପତି ଗୟାଧର ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ସିଜିଏମ ଭାସ୍କର କହିଥିଲେ, ଗ୍ରାମାଞ୍ଚଳରେ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳତା କରାଇବା ପାଇଁ ନାବାର୍ଡ ପକ୍ଷରୁ ବିଭିନ୍ନ ସ୍ୱଳ୍ପକାଳୀନ ରଣ ପ୍ରଦାନ କରାଯାଉଥିଲା। ମାତ୍ର ବର୍ତ୍ତମାନ ଟେଲରିଂ, କୁଟୀର ଶିଳ୍ପ, ଉଦ୍ୟାନ କୃଷି, କୁକୁଡା ଚାଷ, ମାଛ ଚାଷ ଓ ଗୋପାଳନ ଆଦି କାର୍ଯ୍ୟ କରିବା ପାଇଁ ଦୀର୍ଘମିଆଦୀ ରଣ ଦେବା ସହ ନାବାର୍ଡ ତରଫରୁ ରିହାତି ବ୍ୟବସ୍ଥା କରାଯାଇଛି। ଏଥିସହ ମହିଳାମାନଙ୍କୁ ତାଲିମ ଦେବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ପୁରଣ ପଞ୍ଚାୟତ ପରିସରରେ ଏକ ସିଲାଇ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯାଇଛି। ଏଠାରେ ୯୦ ଜଣ ମହିଳାଙ୍କୁ ସିଲେଇ ତାଲିମ ଦିଆଯିବା ସହ ତାଲିମ କେନ୍ଦ୍ରରେ ପ୍ରସ୍ତୁତ କରାଯାଉଥିବା ସାମଗ୍ରୀଗୁଡ଼ିକୁ କ୍ରୟ କରାଯିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଭାସ୍କର କହିଛନ୍ତି। ଏହାର ପରିଚାଳନା ଦାୟିତ୍ୱ ବସୁମାତା ଅନୁଷ୍ଠାନ ମଙ୍ଗୁଳିକୁ ଦିଆଯାଇଛି । ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ପୁରଣ ଗ୍ରାମପଞ୍ଚାୟତ ପକ୍ଷରୁ ଯୋଗାଇ ଦିଆଯାଇଛି । ଏହି ପ୍ରଶିକ୍ଷଣ ୨ ବର୍ଷ ଧରି ଚାଲିବ ବୋଲି ସେ କହିଛନ୍ତି । ଶେଷରେ ବସୁମାତାର ସଭାପତି ମହାନ୍ତି ଧନ୍ୟବାଦ ଦେଇଥିଲେ ।

### ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

**ଭୁବନେଶ୍ୱର,୨୫।୨(ବ୍ୟୁରୋ) :** ଜଣେ ଯୁବକଙ୍କୁ ଲୁହାରଡରେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର କୁଶ ଦୋରା। ତାଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଲୁହାରଡ ଜବତ ହୋଇଛି। ସୂଚନାନୁସାରେ ଶୁକ୍ରବାର ଗୋବିନ୍ଦ ରେଡ୍ଡୀଙ୍କୁ ସାମନ୍ତରାପୁର ଗେଟ ନିକଟରେ ଠିଆ ହୋଇଥିଲେ। ଏହି ସମୟରେ ଅଭିଯୁକ୍ତ କୁଶ ୨ଜଣ ସହିତ ସେଠାକୁ ଆସି ଗୋବିନ୍ଦଙ୍କୁ କୌଣସି କାରଣକୁ ନେଇ ଗାଳି କରିବା ସହ ଏକ ଛୁରିରେ ଆକ୍ରମଣ କରିଥିଲେ। ଏ ନେଇ ଗୋବିନ୍ଦ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତ କୁଶଙ୍କୁ ଗିରଫ କରିଥିଲେ।

# ବନ୍ଦହେବାକୁ ଯାଉଛି ଏମ୍‌ଏମ୍‌ଟିସି



- ୨୦୨୦ରୁ ପଣ୍ୟ କାରବାର ବନ୍ଦ ରହିଛି
- ପାରାଦୀପର ପ୍ରଥମ ବ୍ୟବହାରକାରୀ ସଂସ୍ଥା ଥିଲା
- ଏବେ ମାତ୍ର ୪ କର୍ମଚାରୀ ବସି ଦରମା ପାଉଛନ୍ତି

**ପାରାଦୀପ,୨୫।୨(ସ୍ୱ.ପ୍ର.)**

କେନ୍ଦ୍ର ସରକାର ଅନେକ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇ ପୁଞ୍ଜିପତିଙ୍କ ହାତରେ ଟେକି ଦେଉଛନ୍ତି ବୋଲି ଦେଶରେ ଚର୍ଚ୍ଚା ଜୋର ଧରିଛି। ଏବେ ଆଉ ଏକ ସରକାରୀ ଉପକ୍ରମ ଓଡ଼ିଶାରେ ବନ୍ଦ ହେବାକୁ ଯାଉଛି। ତାହା ହେଲା ଏମ୍‌ଏମ୍‌ଟିସି (ମିନେରାଲ ମେଟାଲ ଟ୍ରେଡିଂ କର୍ପୋରେସନ)ଲିମିଟେଡ। ପାରାଦୀପ, ଯାଜପୁର ଓ ଭୁବନେଶ୍ୱରଠାରେ ଏହି ରାଷ୍ଟ୍ରାୟତ୍ତ ସଂସ୍ଥା ୧୯୬୦ରୁ ଏପର୍ଯ୍ୟନ୍ତ ରହିଛି। କିନ୍ତୁ ପାରାଦୀପରେ ଚାଲିଥିବା ପଣ୍ୟ କାରବାର ୨୦୨୦ରୁ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏବେ କେବଳ ଅଫିସ ଓ ଆବାସିକ ସ୍ଥାନ ରହିଛି। କାର୍ଯ୍ୟାଳୟରେ ଏବେ କେବଳ ୪ ଜଣ କର୍ମଚାରୀ ବସି ଦରମା ନେଉଥିବା ଜଣାପଡ଼ିଛି।

କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନରେ ଥିବା ଏମ୍‌ଏମ୍‌ଟିସି ଏକଦା ପାରାଦୀପ ବନ୍ଦରର ମୁଖ୍ୟ ବ୍ୟବହାରକାରୀ ସଂସ୍ଥା ଥିଲା। ୧୯୬୨ରେ ବନ୍ଦର ପ୍ରତିଷ୍ଠା ହେବା ପରେ ଏହି ସଂସ୍ଥା ୧୯୬୫ରୁ ପଣ୍ୟ ବୋଝେଇ, ଖଲାସ ଓ ପରିବହନ ଆଦି କାମ କରିଆସୁଥିଲା। ସେଥିପାଇଁ ପାରାଦୀପ ବନ୍ଦର ପ୍ରଶାସନ ସଂସ୍ଥାକୁ ବନ୍ଦର ନିଷିଦ୍ଧାଞ୍ଚଳରେ ପ୍ଲଟ୍ ଯୋଗାଇ ଦେଇଥିଲେ। ଏହାର ଅଫିସ ଓ କର୍ମଚାରୀଙ୍କ ରହଣି ପାଇଁ ସ୍ୱତନ୍ତ୍ର ଭାବେ ମଧୁବନ ଜଗନ୍ନାଥ ମନ୍ଦିର ପାଖରେ ଜାଗା ଯୋଗାଇ ଦେଇଥିଲେ। ସେଠାରେ ସଂସ୍ଥା ପକ୍ଷରୁ ଏକ ସ୍ୱତନ୍ତ୍ର କଲୋନୀ କରାଯାଇ ୪୮ କ୍ୱାର୍ଟର୍ସ, ଖେଳପଡ଼ିଆ ଆଦି କରାଯାଇଥିଲା। ୧୯୬୦ରୁ ୧୯୯୦ ପର୍ଯ୍ୟନ୍ତ ୮୦ କର୍ମଚାରୀ ଏଠାରେ କାମ କରୁଥିବାବେଳେ ଅନେକ ଯାନ୍ତ୍ରିକ ଉପକରଣ ଥିଲା। ୧୯୯୧ ଜୁନ ୨୪ରେ ତତ୍କାଳୀନ କେନ୍ଦ୍ର ସରକାର ଏଲ୍‌ପିଜି (ଉଦାରୀକରଣ, ଘରୋଇକରଣ, ଜଗତୀକରଣ)ନିୟମ ପ୍ରଣୟନ କଲେ। ତା'ପରଠାରୁ ଧୀରେ ଧୀରେ ଏମ୍‌ଏମ୍‌ଟିସିର ବ୍ୟବସାୟ ହ୍ରାସ ପାଇଲା। ସେହି ସ୍ଥାନରେ ଘରୋଇ ଷ୍ଟିଭେଡର୍ସ ସଂସ୍ଥା ବନ୍ଦର ପଣ୍ୟ କାରବାରରେ ପ୍ରବେଶ କଲା। ଏମିତି ଧାରା ୨୦୨୦ ପର୍ଯ୍ୟନ୍ତ ଚାଲିଲା। ୨୦୨୦ କରୋନା କଟକଣା ସମୟରୁ ସମ୍ପୂର୍ଣ୍ଣ କାରବାର ବନ୍ଦ ହୋଇଗଲା ବୋଲି ଏମ୍‌ଏମ୍‌ଟିସି କାର୍ଯ୍ୟାଳୟର ଶ୍ୟାମସୁନ୍ଦର ନାୟକ ନାମକ କର୍ମଚାରୀ କହିଛନ୍ତି। ପଣ୍ୟ କାରବାର ବନ୍ଦ ହୋଇଗଲା ପରେ ଏମ୍‌ଏମ୍‌ଟିସି ପକ୍ଷରୁ ବନ୍ଦର ନିଷିଦ୍ଧାଞ୍ଚଳରେ ଥିବା ପ୍ଲଟକୁ ପାରାଦୀପ ବନ୍ଦର ପ୍ରଶାସନକୁ ହସ୍ତାନ୍ତର କରାଯାଇଛି ବୋଲି ଉକ୍ତ କାର୍ଯ୍ୟାଳୟରୁ ସୂଚନା ମିଳିଛି। ସେହିପରି ଏମ୍‌ଏମ୍‌ଟିସି ପକ୍ଷରୁ ଯାଜପୁରସ୍ଥିତ ଏନ୍‌ଆଇଏନ୍‌ଏଲ୍(ନୀଳାଚଳ ଇସ୍ପାତ ନିଗମ ଲିମିଟେଡ)ରେ ୪୯ ପ୍ରତିଶତ ପୁଞ୍ଜି ବିନିଯୋଗ କରାଯାଇଥିଲା। ସେଠାରେ ପିଗ୍ ଆଇରନ ଉତ୍ପାଦନ ହେଉଥିଲା। ତାହା ମଧ୍ୟ କିଛି ବର୍ଷ ବନ୍ଦ ରହିବା ପରେ ଗତବର୍ଷ ଏକ ଘରୋଇ ସଂସ୍ଥା ହାତକୁ ସରକାର ଟେକି ଦେଇଛନ୍ତି। ଏବେ ଏମ୍‌ଏମ୍‌ଟିସିର ଓଡ଼ିଶାରେ ଆଉ କିଛି ବ୍ୟବସାୟ ନାହିଁ ବୋଲି ଜଣେ କର୍ମଚାରୀ ସ୍ୱୀକାର କରିଛନ୍ତି। ଯେଉଁ କ୍ୱାର୍ଟର୍ସ ପାରାଦୀପରେ ଥିଲା ସେଥିରେ ଏବେ ୪୦ରୁ ଅଧିକ ଘରୋଇ ସଂସ୍ଥାର କର୍ମଚାରୀଙ୍କୁ ଦିଆଯାଇଛି। ଅଫିସରେ କିଛି କାମ ନାହିଁ। ସରକାରୀ ବୋର୍ଡରୁ ରଙ୍ଗ ଉଡି ଗଲାଣି। ଏଭଳି ସ୍ଥିତିରେ କେନ୍ଦ୍ର ସରକାର ଯେକୌଣସି ସମୟରେ ଏହାକୁ ଯେ ବନ୍ଦ ଘୋଷଣା ନ କରିବେ ସେ କଥା ଏଡ଼ାଇ ଦିଆ ଯାଇ ନ ପାରେ।

# ପାରାଦୀପର ମଧୁବନରେ ସ୍ୱତନ୍ତ୍ର ଫଳ ଗଛ



**ପାରାଦୀପ,୨୫।୨(ସ୍ୱ.ପ୍ର.)**

ପାରାଦୀପ ମଧୁବନ ଜଗନ୍ନାଥ ମନ୍ଦିର ପାଖ ଏମ୍‌ଏମ୍‌ଟିସି କଲୋନୀର ଏକ ବଣୁଆ ପରିବେଶରେ ଏକ ଗଛ ଓ ତାର ଫଳକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଗଛର ନାମକୁ ନେଇ ସ୍ଥାନୀୟ ଲୋକେ, ପରିବେଶବିତ୍, କୃଷି ବିଜ୍ଞାନ, ଉଦ୍ୟାନ ବିଜ୍ଞାନ ବିଭାଗର ଅଧିକାରୀମାନେ ଯାହା ଦର୍ଶାଉଛନ୍ତି ତାହା ସମାନ ରହୁନାହିଁ। ଗଛର ଉଚ୍ଚତା ପ୍ରାୟ ୫ ରୁ ୬ ଫୁଟ ହେବ। ଆତାପି ଭଳି ସେଥିରେ ୪ଟି ଫଳ ରହିଛି। ଏହାର ଓଜନ ୨ ରୁ ୩ କିଲୋ ମଧ୍ୟରେ ହେବ ବୋଲି ଆକଳନ କରାଯାଇଛି। ବନ୍ୟ ସଂରକ୍ଷଣ କ୍ଷେତ୍ରରେ କାମ କରୁଥିବା ମଧୁସ୍ମିତ ପତିଙ୍କ ମତରେ ଏହା ହେଉଛି ପାଣିଆମ୍ବ। ଏହି ଗଛ ହେନ୍ତାଳବଣ ଅଞ୍ଚଳରେ ଦେଖାଯାଏ। ଏହାର

### ନାମ ଅସ୍ପଷ୍ଟ

ଫଳ ମଣିଷ ଖାଇବା ଅନୁପଯୋଗୀ। ପରିବେଶବିତ୍ ଇଂ.ଅମରେଶ ନରେଶ ସାମନ୍ତ କୁହନ୍ତି, ଏହା କାଳାବଶ ଗଛ। ଏହାର ଫଳ ବିଷାକ୍ତ। ମଣିଷ ଖାଇବା କ୍ଷତିକାରକ। ଏହା କାରିବିଆନ ଅଞ୍ଚଳରେ ଅଧିକ ହୋଇଥାଏ। ଜଗତ୍‌ସିଂହପୁର ଜିଲା କୃଷି ବିଜ୍ଞାନ କେନ୍ଦ୍ରର ଜୀବନଜିତ୍ ସେନ କୁହନ୍ତି, ଏହା ଏକ ଲେମ୍ବୁ ଜାତୀୟ ଗଛ। ଉଦ୍ୟାନ ବିଭାଗର ଆଶିଷ କୁମାର ମହାନ୍ତି କୁହନ୍ତି,ଏହା ପୁମେଲୋ (ମହାନିମ୍ବୁ)। ଏହାକୁ ମଣିଷ ଜୁସ ଭଳି ଖାଇ ପାରିବେ। ଉକ୍ତ ଗଛର ଫଳକୁ ସେଠାକାର ଜଣେ ସିକ୍ୟୁରିଟି କର୍ମଚାରୀ କାଟି ଖାଇଥିଲେ। ଏହା ଭିତର ଦେଖିବାକୁ ଅମୃତଭଣ୍ଡା ଭଳି ଓ ସ୍ୱାଦହୀନ ବୋଲି ସେ କହିଛନ୍ତି।

# ଶିକ୍ଷା ହିଁ ମନୁଷ୍ୟର ମାନଦଣ୍ଡ




ବିଦ୍ୟାଳୟର ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

**ରାହାମା,୨୫।୨(ଡି.ଏନ୍.ଏ.)**

### ସାରଳା ମହାବିଦ୍ୟାଳୟ ବାର୍ଷିକୋତ୍ସବ

କୁଜଙ୍ଗ ବ୍ଲକ ରାହାମାସ୍ଥିତ ସାରଳା ମହାବିଦ୍ୟାଳୟର ଯୁକ୍ତ ୩ ନାଟ୍ୟ ସଂସଦ, ଯୁକ୍ତ ୨ ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ନରେନ୍ଦ୍ର କୁମାର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସମ୍ମାନିତ ଅତିଥିଭାବେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, କୁଜଙ୍ଗ ବ୍ଲକ ଅଧକ୍ଷା ନିନାରାଣୀ ସାହୁ, ସାଇଲୋ ସରପଞ୍ଚ ସରୋଜ ସେଠୀ, ମହାବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ବିଶ୍ୱେଶ୍ୱର ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ଅତିଥିମାନେ ୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମହାବିଦ୍ୟାଳୟର ମୁଖ୍ୟ ଫାଟକ, ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୨ ଲକ୍ଷ୍ୟ ଟଙ୍କାରେ ନିର୍ମିତ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥାକୁ ଉଦ୍‌ଘାଟନ କରିଥିଲେ। ଏଥିସହ ମହାବିଦ୍ୟାଳୟର ନୂତନ ଶ୍ରେଣୀଗୃହ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ନାୟକ କହିଥିଲେ, ଶିକ୍ଷା ହିଁ ମନୁଷ୍ୟର ମାନଦଣ୍ଡ। ଏହାକୁ ଆହରଣ କରି ଭଲ ମଣିଷ ହେବା ସହ ସମାଜ ପାଇଁ ଭଲ କାମକରିବାକୁ ସେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ବିଧାୟକ ରାଉତରାୟ କହିଥିଲେ, ମା,ବାପା ହେଉଛନ୍ତି ପିଲାମାନଙ୍କ ଆଦ୍ୟ ଗୁରୁ। ସେମାନଙ୍କ ଆଶୀର୍ବାଦ ରହିଲେ ପିଲା କେବେ କେଉଁ ସ୍ଥାନରେ ହାରେ ନାହିଁ। ଅଧ୍ୟାପକ ସଞ୍ଜୟ ଖୁଣ୍ଟିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁକ୍ତ ୩ ଛାତ୍ର ସଂସଦ ଉପଦେଷ୍ଟା ଅଧ୍ୟାପକ ମନୋଜ ମହାନ୍ତି, ଯୁକ୍ତ ୩ ଛାତ୍ର ସଂସଦ ସହ ଉପଦେଷ୍ଟା ତପନ ସାହୁ, ହରପ୍ରିୟା ଦାସ, ଯୁକ୍ତ ୩ ନାଟ୍ୟ ସଂସଦ ଉପଦେଷ୍ଟା ଅଧ୍ୟାପକ ସୁରେନ୍ଦ୍ରନାଥ ମିଶ୍ର, ନାଟ୍ୟ ସଂସଦ ଉପସଭାପତି ଅଧ୍ୟାପିକା ବରଦା ପ୍ରିୟଦର୍ଶିନୀ ତରାଇ, ଯୁକ୍ତ ୩ ସାଂସ୍କୃତିକ ପରିଷଦ ଉପସଭାପତି ଶାନ୍ତନୁ ସ୍ୱାଇଁ, ଯୁକ୍ତ ୨ ସାଂସ୍କୃତିକ ପରିଷଦ ଉପସଭାପତି ସ୍ମିତା ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଭଲ ମଣିଷ ହେବା ପାଇଁ ମା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଡେରାବିଶ,୨୫।୨(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାଲୋସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ଶରତ ଚନ୍ଦ୍ର ଜେନା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ୍ ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରବଚକ ପଣ୍ଡିତ ହୃଷିକେଶ ରଥ ଯୋଗ ଦେଇ ଛାତ୍ରୀଛାତ୍ରମାନେ ଭଲ ମଣିଷ ହେବା ପାଇଁ ମା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ସମ୍ମାନିତ ଅତିଥିଭାବେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ୍, ବିଦ୍ୟାଳୟର ପ୍ରତିଷ୍ଠାତା ରତ୍ନାକର ନାୟକ, ପଞ୍ଚାୟତ ସମିତି ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ, ଅଧ୍ୟାପକ ପ୍ରଦୀପ ଜେନା, ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ, ଜିଲା ପରିଷଦ ସଦସ୍ୟ ଅରବିନ୍ଦ ମଲିକ, ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ, ଇନ୍ଦାଲୋ ସରପଞ୍ଚ ଜ୍ୟୋସ୍ନାମୟୀ ବେହେରା, ଯଅଁରାବାଗିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଅନନ୍ତ ପରିଡ଼ା, ଯୁଗଳ କିଶୋର ମହାନ୍ତି, ଅଶ୍ୱିନୀ କୁମାର ମହାନ୍ତି, ବିଜୟ ପରିଡ଼ା, ଅଜୟ କୁମାର ନାୟକ, ପ୍ରମୁଖ ଯୋଗ ଦେଇଥିଲେ । ଉତ୍ସବକୁ ମୁଖ୍ୟ ଅତିଥି ବିଧାୟକ ଅଗ୍ରୱାଲ୍ ଉଦ୍‌ଘାଟନ କରିଥିବା ବେଳେ ଅଧ୍ୟାପକ ରମେଶ ଚନ୍ଦ୍ର ଶତପଥୀ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ସଂଯୋଜନା କରିଥିଲେ।

### ବିଦ୍ୟୁତ୍ ନିରାପତ୍ତାଜନିତ ସୁରକ୍ଷା ଶୀର୍ଷକ ଆଲୋଚନାଚକ୍ର

**ବିରିଡି,୨୫।୨(ଡି.ଏନ୍.ଏ.)**

ପାରାଦୀପ ବିଦ୍ୟୁତ୍ ମଣ୍ଡଳର ନିରାପତ୍ତା ବିଭାଗ ପକ୍ଷରୁ ବିଦ୍ୟୁତ୍ ନିରାପତ୍ତାଜନିତ ସୁରକ୍ଷା ଶୀର୍ଷକ ଆଲୋଚନାଚକ୍ର ଶୁକ୍ରବାର ବିରିଡି ୟୁଜିଏମ୍‌ଇ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ନିରାପତ୍ତା ବିଭାଗର ସର୍ବୋଚ୍ଚ ଅଧିକାରୀ ମହେନ୍ଦ୍ର କୁମାର ନନ୍ଦ ଏଥିରେ ଯୋଗଦେଇ ଶକ୍ତି ସଂରକ୍ଷଣ ସବୁଜ ଶକ୍ତି, ବିଦ୍ୟୁତ୍ ନିରାପତ୍ତାଜନିତ ତ୍ରୁଟି ଏବଂ ଏହାର ସୁଧାର ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ୧୦ ଜଣିଆ ଶକ୍ତି କ୍ଲବ ଗଠନ କରାଯାଇଥିଲା । ଏଥିସହ ଶକ୍ତି ସଂରକ୍ଷଣ ଓ ସବୁଜ ପରିବେଶ ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଏଥିରେ ରଘୁନାଥପୁର ବିଦୁତ୍ ଉପଖଣ୍ଡ ଅଧିକାରୀ ବିଶ୍ୱରଞ୍ଜନ ଦେହୁରୀ, ବିରିଡି କନିଷ୍ଠ ଯନ୍ତ୍ରୀ ମନୋଜ ନାୟକ, ଭାବଗ୍ରାହୀ ସ୍ୱାଇଁ, ଡିଭିଜନ ମୁଖ୍ୟ ସନ୍ଦୀପ ମହାନ୍ତି, ନିରାପତ୍ତା ଅଧିକାରୀ ଚନ୍ଦନ କୁମାର ସାହୁ, ଟିପିସିଓଡିଏଲ୍ ଲାଇନ ମ୍ୟାନ ଅରବିନ୍ଦ ମହାନ୍ତି, ମିଳନ ସ୍ୱାଇଁ, ପ୍ରଫୁଲ୍ଲ ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ବେହେରା, ସହକାରୀ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ଦେହୁରୀ ଧନ୍ୟବାଦ ଦେଇଥିଲେ ।

### ସାଂସ୍କୃତିକ ବିକାଶ ଏକତା ସୃଷ୍ଟି କରେ

**ଏରସମା/କୁଜଙ୍ଗ, ୨୫।୨ (ସ୍ୱ.ପ୍ର./ଡି.ଏନ୍.ଏ.)**

#### ୫ମ ବାର୍ଷିକ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଘାଟିତ

ଏରସମା ବ୍ଲକ ଅନ୍ତର୍ଗତ ବାମଦେଇପୁର ପଞ୍ଚାୟତସ୍ଥିତ କଙ୍କରଦିଆ ଗ୍ରାମର ନୀଳକଣ୍ଠେଶ୍ୱର ସାଂସ୍କୃତିକ ସମିତି ପକ୍ଷରୁ ୫ମ ବାର୍ଷିକ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଶୁକ୍ରବାର ବିଳମ୍ବିତ ରାତିରେ ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ଗ୍ରାମ ମୁଖିଆ ଶିବଚରଣ ସାମନ୍ତରାୟ ଉଦ୍‌ଘାଟନ କରି ଗ୍ରାମାଞ୍ଚଳରେ ସାଂସ୍କୃତିକ ବିକାଶ ଏକତା ସୃଷ୍ଟି କରେ ବୋଲି କହିଥିଲେ । ପ୍ରଥମ ରାତିରେ ମଦନମୋହନ ଡ୍ରାମାଟିକ୍ କ୍ଲବ ଟିକରପଡା ପକ୍ଷରୁ 'ଅବୁଝା ଲୁହ' ନାଟକ ପରିବେଷଣ କରାଯାଇଥିଲା। ଉଦ୍‌ଘାଟନୀ ସନ୍ଧ୍ୟାରେ ସୁଧାଂଶୁ ଶେଖର ସୂତାର ସଭାପତିତ୍ୱ କରିଥିଲେ। ସମିତି ସଭ୍ୟ ବିକ୍ରମ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ନଟବର ବାରିକ, ପ୍ରସନ୍ନ ପ୍ରଧାନ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ । ମଳୟ ରାଉତ, ଗୌତମ ଜେନା, ଡ.ଦେବଦତ୍ତ ସାମନ୍ତରାୟ, ବିଜୟ ସ୍ୱାଇଁ ବିଚାରକ ଭାବେ କାର୍ଯ୍ୟ କରିଥିଲେ । ସାଂସ୍କୃତିକ ସମିତି ସଭାପତି ତୁଳସୀ ପ୍ରସାଦ ଦାସ, ସମ୍ପାଦକ କିଶୋର ବେହେରା, ସୁବାସ ପାତ୍ର, ମାନସ ଦଳାଇ, ବସୁଦେବ ମହାନ୍ତି ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

# ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୋ ହସ୍ପିଟାଲ ଯୋଜନାରେ ସାମିଲ କରିବାକୁ ଦାବି

**ଏରସମା,୨୫।୨(ସ୍ୱ.ପ୍ର.)**

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟ ସରକାରଙ୍କ 'ମୋ ହସ୍ପିଟାଲ ଯୋଜନା'ରେ ସାମିଲ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ଅମିୟ ସ୍ୱାଇଁଙ୍କୁ ଶନିବାର ସ୍ମାରକପତ୍ର ଦିଆଯାଇଛି। ସେଥିରେ ଲିଖିତ ଦାବି ଅନୁସାରେ, ବ୍ଲକର ୨୫ ପଞ୍ଚାୟତର ଜନସାଧାରଣ ଚିକିତ୍ସା ପାଇଁ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରନ୍ତି । ଏଠାରୁ କଟକ ବଡ଼ ଡାକ୍ତରଖାନା ୪୨ କିଲୋମିଟର ଦୂର ହୋଇଥିବାରୁ ସାଧାରଣ ଲୋକେ ଖର୍ଚ୍ଚାନ୍ତ ହୋଇ ଏତେ ଦୂରକୁ ରୋଗୀଙ୍କୁ ନେଇ ଯିବା ସମ୍ଭବପର ହେଉନାହିଁ । ଏଥିସହ ଗୁରୁତର ରୋଗୀଙ୍କୁ ଦୂରକୁ ନେବା ସମୟରେ ସେମାନେ ମୃତ୍ୟୁମୁଖରେ ପଡୁଛନ୍ତି । ଏହାକୁ ବିଚାରକୁ ନେଇ ପଦକ୍ଷେପ ନେବାକୁ ଶାରଦା ପ୍ରସନ୍ନ ଜେନା, ଶଶିଭୂଷଣ ସ୍ୱାଇଁ, ଅଭିଜିତ ସାହୁ, ନିବାରଣ ନାୟକ, ଶଙ୍କର୍ଷଣ ପରିଡା, ସର୍ବେଶ୍ୱର ବେଉରା ପ୍ରମୁଖ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି।



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିବା ଗ୍ରାମବାସୀ।

# ଭଲ କାମ କଲେ ପୁରସ୍କାର, ଖରାପରେ ଦଣ୍ଡ

### ଯଁକୋଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହୀରକ ଜୟନ୍ତୀ

**ଜଗତ୍‌ସିଂହପୁର ଅଫିସ, ୨୫।୨**

ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ ବ୍ୟାପକ ପରିବର୍ତ୍ତନ ଆଣୁଛନ୍ତି। ବେସରକାରୀ ଭଳି ଏଣିକି ସରକାରୀ ବିଦ୍ୟାଳୟରେ ନୋଟ୍ ସିଟ୍ ଦିଆଯିବା ବ୍ୟବସ୍ଥା ହେବ। ପିଲାମାନଙ୍କୁ ଦିଆଯାଉଥିବା ଡ୍ରେସ ଓ ସାଇକେଲ ବାବଦରେ ଅଧିକ ଅର୍ଥ ବରାଦ କରାଯାଉଛି। ଶନିବାର ଯଁକୋଟିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହୀରକ ଜୟନ୍ତୀ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ମହାନ୍ତି ଏହା କହିଛନ୍ତି । ବିଦ୍ୟାଳୟ ନିକଟ ଏକ ବିଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସେ କହିଥିଲେ, ବିଦ୍ୟାଳୟ ରୂପାନ୍ତରୀକରଣ ଦ୍ୱାରା ସରକାରୀ ଶିକ୍ଷାନୁଷ୍ଠାନ ପ୍ରତି ଅଭିଭାବକମାନଙ୍କ ଆକର୍ଷଣ ବଢୁଛି। କେବଳ ଭିତ୍ତିଭୂମି ନୁହେଁ ଗୁଣାତ୍ମକ ଶିକ୍ଷାଦାନ ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଯେଉଁ ଶିକ୍ଷୟିତ୍ରୀ, ଶିକ୍ଷକ, ବିଇଓ ଆଦି ଭଲ କାମ କରିବେ ସେମାନଙ୍କୁ ପୁରସ୍କୃତ କରାଯିବ। ଆଉ ଯେଉଁମାନେ ଖରାପ କରିବେ ସେମାନଙ୍କୁ ଦଣ୍ଡ ଦିଆଯିବ ବୋଲି କହିଥିଲେ। ବିଦ୍ୟାଳୟ ହୀରକ ଉତ୍ସବ କମିଟି ସଭାପତି ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସରକାରୀ ଦଳ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ଚଳିତ ବଜେଟ ଲୋକାଭିମୁଖୀ ବଜେଟ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ, ଜିଲା ପରିଷଦ ଅଧକ୍ଷ ମନୋଜ କୁମାର ଭୋଇ, ଯଁକୋଟି ସରପଞ୍ଚ ମମତା ତାରେଣିଆଁ, ପଟସରା ସରପଞ୍ଚ ପ୍ରମୁଖ କୁମାର ରାଉତ ଓ ଯଁକୋଟି ସମିତି ସଭ୍ୟ ସନ୍ତୋଷ କୁମାର ପରିଜା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ହୀରକ ଜୟନ୍ତୀ ଉତ୍ସବ ସମ୍ପାଦକ ପ୍ରଶାନ୍ତ କୁମାର ରାଉତ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା।



ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

#### ଅତିଥିଙ୍କ ବିଳମ୍ବ ଯୋଗୁ ଅସନ୍ତୋଷ

ପୂର୍ବାହ୍ନ ୧୧ଟାରୁ ଉଦ୍‌ଘାଟନୀ ଉତ୍ସବ ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବ ବୋଲି ନିମନ୍ତ୍ରଣ କାର୍ଡରେ ଉଲ୍ଲେଖ ଥିଲା। ଏନେଇ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଅବସରପ୍ରାପ୍ତ ବୟସ୍କ ଶିକ୍ଷକମାନେ ସଭା ସ୍ଥଳରେ ପହଞ୍ଚିଥିଲେ । କିନ୍ତୁ ମୁଖ୍ୟଅତିଥିଙ୍କ ସମେତ ଏମ୍‌ପି, ବିଧାୟକ ପ୍ରମୁଖ ୨ ଘଣ୍ଟା ବିଳମ୍ବରେ ପହଞ୍ଚିଥିଲେ। ଏନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ସକାଳୁ ଅପେକ୍ଷାରେ ଥିବା ଛାତ୍ରୀଛାତ୍ର ଓ ସମ୍ବର୍ଦ୍ଧିତ ହେବାକୁ ଥିବା ଅବସରପ୍ରାପ୍ତ ବୟସ୍କ ଶିକ୍ଷକମାନେ ନିରାଶ ଅନୁଭବ କରିଥିଲେ। କେବଳ ଏତିକି ନୁହେଁ ବିଦ୍ୟାଳୟ ନିକଟ ବିଲରେ ମଞ୍ଚ ହୋଇଥିବାରୁ ପ୍ରବଳ ଖରାରେ ଏତେ ସମୟ ଅପେକ୍ଷା କରିବା ଅନେକଙ୍କୁ କଷ୍ଟ ଦେଇଥିଲା । ଗରମ ସହି ନ ପାରି ଅଧିକାଂଶ ପିଲା ବିଦ୍ୟାଳୟକୁ ଚାଲି ଯାଇଥିଲେ ।

## ସଂକ୍ଷେପରେ

### ଆସିକାରେ ଦକ୍ଷତା ବିକାଶ ମେଳା

ଆସିକା ୨୫।୨ (ଡି.ଏନ.ଏ.): ଆସିକା ବ୍ଲକ ସଭା ଗୃହରେ ଶୁକ୍ରବାର ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଦକ୍ଷତା ବିକାଶ ମେଳା ଅନୁଷ୍ଠିତ ହୋଇଥିଲା। ବିଡିଓ ଫକୀର ଚରଣ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ରେସମ ଦୋରା, ଜିଲା ପରିଷଦ ସଦସ୍ୟ ଅନିମା ପରିଡ଼ା, ମନୋଜ କୁମାର ଦୋରା, ଆଞ୍ଚଳିକ ସହ ନିର୍ଦ୍ଦେଶକ ଆର.ଏମ. କୁଲାନା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୨୮୨ଜଣ ଛାତ୍ରୀ ନାମ ପଞ୍ଜିକରଣ କରିଥିଲା ବେଳେ ସେଥି ମଧ୍ୟରୁ ୧୫୦ଜଣ ପ୍ରଶିକ୍ଷଣ ଲାଗି ଆବେଦନ କରିଥିବା ଜଣାଯାଇଛି। ବ୍ଲକ ବିପିଏମ୍ ଅନିତା ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀମାନେ ସେମାନଙ୍କ ବିଦ୍ୟାଳୟ ଶିକ୍ଷା ପରେ ବିଭିନ୍ନ ବୈଷୟିକ ଜ୍ଞାନ କୌଶଳ ସମ୍ପର୍କରେ ତାଲିମ ପ୍ରାପ୍ତ ହୋଇ ଆତ୍ମନିର୍ଭରଶୀଳ ଭାବେ ବଞ୍ଚିବା ଲାଗି ତାଲିମ ପ୍ରଦାନ କରାଯାଇଥିଲା। ବ୍ରହ୍ମପୁର, ଶେରଗଡ, ହିଞ୍ଜିଳିକାଟୁ ଆଇ.ଟି.ଆଇ, ବ୍ରହ୍ମପୁର ପଲିଟେକନିକ ଓ ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ଓ ଛତ୍ରପୁର ଏବଂ ବେଙ୍ଗାଲୋରର ଦୁଇଟି ବୈଷୟିକ ପ୍ରତିଷ୍ଠାନର ପ୍ରତିନିଧିମାନେ ଯୋଗଦେଇ ଛାତ୍ରୀଙ୍କୁ ଦକ୍ଷତା ବିକାଶ ତାଲିମ ଦେଇଥିଲେ।

### 'ଭାଙ୍ଗିଲା ସଂସାର ଯୋଡ଼ିବ କିଏ' ମଞ୍ଚସ୍ଥ

ଖଜୁରୀପଡ଼ା, ୨୫।୨: ଖଜୁରୀପଡ଼ା ବ୍ଲକ ନିକଟ ଦୃତିମେଣ୍ଡି ପଞ୍ଚାୟତ ସମ୍ବେପଦର ସ୍ଥିତ ବାବା ସୋମନାଥ ଠାକୁର ମନ୍ଦିର ପ୍ରାଙ୍ଗଣରେ ଏକ ସାମାଜିକ ନାଟକ 'ଭାଙ୍ଗିଲା ସଂସାର ଯୋଡ଼ିବ କିଏ' ପରିବେଷିତ ହୋଇଯାଇଛି। ଶିବ ସାର୍‌ଙ୍କ ନିର୍ଦ୍ଦେଶନା ଦେଇଥିଲେ। ୪ଟି ଯୁବକ ସଂଘର ଯୁବ ଗୋଷ୍ଠୀ ନାଟକ ପରିବେଷଣ କରି ତାଙ୍କର ଲୁକ୍କାୟିତ କଳା ପ୍ରତିଭାକୁ ଉଜ୍ଜୀବିତ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପରିଷଦ ସଭ୍ୟା ଉର୍ବଶୀ ଦିଗାଲ, ସରପଞ୍ଚ ଦମୟନ୍ତୀ ମଲ୍ଲିକ, ସମିତି ସଭ୍ୟା ଉଷାବତୀ ଗଣ୍ଡା, ମନ୍ଦିର କମିଟି ସଭାପତି ଭାଗିରଥି କହଁର, ସମ୍ପାଦକ ସୂର୍ଯ୍ୟନାରାୟଣ ମଲ୍ଲିକ, ନାଟ୍ୟ ସଭାପତି ବିରଞ୍ଚି ମୁଖୀ, ମନୋଜ ସେଠୀ, ବିନୋଦ ବିଶୋଇ, ପୋଲିସ ପ୍ରଶାସକ ଗୁଣନିଧି ମଲ୍ଲିକ, ସୁଜିତ କୁମାର ନାୟକ, ସାମାଜିକ କର୍ମୀ ଅନନ୍ତ ଦିଗାଲ, ଅବସରପ୍ରାପ୍ତ ପ୍ରଶାସକ ବରୁଣ କହଁର, ଦୃତିମେଣ୍ଡି ଲ୍ୟାମ୍ପ ଶାଖା ପରିଚାଳକ ପ୍ରଦୀପ କୁମାର ସେଠୀ, ସମ୍ପାଦକ ସମୀର ପ୍ରସାଦ ଝଙ୍କାର ପ୍ରମୁଖ ଯୋଗଦେଇ କଳପ୍ରେମୀଙ୍କୁ ଉତ୍ସାହିତ କରିଥିବା ବେଳେ ଦେବରାଜ ମୁଖି ଏବଂ ରଞ୍ଜନ କୁମାର ସେଠୀ ମଞ୍ଚ ପରିଚାଳନା କରିଥିଲେ। ଏହି ସାମାଜିକ ନାଟକ ଉପଭୋଗ କରିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଦର୍ଶକ ଉପସ୍ଥିତ ଥିଲେ।

# ମହିଳାଙ୍କୁ ଗୁରୁତ୍ୱ ଦେଉଛି ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର ଅଫିସ,୨୫।୨

ଟିପିଏସ୍‌ଓଡିଏଲର ମହିଳା ଟେକ୍ନିସିଆନ ମାନେ ନୂତନ ମିଟର ଚେକ୍ କରୁଛନ୍ତି। ଗ୍ରାହକମାନଙ୍କୁ ଯେଭଳି ତ୍ରୁଟିହୀନ ମିଟର ଦିଆଯିବ ସେ ନେଇ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି । ଡିଜିଟାଲ ବ୍ୟବସ୍ଥା ଜୀବନର ଏକ ମାଧ୍ୟମରେ ପରିଣତ ହୋଇଛି। ଅନ୍ତର୍ଜାତିକ ମହିଳା ଦିବସରେ ଡିଜିଟାଲ ଓ ପ୍ରଯୁକ୍ତି ବିଷୟବସ୍ତୁ ପ୍ରତି ବିଶ୍ୱ ପ୍ରତିବଦ୍ଧ ହେବ। ଏହା ସମାନ ଡିଜିଟାଲ ଓ ପ୍ରଯୁକ୍ତିର ଆବଶ୍ୟକତା ଉପରେ ଟିପିଏସ୍‌ଓଡିଏଲ ଗୁରୁତ୍ୱାରୋପ କରିବ। ମହିଳା ଟେକ୍ନିସିଆନମାନେ ବିଜୁଳି ବିତରଣ କ୍ଷେତ୍ରରେ ଅଗ୍ରଦୂତ ସାଜିଛନ୍ତି। ଟିପିଏସ୍‌ଓଡିଏଲ୍ ନିଜ ଉଦ୍ୟମରେ ଲକ୍ଷ ଲକ୍ଷ ଗ୍ରାହକଙ୍କ ପାଇଁ ସୁରକ୍ଷିତ, ଭରସାଯୋଗ୍ୟ ଓ ଠିକ୍ ମିଟରକୁ ସୁନିଶ୍ଚିତ କରି ଗ୍ରାହକଙ୍କୁ ଯୋଗାଇବା କ୍ଷେତ୍ରରେ ଉଦ୍ୟମ କରୁଛନ୍ତି। ଆମ୍ବଗଡରେ ସ୍ଥାପନ କରାଯାଇଥିବା



ନୂତନ ମିଟରକୁ ଚେକ୍ କରୁଛନ୍ତି ମହିଳା ଟେକ୍ନିସିଆନ।

ଟିପିଏସ୍‌ଓଡିଏଲ ଟେଷ୍ଟିଂ ଲ୍ୟାବରେ ମିଟର ସିରିଏଲ ନଂ, କ୍ରିମ୍ପିଂ, ତ୍ରୁଟି ଓ ଭୋଲଟେଜ ତାରତମ୍ୟର ସୀମା ସମ୍ପର୍କ ମାନଦଣ୍ଡ ଆଧାରରେ ମିଟରର ଗୁଣାତ୍ମକ ବିଦ୍ୟୁତ୍ ପରୀକ୍ଷଣ କରାଯାଇ ମିଟରକୁ ସୁନିଶ୍ଚିତ କରାଯାଉଛି। କମ୍ପାନୀର ମହିଳା ଟେକ୍ନିସିଆନଙ୍କ ଦ୍ୱାରା ସମ୍ପାଦନ କରାଯାଉଥିବା ପରୀକ୍ଷଣ ମାଧ୍ୟମରେ ଗ୍ରାହକଙ୍କୁ ଗୁଣାତ୍ମକ ଓ ଭରସାଯୋଗ୍ୟ ମିଟର ଯୋଗାଇ ଦେବାକୁ ଏହି ଲ୍ୟାବ ପ୍ରତିବଦ୍ଧ ରହିଛି।

ମିଟରର ସ୍ଥିରତା କିଭଳି ରହିବ ତାହା ଯାଞ୍ଚ କରାଯାଉଛି। ଗ୍ରାହକଙ୍କ ପାଇଁ ମିଟର ଉପଯୁକ୍ତ କି ନାହିଁ ପରୀକ୍ଷା ପାଇଁ ୧ ଘଣ୍ଟା ୩୦ ମିନିଟ ସମୟ ଲାଗିଥାଏ। ମାସିକ ଭିତ୍ତିରେ ଭାରତୀୟ ଓ ଅନ୍ତର୍ଜାତିକ ମାନକ ଅନୁସାରେ ପ୍ରାୟ ୨୫୦୦-୩୦୦୦ ମିଟର ପରୀକ୍ଷଣ କରାଯାଉଛି। ଏମ୍‌ଏମ୍‌ଜି ବିଭାଗର ଏଓଟି ବୈଶାଳୀ ଶତପଥୀ କହିଛନ୍ତି, ଜେରା ନାମକ ପରୀକ୍ଷଣ ବ୍ୟବସ୍ଥାରେ ପ୍ରତ୍ୟକ୍ଷ ଭାବେ ଯୋଡି ଦୈନିକ ପ୍ରାୟ ୩୦୦ ମିଟର ପରୀକ୍ଷା ହେଉଛି। ଏହି ବ୍ୟବସ୍ଥା ୱିନ୍‌ସାମ ନାମକ ସଫ୍ଟୱେୟାର ଦ୍ୱାରା ପରିଚାଳିତ ହୋଇଛି। ନିର୍ଦ୍ଦିଷ୍ଟ ସିରିଏଲ ନମ୍ବର ଥିବା ଏକ ବକ୍ସରେ ଏହି ମିଟର ଆସୁଛି। ମିଟର ଥରେ ପରୀକ୍ଷଣ ହୋଇଯିବା ପରେ ତାହାକୁ ପ୍ୟାକ କରି ଷ୍ଟୋରକୁ ପଠାଯାଉଛି। ଯେଉଁଠାରୁ ତାହା ଗ୍ରାହକଙ୍କ ନିକଟରେ ପହଞ୍ଚୁଛି। ଗ୍ରାହକଙ୍କୁ ଠିକ ସେବା ଯୋଗାଇବାରେ କଠିନ ପରିଶ୍ରମ କରିବାକୁ ପଡିଥାଏ ବୋଲି ଏମଏମଜି ବିଭାଗର ଏଓଟି ସୁସ୍ମିତା ସିଂହ କହିଛନ୍ତି।

## କଣ୍ଟିଆଗଡ଼ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
# ଶିଶୁଲେଖକ କର୍ମଶାଳା, ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ଗଞ୍ଜାମ,୨୫।୨(ଡି.ଏନ.ଏ.)

କଣ୍ଟିଆଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଗଞ୍ଜାମ ବ୍ଲକ୍ ଶିକ୍ଷାଧିକାରୀ କାର୍ଯ୍ୟାଳୟ ମିଳିତ ଉଦ୍ୟମରେ ବାର୍ଷିକ ଉତ୍ସବ ତଥା ଭାଷା ଓ ସାହିତ୍ୟକୁ ନେଇ ପଠନ, ଆବୃତ୍ତି ଓ ଲିଖନ ବିଦ୍ୟାଳୟସ୍ତରୀୟ ଶିଶୁ ଲେଖକ କର୍ମଶାଳା ପାଲିବନ୍ଧ କ୍ଲଷ୍ଟରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗୀରଥି ବେହେରା, ମୁଖ୍ୟବକ୍ତା ଭାବେ ନାଟ୍ୟକାର ଡ଼କ୍ଟର ଅଭିମନ୍ୟୁ ଜେନା ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ପ୍ରଧାନ, ସମିତି ସଭ୍ୟ ଛାୟାକାନ୍ତ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ ଚନ୍ଦ୍ର ବେହେରା, ପାଲିବନ୍ଧ ସାଧନ କେନ୍ଦ୍ର ସଂଯୋଜକ ସୁରେନ୍ଦ୍ର ନାଥ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

ଗଳ୍ପ, ପ୍ରବନ୍ଧ, କବିତାପଠନ, ଲିଖନ, ଆବୃତ୍ତି, ଗୀତ, ନୃତ୍ୟ, ଅଭିନୟ, ଖେଳ ଆଦି ଅନୁଷ୍ଠିତ ହୋଇଥିଲା। କର୍ମଶାଳା ଓ ବାର୍ଷିକ ଉତ୍ସବକୁ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ପଣ୍ଡା ଓ ବିଦ୍ୟୁତଲତା ମିଶ୍ର ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ପ୍ରତିମା ସାହୁ, ଇତିଶ୍ରୀ ଗୁରୁ ଓ ଲୋପାମୁଦ୍ରା ବିଶ୍ୱାଳ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ରବୀନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ସଚେତନତା ଶିବିର
# ୧୨୮୭ ହିତାଧିକାରୀ ପାଇଲେ ପଞ୍ଜୀକୃତ ସାର୍ଟିଫିକେଟ





ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ବଣ୍ଟନ କରୁଛନ୍ତି ମନ୍ତ୍ରୀ।

ପୋଲସରା,୨୫।୨(ଡି.ଏନ.ଏ.)

ଗଞ୍ଜାମ ଜିଲା ପୋଲସରା ଏନ୍‌ଏସି ରାଣୀପଡା କଲ୍ୟାଣ ମଣ୍ଡପ ପରିସରରେ ଶନିବାର ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଭାବେ ପଞ୍ଜୀକୃତ କରିଥିବା ୧୨୮୭ ନିର୍ମାଣ ଶ୍ରମିକଙ୍କୁ ସାର୍ଟିଫିକେଟ ବା ପରିଚୟ ପତ୍ର ବଣ୍ଟନ କରିଥିଲେ। ଏଥି ସହିତ ୨୩୩ ହିତାଧିକାରୀଙ୍କୁ ବିଭିନ୍ନ ପ୍ରକାର ସହାୟତା ପ୍ରଦାନ କରାଯାଇଥିଲା। ଏହି ସଚେତନତା ଶିବିରରେ ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର କୁମାର ଗାଇପାଇ, ବାବୁ ଚରଣ ପାତ୍ର, ବିଜୟ କୁମାର ମଲ୍ଲିକ, ଲକ୍ଷ୍ମୀରେଖା ପଣ୍ଡା, ବି.ହୃଷୀକେଶ ରାଓ ଓ ଦେବାଶିଷ ନାୟକ ଯୋଗ ଦେଇଥିଲେ। ଏଥିସହ ପୋଲସରା ବ୍ଲକ ଅଧ୍ୟକ୍ଷା କଳ୍ପନା ପ୍ରଧାନ, ବିଡିଓ କୈଳାସ ଚନ୍ଦ୍ର ମୁର୍ମୁ, ତହସିଲଦାର ଭାସ୍କର ଚନ୍ଦ୍ର ସାହୁ, ଏନ୍‌ଏସି ଉପାଧ୍ୟକ୍ଷ ତଥା ଗଞ୍ଜାମ ଜିଲା ବିଜୁ ଶ୍ରମିକ ସାମ୍ମୁଖ୍ୟ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ବେହେରା, ବ୍ଲକ ଉପାଧ୍ୟକ୍ଷ କାହ୍ନୁ ଚରଣ ପରିଡା, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ପ୍ରଫୁଲ୍ଲ କୁମାର ପ୍ରଧାନ, ସମୀର କୁମାର ଭୂୟାଁ, ସନ୍ତୋଷ କୁମାର ସାହୁ ଓ ଦଣ୍ଡପାଣି ପାତ୍ର ପ୍ରମୁଖ ଯୋଗଦେଇଥିଲେ।

## କଳମପଡ଼ାଠାରେ ନୂତନ ବିଏସ୍‌ଏଫ୍ କ୍ୟାମ୍ପ ପ୍ରତିଷ୍ଠା

ଫୁଲବାଣୀ ଅଫିସ/ଗୋଚ୍ଛାପଡା, ୨୫।୨

ମାଓବାଦୀ ପ୍ରବଣ ଅଞ୍ଚଳ ଭାବେ ପରିଚିତ କନ୍ଧମାଳ ଜିଲା ଗୋଚ୍ଛାପଡା ଥାନା ଅନ୍ତର୍ଗତ କୋଏରମାଣ୍ଡୁ ପଞ୍ଚାୟତ କଳମପଡାଠାରେ ନୂତନ ଭାବେ ଏକ ବିଏସଏଫ କ୍ୟାମ୍ପ ପ୍ରତିଷ୍ଠା କରାଯାଇଛି। କ୍ୟାମ୍ପ ଉଦ୍‌ଘାଟନ ସମୟରେ ବିଏସ୍‌ଏଫ୍ କମାଣ୍ଡାଣ୍ଟ ସଞ୍ଜୀବ କୁମାର, କନ୍ଧମାଳ ଏସ୍‌ପି ଶୁଭେନ୍ଦୁ ପାତ୍ର, ବାଲିଗୁଡା ଏସ୍‌ଡିପିଓ ରୋହିତ୍ ବର୍ମା, ବିଏସଏଫ ଅଧିକ ଭରତ ପାଲ ସିଂ,ଗୌରବ କୁମାର, କୋଏରମାଣ୍ଡୁ ସରପଞ୍ଚ ଜିତେନ୍ଦ୍ର କହଁର, ମାଧବ କହଁର ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ଭାବେ ଗଠିତ ହେଇଥିବା ଏହି କ୍ୟାମ୍ପକୁ କମାଣ୍ଡାଣ୍ଟ ସଞ୍ଜିବ କୁମାର ଜାତୀୟ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ପତାକା ଉତ୍ତୋଳନ ପରେ ଆଖପାଖର ଗ୍ରାମବାସୀଙ୍କୁ କମ୍ବଳ, ମଶାରୀ, ଖେଳ ସାମଗ୍ରୀ, ଢୋଲ, କ୍ଷୀର ଏବଂ ଫଳରସ ଆଦି ବଣ୍ଟା ଯାଇଥିଲା। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ଏହି ଅଞ୍ଚଳରେ ବିଏସ୍‌ଏଫ୍ କ୍ୟାମ୍ପ ପ୍ରତିଷ୍ଠା ଫଳରେଏହି ମାଓବାଦୀ ପ୍ରବଣ ଅଞ୍ଚଳରେ ଥିବା ଗ୍ରାମ ଗୁଡିକରେ ଶାନ୍ତି ମୈତ୍ରୀ ପ୍ରତିଷ୍ଠା ହେଇପାରିବ ଏବଂ ସାଧାରଣ ଲୋକେ ନିର୍ଭୟ ଭାବେ ନିଜର ଜୀବନ ଅତିବାହିତ କରି ପାରିବେ ବୋଲି କମାଣ୍ଡାଣ୍ଟ ସଞ୍ଜିବ ମତବ୍ୟକ୍ତ କରିଛନ୍ତି। ନୂତନ ଭାବରେ ନିର୍ମିତ ଏହି କ୍ୟାମ୍ପରେ ନେଟୱର୍କ, ରାସ୍ତା ଘାଟ ତଥା ଗ୍ରାମର ଉନ୍ନତି ମୂଳକ କାର୍ଯ୍ୟକ୍ରମ ଚାଲୁ ରହିଛି। ଏହି କ୍ୟାମ୍ପରେ ଏକ କମ୍ପାନୀ ବିଏସ୍‌ଏଫ ଜବାନ ଓ ଏକ ୟୁନିଟ ଏସଓଜି ଜବାନ ରହିବେ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ବେଲଘର ଥାନା ଭଣ୍ଡରଙ୍ଗୀ ଓ ଫିରିଙ୍ଗିଆ ଥାନା ମିଙ୍ଗୁନପଦର ପରେ ଏହା କନ୍ଧମାଳ ଜିଲାର ତୃତୀୟ ବିଏସ୍‌ଏଫ କ୍ୟାମ୍ପ।

# ସନ୍ତୋଷପୁର ସେବାଶ୍ରମରେ ଶିଶୁଲେଖକ କର୍ମଶାଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ରମ୍ଭା,୨୫।୨

ଗଞ୍ଜାମ ବ୍ଲକ୍ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ତରଫରୁ ଭାଷା ଓ ସାହିତ୍ୟକୁ ନେଇ ପଠନ, ଆବୃତ୍ତି ଓ ଲିଖନ ବିଦ୍ୟାଳୟସ୍ତରୀୟ ଶିଶୁ ଲେଖକ କର୍ମଶାଳା ସନ୍ତୋଷପୁର ସେବାଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଚ୍ଚିନ୍ଦ୍ର ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଗୀରଥି ବେହେରା, ମୁଖ୍ୟବକ୍ତା ଭାବେ ଏ. ଭୋବନୀ ରେଡ୍ଡୀ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସବିତା ସାହୁ, ସମିତି ସଭ୍ୟ ଏସ. ରାମଚନ୍ଦ୍ର ରେଡ୍ଡୀ, ରାଜପୁର ସାଧନ କେନ୍ଦ୍ର ସଂଯୋଜକ ଲକ୍ଷ୍ମଣ ସେଠୀ ଓ ଶରତ ବେହେରା, ନିମନ୍ତ୍ରିତ ଅତିଥି ଭାବେ ସନ୍ତୋଷପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନାତନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଆଞ୍ଚଳିକ ପ୍ରତିଭା ରୂପେ ଏ ଭବାନୀ ରେଡ୍ଡୀଙ୍କୁ ଶିକ୍ଷା ସହ ସମର୍ପିତ ସମାଜସେବା ନିମନ୍ତେ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷ ଗଞ୍ଜାମ ବ୍ଲକର ଭାଷା ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ପାଇଁ ଅଭିନବ ଶିଶୁ ଲେଖକ କର୍ମଶାଳା ଓ ବାର୍ଷିକ ଉତ୍ସବକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦେବୀ, ସାଗର ସାହୁ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସହକାରୀ ଶିକ୍ଷକ ନିରଞ୍ଜନ ତ୍ରିପାଠୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଫିରିଙ୍ଗିଆରେ ରାଜ୍ୟସ୍ତରୀୟ ଲୋକକଳା ମହୋତ୍ସବ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୨୫।୨

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡ଼ିଆରେ ଶନିବାର ରାଜ୍ୟସ୍ତରୀୟ ଲୋକକଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପିତାବଳୀ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ବାହାରି ପଡିଆରେ ପହଞ୍ଚିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ କଟକ-ଚୌଦ୍ୱାର ପୂର୍ବତନ ବିଧାୟକ ତଥା ରାଜ୍ୟ କଳାକାର ସଂଘ ସଭାପତି ପ୍ରଭାତ ବିଶ୍ୱାଳ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, ବିଜେଡ଼ି ଜିଲା ମହିଳା ସଭାପତି ପୂନମ୍ କହଁର, ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷା ନମିତା କହଁର, ବ୍ଲକ ସଭାପତି ବିଷ୍ଣୁ ଚରଣ ମଲିକ, ଥାନାଧିକାରୀ ତପନ କୁମାର ନାହାକ ପ୍ରମୁଖ ଯୋଗ ଦେଇ କଳାକାରମାନଙ୍କ ଥିବା ବିଭିନ୍ନ ସମସ୍ୟା



ମହୋତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଉପରେ ଆଲୋଚନା କରିଥିଲେ । ସେହିପରି ବିଲୁପ୍ତ ହେବାକୁ ଯାଉଥିବା ଲୋକ କଳାକୁ ପୁନର୍ଜୀବିତ କରିବା ପାଇଁ ଉପସ୍ଥିତ କଳାକାରମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲା ଉପସଭାପତି ଅକ୍ଷୟ କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାର ବହୁ କଳାକାରମାନେ ଯୋଗଦେଇ ସେମାନଙ୍କ ରହିଥବା ବିଭିନ୍ନ ସମସ୍ୟା ଉପରେ ଅତିଥିଙ୍କୁ ଅବଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘ ସଂଯୋଜକ ସନ୍ତୋଷ କୁମାର ପାତ୍ର, ସୁଦର୍ଶନ କହଁର, ମୌସୁମୀ ପ୍ରଧାନ, ଲକ୍ଷ୍ମୀଧର ସାହୁ, ରବୀନ୍ଦ୍ର କହଁର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କଳା କାର ମାନେ ମଞ୍ଚରେ ସେମାନଙ୍କ କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ । ଶେଷରେ ବରିଷ୍ଠ କଳାକାର ମାନଙ୍କୁ ମାନପତ୍ର ପ୍ରଦାନ କରା ଯାଇଥିଲା ।

# କାମରେ ଆସୁନି ଆଦର୍ଶ ଗୁହାଳ

ବେଗୁନିଆପଡ଼ା,୨୫।୨ (ଡି.ଏନ୍.ଏ): ଗୋପାଳନ ପାଇଁ ଆଗ୍ରହ ସୃଷ୍ଟି କରାଯାଇ 'ଆଦର୍ଶ ଗୁହାଳ' ଯୋଜନା କରାଯାଇଛି। ହେଲେ ଏହି ଯୋଜନାରେ ନିର୍ମାଣ ହୋଇଥିବା ଗୁହାଳରେ ଏବେ ଗୋରା ରହୁ ନଥିବା ଦେଖିବାକୁ ମିଳୁଛି। ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକର ବଡ଼ ଖଇରଖମାର ଶରଧାପୁର ଗାଁ ରୁ ଆସିଛି ଏଭଳି ଦୃଶ୍ୟ। ଗୁହାଳରେ ଘର ତିଆରି ପାଇଁ ବ୍ୟବହୃତ କାଠ ବାଉଁଶ ଇତ୍ୟାଦି ଜିନିଷ ରଖାଯାଇଛି। ଆଉ କେଉଁଠି ଧାନ ବସ୍ତା ରହିଥିବା ମଧ୍ୟ ଦେଖିବାକୁ ମିଳିଛି। ବାସ୍ତବରେ ଗୁହାଳ ତିଆରି ଯେଉଁ ଉଦ୍ଦେଶ୍ୟରେ ହୋଇଥିଲା ତାହା ଫେଲ୍ ମାରିଛି।

# ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଦିଗପହଣ୍ଡି,୨୫।୨(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ପଞ୍ଚାୟତ ଜଲମେରିପଲ୍ଲୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ଗୌଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବ୍ଲକ ଶିକ୍ଷାଧିକାରୀ କୋରେଶୁ ସେଠୀ ମୁଖ୍ୟ ଅତିଥି, ଅତିରିକ୍ତ ଶିକ୍ଷାଧିକାରୀ ରସାନନ୍ଦ ଘଡ଼େଇ ମୁଖ୍ୟବକ୍ତା ଏବଂ ଅନ୍ୟତମ ଅତିରିକ୍ତ ଶିକ୍ଷାଧିକାରୀ ବିଶ୍ରବା ପାଇକ, ବ୍ଲକ ଏଲିମେଣ୍ଟାରୀ ଶିକ୍ଷକ ସଂଘ ସଭାପତି ଗଣେଶ ପାତ୍ର, ସମ୍ପାଦକ ସନ୍ତୋଷ କୁମାର ଗୌଡ, ଭୀଷ୍ମଗିରି କ୍ଲଷ୍ଟରର ସିଆରସିସି ସରୋଜ କାନ୍ତ ସାହୁ, ପୂର୍ବତନ ସିଆରସିସି କୋରା ସେଠୀ, ଏସ୍. ଟିକରପଡା କ୍ଲଷ୍ଟରର ସିଆରସିସି ସରୋଜ କୁମାର ନାୟକ, ପୂର୍ବତନ ସିଆରସିସି ନରସିଂହ ପ୍ରସାଦ ପାଠୀ, ମଧୁବନ କ୍ଲଷ୍ଟର ସିଆରସିସି ବାବୁଲାଲ ନାୟକ, ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଟ୍ଟନାୟକ, ମନୋଜ କୁମାର ନାୟକ, ନିଳାଞ୍ଚଳ ପ୍ରଧାନ, ହୃଷିକେଶ



କୃତୀ ଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଉଛି ।

ଗୌଡ, ଈଶ୍ୱର ଶବର, ଦେବେନ୍ଦ୍ର ପ୍ରସାଦ ନାୟକ ତଥା ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ଚିନ୍ତାମଣି ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୋହନ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପଠନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଉପସ୍ଥିତ ଅତିଥି, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ପ୍ରଧାନ ଶିକ୍ଷକ, ଶିକ୍ଷକ ସଂଘ କର୍ମକର୍ତ୍ତା, ଗ୍ରାମବାସୀ, ସିଆରସିସି, ପୂର୍ବତନ ସିଆରସିସି ପରିଚାଳନା କମିଟି ସଭ୍ୟା ସଭ୍ୟ ମାନଙ୍କୁ ପ୍ରଧାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ, ସିଡିପିଓଙ୍କ ତଦନ୍ତ

ଛତ୍ରପୁର,୨୫।୨(ଡି.ଏନ୍.ଏ): ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ଘଟଣାରେ ଛତ୍ରପୁର ସିଡିପିଓ ପ୍ରଣମିତା ପଣ୍ଡା ଓ ସୁପରଭାଇଜର ଅଙ୍ଗନାବାଡି କେନ୍ଦ୍ରରେ ଯାଞ୍ଚ କରିଛନ୍ତି। ଛତ୍ରପୁର ଏନଏସିର ୧୧ ନଂ ୱାର୍ଡ ଗୋପବନ୍ଧୁନଗରରେ ଥିବା ଅଙ୍ଗନାବାଡି କେନ୍ଦ୍ରରେ ଗତ ୮ମାସ ହେଲାଣି ପିଲାଙ୍କୁ ରନ୍ଧା ଖାଦ୍ୟ,ଅଣ୍ଡା ମିଳୁ ନଥିଲା। ଗର୍ଭବତୀ ମହିଳାମାନେ ଏହିସବୁ ଯୋଜନାରୁ ବଞ୍ଚିତ ହେଉଥିଲେ। ଏହି ଘଟଣାକୁ ଅଧିକାରୀମାନେ ସବୁ ଜାଣି ନଜାଣିଲା ପରି ରହି ସବୁ ଚୁପ ବସିଛନ୍ତି। ଏନେଇ ବାରମ୍ବାର ସ୍ଥାନୀୟ କାଉନସିଲର ସନ୍ତୋଷୀ ସେଠୀ ଛତ୍ରପୁର ଉପଜିଲାପାଳ, ଜିଲା ସମାଜ ମଙ୍ଗଳ ଅଧିକାରୀ, ସିଡିପିଓଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ବି



କୌଣସି ସୁଫଳ ମିଳିନଥିଲା। ଘଟଣା ବିଷୟରେ ଜାଣିବା ପାଇଁ ସିଡିପିଓ ଓ ସୁପରଭାଇଜର ଅଙ୍ଗନାବାଡି କର୍ମୀ ଓ ସ୍ଥାନୀୟ କାଉନସିଲର ଉପସ୍ଥିତିରେ କିପରି ସମାଧାନ ହେବ ସେନେଇ ଆଲୋଚନା କରିଥିଲେ। କାଉନସିଲରଙ୍କୁ ସମସ୍ତ ତଥ୍ୟ ଦିଆଯିବ ବୋଲି ସିଡିପିଓଙ୍କ ପକ୍ଷରୁ କୁହାଯାଇଛି। ସମସ୍ତ ତଥ୍ୟ ମିଳିଲେ ସେ ଦସ୍ତଖତ କରିବାକୁ ରାଜିଅଛନ୍ତି ବୋଲି କହିଥିଲେ।

## ନୂତନ ବନାଞ୍ଚଳ ଅଧିକାରୀଙ୍କ ଯୋଗଦାନ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୨୫।୨

ଫିରିଙ୍ଗିଆ ବନାଞ୍ଚଳ ନୂତନ ଅଧିକାରୀ ଭାବରେ ରବୀନ୍ଦ୍ର କୁମାର ପାତ୍ର ଯୋଗ ଦେଇଛନ୍ତି। ପୂର୍ବରୁ ସେ କନ୍ଧମାଳ ଜିଲାର ନୂଆଁଗାଁ ବ୍ଲକରେ ଦାୟିତ୍ୱ ନିର୍ବାହ କରୁଥିଲେ। ଶୁକ୍ରବାର ଏହି ଅବସରରେ ପୂର୍ବରୁ ଥିବା ବନାଞ୍ଚଳ ଅଧିକାରୀ ବିଜୟ କୁମାର ମଲିକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ବନପାଳ ସରୋଜ କୁମାର ମିଶ୍ର, ବ୍ରଜ ସୁନ୍ଦର ଦାଶ, ଦିଲୀପ କୁମାର ବିଷୋୟୀ ଓ ବନ ବିଭାଗର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ନୂତନ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର ସମସ୍ତ କର୍ମଚାରୀଙ୍କୁ ନେଇ କିପରି ଭାବରେ ସୁରୁଖୁରୁରେ ବିଭାଗର ସମସ୍ତ କାର୍ଯ୍ୟକ୍ରମ କରାଯାଇ ପାରିବ ସେ ନେଇ ଆଲୋଚନା କରିଥିଲେ।

## ଆଜି କ'ଣ କେଉଁଠି

**ଧର୍ମଶାଳା**

- କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ-ଧର୍ମଶାଳା ମହାବିଦ୍ୟାଳୟ, ସମୟ- ପୂର୍ବାହ୍ନ ୮ଘଟିକା।

## 'ସମ୍ପର୍କକୁ ସୁଦୃଢ଼ କରୁଛି ଓଡ଼ିଶା-ଜାପାନ ମହୋତ୍ସବ'

ପୁରୀ ଅଫିସ, ୨୫।୨: ପୁରୀ-କୋଣାର୍କ ରୋଡ୍ ନିକଟସ୍ଥ ଚନ୍ଦ୍ରଶେଖର ଏକାଡେମୀ ପରିସରରେ ଶନିବାର ଓଡ଼ିଶା -ଜାପାନ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଏକାଡେମୀର ଛାତ୍ରୀଛାତ୍ରମାନେ ଓଡ଼ିଶାର ଐତିହ୍ୟ, କଳା, ସଂସ୍କୃତିକୁ ସୁନ୍ଦର ଭାବେ ପରିବେଷଣ କରିଥିଲେ। ସେହିପରି ଜାପାନରୁ ଆସିଥିବା ୪୦ ଜଣ କଳାକାର ସେମାନଙ୍କ ଦେଶର ଐତିହ୍ୟ, କଳା, ସଂସ୍କୃତିକୁ ଚିତ୍ତାକର୍ଷକ ଭାବେ ପ୍ରଦର୍ଶନ କରିଥିଲେ। ଜାପାନର ତବଲାବାଦକ ନାଚୋସ ମିୟାହାରା ଏବଂ ଓଡ଼ିଶାର ଆନ୍ତର୍ଜାତିକ ତବଲା ବାଦକ ଲିଙ୍ଗରାଜ ଦାସଙ୍କ ମିଳିତ ତବଲା ବାଦନ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ଏଥିସହ ଜାପାନୀ କଳାକାର ନିଚି, ଟିନି, ଟୋମୋଙ୍କର କଳା ଚିତ୍ତାକର୍ଷକ ଥିଲା। ଏହି ମହୋତ୍ସବ ଦ୍ୱାରା ଉଭୟ ଦେଶର କଳା, ସଂସ୍କୃତି,ଐତିହ୍ୟ ଏବଂ ପର୍ଯ୍ୟଟନର ପ୍ରଚାର ପ୍ରସାର ହେବା ସହ ସମ୍ପର୍କ ସୁଦୃଢ଼ ଓ ଭାଇଚାରା ପରମ୍ପରା ସୃଷ୍ଟି ହୋଇପାରୁଛି ବୋଲି ଭାରତ-ଜାପାନ ମୈତ୍ରୀ କେନ୍ଦ୍ର ତଥା ଚନ୍ଦ୍ରଶେଖର ଏକାଡେମୀର ସଭାପତି ଶ୍ରୀମନ୍ତ କୁମାର ଦାଶ କହିଛନ୍ତି। ସେହିପରି ପୁରୀରେ ୧୦ ବର୍ଷ ହେଲା ରହୁଥିବା ଜାପାନର ମିଚିକୋ ମୁକୁ ଦାଶ କହିଥିଲେ, ବିଗତ ୬ରୁ ୭ବର୍ଷ ହେବ ଏହି ମହୋତ୍ସବ ହେଉଛି। ଜାପାନ ଓ ଭାରତ ମଧ୍ୟରେ କଳା ସଂସ୍କୃତି ଜରିଆରେ ସମ୍ପର୍କ ସୁଦୃଢ଼ କରିବା ଏହାର ମୂଳ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସଞ୍ଜୀବ କୁମାର ନାୟକ, ପ୍ରିନ୍ସିପାଲ ରଞ୍ଜିତା ପାଣିଗ୍ରାହୀ, ଶିକ୍ଷୟିତ୍ରୀ ଶକୁନ୍ତଳା ରଥ, ସୁଚିତ୍ରା ନାୟକ ଏବଂ ଶୁଭଶ୍ରୀ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆନ୍ତଃରାଜ୍ୟ ଭଲିବଲ ଟୁର୍ନାମେଣ୍ଟରେ ଯୋଗଦେବେ ରାଜ୍ୟପାଳ

ପ୍ରୀତିପୁର,୨୫।୨(ଡି.ଏନ.ଏ.): ଯାଜପୁର ଜିଲା ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ପଡ଼ିଆରେ ଆଞ୍ଚଳିକ ଭଲିବଲ ପ୍ରଶିକ୍ଷଣ କେନ୍ଦ୍ର ବିରିପଟା ଆନୁକୁଲ୍ୟରେ ମନ୍ମଥନାଥ ଧଳ ମେମୋରିଆଲ ଆନ୍ତଃରାଜ୍ୟ ଭଲିବଲ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଦିବା ୧୦ରୁ ଆରମ୍ଭ ହୋଇ ରାତ୍ର ୮ ଘଟିକା ଯାଏ ଚାଲିବ। ଉକ୍ତ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେବେ। ଅନ୍ୟ ଅତିଥିଙ୍କ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ପ୍ରମିଳା ମଲ୍ଲିକ, କନ୍ଧମାଳ ଏମ୍‌ପି ପ୍ରଫେସର ଅଚ୍ୟୁତ ସାମନ୍ତ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଦୌଡ଼ରାଣୀ ଦୂତୀ ଚାନ୍ଦ, ସାମାଜିକ କର୍ମୀ ବିଜୟ କୁମାର ଧଳ ଯୋଗଦାନ କରିବେ। ଏହି ଅବସରରେ ଚାରାରୋପଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ବଢୁଛି ବେଆଇନ ମଦ କାରବାର

କୋରେଇ,୨୫।୨(ଡି.ଏନ୍.ଏ.)

- ପଥଭ୍ରଷ୍ଟ ହେଉଛନ୍ତି ଯୁବପିଢ଼ି
- ଚୋରା ବେପାରୀଙ୍କ ସୁରକ୍ଷାରେ ଅବକାରୀ ବିଭାଗ

ଯାଜପୁର ଜିଲା କୋରେଇ ବ୍ଲକ ଅଞ୍ଚଳରେ ଦିନକୁ ଦିନ ବେଆଇନ ମଦ କାରବାର ବୃଦ୍ଧିପାଉଛି। ଅବକାରୀ ବିଭାଗ ଓ ପୋଲିସର ନୀରବତା ଯୋଗୁ ନିର୍ଭୟରେ ଏହି କାରବାର ଚାଲିଥିବା ଅଭିଯୋଗ ହେଉଛି। ବ୍ଲକର ୨୮ ପଞ୍ଚାୟତ ଅଞ୍ଚଳରେ ରହିଥିବା ବିଭିନ୍ନ ଢାବା, ହୋଟେଲ ଓ ଗାଁ ଗୁଡ଼ିକରେ ଥିବା ପାନଦୋକାନ, ଜଳଖିଆ ଦୋକାନରେ ବିଦେଶୀ ମଦଠାରୁ ଆରମ୍ଭକରି ଭାଟିମଦ, ବିଷାକ୍ତ ରନ୍ଧାମଦ ଓ ନକଲି ବିଦେଶୀ ମଦ ବିକ୍ରି ହେଉଛି। ୨୪ ଘଣ୍ଟା ମଦ ବିକ୍ରି ଯୋଗୁ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଯୁବଗୋଷ୍ଠୀ ନିଶାରେ ଅପରାଧ ଦୁନିଆରେ ପାଦଦେବା ସହ ଦୁର୍ଘଟଣା ମଧ୍ୟ ବଢୁଛି। ବଜାରରେ ମିଳୁଥିବା ନକଲି ବିଦେଶୀ ମଦ ପିଇ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି। ପରିବେଶ ଅଶାନ୍ତ ହେବା ସହିତ ଅନେକ ଲୋକଙ୍କ ଜୀବନ ଜୀବିକା ଉପରେ ଏହାର କୁପ୍ରଭାବ ପଡୁଛି। ବେଆଇନ ମଦ କାରବାରକୁ ରୋକିବା ଅବକାରୀ ବିଭାଗ ଓ ପୋଲିସର ଦାୟିତ୍ୱ। ହେଲେ ଏଠାରେ ବେଆଇନ ମଦ କାରବାରରେ ରୋକ ଲାଗିପାରୁ ନ ଥିବାରୁ ଉଭୟ ବିଭାଗର କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବ୍ଲକ ଅଧୀନ ୧୪୦ ଗାଁରେ ଛୋଟ ପାନଦୋକାନଠାରୁ ଆରମ୍ଭକରି ପ୍ରତ୍ୟେକ ସାହି ଓ ପାଣିକୋଇଲି ଦେଇ ଯାଇଥିବା ରାଜାମୁଣ୍ଡା ଏନ୍‌ଏଚ୍ ୨୦ ମୁଖ୍ୟରାସ୍ତା କଡ଼, ସମସ୍ତ ଢାବା, କୋର୍ଟ, ମେଡିକାଲ ଏପରିକି ସ୍କୁଲ ଏବଂ କଲେଜ ସମ୍ମୁଖରେ ଦେଶୀ, ବିଦେଶୀ ଓ ବିଷାକ୍ତ ରନ୍ଧାମଦ ଦୋକାନ ଖୋଲିଛି। ନୂଆଗଡ଼ ଗୋଲେଇଛକ ନିକଟସ୍ଥ କୁଆଁର୍ଦାର ଜଣେ ସରକାରୀ ସ୍ୱୀକୃତିପ୍ରାପ୍ତ ବ୍ୟବସାୟୀ, ଯାଜପୁର ରୋଡ୍ ଓ ପାଣିକୋଇଲି ଅଞ୍ଚଳର କିଛି ଲାଇସେନ୍ସଧାରୀ ମଦ ବ୍ୟବସାୟୀ ଏହି ଚୋରା ବେପାରର କିଙ୍ଗ୍ ପିନ୍ ସାଜିଥିବା କୁହାଯାଉଛି। ସେମାନେ କୋରେଇ ଅଞ୍ଚଳର ଚୋରା ବେପାରୀଙ୍କୁ ବ୍ଲାକରେ ମଦ ଯୋଗାଇ ମୋଟା ଅଙ୍କର ଅର୍ଥ କମାଉଛନ୍ତି। ଚୋରା ବେପାରୀମାନେ ମଧ୍ୟ ଗାଁଗାଁରେ ଏହାକୁ ମନମୁତାବକ ଦରରେ ବିକ୍ରି କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। କୋରେଇ ଥାନା ଅଧୀନ ରଗଡ଼ି ଛକରେ ଚୋରା ମଦ ବେପାର ଚରମସୀମାରେ ପହଞ୍ଚିଛି। ରଗଡ଼ି ଛକର କିଛି ଢ଼ାବା, ପ୍ରାଥମିକ ବିଦ୍ୟାଳୟ ଏବଂ ପଛିକୋଟ ହାଇସ୍କୁଲର ନିକଟବର୍ତ୍ତୀ ମା'କାମୁଡେଇ ପୀଠ ପାଖରେ ରୀତିମତ ମଦ ବ୍ୟବସାୟ ଚାଲୁଛି।

ସେହିପରି ପରମାନନ୍ଦପୁର ଗ୍ରାମରେ ଜଣେ ଯୁବକ ୧୦ବର୍ଷ ହେବ ଚୋରା ବେପାର ଚଳାଇଛନ୍ତି। ଯାଜପୁର ରୋଡ୍ ଅବକାରୀ ବିଭାଗ ଓ ପୋଲିସ ଜାଣତରେ ଏସବୁ ଚାଲିଥିବାବେଳେ ଅଧିକାରୀମାନେ ଚୋରା ମଦ ବେପାରୀଙ୍କଠାରୁ ମାସିକିଆ ମୁନାଫା ନେଇ ସୁରକ୍ଷା ଦେଉଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏଥିପାଇଁ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ଅବକାରୀ ବିଭାଗ କିମ୍ବା ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ମତପ୍ରକାଶ ପାଉଛି। ସେହିପରି ସ୍ୱୀକୃତିପ୍ରାପ୍ତ ମଦ ଦୋକାନ ଆଗରେ ଦର ତାଲିକା ଟାଙ୍ଗିବା ନିୟମ ରହିଥିବାବେଳେ ଅନେକ ବ୍ୟବସାୟୀ ଏହାକୁ ବେଖାତିର କରୁଛନ୍ତି। ହେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତେଣୁ ଏହି ଦୋକାନଗୁଡ଼ିକ ଉପରେ ଚଢ଼ାଉ କରାଗଲେ କେଉଁମାନେ ଦର ତାଲିକା ଟାଙ୍ଗୁଛନ୍ତି କେଉଁମାନେ ଟାଙ୍ଗୁନାହାନ୍ତି ତାହା ଜଣାପଡ଼ନ୍ତା। ସେହିପରି ପ୍ରିଣ୍ଟରେଟ୍‌ଠାରୁ ମନଇଚ୍ଛା ଅଧିକ ଦରରେ ମଦ ଦୋକାନୀ ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ତେଣୁ ଏସବୁ ଘଟଣା ପ୍ରତି ଅବକାରୀ ବିଭାଗ ଓ ପୋଲିସ ଦୃଷ୍ଟିଦେବାକୁ ଦାବି ହୋଇଛି। ଏନେଇ ଯାଜପୁର ରୋଡ୍ ଅବକାରୀ ବିଭାଗ ଅଧିକାରୀ ସତ୍ୟ ପ୍ରଧାନଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରତିଦିନ ଚଢ଼ାଉ କରାଯାଇ ଅନେକ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଉଛି। ସେହିପରି ନିୟମ ଉଲ୍ଲଙ୍ଘନ କରୁଥିବା ଦୋକାନୀଙ୍କ ବିରୋଧରେ ଲିଖିତ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ଚବିଶ ପ୍ରହର ନାମଯଜ୍ଞ



ଚଣ୍ଡିଖୋଲ/ଛତିଆ,୨୫।୨(ଡି.ଏନ୍.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପଞ୍ଚାୟତର ପାଟଣା ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଦୀର୍ଘ ୫ଦିନ ଧରି ଚାଲିଛି। ପ୍ରାରମ୍ଭରେ କଳସ ଶୋଭାଯାତ୍ରା, ଗ୍ରାମ ପରିକ୍ରମା ଓ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ରବିବାର ନଗର ଭ୍ରମଣ କାର୍ଯ୍ୟକ୍ରମ ହେବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ୭୦ବର୍ଷ ଧରି ଏଠାରେ ଚବିଶ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଆସୁଛି। ପାଟଣା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ହୋଇଥିବା କାର୍ଯ୍ୟକ୍ରମରେ ମହାପ୍ରଭୁ ଜଗନ୍ନାଥଙ୍କ ମୂର୍ତ୍ତି ସ୍ଥାପନା ସହିତ ବିଭିନ୍ନ କୁଞ୍ଜ କରାଯାଇଛି। ଦୈନିକ ହଜାର ହଜାର ଭକ୍ତ ଯୋଗଦେଉଛନ୍ତି। ମଣ୍ଡପ ନିକଟରେ ମିନାବଜାର ଓ ଦୋଳି ଆଦି ପଡ଼ିଥିବାରୁ ମହିଳା ଓ ଛୋଟଛୋଟ ପିଲା ଏହାର ମଜା ଉଠାଉଛନ୍ତି। କର୍ତ୍ତାଭାବେ ରବୀନ୍ଦ୍ର କୁମାର ପୃଷ୍ଟି ଯୋଗଦେଇ କାର୍ଯ୍ୟ ସମ୍ପାଦନ କରୁଥିବାବେଳେ ବିଭିନ୍ନ ଜିଲାରୁ ପଚାଶରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ପ୍ରତ୍ୟହ ସାମିଲ ହେଉଛନ୍ତି। ପାଟଣା ଗ୍ରାମବାସୀଙ୍କ ପକ୍ଷରୁ ପ୍ରତ୍ୟହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ବଡ଼ଚଣା ବିଧାୟକ ଅମରପ୍ରସାଦ ଶତପଥୀ, କଂଗ୍ରେସ ନେତା ରାଜନାରାୟଣ ମହାପାତ୍ର, ଭାଜପା ନେତା ଅମର ନାୟକ ଓ ବିଜେଡି ରାଜ୍ୟ ସମ୍ପାଦକ ଜନ୍ମେଜୟ ଲେଙ୍କା ପ୍ରମୁଖ ପହଞ୍ଚି ମହାପ୍ରଭୁଙ୍କ ଆଶିଷ ଲାଭ କରିଥିଲେ।

# ମା' ଅନନ୍ତ ବାସୁଳେଇ ମନ୍ଦିରର ପ୍ରତିଷ୍ଠା ଉତ୍ସବ



ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଅନୁଷ୍ଠିତ ପ୍ରବଚନ କାର୍ଯ୍ୟକ୍ରମ।

ଯାଜପୁର ରୋଡ,୨୫।୨(ଡି.ଏନ.ଏ.)

କୋରାଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲା ଗ୍ରାମଦେବତୀ ମା' ଅନନ୍ତ ବାସୁଳେଇ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପ୍ରଥମ ଦିବସରେ ମହିଳାମାନଙ୍କ ଦ୍ୱାରା ୧୦୮ କଳସ ଯାତ୍ରା ସହ ବାରପାଟଣା ଗ୍ରାମବାସୀମାନେ ମିଳିତ ହୋଇ ନଗର ପରିକ୍ରମା କରିଥିଲେ। ସନ୍ଧ୍ୟାରେ ସାଧୁ ସନ୍ଥ ସମ୍ମିଳନୀ ସହ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଅନୁଷ୍ଠାନ ତରଫରୁ ମଧୁସୂଦନ ପୃଷ୍ଟି ଓ ସଭାପତି ବିନୋଦ ବିହାରୀ ନାୟକ ଉଭୟେ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସ୍ୱାମୀ ଉଦୟାନନ୍ଦ ପର୍ବତ ମହାରାଜ, ବାବାଜୀ ବିଶ୍ୱନାଥ ଦାସ ମହାରାଜ, ମହନ୍ତ ପ୍ରଶନାନନ୍ଦ ମହାରାଜ, ସ୍ୱାମୀଜୀ ଅଭୟାନନ୍ଦ ସାରଦା ମହାରାଜ ପ୍ରମୁଖ ମିଳିତ ପ୍ରବଚନ ପ୍ରଦାନ କରିଥିଲେ। ଶୁକ୍ରବାର ପୂର୍ଣ୍ଣାହୁତି ଦିବସରେ ମାଙ୍କ ଚଣ୍ଡୀ ପୂଜା ସହ ମହାସ୍ନାନ ଓ ନୂତନ ମନ୍ଦିରର ନୂତନ ସିଂହାସନ ଆରୋହଣ କରିଥିଲେ। ସାମାଜିକ କର୍ମୀ ବିଜୟ କୁମାର ସାହୁ ମୁଖ୍ୟଅତିଥି, ସୁଧାଂଶୁ ଶେଖର ସାହୁ, ଆଲେକ ଜାଣ୍ଡାର ଦାସ, ପ୍ରମୋଦ କୁମାର ପରିଡ଼ା, ପ୍ରକାଶଚନ୍ଦ୍ର ଦାସ, ଉତ୍ତମ ଦାସ, ସୁବାସ ଚନ୍ଦ୍ର ଧଳ, ବିରଞ୍ଚି ନାରାୟଣ ଖୁଣ୍ଟିଆ, ଖମଣ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ପରୀକ୍ଷିତ ରାଉତ ଓ କୋରାଇ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ପରମେଶ୍ୱର ମଲିକ, ପୂର୍ବତନ ସରପଞ୍ଚ ଧନେଶ୍ୱର ନାୟକ, କୈଳାସ ଚନ୍ଦ୍ର ସାହୁ, ହିଙ୍ଗୁଳା କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଦୁର୍ଗା କମିଟି ପୂର୍ବତନ ସମ୍ପାଦକ ନବଘନ ସାହୁ, ଗୋଡ଼ିପାଟଣା ଗ୍ରାମ ମୁଖ୍ୟ ପ୍ରଭାତ କୁମାର ପଥାଳ, ଦୁର୍ଗା କମିଟି ସମ୍ପାଦକ ମହେନ୍ଦ୍ର କୁମାର ନାୟକ, କାହ୍ନୁ ଗୋସ୍ୱାମୀ କମିଟିର ପୂର୍ବତନ ସଭାପତି ମଦନ ମୋହନ ସାହୁ, ବଣିକ ସଙ୍ଘ ସଭାପତି ଭାଗୀରଥି ମହଲା, ଫାଣ୍ଡି ଅଧିକାରୀ ଅମୀୟ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। କଟକର ପ୍ରଣତି ଭଜନ ସନ୍ଧ୍ୟାର କଳାକାର ମାଷ୍ଟର ବିଷ୍ଣୁ ଚରଣଙ୍କ ଦ୍ୱାରା ଆଧ୍ୟାତ୍ମିକ ସଙ୍ଗୀତ ପରିବେଷିତ ହୋଇଥିଲା।

## ପାଚେରିରେ ଧକ୍କାହୋଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବାରଙ୍ଗ,୨୫।୨(ଡି.ଏନ୍.ଏ.)

ଶୁକ୍ରବାର ବିଳମ୍ବିତ ରାତିରେ ଗୋଡିସାହିଫାଣ୍ଡି ଅଧୀନ ଷଣ୍ଢପୁର ବାଙ୍କରେ ଜଣେ ବାଇକ୍ ଚାଳକ ଭାରସାମ୍ୟ ହରାଇ ରାସ୍ତାକଡ ପାଚେରିରେ ଧକ୍କା ହେବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସେ ହେଲେ କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅଞ୍ଚଳର ଜାଡିଚତର ଗ୍ରାମର ଗଗନବିହାରୀ ନାୟକ(୩୫)। ଗଗନବିହାରୀ କଟକ ହାଇକୋର୍ଟରେ ଜଣେ କର୍ମଚାରୀ ବୋଲି ଜଣାପଡ଼ିଛି। ଏ ନେଇ ପୋଲିସ ନଂ.୬୫/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେ ଶୁକ୍ରବାର ବିଳମ୍ବିତ ରାତିରେ ନଂ. ଓଡି୦୯-ୟୁ-୮୦୧୩ ବିଶିଷ୍ଟ ବାଇକ୍ ଯୋଗେ କଟକ ଅଭିମୁଖେ ଯାଉଥିଲେ। ଷଣ୍ଢପୁର ଗାଁମୁଣ୍ଡରେ ପହଞ୍ଚି ଥିବାବେଳେ ଏକ ହମ୍ପସ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ପାଚେରିରେ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଗଗନବିହାରୀଙ୍କର ମୃତ୍ୟୁ ହୋଇଥିଲା। ଲୋକଙ୍କଠାରୁ ଖବରପାଇ ଗୋଡିସାହି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ।

# ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପରଲୋକ

ରସୁଲପୁର,୨୫।୨(ଡି.ଏନ.ଏ.)



ଚକ୍ରଧର ସାହୁ

ରସୁଲପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ଚକ୍ରଧର ସାହୁଙ୍କ ଶନିବାର ଅପରାହ୍ନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ଅସୁସ୍ଥତା କାରଣରୁ ସେ କଟକ ବଡ ଡାକ୍ତରଖାନରେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ସାହୁ ଏକାଧାରରେ ଜଣେ ରାଜନେତା, ନୀତିବନ୍ତ, ନିଷ୍ଠାବାନ, ଅମାୟିକ, ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ସେ ୧୯୮୪-୧୯୮୯ ପର୍ଯ୍ୟନ୍ତ ବ୍ଲକ ଅଧ୍ୟକ୍ଷ ଥିଲେ। ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ପ୍ରାଧାନ୍ୟ ଦେଇ କାର୍ଯ୍ୟକରି ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ। ମଧୁପୁର କଲେଜ କଳଣର ପ୍ରତିଷ୍ଠାତା ସମ୍ପାଦକ ଥିଲେ। ରସୁଲପୁର ବ୍ଲକ ଅଞ୍ଚଳରେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଓ ଶିକ୍ଷାର ପ୍ରଚାର ପ୍ରସାର ଦିଗରେ ବିଶେଷ ଅବଦାନ ରଖିଥିଲେ। ସାହୁଙ୍କ ମୃତ୍ୟୁ ଖବର ପାଇ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଧର୍ମଶାଳା ଭାଜପା ନେତ୍ରୀ ସ୍ମୃତିରେଖା ପହି, ପବିତ୍ର ମୋହନ ଦାଶ, ରସୁଲପୁର ବ୍ଲକ ବିଜେଡି ସଭାପତି ଲୋକନାଥ ପଣ୍ଡା, ପୂର୍ବତନ ଜିଲାପରିଷଦ ସଦସ୍ୟ ସତ୍ୟସ୍ୱରୂପ ସାହୁ, ପୂର୍ବତନ ସରପଞ୍ଚ ରମେଶ ନାୟକ, ମଧୁପୁର କଲେଜ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ମିଶ୍ର ଓ କଲେଜର ଅନ୍ୟ ଅଧ୍ୟାପିକା ଅଧ୍ୟାପକମାନଙ୍କ ସମେତ ବହୁ ମାନ୍ୟଗଣ୍ୟବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକବ୍ୟକ୍ତ କରିଥିଲେ। ଗ୍ରାମୀଣ ଏକତା ମଞ୍ଚ ସଭାପତି ଅଭିମନ୍ୟୁ ସାହୁଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠାନ ପକ୍ଷରୁ ସାହୁଙ୍କ ମରଶରୀରକୁ ବିରାଟ ପଟୁଆରରେ ଗାଁ ପରିକ୍ରମା କରାଯାଇ ଥିଲା। ପରେ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଶେଷକୃତ୍ୟ ସମୟରେ ତାଙ୍କର ୪ପୁଅ, ୨ ପୁତ୍ରବଧୂ, ଝିଅ, ଜ୍ୱାଇଁଙ୍କ ସମେତ ପରିବାର୍ଗ ଉପସ୍ଥିତ ଥିଲେ।

# ମିଲରଙ୍କ ମନମାନି: ଚାଷୀଙ୍କୁ ମିଳୁନି ଧାନ ବିକ୍ରି ଟଙ୍କା

ଚଣ୍ଡିଖୋଲ,୨୫।୨(ଡି.ଏନ୍.ଏ.)

ସରକାର ବିଭିନ୍ନ ପାକ୍ସ ଜରିଆରେ ଧାନ କିଣୁଥିବାବେଳେ ବଡ଼ଚଣାରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଚାଷୀ ମାସମାସ ଧରି ଧାନ ବିକ୍ରି କରିଥିଲେ ମଧ୍ୟ ସେମାନଙ୍କ ପଇସା ଆକାଉଣ୍ଟକୁ ଆସୁନାହିଁ, ଯାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପୂର୍ବରୁ ଚାଷୀମାନେ ଧାନ ବିକ୍ରୟ କଲାପରେ ଦୁଇ ଦିନ ମଧ୍ୟରେ ଟଙ୍କା ଆସୁଥିବାବେଳେ ଏବେ ମାସ ମାସ ଧରି ଅପେକ୍ଷା କରିବାକୁ ପଡୁଛି। ବହୁ ଚାଷୀ ଦୀର୍ଘ ଦିନ ହେବ ପାକ୍ସରେ ଧାନ ଦେଇଥିବାବେଳେ ସେମାନେ ପଇସା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଏପରି କି କେତେକ ପାକ୍ସକୁ ମିଲରମାନେ ଆସୁନାହାନ୍ତି। ସେମାନେ ଯେଉଁ ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଧାନ କିଣିବା କଥା ତାହା ନ କରି ଚାଷୀଙ୍କୁ ମିଲକୁ ପଠାଇ ଦେବାକୁ ନିର୍ଦ୍ଦେଶ ଦେଉଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ପାଖରୁ ମିଲରମାନେ ପାକ୍ସରୁ ଧାନ ଆଣିବାପାଇଁ ପରିବହନ ଖର୍ଚ୍ଚ ଓ ଅଖା ଖର୍ଚ୍ଚ ପାଉଥିବାବେଳେ ଏହାକୁ ସେମାନେ ଚାଷୀଙ୍କୁ ଦେବାକୁ ରାଜିନୁହନ୍ତି। ଏପରିକି କେତେକ ମିଲର ଦଲାଲଙ୍କ ଜରିଆରେ ଧାନ କିଣି ମିଲରେ ଗଚ୍ଛିତ ରଖୁଛନ୍ତି। ବଡ଼ଚଣାରେ ୧୪ଟି ପାକ୍ସ ଥିବାବେଳେ ସେମାନଙ୍କ ଗୋଦାମ ଗୃହ ନ ଥିବାରୁ ଚାଷୀଙ୍କ ଧାନକୁ ଗଚ୍ଛିତ ରଖିବା ସମ୍ଭବ ହେଉନାହିଁ। କେତେକ ସ୍ଥାନରେ ଚାଷୀ ଦୀର୍ଘଦିନ ହେବ ପାକ୍ସରେ ଧାନ ନେଇ ଜମା କରିଥିବା ବେଳେ ମିଲରମାନେ ନ ଆସିବାରୁ ତାହାକୁ ପାଲ ଘୋଡ଼ାଇ ଜଗିବାକୁ ପଡୁଛି। ଏପରି କି ଚାଷୀମାନଙ୍କ ନିକଟକୁ ଧାନ ବିକ୍ରି ନେଇ ମେସେଜ ଆସୁଥିବାବେଳେ ସେମାନେ ଧାନ ବିକ୍ରି କରିପାରୁନାହାନ୍ତି। ଛତିଆ, ସମିଆଁ, ବୈରୀ, ଅରଖପୁର, କଡ଼େଇ ଆଦି ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଚାଷୀମାନେ ଧାନ ବିକ୍ରି କରି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୁଇ ଦୁଇଥର ଏହି ପାକ୍ସ ସମ୍ମୁଖରେ ଚାଷୀମାନେ ଆନ୍ଦୋଳନ କରି ସାରିଲେଣି। ଆଗାମୀ ଦିନରେ ଏହା ବଡ଼ଧରଣର ଆନ୍ଦୋଳନର ରୂପ ନେବବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଯାଜପୁର ଜିଲା ଯୋଗାଣ ଅଧିକାରୀ ସଲ୍ଲାଉଦ୍ଦିନ୍ ଖାଁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

## ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ଜଣେ ଯୁବକଙ୍କୁ ଲୁହାରଡରେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର କୁଶ ଦୋରା। ତାଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଲୁହାରଡ ଜବତ ହୋଇଛି। ସୂଚନାନୁସାରେ ଶୁକ୍ରବାର ଗୋବିନ୍ଦ ରେଞ୍ଚୀଙ୍କୁ ସାମନ୍ତରାପୁର ଗେଟ ନିକଟରେ ଠିଆ ହୋଇଥିଲେ। ଏହି ସମୟରେ ଅଭିଯୁକ୍ତ କୁଶ ୨ଜଣ ସହିତ ସେଠାକୁ ଆସି ଗୋବିନ୍ଦଙ୍କୁ କୌଣସି କାରଣକୁ ନେଇ ଗାଳି କରିବା ସହ ଏକ ଛୁରିରେ ଆକ୍ରମଣ କରିଥିଲେ। ଏ ନେଇ ଗୋବିନ୍ଦ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତ କୁଶଙ୍କୁ ଗିରଫ କରିଥିଲେ।

# ଡିଫାକପ୍ ଫୁଟ୍‌ବଲ: ଫାଇନାଲରେ କଟକ



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିଜେତାଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଧର୍ମଶାଳା,୨୫।୨(ଡି.ଏନ.ଏ.)

ଧର୍ମଶାଳା ଫୁଟ୍‌ବଲ ଆସୋସିଏଶନ ଡିଫା ଆନୁକୂଲ୍ୟରେ ବାଣୀପୀଠ ଖେଳ ପଡ଼ିଆରେ ଚାଲିଥିବା ୨୫ତମ ଡିଫା କପ୍ ଓ ୫ମ ରଞ୍ଜିତ ସ୍ୱାଇଁ ଫୁଟ୍‌ବଲ ଟୁର୍ନାମେଣ୍ଟର ଶନିବାର ମ୍ୟାଚ୍‌ରେ ଗ୍ରାଣ୍ଡ୍ କ୍ଲବ କଟକ ୪/୦ ଗୋଲରେ ଯାଜପୁର ମା' ମଙ୍ଗଳା ଆଥଲେଟିକ ଆସୋସିଏଶନକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ କଟକ ପକ୍ଷରୁ ସେକ୍ ଫରିଦ ୨ ଓ ଦ୍ୱିତୀୟାର୍ଦ୍ଧରେ ପ୍ରକାଶ ନାୟକ ୨ ଗୋଲ କରିଥିଲେ। ଫଳରେ କଟକ ଗ୍ରାଣ୍ଡ୍ କ୍ଲବ ଫାଇନାଲରେ ପ୍ରବେଶ କରିଥିଲା। ସେକ୍ ଫରିଦଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

ମ୍ୟାଚ୍‌କୁ ସେକ୍ ସଲିମ ଅହମ୍ମଦ ଓ ଶୈଳେଶ ପାଣି ପରିଚାଳନା କରିଥିବାବେଳେ ସେକ୍ ଆସିଫ ଓ ପ୍ରଶାନ୍ତ ସେଠୀ ଲାଇନରେ ସହାୟତା କରିଥିଲେ। ଅତିଥିଭାବେ ବିଞ୍ଝାରପୁର ଟ୍ରେଜେରି ଅଫିସର ଅଶୋକ କୁମାର ସେଠୀ ଓ ଜିଲା ରଗ୍‌ବି ଆସୋସିଏଶନ ସାଧାରଣ ସମ୍ପାଦକ ଭରତ ସାହୁ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିଜେତାଙ୍କୁ ପୁରସ୍କୃତ କରିଥିଲେ। ରବିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ପ୍ରତାପ କ୍ଲବ ଭୁବନେଶ୍ୱର ଓ ମହାଲକ୍ଷ୍ମୀ କ୍ଲବ ଯାଜପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ ସଭାପତି ପ୍ରମୋଦ ଦାସ ସୂଚନା ଦେଇଛନ୍ତି।

# ୮୪ ଯୁବତୀଙ୍କୁ ମିଳିଲା ତାଲିମ ସୁଯୋଗ

ରସୁଲପୁର,୨୫।୨(ଡି.ଏନ.ଏ.)

**ବ୍ଲକସ୍ତରୀୟ ନିଯୁକ୍ତିମେଳା**

ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ଓ ଯାଜପୁର ଜିଲା ନିଯୋଜନ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ମେଳାରେ ବ୍ଲକ ଅଞ୍ଚଳରୁ ଶତାଧିକ ଯୁବତୀ ଯୋଗଦେଇ ଥିଲେ। ସେମାନଙ୍କ ମଧ୍ୟରୁ ୯୧ଜଣ ନାମ ପଞ୍ଜୀକରଣ କରିଥିଲାବେଳେ ୮୪ଜଣଙ୍କୁ ୩ଟି କମ୍ପାନୀ ପକ୍ଷରୁ ୩ଟି ଟ୍ରେଡରେ ଚୟନ କରାଯାଇଛି। ଉକ୍ତ ବେକାରୀ ଯୁବତୀମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ତାଲିମ ପ୍ରଦାନ କରାଯିବ। ତାଲିମପ୍ରାପ୍ତ ଯୁବତୀଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ ବୋଲି ଶିବିର ପକ୍ଷରୁ ସୂଚନା ଦିଆଯାଇଛି।

ଏହି ଅବସରରେ ଆୟୋଜିତ ଶିବିରାର୍ଥୀ ସଚେତନତା ସଭାରେ ଏବିଡିଓ ଦିବ୍ୟକାନ୍ତି ମିଶ୍ର ଅଧ୍ୟକ୍ଷତା କରିଥିଲେ। ଜିଲା କର୍ମ ନିଯୋଜନ ଅଧିକାରୀ ହରିହର ମହାପାତ୍ର, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ବରୁଆଁର ଅଧ୍ୟକ୍ଷା ସବିତାରାଣୀ ସାହୁ, ଜିଲା ବହୁମୁଖି ବୈଷୟିକ ଅନୁଷ୍ଠାନ ପକ୍ଷରୁ ଗୋପବନ୍ଧୁ ମହାରଣା ପ୍ରମୁଖ ଯୋଗଦେଇ ଶିବିର ସମ୍ପର୍କରେ ଯୁବତୀମାନଙ୍କୁ ବୁଝାଇ କହିଥିଲେ। ବ୍ଲକ ଜୀବିକା ମିଶନ ସଂଯୋଜିକା ମଧୁସ୍ମିତା ମହାନ୍ତି ଶିବିର ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେବାପରେ ପଞ୍ଜୀକୃତ ପ୍ରାର୍ଥିନୀମାନଙ୍କ ଦକ୍ଷତା ପରୀକ୍ଷା କରାଯାଇଥିଲା। ବିଭିନ୍ନ ସଂସ୍ଥାର ଅଧିକାରୀମାନେ ଶିବିରାର୍ଥୀଙ୍କ ପ୍ରମାଣପତ୍ର ଯାଞ୍ଚ କରିବା ପରେ ତାଲିମ ଗ୍ରହଣ ପାଇଁ ଚୟନ କରାଯାଇଥିଲା। ସରକାରୀ ବହୁମୁଖି ବୈଷୟିକ ଶିକ୍ଷା କେନ୍ଦ୍ର ପକ୍ଷରୁ ୫୫ଜଣ, ଡାଲିମିଆ ଭାରତ କମ୍ପାନୀ ଭୁବନେଶ୍ୱର ପକ୍ଷରୁ ୮ଜଣ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପକ୍ଷରୁ ୨୧ଜଣ ପିଲାଙ୍କୁ ତାଲିମ ପାଇଁ ଚୟନ କରାଯାଇଛି। କେତେକ ଆଶାୟୀ ଯୁବତୀ ଶିବିରରେ ବିଳମ୍ବରେ ପହଞ୍ଚିବାରୁ ସେମାନଙ୍କୁ ସାକ୍ଷାତକାର ସୁଯୋଗ ମିଳି ନ ଥିଲା। ଫଳରେ ସେମାନେ ନିରାଶ ହୋଇ ଫେରିଥିଲେ। ବ୍ଲକ ଅଞ୍ଚଳରେ ଏକାଧିକ ବାର ନିଯୁକ୍ତି ମେଳା ଆୟୋଜନ ହେବ। ଏଥିରୁ ଯୁବତୀଯୁବକ ଲାଭ ଉଠାଇବାକୁ ପରାମର୍ଶ ଦିଆଯାଇଥିଲା।



ନିଯୁକ୍ତି ମେଳାରେ ଯୋଗ ଦେଇଥିବା ଯୁବତୀମାନେ।

# ବିପଦରେ ପରିବେଶ ସମ୍ବେଦନଶୀଳ ୧୪୭ ଗାଁ

**କେନ୍ଦ୍ରାପଡ଼ା ଅଫିସ, ୨୫।୨**


ରାଜନଗର ଚିଙ୍ଗୁଡ଼ି ଘେରିରେ ଲାଗିଥିବା ଏଭିଏଟର।

- ଶ୍ରମିକଙ୍କ ଜୀବନ ନେଉଛି ଘେରିର ପାଣିଉଠା ମୋଟର, ଏଭିଏଟର
- ପରିବେଶ ସୁରକ୍ଷା ଆଇନର ଖୋଲାଖୋଲି ଉଲ୍ଲଂଘନ
- ବଢ଼ୁଛି ଚିଙ୍ଗୁଡ଼ି ଘେରି, ତାଗିଦା ସତ୍ତ୍ୱେ ପ୍ରଶାସନ ନୀରବ

କେନ୍ଦ୍ରାପଡ଼ା ଜିଲା ତାଳଚୁଆ ଥାନା ଅମରାବତୀ ଗ୍ରାମର ଚିଙ୍ଗୁଡ଼ି ଘେରିରେ ଲାଗିଥିବା ପାଣିଉଠା ମୋଟରରେ ମୟୁରଭଞ୍ଜ ଜିଲାର ଶ୍ରମିକ କଂଗ୍ରେସ ମୁଣ୍ଡାଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି । କେବଳ କଂଗ୍ରେସ ନୁହନ୍ତି, ଗତ ୩ ବର୍ଷରେ ନିମ୍ନମାନର ପାଣିପମ୍ପ ଓ ଏଭିଏଟର ପାଇଁ ୪ ଜଣଙ୍କ ଜୀବନ ଯାଇଛି । ଅପରପକ୍ଷେ ୨୦୧୪ ଅକ୍ଟୋବର ୨୧ରେ ଭାରତ ସରକାରଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଜିଲାର ୧୪୭ ଗ୍ରାମକୁ ପରିବେଶ ସମ୍ବେଦନଶୀଳ ଗ୍ରାମ ଭାବେ ବିଜ୍ଞପ୍ତି (ନଂ.୨୧୮୦ଜେ) ପ୍ରକାଶ କରିଛନ୍ତି । ଏହି ଚିହ୍ନଟ ଗ୍ରାମ ବର୍ଦ୍ଧିତ ଚିଙ୍ଗୁଡ଼ି ଘେରି ପାଇଁ ବିପଦରେ ପଡ଼ିଛି । ଜିଲାର ମହାକାଳପଡ଼ା, ରାଜନଗର ଓ ରାଜକନିକା ବ୍ଲକ ଅଞ୍ଚଳରେ ବେଆଇନ ଭାବେ ୧୦ ହଜାରରୁ ଅଧିକ ଚିଙ୍ଗୁଡ଼ି ଘେରି ଗଢ଼ିଉଠିଛି । ଏହି ଘେରିରୁ ନିର୍ଗତ ରାସାୟନିକ ସାମଗ୍ରୀ ପରିବେଶକୁ ନଷ୍ଟ କରୁଛି । ହାଇକୋର୍ଟରୁ ବାରମ୍ବାର ତାଗିଦା ସତ୍ତ୍ୱେ ପ୍ରଶାସନର ନୀରବତା ପ୍ରଶ୍ନବାଚୀ ସୃଷ୍ଟି କରିଛି । ପରିବେଶ ସୁରକ୍ଷା ଆଇନ ୧୯୮୬ର ଘୋଲାଖୋଲି ଉଲ୍ଲଂଘନ ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତ ଦେଇଛନ୍ତି।

ଏ ସମ୍ପର୍କରେ ଓଡ଼ିଶା ସୂଚନା ଆଇନ ଅଧିକାର ଅଭିଯାନ(ଓସା)ର ଜିଲା ଆବାହକ ପ୍ରତାପ କୁମାର ମହାନ୍ତି କହିଛନ୍ତି, ୨୦୧୭ରୁ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ବାରମ୍ବାର ନିର୍ଦ୍ଦେଶ ଦିଆଯାଉଛି । ଏପରିକି ଏହି କାର୍ଯ୍ୟର ତଦାରଖ ପାଇଁ କୋର୍ଟ ପକ୍ଷରୁ ମୋହିତ ଅଗ୍ରୱାଲଙ୍କୁ ଆମିକସକ୍ୟୁରୀ ଭାବେ ନିଯୁକ୍ତ କରାଯାଇଛି । କୋର୍ଟର ନିର୍ଦ୍ଦେଶ ସତ୍ତ୍ୱେ କୌଣସି ଚାପର ବଶବର୍ତ୍ତୀ ହୋଇ ପ୍ରଶାସନ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ । ପ୍ରଶାସନର ନୀରବତା ଏହି ବର୍ଗର ଚାଷୀଙ୍କୁ ସୁହାଇଛି। ମହାକାଳପଡ଼ା ବଡ଼ବୁବି ଅଞ୍ଚଳରେ ଏବେ ଶତାଧିକ ଏକର ଜମିରେ ଘେରି ନିର୍ମାଣ ହୋଇଛି । ତଟାଞ୍ଚଳରେ ଘେରି ନିର୍ମାଣ ଫଳରେ ବଣପଦା, ଭୁଇଁପୁର, ଗୋଗୁଆ, ଇଶାନୀପଲା, ହରିପୁର, କଜଳାବନ୍ଧ କଲତୁଙ୍ଗା, କାକଟପୁର, କୋରିଆପଲା, ନରସିଂହପୁର, ମଲାଡିହ, ପାଉଁଶିଆପାଳ, ରଟପଙ୍ଗ, ଶର୍ଙ୍ଖଚିତ, ଶାସନ, ସିଙ୍ଗାରପୁର, ତନ୍ତିଆପାଳ, ବେଣାକନ୍ଦା, ତେଲଙ୍ଗା, ପାଣିଖିଆ ଆଦି ୧୪୭ ଗ୍ରାମର ପରିବେଶ ନଷ୍ଟ ହେବ । ପରିବେଶବିତ୍ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି, ବନବିଭାଗ, ବନ୍ୟପ୍ରାଣୀ ବିଭାଗ, କୋଷ୍ଟାଲ ଆକ୍ୱା କଲଚର ଅଥରିଟି ଓ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ପ୍ରସ୍ତୁତ ସିଇସି (ସେଣ୍ଟ୍ରାଲ ଏମ୍ପାୱାର୍ଡ କମିଟି) ଗାଇଡ୍‌ଲାଇନକୁ ଚିଙ୍ଗୁଡ଼ି ଘେରି ଉଲ୍ଲଂଘନ କରୁଛି । ଏହି ଘେରିରେ ଖାଦ୍ୟ, ଔଷଧ ଓ ରାସାୟନିକ ସାର ପ୍ରୟୋଗ ହେତୁ ଗ୍ରାମ ପରିବେଶ ବିଷାକ୍ତ ହୋଇଯାଉଛି । ବୁଦ୍ଧିଜୀବୀ ଲକ୍ଷ୍ମୀକାନ୍ତ ନାୟକ କହିଛନ୍ତି, ନିମ୍ନମାନର ପାଣି ମୋଟର ଓ ଏଭିଏଟର ପାଇଁ ଗତ ତିନି ବର୍ଷ ମଧ୍ୟରେ ଚିଙ୍ଗୁଡ଼ି ଘେରିରେ ୧୧ଟି ଦୁର୍ଘଟଣା ହେଲାଣି। ଏଥିରେ ୪ ଜଣ ମରିଥିବା ବେଳେ ଅନ୍ୟମାନେ ଆହତ ହୋଇଛନ୍ତି । ଏଠାରେ ବ୍ୟବହୃତ ଯନ୍ତ୍ରଗୁଡ଼ିକ କେତେକ ବ୍ୟବସାୟୀ ଦିଲ୍ଲୀ, ମୁମ୍ବାଇ, କୋଲକତା ଆଦି ସ୍ଥାନରୁ ବିନା ରସିଦରେ ଆଣିଛନ୍ତି । ଏହି ମୋଟର ଓ ଏଭିଏଟରଗୁଡ଼ିକ ନିମ୍ନମାନର ହୋଇଥିବାରୁ ଶ୍ରମିକଙ୍କ ଜୀବନମରଣ ସମସ୍ୟା ଦେଖାଦେଇଛି । ଏପରି କି ଅଧିକାଂଶ ପାଣି ଉଠା ମୋଟର ଚାଲୁଥିବା ସମୟରେ ବିସ୍ଫୋରଣ ହୋଇଛି ବୋଲି ସେ ମତ ଦେଇଛନ୍ତି । ଏସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି, ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପ୍ରକ୍ରିୟା ବନ୍ଦ ହୋଇନାହିଁ । କୋର୍ଟର ନିର୍ଦ୍ଦେଶ ପରେ ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ନିକଟରେ ଏସମ୍ପର୍କରେ ଡ୍ରୋନ ଦ୍ୱାରା ପର୍ଯ୍ୟବେକ୍ଷଣ କରାଯିବ ବୋଲି ଉପଜିଲାପାଳ ବେହେରା ମତ ରଖିଛନ୍ତି ।

## ସଂକ୍ଷେପରେ

### ଭ୍ରାମ୍ୟମାଣ ଚିକିତ୍ସା ସେବାର ଶୁଭାରମ୍ଭ




**କୁଜଙ୍ଗ,୨୫।୨(ଡି.ଏନ୍.ଏ.):** ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳ ଢ଼ିଙ୍କିଆ, ନୂଆଗାଁ, ଗଡ଼କୁଜଙ୍ଗ ସମେତ ପାରାଦୀପ ନଗର ଅନ୍ତର୍ଗତ ବସ୍ତି ଅଞ୍ଚଳର ଅଧିବାସୀମାନଙ୍କ ପାଇଁ ଭ୍ରାମ୍ୟମାଣ ଚିକିତ୍ସାର ଶୁଭାରମ୍ଭ କରାଯାଇଛି । ବିଶେଷକରି ମହିଳା, ବୃଦ୍ଧା ଓ ବୃଦ୍ଧମାନଙ୍କୁ ଘର ପାଖରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇଦେବାପାଇଁ କମ୍ପାନୀ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି । ଉକ୍ତ ମେଡିକାଲ ଚିକିତ୍ସା ୟୁନିଟରେ ଅଭିଜ୍ଞ ଡାକ୍ତର ଓ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀ ମାଗଣାରେ ରୋଗୀମାନଙ୍କୁ ଚିକିତ୍ସା ପରାମର୍ଶ ଯୋଗାଇ ଦେବା ସହ ସାଧାରଣ ରୋଗ ପାଇଁ ଔଷଧ ଯୋଗାଇଦେବାକୁ ବ୍ୟବସ୍ଥା କରାଯାଇଛି। ଏଥିସହ ଭ୍ରାମ୍ୟମାଣ ଚିକିତ୍ସା କେନ୍ଦ୍ର ଜରିଆରେ ସାଧାରଣ ରୋଗ ସଂକ୍ରାମକ ତଥା ଅଣ ସଂକ୍ରାମକ ରୋଗର ନିରାକରଣ କରାଯିବା ସହ ରୋଗର ସ୍କ୍ରିନିଂ କରାଯିବ। ଆବଶ୍ୟକସ୍ଥଳେ ନିକଟସ୍ଥ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଧିକ ଚିକିତ୍ସା ଓ ପରାମର୍ଶ ନିମନ୍ତେ ପ୍ରେରଣ କରାଯିବ । ଏହାବ୍ୟତୀତ ଏହି କେନ୍ଦ୍ର ମାଧମରେ ପୁଷ୍ଟିକର ଖାଦ୍ୟ ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ଲୋକମାନଙ୍କୁ ସଚେତନତା କରାଯାଉଛି ବୋଲି ଜେଏସ୍‌ଡବ୍ଲ୍ୟୁ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ଡେରାବିଶ,୨୫।୨(ସ୍ୱ.ପ୍ର.) :** ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣପାରି ଗ୍ରାମର ସ୍ୱର୍ଗତ ଶୁକଦେବ ତ୍ରିପାଠୀଙ୍କ ସ୍ତ୍ରୀ ହାରାମଣୀ ତ୍ରିପାଠୀ (୯୭)ଙ୍କ ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି । ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି । ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ବଡ଼ପୁଅ ଚନ୍ଦ୍ରମଣି ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ତ୍ରିପାଠୀ ଜଣେ ଧର୍ମ ପରାୟଣା, ସ୍ନେହୀ ଓ ପରୋପକାରୀ ମହିଳା ଭାବେ ପରିଚିତ ଥିଲେ ।

### ଗଛରେ ପିଟିହୋଇ ବାଇକ୍ ଚାଳକ ମୃତ

**ପଦ୍ମପୁର, ୨୫।୨(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ କଷିଆ-ଚାନ୍ଦିମାଳ ରାସ୍ତାରେ ଶନିବାର ଗଛରେ ପିଟିହୋଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲେଶ୍ୱର ଜିଲା ବଳରାମଗଡ଼ିର ତପନ ଯାନା (୩୭)।

# ଭକ୍ତ ବିଦୁରଙ୍କ ପାଇଁ ଓଳକଣା ମେଳଣ

**ଡେରାବିଶ,୨୪।୨(ସ୍ୱ.ପ୍ର.)**



କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳୀରେ ଅବସ୍ଥିତ ଓଳକଣା ମେଳନ ପଡ଼ିଆ ନିକଟ ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ ଅରାଖଣ୍ଡ ଗାଁରେ ପୂଜା ପାଉଥିବା ଭକ୍ତ ବିଦୂର ଏକ ଅନନ୍ୟ ପରମ୍ପରାର ପ୍ରତୀକ। ପୁରାଣ ବର୍ଣ୍ଣିତ ଦ୍ୱାପର ଯୁଗର ଭଗବାନ ଶ୍ରୀକୃଷ୍ଣ ଓ ସଖା ବିଦୂରଙ୍କ କାହାଣୀର ସ୍ମୃତି ପାଳିଚିଛି ଏହି ମନ୍ଦିର । ବୌଦ୍ଧ ଗବେଷକ ଡ.ହରିଶ୍ଚନ୍ଦ୍ର ପୃଷ୍ଟିଙ୍କ ସୂଚନା ଅନୁଯାୟୀ ,ମହାଭାରତ ଯୁଦ୍ଧ ସମୟରେ ପାଣ୍ଡବ ପାଞ୍ଚଭାଇ ମାତା କୁନ୍ତି ଓ ସ୍ତ୍ରୀ ଦ୍ରୌପଦୀଙ୍କ ଅଜ୍ଞାତବାସ ଡେରାଡ଼ିହଠାରେ ହୋଇଥିଲା। ଏହାର ଅନତି ଦୂରରେ ଥିବା ଅରାଖଣ୍ଡର ଘଞ୍ଚ ଅରଣ୍ୟରେ ଶ୍ରୀକୃଷ୍ଣଙ୍କ ପ୍ରିୟ ଭକ୍ତ ବିଦୂରଙ୍କ ଆଶ୍ରମ ଥିଲା । ଏହି ସମୟରେ ବିଦୂରଙ୍କ ଆଶ୍ରମରେ ଶ୍ରୀକୃଷ୍ଣ କିଛିଦିନ ପାଇଁ ଆତିଥ୍ୟ ଗ୍ରହଣ କରିଥିଲେ । ପ୍ରିୟ ଖାଦ୍ୟ ଶାଗଭଜା ପଖାଳ ଭୋଜନରେ ତୋଷ ହୋଇ ଶ୍ରୀକୃଷ୍ଣ ବିଦୂରଙ୍କୁ ବର ମାଗିବା ପାଇଁ କହିଥିଲେ। ନିଷ୍କାମ ଭକ୍ତିରେ ଥିବା ବିଦୂର ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ହରି ଓ ହରଙ୍କୁ ଦର୍ଶନ କରିବା ପାଇଁ ଇଚ୍ଛା ପ୍ରକଟ କରିଥିଲେ । ଶ୍ରୀକୃଷ୍ଣ ବିଦୂରଙ୍କ ଇଚ୍ଛା ପୁରଣ କରିବାକୁ ଯାଇ ଫାଲ୍‌ଗୁନ ମାସ ଶୁକ୍ଳପକ୍ଷ ତିଥିରେ ଏହିଦିବ୍ୟ ଦର୍ଶନ ପାଇଁ ବର ପ୍ରଦାନ କରିଥିଲେ । ସେହିଦିନଠାରୁ ଓଳକଣାରେ ମେଳଣ ଅନୁଷ୍ଠିତ ହୋଇ ଆସୁଛି ।

ମେଳଣ ପଡ଼ିଆକୁ ଆସୁଥିବା ସମସ୍ତ ବିମାନରେ ରାଧାକୃଷ୍ଣ ଉପବେଶନ କରିଥାନ୍ତି। କଟକ ଜିଲାର ପ୍ରସିଦ୍ଧ ଶୈବପୀଠ ଭଦ୍ରେଶ୍ୱରଙ୍କ ମନ୍ଦିରରୁ ଏକ ସୁସଜ୍ଜିତ ବିମାନରେ ଶିବଶକ୍ତି ଆସିଥାନ୍ତି ବୋଲି ଅରାଖଣ୍ଡ ଗ୍ରାମର ବଟକୃଷ୍ଣ ସାମଲ କହିଛନ୍ତି । ତେବେ ଏହି ମହାମିଳନର ଦର୍ଶନ ପାଇଁ ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ସେହି ପଡ଼ିଆ ଲୋକାରଣ୍ୟ ହୋଇଯାଏ। ଏଥିସହିତ ଏହି ମେଳନର ଅନ୍ୟ ଏକ ପରମ୍ପରା ହେଉଛି ଆଳି ରାଜାଙ୍କ ଡେରାବିଶ ବ୍ଲକ ଅଧୀନ ରାଜନଗରରୁ ଆସୁଥିବା ପଞ୍ଚମୁଖି ବିମାନରେ ରାଧାକୃଷ୍ଣ ଓ ଡେରାବିଶରୁ ଆସୁଥିବା ବିମାନରେ ମା'ଲକ୍ଷ୍ମୀ ମେଳନ।

### ମାର୍ଚ୍ଚ ୬ରୁ ମେଳଣ ପାଇଁ ପ୍ରସ୍ତୁତି

ଗବେଷକ ପୃଷ୍ଟିଙ୍କ ମତ ଅନୁଯାୟୀ ପରବର୍ତ୍ତୀ ଅବସ୍ଥାରେ ଆଳି ରାଜାଙ୍କ ଇଲାକାରେ ମେଳନ ପଡ଼ିଆ ଓ ଭକ୍ତ ବିଦୂରଙ୍କ ମନ୍ଦିର ଅବସ୍ଥିତି ଥିବାରୁ ମେଳନର ଅଧିପତି ଭାବେ ମା' ଲକ୍ଷ୍ମୀ ଓ ଶ୍ରୀ ରାଧାକୃଷ୍ଣଙ୍କ ବିମାନଦ୍ୱୟ ଉପବେଶନ ପାଇଁ ମାଟିରେ ଏକ କନକ ବେଦୀ ପୂର୍ବରୁ ନିର୍ମିତ ହୋଇଥାଏ । ସ୍ୱତନ୍ତ୍ର ଝୁଲଣରେ ଆଳି ରାଜା ଓ ରାଣୀଙ୍କ ଏହି ମେଳନ ଦର୍ଶନ ଏକ ପରମ୍ପରା ଥିଲା ବୋଲି ପୃଷ୍ଟି କହିଛନ୍ତି । ଆସନ୍ତା ମାର୍ଚ୍ଚ ୬ ରେ ମେଳନ ଥିବାରୁ ଉଭୟ କେନ୍ଦ୍ରାପଡ଼ା ଓ କଟକ ଜିଲା ମେଳନ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି।

# ଆଜିଠୁ ରାଜ୍ୟସ୍ତରୀୟ ନଳିନୀ ମହାନ୍ତି କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ରାଜନଗର, ୨୫।୨(ଡି.ଏନ୍.ଏ.)**

ରାଜନଗର ବ୍ଲକ ବନ୍ଧପଡ଼ା ପଞ୍ଚାୟତ ଫିରିକିଦାଣ୍ଡି ଖେଳ ପଡ଼ିଆରେ ପୂର୍ବତନ ମନ୍ତ୍ରୀ ନଳିନୀ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ନବମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୬ରୁ ଆରମ୍ଭ ହେବ। ଏହା ମାର୍ଚ୍ଚ ୫ ପର୍ଯ୍ୟନ୍ତ ଚାଲିବ। ବାବା ବୈଷ୍ଣବ ଗୋସ୍ୱାମୀ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟର ଫେବୃୟାରୀ ୨୬ ରେ ଡାଇମଣ୍ଡ କ୍ରିକେଟ କ୍ଲବ ପାରାଦୀପ ଓ ଜାଗୁଲାଇ ଆଥ୍‌ଲେଟିକ୍ କ୍ଲବ ଯାଜପୁର ମଧ୍ୟରେ ଖେଳାଯିବ । ୨୭ରେ ଜୟଦେବ କ୍ରିକେଟ କ୍ଲବ ଭୁବନେଶ୍ୱର ଓ ବରି ଇଲେଭେନ ଯାଜପୁର ମଧ୍ୟରେ, ୨୮ରେ ବାଲାବାବା କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ଓ ପିସିସି କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା, ମାର୍ଚ୍ଚ ୧ରେ ଏମ୍‌ସିସି କ୍ରିକେଟ କ୍ଲବ ମଦନପୁର ଓ ଗୋଲଡେନ କ୍ରିକେଟ କ୍ଲବ ଗମୁ ମଧ୍ୟରେ ଖେଳାଯିବ। ୨ରେ ପ୍ରଥମ ସେମିଫାଇନାଲ ଓ ୩ରେ ୨ୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ମାର୍ଚ୍ଚ ୫ରେ ଗ୍ରାଣ୍ଡ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଯୁବକ ସଂଘର ସଭାପତି ପ୍ରଦୀପ କୁମାର ନାୟକ, ସମ୍ପାଦକ ଗୁରୁ ଚରଣ ବରାଳ, ଉପସଭାପତି ଅମର କୁମାର ଜେନା, ସହ ସମ୍ପାଦକ ହିରଣ୍ୟ ନାୟକ ଓ ମ୍ୟାନେଜର ସଚିଦାନନ୍ଦ ପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି।

# ସୁସ୍ଥ ସମାଜ ଗଠନରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ


ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

**କେନ୍ଦ୍ରାପଡ଼ା ଅଫିସ,୨୫।୨**

### ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ

ଖବରଦାତାଙ୍କ ଚିହ୍ନଟ ଦାବି ପୂରଣ ହୋଇଛି । ସ୍ୱାସ୍ଥ୍ୟ ବୀମା ଓ କରୋନାଜନିତ ଖବରଦାତାଙ୍କ ମୃତ୍ୟୁ କ୍ଷେତ୍ରରେ ସହାୟତା ରାଶି ରାଜ୍ୟ ସରକାର ପ୍ରଦାନ କରୁଛନ୍ତି । ଆଗାମୀ ଦିନରେ ଖବରଦାତାଙ୍କ ଅନ୍ୟ ସମସ୍ୟାର ସମାଧାନ ହେବ ବୋଲି ଶନିବାର ଉତ୍କଳ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଛନ୍ତି ।

ସହରର ଉଦୟନଗରସ୍ଥ ସଂସ୍କୃତି ଭବନରେ କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ସଂଘର ବାର୍ଷିକ ଉତ୍ସବ ଓ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସଭାପତି ବିଭୁତିଭୂଷଣ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ମନ୍ତ୍ରୀ ନାୟକଙ୍କ ସହ ସମ୍ମାନୀତ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଜିଲାପରିଷଦ ଅଧ୍ୟକ୍ଷା ଗୀତାରାଣୀ ସେଠୀ, ପୌରାଧ୍ୟକ୍ଷା ସରିତା ସାହୁ, ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ, ରାଜ୍ୟ ସମ୍ପାଦକ ବେଣୁଧର ପଣ୍ଡା ଯୋଗ ଦେଇଥିଲେ । ଅତିଥିମାନେ କହିଥିଲେ, ସୁସ୍ଥ ସମାଜ ଗଠନ ପାଇଁ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ ଲୋକ ସମ୍ମାନର ସହ ବଞ୍ଚିବା ଅଧିକାରକୁ ଖବରଦାତାମାନେ ମାର୍ଗ ଦେଖାଉଛନ୍ତି । ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଥିବା ବେଳେ ଏହାର ନିରାକରଣକୁ ରାଜ୍ୟ ସରକାର ସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି । ଖବରଦାତାଙ୍କୁ ସ୍ୱାସ୍ଥ୍ୟ ବୀମା ରାଶି ବୃଦ୍ଧି, ପେନସନ ବ୍ୟବସ୍ଥା, ପ୍ରେସ ଏକାଡେମୀ ପ୍ରତିଷ୍ଠା ଆଦି ସଂଘର ଦାବିକୁ ଗୁରୁତ୍ୱ ଦିଆଯାଉଥିବା ସେମାନେ ପ୍ରକାଶ କରିଛନ୍ତି । ଏହି ଅବସରରେ ଅତିଥିମାନେ ଜିଲାର କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ସଂଘର ମୁଖପତ୍ର ଉନ୍ମେଷକୁ ଲୋକାର୍ପଣ କରିଥିଲେ । ଜିଲା ସଭାପତି ହିମାଂଶୁ ଶେଖର ନାୟକ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ । ସଂଘର ନୂତନ କର୍ମକର୍ତ୍ତା ମନୋଜ କୁମାର ସ୍ୱାଇଁ, ରାଧାକାନ୍ତ ମହାନ୍ତି, ମାତୃଦତ୍ତ ମହାନ୍ତି, ପ୍ରସନ୍ନ କୁମାର ଧଳ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ ।

# କଣ୍ଡିଆହାଟରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋର୍‌ଦାର



ଶହୀଦ ସ୍ମୃତିସ୍ତମ୍ଭ ନିକଟରେ ଆନ୍ଦୋଳନକାରୀମାନେ ଏକତ୍ରିତ ହୋଇଛନ୍ତି ।

**ରାଜକନିକା,୨୫।୨(ଡିଏନଏ)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ କଣ୍ଡିଆହାଟରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋର ହୋଇଛି । ଏଥିପାଇଁ ଶନିବାର ପୂର୍ବକନିକାର ଶହୀଦ ବାସୁବିସୁନି ସ୍ମୃତିସ୍ତମ୍ଭରୁ ଏକ ଶୋଭାଯାତ୍ରା ବାହାରି ଅଶୋକବଜାର, ଓଳାଭର, ଆଗପଡ଼ା, ସିହୋପଡ଼ା, ବରିପଡ଼ା, ଦେଉଳତରା, ନମତରା, କଣ୍ଡିଆଦେଇ କଣ୍ଡିଆ ଶହୀଦ ସଚ୍ଚିଦାନନ୍ଦଙ୍କ ସ୍ମୃତିପୀଠଠାରେ ସେହି ଶୋଭାଯାତ୍ରା ପହଞ୍ଚି ଥିଲା । ଶୋଭାଯାତ୍ରାରେ ସାମିଲ ହୋଇଥିବା ନେତାମାନେ ସ୍ମୃତିପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ କଣ୍ଡିଆହାଟରେ ମେଡିକାଲ କଲେଜ ପ୍ରତିଷ୍ଠା ଉପରେ ବକ୍ତାମାନେ ଦାବି କରିଥିଲେ । ଏଥିପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଏହି ଆନ୍ଦୋଳନରେ ସାମିଲ ହେବାକୁ ରାଜକନିକା ବ୍ଲକର କଂଗ୍ରେସ ସଭାପତି ଦାମୋଦର ଧଳ, ମଙ୍ଗୁଳି ଚରଣ ବେହେରା,ଆଳିର ପ୍ରାକ୍ତନ ବିଧାୟକ ଦେବେନ୍ଦ୍ର ନାଥଶର୍ମା, ସଭାପତି ପ୍ରଫୁଲ ଦାସ, ରଞ୍ଜନ ସେଠୀ, ରମଣିରଞ୍ଜନ ରାଉତ, ଅଜୟ ସାମଲ, ସୁରେଶ ଚନ୍ଦ୍ର ମିଶ୍ର, ପ୍ରଦୀପ ଦାସ, ଅମିତା ନାୟକ, ବେଣୁଧର ପରିଡା ପ୍ରମୁଖ ଦାବି କରିଥିଲେ । ଖରସ୍ରୋତା ସାଂସ୍କୃତିକ ପରିଷଦର ସଭାପତି ଲକ୍ଷ୍ମୀଧର ରାଉତ, ପଣ୍ଡିତ ଗୋଲକ ବିହାରୀ ନାୟକ, ମିତ୍ରଭାନୁ ସାମନ୍ତସିଂହାର, ସୁଦାମ ଦାସ, ବକଣ୍ଡିଆ ଶହୀଦ ସ୍ମୃତି କମିଟିର ସଭାପତି ଶିବରାମ ଦାସ ଉପସ୍ଥିତ ଥିଲେ ।

# ଦାଦନ ଖଟି ଯିବାକୁ ସଜବାଜ

**ମହାକାଳପଡ଼ା,୨୫।୨(ଡି.ଏନ.ଏ.)**

- ଶ୍ରମିକମାନଙ୍କୁ ଠିକ୍ ସମୟରେ ମଜୁରି ମିଳୁନି
- ଦୁର୍ଦ୍ଦିନରେ ଅଣସଙ୍ଗଠିତ ଶ୍ରମିକଙ୍କ ପରିବାର

ମୁଣ୍ଡଝାଳ ତୁଣ୍ଡରେ ମାରି ଶ୍ରମିକମାନେ ଗାଁ ରାସ୍ତାରେ ମାଟି କାମ କରିଥିଲେ ମଧ୍ୟ ୧ ମାସ ପରେ ବି ମଜୁରୀ ପାଇ ନାହାନ୍ତି। ଏଥିପାଇଁ ସେମାନଙ୍କ ପରିବାର ଆର୍ଥିକ ଅଟନଟ ମଧ୍ୟରେ ଦିନ କାଟୁଛନ୍ତି । ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କ ପାଖରେ ବାରମ୍ବାର ଗୁହାରୀ କଲେ ମଧ୍ୟ କୌଣସି ଲାଭ ହେଉନାହିଁ ବୋଲି ୫୫ ଜଣ ଶ୍ରମିକ ଅଭିଯୋଗ କରିଛନ୍ତି । ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଶ୍ରମିକମାନେ କହିଛନ୍ତି ।

ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଖରିନାଶି ପଞ୍ଚାୟତର ଓଁକାର ମନ୍ଦିରଠାରୁ ନଦୀତଟ ବନ୍ଧ ବିଭାଗ ଘେରି ସେକେଣ୍ଡକ୍ରିକ୍ ପର୍ଯ୍ୟନ୍ତ ୫ କିମି ମାଟି ରାସ୍ତା ନିର୍ମାଣ ହୋଇଛି। ଏଥିପାଇଁ ୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଜିଏସ୍)ରେ ଏହି ମାଟି ବନ୍ଧ କାମ ହୋଇଥିଲା । ନିର୍ମାଣ ଶେଷ ହୋଇ ଥିଲେ ମଧ୍ୟ ଶ୍ରମିକମାନେ ମଜୁରୀ ପାଇ ନାହାନ୍ତି । ଖରିନାସୀ ଗାଁର ବହୁ ଶ୍ରମିକ ଦୁର୍ଦ୍ଦିନରେ ଅଛନ୍ତି । ସେମାନଙ୍କ ମଧ୍ୟରୁ ସପନ ମଣ୍ଡଳ, ଆରତୀ ଜେନା, ଦୀପକ ସରକାର, ଲକ୍ଷ୍ମଣ ଭୂୟାଁ, ପ୍ରଭାସ ବୀର, ସରସ୍ୱତୀ ବୀର, ଅଶାଲତା ମାଇତି, ଶକ୍ତିପଦ ମଣ୍ଡଳ, ସରସ୍ୱତୀ ମାଇତି, ପାର୍ବତୀ ମାଝି, କାଜଲ ମାଝି ପ୍ରମୁଖ ୫୫ଜଣ ୪ ସପ୍ତାହରୁ ଉର୍ଦ୍ଧ୍ୱ ଦିନ କାମ କରିଥିଲେ । ଆଶା ଥିଲା ମଜୁରୀ ପାଇଲେ ପରିବାର ଚଳାଇବେ । ହେଲେ ଇତିମଧ୍ୟରେ ୧ ମାସ ବିତିଥିଲେ ମଧ୍ୟ ସେମାନଙ୍କୁ ମଜୁରୀ ମିଳି ନାହିଁ । ଏଥିପାଇଁ ସେହି ଶ୍ରମିକମାନେ ଦୁଃଖକଷ୍ଟରେ ଗାଁରେ ରହି ପରିବାର ଚଳାଇବା ସମ୍ଭବ ହେବ ନାହିଁ ବୋଲି ଚିନ୍ତା କରିଛନ୍ତି । ବାଧ୍ୟ ହୋଇ ସେମାନେ ଦାଦନ ଖଟିବାକୁ ଯିବେ ବୋଲି କହିଛନ୍ତି । ବ୍ଲକ ପ୍ରଶାସନ ପକ୍ଷରୁ କାହିଁକି ଏହି ଶ୍ରମିକମାନଙ୍କୁ ମଜୁରୀ ମିଳୁନି ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି ।

ଏହି ଶ୍ରମିକମାନେ ଅଣ ସଙ୍ଗଠିତ। ସରକାରଙ୍କ ପଞ୍ଜୀକୃତ ତାଲିକାରେ ସେମାନଙ୍କ ନାମ ନାହିଁ । ବୁଦ୍ଧିଜୀବୀ ସୁବାସ ସ୍ୱାଇଁ କହିଛନ୍ତି, ଏହି ଅଞ୍ଚଳର ବହୁ ଶ୍ରମିକ ପରିବାର ଆର୍ଥିକ ସ୍ଥିତି ଦୁର୍ବଳ ସେଥିପାଇଁ ସେମାନେ ଗାଁ ଛାଡ଼ି ରାଜ୍ୟ ବାହାରକୁ ଯିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି । ଗାଁରେ କାମ କଲେ ମଧ୍ୟ ଠିକ୍ ସମୟରେ ମଜୁରୀ ମିଳୁନାହିଁ। ଏହାକୁ ନେଇ ଶ୍ରମିକମାନେ କ୍ଷୋଭ ପ୍ରକାଶ କରିବା ସହିତ ଆଉ କାମ କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଏ ସମ୍ପର୍କରେ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଗୋପାଳ ଚନ୍ଦ୍ର ଦାସ କହିଛନ୍ତି, ୨ମାସ ହେଲା ପେମେଣ୍ଟ ଆସିନାହିଁ। ବ୍ୟାଙ୍କରେ ଶ୍ରମିକମାନଙ୍କ ଆଧାର ଲିଙ୍କ ପରେ ପେମେଣ୍ଟ ଆସିବ ବୋଲି ସେ କହିଛନ୍ତି।


ଖରିନାସି ପଞ୍ଚାୟତର ଶ୍ରମିକମାନେ ରାସ୍ତା କାମ କରୁଛନ୍ତି ।

## ସଂକ୍ଷେପରେ

### ଗଜପତି ଜିଲାର ମାଛ ଚାଷୀ ସମ୍ମାନିତ



ଆର.ଉଦୟଗିରି,୨୫।୨(ଡି.ଏନ.ଏ.)- ଗଜପତି ଜିଲା ମୋହନା ବ୍ଲକ ପାଣିଗଣ୍ଡା ପଞ୍ଚାୟତ ବିଜୟନଗର ଗ୍ରାମର ଯାଖରିଅ ଶବର ଜଣେ ମାଛ ଚାଷୀ, ଯିଏ ନିଜ ଉଦ୍ୟମରେ ୧୪ଟି ଛେଳି ବିକ୍ରିକରି ପୋଖରୀ ଖୋଳି ମାଛ ଚାଷ କରିଥିଲେ। ପରେ ସରକାରୀ ସହାୟତା ପାଇ ବର୍ତ୍ତମାନ ଦେଢ଼ ଏକର ଜମିରେ ପୋଖରୀ ଖୋଳିଛନ୍ତି । ସେଥିରେ ୫ ହଜାର ମାଛ ଯାଆଁଳ ଛାଡି ୨ ଲକ୍ଷ ଟଙ୍କା ଲାଭ କରିଛନ୍ତି । ମତ୍ସ୍ୟ ବିଭାଗ ପକ୍ଷରୁ ଜିଲାପାଳଙ୍କ ଦ୍ୱାରା ସେ ସମ୍ମାନିତ ହୋଇଛନ୍ତି। ଏହା ପରେ ଜିଲାରୁ ୩ ଜଣ ଚାଷୀ ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ। ଯାଖରିଅ ସଫଳ ଚାଷୀ ଭାବେ ରାଜ୍ୟପାଳଙ୍କ ଦ୍ୱାରା କୃଷି ମନ୍ତ୍ରୀ ଓ କୃଷି ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଉପଢୌକନ ସହ ମାନପତ୍ର ପାଇ ସମ୍ମାନିତ ହୋଇଛନ୍ତି।

### ଦୈନିକ ୫ ରୁ ୬ ଘଣ୍ଟା ବିଜୁଳି କାଟ୍

ବେଗୁନିଆପଡ଼ା,୨୫।୨-ଗଞ୍ଜାମ ଜିଲା କୋଦଳା ଓ ବେଗୁନିଆପଡ଼ା ଅଞ୍ଚଳରେ ଦିନକୁ ଦିନ ଟାଟା ପାୱାରର ଶୋଷଣ ନୀତି ବଢିବାରେ ଲାଗିଛି। ଯାହାକୁ ନେଇ ଗ୍ରାହକଙ୍କ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। କିଛିଦିନ ଧରି ଗଞ୍ଜାମ ଜିଲା କୋଦଳା ଏନଏସିରେ ଅହେତୁକ ବିଦ୍ୟୁତ କାଟ, ବିପଦଶଙ୍କୁଳ ତାର ଓ ଖୁଣ୍ଟ ଆଦି ମରାମତି ହେଉ ନ ଥିବାରୁ ଗ୍ରାହକଙ୍କ ଅସନ୍ତୋଷ ବଢୁଛି। ବକେୟା ଆଦାୟ ନାଁରେ ଏବେ ଗ୍ରାହକ ମାନଙ୍କ ଠାରୁ ଟଙ୍କା ଆଦାୟ କରାଯାଉଛି ନଚେତ ବିଜୁଳି କାଟି ଦେଉଥିବା ମଧ ଅଭିଯୋଗ ହେଉଛି। ଉପଭୋକ୍ତାଙ୍କୁ ବିଲ ଆଳରେ ମାତ୍ରାଧିକ ଶୋଷଣ ହେଉଥିବା କହୁଛନ୍ତି ଉପଭୋକ୍ତା। ପୂର୍ବରୁ ଘୋଷଣା ନ କରି ପ୍ରତିଦିନ କୋଦଳା ଅଞ୍ଚଳରେ ୫ ରୁ ୬ ଘଣ୍ଟା ବିଜୁଳି କଟାଯାଉଛି। ଅଘୋଷିତ ବିଦ୍ୟୁତ କାଟ୍ ନେଇ ବିଭାଗୀୟ ଅଧିକାରୀଙ୍କୁ କଲ୍ କଲେ ଖଲ୍ଲିକୋଟରୁ ଲାଇନ୍ ନାହିଁ ଏବଂ ଖୁଣ୍ଟ ଓ ତାର ପରିବର୍ତ୍ତନ କିମ୍ବା ମରାମତି ହେଉଛି ବୋଲି ସଫେଇ ଦେଉଛନ୍ତି। ଏଭଳି ଅବ୍ୟବସ୍ଥାକୁ ନେଇ କୋଦଳା ୟୁଥ୍ ଫୋରମ୍ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ସମାଧାନ ପାଇଁ ନିବେଦନ କରାଯିବ ବୋଲି କୁହାଯାଇଛି। ଆଗକୁ ଦଣ୍ଡିଶ୍ୱର ମହାଦେବଙ୍କ ବିଶ୍ୱ ଶାନ୍ତି ମହାଯଜ୍ଞ ହେବାକୁ ଯାଉଥିବା ବେଳେ କୋଦଳାରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହେବ। ତା ପୂର୍ବରୁ ବିଜୁଳି ସମସ୍ୟାର ସମାଧାନ କରିବାକୁ ଅନୁରୋଧ କରିଛି କୋଦଳା ୟୁଥ୍ ଫୋରମ୍। ଏବେ ଛାତ୍ରୀଛାତ୍ରମାନଙ୍କ ପରୀକ୍ଷା ନିକଟତର ହେଉଥିବାରୁ ବିଜୁଳି କାଟକୁ ନେଇ ଜନସାଧାରଣଙ୍କ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ସ୍ଥାୟୀ ସମାଧାନ କରା ନଗଲେ ହଜାର ହଜାର ଉପଭୋକ୍ତା ମିଶି ଆଗାମୀ ଦିନରେ କୋଦଳା ଟାଟା ପାୱାର କାର୍ଯ୍ୟାଳୟରେ ପ୍ରତିବାଦ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଜଳୁଛି ଜଙ୍ଗଲ, ବଢୁଛି ଉତ୍ତାପ

ଚିକିଟି,୨୫।୨(ଡି.ଏନ.ଏ.)

ଗଞ୍ଜାମ ଜିଲା ଚିକିଟି ଅଞ୍ଚଳରେ ଚଳିତବର୍ଷ ଫେବୃୟାରୀରୁ ଗ୍ରୀଷ୍ମ ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ପ୍ରବଳ ଖରା ଯୋଗୁ ସାଧାରଣ ଜୀବନ ପ୍ରଭାବିତ ହେଉଛି। ଦିଗପହଣ୍ଡି ବନାଞ୍ଚଳ ଚିକିଟି ସେକ୍ସନ ଅଧୀନରେ ଥିବା ରତନେଇ ଓ ଧାନ୍ୟରାଶିଆ ଜଙ୍ଗଲରେ ନିଆଁ ଦେଖିବାକୁ ମିଳିଛି। ଏଥିଯୋଗୁ ବହୁ ମୂଲ୍ୟବାନ ବୃକ୍ଷ ନଷ୍ଟ ହେବା ସଙ୍ଗେ ସଙ୍ଗେ ବନ୍ୟ ଜୀବଜନ୍ତୁ କ୍ଷତିଗ୍ରସ୍ତ ହେଉଛନ୍ତି। ଜଙ୍ଗଲରେ ନିଆଁ ଯେପରି ନ ଲାଗିବ ସେଥିପ୍ରତି ସ୍ଥାନୀୟ ଲୋକଙ୍କ ସଚେତନତା ଜରୁରୀ ହୋଇପଡୁଛି। ଜଙ୍ଗଲ ବିଭାଗ ପକ୍ଷରୁ ଏଥି ନିମନ୍ତେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ଅଞ୍ଚଳର କେତେକ ବୃଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ଜଙ୍ଗଲ ବିଭାଗ ନିକଟସ୍ଥ ଗ୍ରାମବାସୀଙ୍କୁ ନେଇ ବନସୁରକ୍ଷା ସମିତି ଗଠନ କରି ସେମାନଙ୍କ ହାତକୁ ଜଙ୍ଗଲ ରକ୍ଷଣାବେକ୍ଷଣ ଦାୟିତ୍ୱ



ଜଙ୍ଗଲରେ ଲାଗିଥିବା ନିଆଁ ।

ଦିଆଯାଇଛି। ଚିକିଟି ସେକ୍ସନ ଅଧୀନରେ ୧୦ ବନ ସୁରକ୍ଷା ସମିତି ପଞ୍ଜୀକୃତ ହୋଇସାରିଛି ଏବଂ ବନ ସୁରକ୍ଷା ସମିତିର ସଦସ୍ୟମାନଙ୍କୁ ବିଭାଗୀୟ ପକ୍ଷରୁ ଠିକ୍ ତାଲିମ କିମ୍ବା ଜଙ୍ଗଲକୁ ନେଇ ସେମାନେ କିଭଳି ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ସେଥିପ୍ରତି କୌଣସି କାର୍ଯ୍ୟକ୍ରମ କରାଯାଉନାହିଁ। ଫଳରେ ବନସୁରକ୍ଷା ସମିତି କେବଳ ନାମକୁମାତ୍ର ରହିଛି। କାଠ ମାଫିଆମାନେ ଶାଳ, ପିଆଶାଳ, ଶାଗୁଆନ ଓ ଶିଶୁ କାଠ କାଟୁଥିବା ବେଳେ ଜଙ୍ଗଲ ନିକଟବର୍ତ୍ତୀ ଲୋକମାନେ ଜାଳେଣି କାଠ ପାଇଁ ଗଛ କାଟି ନେଇ ବଜାରରେ ବିକ୍ରି କରୁଛନ୍ତି। ଏ ସମ୍ପର୍କରେ ଚିକିଟି ଫରେଷ୍ଟର ପ୍ରଶାନ୍ତ ରାଓଙ୍କ ସହ ଯୋଗାଯୋଗ ବେଳେ ବର୍ତ୍ତମାନ ଯେଉଁ ନିଆଁ ଲାଗୁଛି ତାହା ସମ୍ପୂର୍ଣ୍ଣ ମନୁଷ୍ୟକୃତ। କେତେକ ଅସାମାଜିକ ବ୍ୟକ୍ତି ଏହିଭଳି କାଣ୍ଡ ଘଟାଉଥିବା କହିଛନ୍ତି।

# ଅଧାପନ୍ତରିଆ ଅବସ୍ଥାରେ ମଲ୍ଟି କମ୍ପ୍ଲେକ୍ସ

କବିସୂର୍ଯ୍ୟନଗର,୨୫।୨(ଡି.ଏନ.ଏ.)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗରରେ ଟ୍ରାଫିକ ସମସ୍ୟା ପାଇଁ ବସ୍‌ଷ୍ଟାଣ୍ଡର ଆବଶ୍ୟକତା ଥିବା ବେଳେ ଜାଗା ଅଭାବ ଦେଖାଇ ଅର୍ଥ ବିଭାଗର ସବ୍‌ରେଜିଷ୍ଟ୍ରାର କଲୋନୀକୁ ଭାଙ୍ଗି ମଲ୍ଟି କମ୍ପ୍ଲେକ୍ସ ନିର୍ମାଣ ହେଉଛି। ସେଥିରେ କୋଟିଏ ଟଙ୍କା ଖର୍ଚ୍ଚ ସରିଥିଲେ ସୁଦ୍ଧା ବର୍ତ୍ତମାନ ତାହା ଅଧାପନ୍ତରିଆ ଅବସ୍ଥାରେ ରହିଛି। ସେଠାରେ ବସ୍‌ଷ୍ଟପ୍, ଆହାର କେନ୍ଦ୍ର, ପୋଲିସ ବିଟ୍ ହାଉସ, ମାର୍କେଟ କମ୍ପ୍ଲେକ୍ସ ଓ ଶୌଚାଳୟ ଆଦି ନିର୍ମାଣ କାମ ଆରମ୍ଭ ହୋଇଛି। ସେହି ଜାଗାରେ ବସ୍‌ଷ୍ଟପ୍ ପାଇଁ ୪୪ ଲକ୍ଷ ୮ ହଜାର ଟଙ୍କା, ପାର୍କିଂ, ଲଜିଂ, ଯାତ୍ରୀଙ୍କ ପାଇଁ ଶୟନ କକ୍ଷ ପାଇଁ ୭୨ ଲକ୍ଷ ୮୨ ହଜାର ଟଙ୍କା, ମାର୍କେଟ କମ୍ପ୍ଲେକ୍ସ ପାଇଁ ୯୭ ଲକ୍ଷ ୩୯ ହଜାର ଟଙ୍କା ଅଟକଳ ରହିଥିବା ବେଳେ ଆଜିସୁଦ୍ଧା ମୋଟ ୯୨ ଲକ୍ଷ ୧୮ ହଜାର ୩୨୩ ଟଙ୍କା ବ୍ୟୟ ସରିଲାଣି। ପୁଣି ସେହି ଜାଗାରେ ଆହାର କେନ୍ଦ୍ର ପାଇଁ ୨୬ ଲକ୍ଷ ୬୮ ହଜାର ୫୦୦ ଟଙ୍କା ବ୍ୟୟ ସରିଛି। ଏ ସମ୍ପର୍କରେ କବିସୂର୍ଯ୍ୟନଗର ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢୀଙ୍କୁ ପଚାରିବାରୁ ସମସ୍ତ ପ୍ରକଳ୍ପ ନିର୍ମାଣାଧୀନ ରହିଛି, ଏହା ସରିବାକୁ ସମୟ ଲାଗିବ ବୋଲି ସେ କହିଛନ୍ତି ।



ନିର୍ମାଣାଧୀନ ବସ୍‌ଷ୍ଟପ୍

## ସାର୍ଗୁଣାପଲୀରେ ସାମାଜିକ ବାସନ୍ଦ ଘଟଣା

# ତ୍ରିପାକ୍ଷିକ ଆଲୋଚନା ମାଧ୍ୟମରେ ହେଲା ସମାଧାନ

ପୁରୁଷୋତ୍ତମପୁର,୨୫।୨(ଡି.ଏନ.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭାଟକୁମରଡା ପଞ୍ଚାୟତ ସାର୍ଗୁଣାପଲ୍ଲୀରେ ଗତ ଅକ୍ଟୋବରରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ଘଟଣାକୁ ନେଇ ଗ୍ରାମରେ ପ୍ରଜାକୋର୍ଟ କରି ଦୁଇଟି ପରିବାରକୁ ଜରିମାନା ଭଳି ଆର୍ଥିକ ଦଣ୍ଡ ବିଧାନ କରିବା ସହ ସାମାଜିକ ବାସନ୍ଦ କରିଥିଲେ। ଏହି ଘଟଣା ସୋସିଆଲ୍ ମିଡିଆରେ ଭାଇରାଲ ହେବା ସହ ବାସନ୍ଦ ଓ ଜରିମାନାର ଶିକାର ହୋଇଥିବା ଯୁଧିଷ୍ଠିର ନାହାକ ଥାନାର ଦ୍ୱାରସ୍ତ ହୋଇ ନ୍ୟାୟ ଭିକ୍ଷା କରିଥିଲେ। ପୋଲିସ ଘଟଣାକୁ ଗୁରୁତର ସହ ନେଇ ଏଥିରେ ହସ୍ତକ୍ଷେପ କରି ଶନିବାର ଗ୍ରାମବାସୀ, ନିର୍ଯାତନାର ଶିକାର ହୋଇଥିବା ପରିବାର ଓ ଲାଇନ ମ୍ୟାନ ଭଗବାନ ମହାରଣାଙ୍କୁ ନେଇ ଥାନା ପରିସରରେ

### ଶାନ୍ତି ବଜାୟ ରଖିବାକୁ ଲିଖିତ ପ୍ରତିଶ୍ରୁତି



ଏସ୍‌ଡିପିଓ ଓ ଆଇଆଇସି ବୁଝାଶୁଝା କରୁଛନ୍ତି ।

ବସି ତ୍ରି-ପାକ୍ଷିକ ଆଲୋଚନା କରି ଗ୍ରାମବାସୀଙ୍କୁ ବୁଝାଶୁଝା ପରେ ଏହାର ସମାଧାନ କରିଛନ୍ତି। ଫଳରେ ଘଟଣାର ଅନ୍ତ ଘଟିଛି। ଏପରିକି ଭବିଷ୍ୟତରେ ଏଭଳି ଜରିମାନା ଓ ସାମାଜିକ ବାସନ୍ଦ ଭଳି ଘଟଣା ଯେପରି ଗ୍ରାମରେ ନ ଘଟିବ ସେଥିନେଇ ଗ୍ରାମବାସୀଙ୍କୁ ପୋଲିସ ସତର୍କ କରିଛି ।

# ବେଲଗୁଣ୍ଠା ବ୍ଲକ୍‌କୁ ପିସିମୁକ୍ତ ଦାବିକଲେ ସମିତିସଭ୍ୟ

ଭଞ୍ଜନଗର,୨୫।୨(ଡି.ଏନ.ଏ.)

ପଞ୍ଚାୟତଗୁଡ଼ିକରେ ସରପଞ୍ଚମାନଙ୍କୁ ଅଧିକ କ୍ଷମତା ଦିଆଯାଇଛି। ତେଣୁ ପଞ୍ଚାୟତ ଉନ୍ନତିମୂଳକ କାର୍ଯ୍ୟରେ ସମିତିସଭ୍ୟମାନଙ୍କ ପ୍ରଭାବ ପ୍ରାୟ ରହୁନାହିଁ । ଯେଉଁଠି ସମନ୍ୱୟ ରହୁଛି ସେଠି ସମିତିସଭ୍ୟମାନଙ୍କ ପ୍ରଭାବ ରହୁଛି । ଏହିଭଳି ପରିସ୍ଥିତିରେ ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକରେ ସମିତିସଭ୍ୟମାନଙ୍କୁ ପଞ୍ଚାୟତ ଉନ୍ନତିରେ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି । ଶାସକଦଳର ସମିତିସଭ୍ୟମାନେ ଏକାଠି ହୋଇ କିଛିଦିନ ପୂର୍ବେ ସଂଘ ଗଠନ କରିଛନ୍ତି। ଯୁବ ବିଜେଡ଼ି ନେତା ତଥା ଗୋବରା ସମିତିସଭ୍ୟ ବିଭୁପାଦ ଜେନାଙ୍କୁ ସଂଘର ସଭାପତି ଭାବେ ନିର୍ବାଚିତ କରାଯାଇଥିଲା। ଏହାପରେ ସମିତିସଭ୍ୟମାନେ କିଭଳି ବ୍ଲକ ଏବଂ ପଞ୍ଚାୟତରେ ପ୍ରଭାବ ରହିବ ସେଥିପାଇଁ ରଣନୀତି ପ୍ରସ୍ତୁତ କରିଥିଲେ। କିଛିଦିନ ପୂର୍ବେ ଶାସକଦଳର ୧୧ଜଣ ସମିତିସଭ୍ୟ ବ୍ଲକକୁ ଯାଇ ବିଡ଼ିଓଙ୍କୁ ଭେଟି ବ୍ଲକକୁ ପିସି ମୁକ୍ତ କରିବା ପାଇଁ ଦାବି କରିଥିଲେ। ବ୍ଲକରେ ପିସି ଦାବିନେଇ ଅନେକ ଫାଇଲକୁ ମାସମାସ ଧରି ଅଟକ ରଖାଯାଉଛି। ଏହାଦ୍ୱାରା ଉନ୍ନୟନ କାର୍ଯ୍ୟ ପ୍ରଭାବିତ ହେଉଛି । ଏଥିସହ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମିତିସଭ୍ୟ ମାନେ ଦାବି କରିଥିଲେ। ଏହାପରେ ବିଡ଼ିଓଙ୍କ ପ୍ରତିଶ୍ରୁତି ଏବଂ ଜଣେ ବରିଷ୍ଠ ସମିତିସଭ୍ୟଙ୍କ ହସ୍ତକ୍ଷେପ ପରେ ବିଡ଼ିଓଙ୍କୁ ଦିଆଯିବାକୁ ଥିବା ଲିଖିତ ଦାବିପତ୍ରକୁ ସମିତିସଭ୍ୟମାନେ ପ୍ରତ୍ୟାହାର କରିନେଇଥିଲେ। ଏହି ଘଟଣା ବର୍ତ୍ତମାନ ଲୋକଲୋଚନକୁ ଆସିବା ପରେ ବ୍ଲକରେ ଚର୍ଚ୍ଚାର ବିଷୟ ପାଲଟିଛି। ଅପରପକ୍ଷେ ବ୍ଲକରେ ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ଧିମେଇଯାଇଛି ବୋଲି ଜଣେ ସରପଞ୍ଚ ଅଭିଯୋଗ କରିଛନ୍ତି । ଏନେଇ କିଛି ପରିବର୍ତ୍ତନ ଲୋଡ଼ା । ସମିତିସଭ୍ୟ ସଂଘ କର୍ମକର୍ତ୍ତା ନିର୍ବାଚନ ପୂର୍ବରୁ ସରପଞ୍ଚ ସଂଘର ମଧ୍ୟ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ବ୍ଲକ ବିଜେଡ଼ି ସଭାପତି ତଥା ବଡ଼ବୋରସିଙ୍ଗି ସରପଞ୍ଚ ରାମେଶ୍ୱର ପାତ୍ର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ରାମେଶ୍ୱର ଏଠାରେ କହିଛନ୍ତି, ସରପଞ୍ଚ, ସମିତିସଭ୍ୟ, ନାଏବ ସରପଞ୍ଚ, ୱାର୍ଡ଼ ମେମ୍ବର ସମସ୍ତଙ୍କୁ ନେଇ ପଞ୍ଚାୟତର ବିକାଶ କରାଯାଉଛି । ସମସ୍ତେ ଏକାଠି ଅଛୁ। ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ବ୍ଲକରେ ସ୍ୱଚ୍ଛ ଶାସନ ଚାଲିଛି । ଉନ୍ନୟନ କାର୍ଯ୍ୟ ମଧ୍ୟ ଦ୍ରୁତଗତିରେ ଚାଲିଛି। ଅନେକ ବଡ଼ବଡ଼ ପ୍ରକଳ୍ପ କାର୍ଯ୍ୟ ବ୍ଲକରେ ଚାଲିଛି। ଯାହାର ସୁଫଳ ଅଞ୍ଚଳବାସୀ ଆଗାମୀ ଦିନରେ ପାଇବେ।

### ଗୋଷାଣୀରେ ପାନୀୟ ଜଳ ସମସ୍ୟା

ପାରଳାଖେମୁଣ୍ଡି, ୨୫।୨ (ଡି.ଏନ୍.ଏ) :

ଗଜପତି ଜିଲା ଗୋଷାଣି ବ୍ଲକ ସଦର ମହକୁମାଠାରେ ଦୀର୍ଘଦିନ ହେଲା ପାନୀୟ ଜଳ ସମସ୍ୟା ଦେଖାଯାଇଛି । ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ବିଡିଓଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲେ ମଧ କୌଣସି ଫଳପ୍ରଦ ହୋଇନଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ କହିବା ମୁତାବକ, ଗତ ପ୍ରାୟ ୩ମାସ ହେଲା ଗ୍ରାମର ଗୋଟିଏ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଗ୍ରାମର ଅନ୍ୟପଟେ ସଠିକ ଭାବେ ପାଣି ଛଡା ଯାଉଥିଲେ ମଧ ଗୋଷାଣି ଗ୍ରାମ ଛକ ପଟେ ସଠିକ ଭାବରେ ପାଣି ଛଡାଯାଉ ନାହିଁ । ଏପରି ଭାବେ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦେଖାଦେଇଥିଲେ ମଧ ଗତ ୧୫ଦିନ ହେବ ମୋଟେ ପାଇପ ପାଣି ଆସୁନାହିଁ। ଗୋଷାଣୀ ଗ୍ରାମ ଛକର ପ୍ରାୟ ୧୦୦ ପାନୀୟ ଜଳ ଉପଭୋକ୍ତା ଏହି ଜଳକଷ୍ଟ ଭୋଗୁଥିବା ଜଣାପଡିଛି। ଏନେଇ ପମ୍ପ ଡ୍ରାଇଭରଙ୍କ ପଚରାଯିବାରୁ କହିଛନ୍ତି ଯେ, ମୋତେ ମାସିକ ବେତନ ମାତ୍ର ୨ହଜାର ଟଙ୍କା ପ୍ରଦାନ କରାଯାଉଛି । ଯାହାକି ଯଥେଷ୍ଟ ନୁହେଁ। ଏହାସହ ସମସ୍ତ ଅଞ୍ଚଳରେ ମୋତେ ନିୟୋଜିତ କରିଥିବାରୁ ଏପରି ବିଭ୍ରାଟ ସୃଷ୍ଟି ହେଉଛି ବୋଲି କହିବା ସହ ଗୋଟିଏ ସ୍ଥାନରେ ମୁଖ୍ୟ ପାଇପ ଫାଟିଯାଇଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି ବୋଲି କହିଛନ୍ତି । ଏନେଇ ଗ୍ରାମବାସୀ ବିଡିଓଙ୍କୁ ଭେଟି ଅବଗତ କରିଥିଲେ ମଧ ସମାଧାନ କରାଯିବା ପ୍ରତିଶ୍ରୁତି ପାଇ ଫେରିଥିବା ଜଣାଇଛନ୍ତି। ସମସ୍ୟାକୁ ନେଇ ବିଭାଗୀୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଗଲାବେଳେ କେହି ଯନ୍ତ୍ରୀ ନଥିବା ବେଳେ ସେଠାରେ କାର୍ଯ୍ୟରତ କର୍ମଚାରୀ ଜଣାଇଥିଲେ ଯେ ଏହା ଜିପିଇଓ ସେକ୍ସନରେ ସମସ୍ୟାର ସମାଧାନ ହୋଇପାରିବ ବୋଲି କହିଥିଲେ। ଅନ୍ୟପକ୍ଷରେ ପାନୀୟ ଜଳ କଷ୍ଟ ଭୋଗୁଥିବା ଉପଭକ୍ତାମାନେ କହିଛନ୍ତି ଯେ, କୌଣସି ମତେ ଯଦି ଦିନେ ଦୁଇ ଦିନ ମଧରେ ଏହି ସମସ୍ୟାର ସମାଧାନ ନ ହୁଏ ତେବେ ରାସ୍ତାରୋକ କରିବାକୁ ବାଧ ହେବୁ ବୋଲି ଚେତାବନୀ ଦେଇଛନ୍ତି ।

# ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ କ୍ୟାମ୍ପସ୍ ପ୍ଲେସମେଣ୍ଟ ଡ୍ରାଇଭ୍



ପାରଳାଖେମୁଣ୍ଡି, ୨୫।୨(ଡି.ଏନ୍.ଏ.):

ସ୍ଥାନୀୟ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କ ପାଇଁ କ୍ୟାମ୍ପସ ପ୍ଲେସମେଣ୍ଟ ଡ୍ରାଇଭ 'ପ୍ରଦାନ' କାର୍ଯ୍ୟକ୍ରମ କରାଯାଇଛି। ବାର୍ଷିକ ୮.୨ ଲକ୍ଷର ଦରମା ପ୍ୟାକେଜ ସହିତ ପ୍ରଦାନ ୧୦ ଜଣ ଛାତ୍ରୀଛାତ୍ରଙ୍କୁ ଚୟନ କରିଛି। ଏଥିପୂର୍ବରୁ ରାଲିସ ଇଣ୍ଡିଆ ୧୦ ଜଣଙ୍କୁ ୮.୫ ଲକ୍ଷ ର ଦରମା ପ୍ୟାକେଜରେ ନିଯୁକ୍ତି କରିଥିବା ବେଳେ ଆଇଟିସି, ଇଫ୍‌କୋ କିଷାନ ଏବଂ କିଛି ଘରୋଇ ବ୍ୟାଙ୍କ ଏଗ୍ରୀକଲଚର ଛାତ୍ରୀଛାତ୍ରମାନଙ୍କୁ ନିଯୁକ୍ତି କରିଛନ୍ତି। କ୍ୟାମ୍ପସ ପ୍ଲେସମେଣ୍ଟ ଡ୍ରାଇଭ ଡେପୁଟି ରେଜିଷ୍ଟ୍ରାର (ଟ୍ରେନିଂ ଆଣ୍ଡ ପ୍ଲେସମେଣ୍ଟ) ଡକ୍ଟର ଏସ୍.କାମେଶ୍ୱର ରାଓଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଛି। ପ୍ରଫେସର ଡି.ଏନ.ରାଓ (ଉପସଭାପତି ସିୟୁଟିଏମ) ପ୍ରଫେସର ସୁପ୍ରିୟା ପଟ୍ଟନାୟକ କୁଳପତି ଓ ପ୍ରଫେସର ଅନିତା ପାତ୍ର ରେଜିଷ୍ଟ୍ରାର ମନୋନୀତ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଗାୟତ୍ରୀ ପରିବାର ପକ୍ଷରୁ ରକ୍ତଦାନ ଶିବିର

ବୁଗୁଡ଼ା,୨୫।୨(ଡି.ଏନ.ଏ.)

ବୁଗୁଡ଼ା ନିକଟସ୍ଥ ବେତାରସିଂ ଗ୍ରାମରେ ନବ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଅବସରରେ ଗାୟତ୍ରୀ ପରିବାର ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବେତାରସିଂ ଗ୍ରାମର ବାଲାଜୀ ସ୍ୱାମୀ ମଠ ପରିସରରେ ଅନୁଷ୍ଠିତ ଉକ୍ତ ଶିବିରରେ ୨୦ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରମ୍ଭା ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତିର ସହ ସଂଯୋଜକ ରବି ନାରାୟଣ ସେନାପତି ଯୋଗ ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିବା ବେଳେ ଗାୟତ୍ରୀ ପରିବାରର ଶଶାଙ୍କ ମହାରଣା, ଶଙ୍କର ଜେନା, ଅନ୍ତର୍ଯ୍ୟାମୀ ବେହେରା, ଶିବରାମ ବେହେରା ଓ ବ୍ରହ୍ମପୁର ବ୍ଲଡ଼ ବ୍ଯାଙ୍କର ପ୍ରଦୀପ କୁମାର ସୁବୁଦ୍ଧି, ସୁଶାନ୍ତ କୁମାର ପଣ୍ଡା, ଡମ୍ବରୁ ବହାଦୁର କର୍କେ, ବାବୁନି ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଉତ୍କଳମଣି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଓ ପୁରସ୍କୃତ ଛାତ୍ରୀଛାତ୍ର ।

ରମ୍ଭା,୨୫।୨

ଖଲ୍ଲିକୋଟ ବ୍ଲକ ସାବୁଳିଆ ପଞ୍ଚାୟତ ଉତ୍କଳମଣି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ସନ୍ନ୍ୟାସୀ ଲେଙ୍କା ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଦ୍ୱୀପ ପ୍ରଜ୍ୱଳନ ସହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷୟିତ୍ରୀ ରୂପଶ୍ରୀ ପାତ୍ର। ବାର୍ଷିକ ବିବରଣୀ ପାଠ କରିଥିଲେ ସୌଦାମିନୀ ରଥ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ଏବିଇଓ ସନ୍ତୋଷ କୁମାର ବେହୁରା, ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୈତାରୀ ବେହେରା, ଆସିକା ଏମ୍‌ପି ପ୍ରତିନିଧି ରତ୍ନାକର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ସେନାପତି ମୁଖ୍ୟବକ୍ତା, ସାବୁଳିଆ ସରପଞ୍ଚ ଅହଲ୍ୟା ବେହେରା ସମ୍ମାନିତ ଅତିଥି, ସରପଞ୍ଚ ପ୍ରତିନିଧି ଶଶଧର ବେହେରା ଓ ସିଆରସିସି ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ମୁଖପତ୍ର ଅମ୍ଳାନ ଓ ମୋ ସ୍କୁଲ ପାଠାଗାର ଉନ୍ମୋଚନ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ଖେଳକୁଦ ଓ ବହୁବିଧ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ବିଧାୟିକା ବୈଦ୍ୟ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ।

# କାର୍ଯ୍ୟାଳୟରେ ତାଲା ପକାଇଲେ ଟାଟା ପାୱାର ଶ୍ରମିକ

ଭଞ୍ଜନଗର,୨୫।୨(ଡି.ଏନ.ଏ.)

ରାଜ୍ୟ ସରକାର ଟାଟା ପାୱାରକୁ ରାଜ୍ୟର ବିଦ୍ୟୁତ୍ ବିତରଣ ଦାୟିତ୍ୱ ୨୫ବର୍ଷ ପାଇଁ ହସ୍ତାନ୍ତର କରିବା ପରେ ଦିନକୁ ଦିନ ଟାଟା ପାୱାରର ଗ୍ରାହକ ଏବଂ କର୍ମଚାରୀ ଶୋଷଣ ନୀତି ବଢ଼ିବାରେ ଲାଗିଛି । ଏଭଳି ପରିସ୍ଥିତିରେ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ଭଞ୍ଜନଗର ଶାଖା ପକ୍ଷରୁ ଶନିବାର ସ୍ଥାନୀୟ ବାଇପାସ୍ ରୋଡ଼ରେ ଟାଟା ପାୱାର ନିୟନ୍ତ୍ରଣରେ ଥିବା ଇନ୍‌ପେଲକୋ ଇଲେକ୍ଟ୍ରିସିଟି ଏଜେନ୍ସିର କାର୍ଯ୍ୟାଳୟକୁ ୭ଦଫା ଦାବିନେଇ ତାଲା ପକାଇ ଆନ୍ଦୋଳନ କରାଯାଇଥିଲା । ଏହାପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପହଞ୍ଚି ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଥିଲେ। ସଂଘର ଦାବିଗୁଡ଼ିକ ହେଲା ବୌଦ୍ଧ ଡ଼ିଭିଜନରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କୁ ବେନିୟମ ଭାବେ ଚାକିରିରୁ ଛଟେଇ କରାଯାଇଛି। ତାଙ୍କୁ ତୁରନ୍ତ ପୁନଃ ନିଯୁକ୍ତି ଦିଆଯାଉ। ଫୁଲବାଣୀ ଡିଭିଜନର ଜଣେ କର୍ମଚାରୀଙ୍କୁ ମନଇଚ୍ଛା ବଦଳି କରାଯାଉଛି । ଏହିଭଳି ବେନିୟମ କାର୍ଯ୍ୟ ବନ୍ଦ ହେଉ । ଭଞ୍ଜନଗର ଡ଼ିଭିଜନର ଜଣେ କର୍ମଚାରୀ କର୍ମକ୍ଷେତ୍ରରୁ



କର୍ମଚାରୀମାନେ କାର୍ଯ୍ୟାଳୟ ସମ୍ମୁଖରେ ତାଲା ପକାଇ ଆନ୍ଦୋଳନ କରୁଛନ୍ତି ।

ଫେରୁଥିବା ବେଳେ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିଲେ । ସୁସ୍ଥ ହୋଇ କାର୍ଯ୍ୟକୁ ଫେରିବା ପରେ ତାଙ୍କୁ ଛଟେଇ ଆଦେଶ ଧରାଇ ଦିଆଯାଇଥିଲା । ଉକ୍ତ କର୍ମଚାରୀଙ୍କୁ ମଧ୍ୟ ତୁରନ୍ତ ପୁନଃ ନିଯୁକ୍ତି ଦିଆଯାଉ । ବକେୟା ଆଦାୟ ଏବଂ ମରାମତିରେ ନିୟୋଜିତ କର୍ମଚାରୀଙ୍କୁ ୫ମାସ ହେଲା ଖାଦ୍ୟ ଭତ୍ତା ମିଳିନାହିଁ। ଇପିଏଫ୍, ଇଏସ୍‌ଆଇରେ ଦୁର୍ନୀତି ହେଉଛି । ଶ୍ରମିକମାନଙ୍କୁ ଉପଯୁକ୍ତ ପାରିଶ୍ରମିକ ମିଳୁନାହିଁ । ଅଫିସର ଏବଂ ସୁପରଭାଇଜରମାନେ ଶ୍ରମିକମାନଙ୍କୁ ବିଭିନ୍ନ ସମୟରେ ନାଲି ଆଖି ଦେଖାଉଛନ୍ତି। ତେଣୁ ଆମର ଦାବିଗୁଡ଼ିକୁ ପୂରଣ କରି ଆମକୁ ନ୍ୟାୟ ପ୍ରଦାନ କରାଯାଉ । ନଚେତ କାର୍ଯ୍ୟାଳୟକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଲିଖିତ ଭାବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଛି । ଏନେଇ ଜଣେ ଶ୍ରମିକ ଏଠାରେ କହିଛନ୍ତି ଯେ ଯନ୍ତ୍ରୀ, ସୁପରଭାଇଜର ଏବଂ ଠିକା ସଂସ୍ଥା ମିଳିତ ଭାବେ ଆକ୍ରୋଶ ମନୋଭାବ ରଖି ଆମକୁ ହଇରାଣ କରୁଛନ୍ତି । ଏହାପରେ ଠିକାଦାର ସଂସ୍ଥା ଉପରେ ଚାପ ପକାଇ ଆମ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଠିକାଦାର ସଂସ୍ଥାର ଏହିଭଳି ଏକ ପାଖିଆ ମନୋଭାବକୁ ଆଗାମୀ ଦିନରେ ବରଦାସ୍ତ କରାଯିବନି ବୋଲି ଜଣେ ଶ୍ରମିକ ନେତା କହିଛନ୍ତି। ଅପରପକ୍ଷେ ଏନେଇ ଠିକାସଂସ୍ଥାର ଭଞ୍ଜନଗର ସର୍କଲ ହେଡ ଦଣ୍ଡପାଣି ମଲିକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଶ୍ରମିକମାନଙ୍କ ଦାବିପ୍ରତି ବିଚାର ଚାଲିଛି । ସନ୍ଧ୍ୟା ସୁଧା ସମସ୍ୟାର ସମାଧାନ ହୋଇଯିବ।

# ‘ଭାରତ ଯୋଡ଼ୋ ଯାତ୍ରା’ ଶେଷ ଇନିଂସ ହୋଇପାରେ: ସୋନିଆ

## ଅବସର ଗୁଜବକୁ ଖଣ୍ଡନ କଲା କଂଗ୍ରେସ

ନୂଆଦିଲ୍ଲୀ, ୨୫।୨

ଦୀର୍ଘ ୨୫ ବର୍ଷ ଧରି କଂଗ୍ରେସର ମଙ୍ଗ ସମ୍ଭାଳିବା ପରେ ‘ଭାରତ ଯୋଡ଼ୋ ଯାତ୍ରା’ ତାଙ୍କର ଶେଷ ଇନିଂସ ହୋଇପାରେ ବୋଲି ଦଳର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଶନିବାର କହିବା ସହ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ରାୟପୁରରେ ଆୟୋଜିତ କଂଗ୍ରେସର ୮୫ତମ ମହା ଅଧିବେଶନରେ ଉଦ୍‌ବୋଧନ ଦେଇ ସୋନିଆ ଦଳର ନୂଆ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦୀର୍ଘ ଅଭିଜ୍ଞତା ସହ ଖାର୍ଗେ ଦଳକୁ ଆଗେଇନେବାରେ ଯୁବପିଢ଼ିଙ୍କ ନେତୃତ୍ୱ ନେବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ମହା ଅଧିବେଶନରେ ଦଳ ପ୍ରତି ସୋନିଆଙ୍କ ଅବଦାନର ଏକ ଭିଡିଓ ପ୍ରଦର୍ଶିତ ହେବା ପରେ ସେ କହିଥିଲେ, କଂଗ୍ରେସ ଏବଂ ଉପା ଅଧ୍ୟକ୍ଷ ଭାବେ ତାଙ୍କ କାର୍ଯ୍ୟକାଳ ପାଇଁ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇବାକୁ ଚାହାନ୍ତି। ‘ଭାରତ ଯୋଡ଼ୋ ଯାତ୍ରା’ ତାଙ୍କର ଶେଷ ଇନିଂସ ହୋଇପାରେ ବୋଲି ସୋନିଆ କହିବା ପରେ ସେ ରାଜନୀତିରୁ ଅବସର ନେଇପାରନ୍ତି ବୋଲି ଗଣମାଧ୍ୟମରେ ଜୋର୍‌ଦାର ଚର୍ଚ୍ଚା ହୋଇଥିଲା। ତେବେ ସୋନିଆ ରାଜନୀତିରୁ ଅବସର ନେବା କଥା କହିନାହାନ୍ତି। ‘ଭାରତ ଯୋଡ଼ୋ ଯାତ୍ରା’ ଶେଷ ସହ ତାଙ୍କ ଅଧ୍ୟକ୍ଷତା ଅବଧି ଶେଷ ହୋଇଥିବା ସମ୍ପର୍କରେ ସେ ସୂଚନା ଦେଇଥିବା କଂଗ୍ରେସ ଏକ ସ୍ପଷ୍ଟୀକରଣ ଦେଇ କହିଛି।



ରାୟପୁରରେ ଶନିବାର ଆୟୋଜିତ କଂଗ୍ରେସର ୮୫ତମ ମହା ଅଧିବେଶନରେ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ, ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ଦଳୀୟ ନେତୃବୃନ୍ଦ।

# ନୀତୀଶଙ୍କ ପାଇଁ ଭାଜପା ଦ୍ୱାର ବନ୍ଦ: ଶାହା

ଲୌରିଆ, ୨୫।୨

ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର ତାଙ୍କର ପ୍ରଧାନମନ୍ତ୍ରୀ ହେବା ଅଭିଳାଷ ପୂରଣ କରିବା ପାଇଁ ଭାଜପାଠାରୁ ସମ୍ପର୍କ ଛିନ୍ନ କରି କଂଗ୍ରେସ ଏବଂ ଆର୍‌ଜେଡି ସହ ହାତ ମିଳାଇଛନ୍ତି। ପ୍ରତି ୩ ବର୍ଷରେ ଥରେ ତାଙ୍କ ମନରେ ଏଭଳି ଅଭିଳାଷ ଜାଗ୍ରତ ହୋଇଥାଏ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ପଶ୍ଚିମ ଚମ୍ପାରନ୍ ଜିଲାର ଲୌରିଆଠାରେ ଏକ ରାଲିକୁ ସମ୍ବୋଧନ କରି ବରିଷ୍ଠ ଭାଜପା ନେତା ଶାହା କହିଥିଲେ, ଜେଡିୟୁ ସୁପ୍ରିମୋ ନୀତୀଶ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ ବିହାରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କରିବାକୁ ରାଜି ହୋଇଛନ୍ତି। ନୀତୀଶ ବିହାରକୁ ଜଙ୍ଗଲ ରାଜ ମଧ୍ୟକୁ ନେଇଯାଇଛନ୍ତି। ବିହାରରେ ଜଙ୍ଗଲ ରାଜ ପାଇଁ ପୂର୍ବରୁ କଂଗ୍ରେସ ଏବଂ ଆର୍‌ଜେଡି ଶାସନକୁ ଦୋଷ ଦିଆଯାଇ ଆସୁଥିଲା। ଏଭଳି ଦଳଙ୍କୁ ସାଙ୍ଗରେ ନେଇ ସରକାର ଗଢ଼ିଥିବା ପୂର୍ବତନ ସହଯୋଗୀଙ୍କ ପାଇଁ ଭାଜପା ଦ୍ୱାର ସବୁଦିନ ପାଇଁ ବନ୍ଦ ହୋଇଯାଇଥିବା ଶାହା କହିଛନ୍ତି। ଜୟପ୍ରକାଶ ନାରାୟଣଙ୍କ ସମୟରୁ ନୀତୀଶ ସାରା ଜୀବନ କଂଗ୍ରେସ ଏବଂ ଜଙ୍ଗଲରାଜ ବିରୋଧରେ ଲଢ଼ଇଆସିଥିଲେ। ଏବେ ସେ ଜଙ୍ଗଲରାଜର କର୍ଣ୍ଣଧାର ଲାଲୁ ପ୍ରସାଦଙ୍କ କୋଳରେ ଏବଂ ସୋନିଆ ଗାନ୍ଧୀଙ୍କ ପାଦତଳେ ବସିଛନ୍ତି। ବିହାର ମୁଖ୍ୟମନ୍ତ୍ରୀ ତାଙ୍କର ପ୍ରଧାନମନ୍ତ୍ରୀ ଆକାଂକ୍ଷା ପୂରଣ ଲାଗି ବିକାଶବାଦୀରୁ ସୁବିଧାବାଦୀ ପାଲଟିଥିବା ଶାହା କହିଛନ୍ତି।

## ବିରୋଧୀ ଏକାଠି ହେଲେ ଭାଜପା ୧୦୦ରୁ କମ୍ ଆସନ ପାଇବ: ନୀତୀଶ

**ପୂର୍ଣ୍ଣିଆ, ୨୫।୨:** ପୂର୍ଣ୍ଣିଆରେ ଆୟୋଜିତ ମହାମେଣ୍ଟ ରାଲିରେ ନୀତୀଶ କୁମାର କହିଛନ୍ତି ଯଦି କଂଗ୍ରେସ ସମେତ ଆମ ସମସ୍ତେ ଏକାଠି ହେବା, ତେବେ ୨୦୨୪ରେ ଭାଜପା ୧୦୦ରୁ କମ ଆସନ ପାଇବ। ଏଥିପାଇଁ କଂଗ୍ରେସ ଦଳକୁ କ୍ଷମତା ଦେଖାଇବାକୁ ପଡିବ। ଦୀର୍ଘ ଦିନ ଧରି ବିରୋଧୀଙ୍କୁ ଏକ ପ୍ଲାଟଫର୍ମରେ ଆଣିବାକୁ ଚେଷ୍ଟା କରୁଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶନିବାର ରାଲିରେ କଂଗ୍ରେସ ଦଳକୁ ଅନୁରୋଧ କରି କହିଛନ୍ତି ଯେ ଆମେ କଂଗ୍ରେସକୁ ଅପେକ୍ଷା କରିଛୁ, ଶୀଘ୍ର ନିଷ୍ପତ୍ତି ନିଅନ୍ତୁ। କଂଗ୍ରେସ ବଡ଼ ଭାଇର ଭୂମିକା ଗ୍ରହଣ କରିପାରିବ। ଏହା ଦ୍ୱାରା ନୀତୀଶଙ୍କ ସ୍ପଷ୍ଟ ସଙ୍କେତ ଯେ କଂଗ୍ରେସ ଦଳ ବିରୋଧୀ ଦଳର ବଡ଼ ଭାଇ ଭୂମିକାରେ ରହିପାରିବ। ସୂଚନାଯୋଗ୍ୟ, ବିରୋଧୀଙ୍କୁ ଏକଜୁଟ କରିବା ପାଇଁ ଦୀର୍ଘ ଦିନ ଧରି ଦେଶରେ ଉଦ୍ୟମ ଚାଲିଛି। ନୀତୀଶଙ୍କ ପୂର୍ବରୁ, କେ. ଚନ୍ଦ୍ରଶେଖର ରାଓ(କେସିଆର) ମଧ ସମାନ ପ୍ରୟାସ କରୁଛନ୍ତି। ଏବେ କଂଗ୍ରେସ ଏବଂ ନୀତୀଶ ମଧ ମିଳିତ ଶକ୍ତି ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି।

## ପରାଜୟ ଭୟରେ ଶାହା ବାରମ୍ବାର ବିହାର ଆସୁଛନ୍ତି: ତେଜସ୍ୱୀ

**ପୂର୍ଣ୍ଣିଆ, ୨୫।୨:** ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଶନିବାର ବିହାରରେ ୨ ସଭାରେ ସମ୍ବୋଧିତ କରି ବିରୋଧୀଙ୍କୁ ଟାର୍ଗେଟ କରିଥିବାବେଳେ ପୂର୍ଣ୍ଣିଆରେ ମହାମେଣ୍ଟ ନେତାମାନେ ଏକଜୁଟ ହୋଇ ବିହାରକୁ ଭାଜପା ମୁକ୍ତ କରିବାକୁ ହୁଙ୍କାର ଦେଇଛନ୍ତି। ଶାହାଙ୍କ ଗସ୍ତକୁ କଟାକ୍ଷ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ। ୨୦୨୪ ଲୋକ ସଭା ନିର୍ବାଚନରେ ବିହାରରୁ କମ୍ ଆସନ ପାଇବାକୁ ନେଇ ଭାଜପା ଭୟଭୀତ ହୋଇପଡ଼ିଛି। ସେଥିଲାଗି ଶାହା ବାରମ୍ବାର ଆସୁଛନ୍ତି ବୋଲି ତେଜସ୍ୱୀ କହିଛନ୍ତି।

# କେନ୍ଦ୍ର ଯୋଜନାକୁ ନୂଆ ନାଁ ଦେଇ ହଡ଼ପ: ଭାଜପା

ଭୁବନେଶ୍ୱର, ୨୫।୨ (ବ୍ୟୁରୋ)

ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଶୁକ୍ରବାର ବିଧାନସଭାରେ ବଜେଟ ଉପସ୍ଥାପନ କରିଛନ୍ତି। ମାତ୍ର ଏହି ବଜେଟରେ କୌଣସି ନୂତନତ୍ୱ ନାହିଁ। ଯେଉଁ ନୂଆ ଯୋଜନା ସୃଷ୍ଟି କରାଯାଇଛି, ତାହା କେନ୍ଦ୍ର ସରକାରଙ୍କ ଯୋଜନାକୁ ହଡ଼ପ କରାଯାଇ ଲୋକଙ୍କୁ ଭ୍ରମିତ କରିବା ଲାଗି ଉଦ୍ଦିଷ୍ଟ ବୋଲି ଭାଜପା ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି।

ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ଶନିବାର ଏକ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି, ମିଶନଶକ୍ତି ସ୍କୁଟର ଯୋଜନାରେ ୫୦କୋଟି ଟଙ୍କା ବ୍ୟୟ ବରାଦ କରି ‘ନୂଆ ଯୋଜନା’ ପ୍ରହେଳିକା ସୃଷ୍ଟି କରା ନ ଯାଉ। ରାଜ୍ୟ ସରକାର ‘କାଳିଆ’ ଯୋଜନାରେ ଚଳିତବର୍ଷ ଅନୁଦାନ ବଢ଼ାଇଲେ ନାହିଁ। ଗତବର୍ଷ ଏହି ଯୋଜନା ପାଇଁ ୧୮୭୪କୋଟି ଟଙ୍କା ବ୍ୟୟବରାଦ କରିଥିବା ବେଳେ ଏବର୍ଷ ଏହା ୧୮୭୯ କୋଟି ଟଙ୍କା କରିଛନ୍ତି। ମୋଦି ସରକାରଙ୍କ ‘ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା’କୁ ଓଡ଼ିଶା ସରକାର ‘କାଳିଆ’ ଅନୁଦାନ ଭାବରେ ଭ୍ରମ ସୃଷ୍ଟି କରିବାର ପ୍ରୟାସ ଜାରି ରଖିଛନ୍ତି। ସ୍ୱତନ୍ତ୍ର କୃଷି ବଜେଟ ପରେ ବି ସରକାର ଗୋଟିଏ ହେଲେ ନୂଆ ଶୀତଳଭଣ୍ଡାର ଯୋଜନା କରିନାହାନ୍ତି। ୨୦୨୦ ଆର୍ଥିକ ବର୍ଷ କୃଷି ବଜେଟରେ ୨,୯୦୧ କୋଟି ୨୦୨୧ରେ ୧,୫୪୪ କୋଟି ଖର୍ଚ୍ଚ ହୋଇ ନ ପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଚାଷୀକୁଳ ପ୍ରତି ଉପହାସ ବୋଲି ଗୋଲକ କହିଛନ୍ତି।

ଓଡ଼ିଶାର ୬୦ ଲକ୍ଷ ଗରିବ ପରିବାର ଓ ପାଖାପାଖି ୧ କୋଟି ପ୍ରବାସୀ ଓଡ଼ିଆଙ୍କୁ ପ୍ରଧାନମନ୍ତ୍ରୀଙ୍କ କଲ୍ୟାଣକାରୀ ‘ଆୟୁଷ୍ମାନ ଭାରତ’ ଯୋଜନାରୁ ବଞ୍ଚିତ କରି ଓଡ଼ିଶା ସରକାର ନିଜସ୍ୱ ଯୋଜନାକୁ ଗତ ବର୍ଷ ତୁଳନାରେ କମ୍ ଅର୍ଥ ବ୍ୟୟବରାଦ କରିବା ଚିନ୍ତାଜନକ ବିଷୟ। ରାଜ୍ୟ ସରକାର ଆମ ହସ୍ପିଟାଲ ନାମରେ ଏକ ନୂଆ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଘୋଷଣା କରିଛନ୍ତି। ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଅବ୍ୟବସ୍ଥା ସହ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପଦବୀ ଖାଲି ପଡିବା ବିଡମ୍ବନାର ବିଷୟ। ବର୍ଷ ଶେଷକୁ ୧୭%ରୁ ୩୯% ପର୍ଯ୍ୟନ୍ତ ଖର୍ଚ୍ଚ କରିବାରେ ରାଜ୍ୟ ସରକାର ବିଫଳ ହେଉଛନ୍ତି। ୨୦୧୯ରୁ ୨୦୨୨ ପର୍ଯ୍ୟନ୍ତ ଆକଳନ ହୋଇଥିବା ବଜେଟରୁ ୯୯,୬୯୬ କୋଟି ଟଙ୍କା ଖର୍ଚ୍ଚ ହୋଇ ନ ପାରିବା ରାଜ୍ୟ ସରକାରଙ୍କ ଦୁର୍ବଳ ଆର୍ଥିକ ପରିଚାଳନାକୁ ପ୍ରମାଣିତ କରୁଛି। ମିଶନ ଶକ୍ତି, ପିଇବା ପାଣି, ପକ୍କାଘର ନିର୍ମାଣ, ଭିତ୍ତିଭୂମି ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ବଜେଟରେ ବ୍ୟୟବରାଦ ହୋଇଥିବା ସମସ୍ତ ଅନୁଦାନ କେନ୍ଦ୍ର ସରକାରଙ୍କର। ଜଳଜୀବନ ମିଶନ ପାଇଁ ୫୭୫୦ କୋଟି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫୯୩୪ କୋଟି, ଭିତ୍ତିଭୂମି ନିର୍ମାଣ ପାଇଁ ୧୯୪୫୨ କୋଟି ଟଙ୍କା ହେଉଛି କେନ୍ଦ୍ରୀୟ ଅନୁଦାନ ଓ ଯୋଜନାର ଅଂଶସ୍ୱରୂପ। ରାଜ୍ୟରେ ଶିଳ୍ପ କ୍ଷେତ୍ର ପ୍ରାୟ ସୁପ୍ତାବସ୍ଥାରେ ଥିବାବେଳେ ନିଯୁକ୍ତି ସୃଷ୍ଟି ଶୂନ୍ୟ, ଭିତ୍ତିଭୂମି ବିକାଶ ପାଇଁ କୌଣସି ଯୋଜନା ନ ଥିବା ବେଳେ କେଉଁ ଆଧାରରେ ୨୦୨୩-୨୪ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୮.୫% ରହିବ ବୋଲି ଗୋଲକ କହିଛନ୍ତି।

# ବିଜେଡି ଲିଗାଲ ଫ୍ରଣ୍ଟ କର୍ମକର୍ତ୍ତା ନିଯୁକ୍ତ

ଭୁବନେଶ୍ୱର, ୨୫।୨ (ବ୍ୟୁରୋ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ବିଜେଡି ଲିଗାଲ ଫ୍ରଣ୍ଟ ପାଇଁ କର୍ମକର୍ତ୍ତା ନିଯୁକ୍ତି କରିଛନ୍ତି। ଏ ନେଇ ବିଜେଡି ପକ୍ଷରୁ ପକ୍ଷରୁ ସୂଚନା ଦିଆଯାଇଛି। ମିଲନ୍ କାନୁନଗୋଙ୍କୁ ଲିଗାଲ ଫ୍ରଣ୍ଟର ରାଜ୍ୟ ସଭାପତି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଉପଦେଷ୍ଟା ଭାବେ ଆର୍ତ୍ତତ୍ରାଣ ମିଶ୍ର (ସମ୍ବଲପୁର), ସିତାଂଶୁ ଦ୍ୱିବେଦୀ (ଭୁବନେଶ୍ୱର), ହରଜିନ୍ଦର ସିଂ (ଭବାନୀପାଟଣା) ଏବଂ କଟକ ପାଇଁ ଗଗନ ମେହେରଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଶୁଭ୍ରାଂଶୁ ମହାନ୍ତିଙ୍କୁ ସମ୍ପାଦକ ଏବଂ ଉପସଭାପତି ଭାବେ ପ୍ରବୀର ପଟ୍ଟନାୟକ, ବିଷ୍ଣୁ ପ୍ରସାଦ ପାତ୍ର, ଆନନ୍ଦ ବଡଗୁଇଁୟା, ସନ୍ତୋଷ ନାୟକ, ଅଶୋକ ମହାନ୍ତି, ଚକ୍ରଧର ମହାନ୍ତି ଓ ଅନିଲ ସାହୁଙ୍କୁ ନିଯୁକ୍ତ କରାଯାଇଛି। ରାଜ୍ୟ ସଂଯୋଜକ ଭାବେ ମନୋଜ ବର୍ମାଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ୩୩ ସାଙ୍ଗଠନିକ ଜିଲା କମିଟି ପାଇଁ ସଭାପତି ଏବଂ ୪ ଜଣଙ୍କୁ ଜୋନାଲ କୋଅର୍ଡିନେଟର ଭାବେ ନିଯୁକ୍ତି ଦିଆଯାଇଛି।

## ଖେଳ ଖବର

# ଅବଶିଷ୍ଟ ଓଡ଼ିଶା ‘ଡି’, ରାଉରକେଲା, ଯାଜପୁର, ସମ୍ବଲପୁର ବିଜୟୀ

## ଓସିଏ ୧୯ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ସୁପର ଲିଗ୍

ଭୁବନେଶ୍ୱର, ୨୫।୨ (ସ୍ପୋର୍ଟସ ବ୍ୟୁରୋ)



ଆଶୀର୍ବାଦ ସ୍ୱାଇଁ



ମହମ୍ମଦ ସୋହେଲ



ଶ୍ରେଷ୍ଠ ସିଂ



ଶ୍ରେୟାଂଶ ଭରଦ୍ୱାଜ

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ପୁରୁଷ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟର ସୁପର ଲିଗ୍ ପର୍ଯ୍ୟାୟ ମ୍ୟାଚଗୁଡ଼ିକ ବିଭିନ୍ନ ଖେଳପଡ଼ିଆରେ ଶନିବାର ଖେଳାଯାଇଛି। ଏଥିରେ ଅବଶିଷ୍ଟ ଓଡ଼ିଶା ‘ଡି’, ରାଉରକେଲା, ଯାଜପୁର ଓ ସମ୍ବଲପୁର ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। **ଏମଜିଏମ୍ ଏସଓଏସ୍ ଗ୍ରାଉଣ୍ଡ:** ଅବଶିଷ୍ଟ ଓଡ଼ିଶା ‘ଡି’ ୧୪୭ ରନରେ ଭୁବନେଶ୍ୱର ‘ଏ’କୁ ପରାସ୍ତ କରିଛି। ଏଥିରେ ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଅବଶିଷ୍ଟ ଓଡ଼ିଶା ‘ଡି’ ନିର୍ଦ୍ଧାରିତ ୫୦ ଓଭରରେ ଶ୍ରେୟାଂଶଙ୍କ ୧୪୭ ରନ (୧୪୫ ବଲ୍) ସହାୟତାରେ ୩ ଉଇକେଟ ବିନିମୟରେ ୨୯୧ ରନ କରିଥିଲା। ଦଳ ପକ୍ଷରୁ ସମ୍ବିତ କୁମାର ଓ ଗୌରବ ଡି. ୬୨ରନ ଲେଖାଏଁ କରିଥିଲେ। ଜବାବରେ ଭୁବନେଶ୍ୱର ‘ଏ’ ୩୯.୧ ଓଭରରେ ୧୪୪ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ବିଦ୍ୟାଧର ବେହେରା ସର୍ବାଧିକ ୫୭ ରନ କରିଥିଲେ। ଓଡ଼ିଶା ‘ଡି’ ଦଳ ତରଫରୁ ସୁମିତ ମିଶ୍ର ଓ ଶୁଭାଶିଷ ପାଲ ୩ଟି ଲେଖାଏଁ ଉଇକେଟ ନେଇଥିଲେ। **ଡ୍ରିମ୍ସ ଗ୍ରାଉଣ୍ଡ:** ଅବଶିଷ୍ଟ ଓଡ଼ିଶା ‘ଏ’ ବିପକ୍ଷରେ ରାଉରକେଲା ୧୧୨ରନରେ ବିଜୟ ଲାଭ କରିଛି। ଏହି ମ୍ୟାଚରେ ରାଉରକେଲା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ବିନିମୟରେ ୩୪୫ରନ କରିଥିଲେ। ଦଳ ପକ୍ଷରୁ ଆଶୀର୍ବାଦ ୧୮୪ (୧୨୦), ବିଟୁ ରୟ ୫୬ ରନ କରିଥିଲେ। ଅବଶିଷ୍ଟ ଓଡ଼ିଶା ‘ଏ’ର ପୀୟୂଷ ଆର୍. ମନ୍ତ୍ରୀ ୩ ଏବଂ କୁବେର ସାହୁ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ୩୪୬ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଅବଶିଷ୍ଟ ଓଡ଼ିଶା ‘ଏ’ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୨୩୩ ରନ କରିଥିଲା। ଆଦର୍ଶ ରୟଗୁରୁ ୮୫, ପୀୟୂଷ ଆର୍. ମନ୍ତ୍ରୀ ୩୪ ରନ କରିଥିଲେ। ରାଉରକେଲା ତରଫରୁ ରଜନୀ କେ. ସୁତାର ୩ ଓ ଖୁସ୍‌ୱନ୍ତ ସାନ୍ଧୁ ୨ ଉଇକେଟ ନେଇଥିଲେ। **ସନ୍ ସାଇନ୍ ଗ୍ରାଉଣ୍ଡ:** ଅବଶିଷ୍ଟ ଓଡ଼ିଶା ‘ସି’କୁ ଯାଜପୁର ୮ ଉଇକେଟରେ ହରାଇ ଦେଇଛି। ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ଅବଶିଷ୍ଟ ଓଡ଼ିଶା ‘ସି’ ୪୧.୩ ଓଭରରେ ୧୮୩ରନ କରି ଅଲଆଉଟ ହୋଇଯାଇଥିଲା। ଆୟୁଷ ସାହୁ ୪୭, ଦେବଜ୍ୟୋତି ୩୦ ରନ କରିଥିଲେ। ବିପକ୍ଷ ଦଳର ବିଭୂତି ଭୂୟାଁ ଓ ମାନସ ସାହୁ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଯାଜପୁର ଦଳ ୩୦.୫ ଓଭରରେ ୨ ଉଇକେଟ ବିନିମୟରେ ୧୮୪ରନ କରି ମ୍ୟାଚ ଜିତିନେଇଥିଲା। ଦଳ ପକ୍ଷରୁ ଆଦିତ୍ୟ ଜେନା ୭୬ରନ କରିଥିବା ବେଳେ ମହମ୍ମଦ ସୋହେଲ ୭୨ରନ କରି ଅପରାଜିତ ରହିଥିଲେ। ଅବଶିଷ୍ଟ ଓଡ଼ିଶା ‘ସି’ ଦଳର ଶୁଭମ ପ୍ରିୟଦର୍ଶୀ ୨ଟି ଉଇକେଟ ଅକ୍ତିଆର କରିଥିଲେ। **ବାରବାଟୀ ଷ୍ଟାଡିୟମ:** ଅବଶିଷ୍ଟ ଓଡ଼ିଶା ‘ବି’ ସମ୍ବଲପୁରଠାରୁ ୬ ଉଇକେଟରେ ପରାଜିତ ହୋଇଛି। ଏଠାରେ ଟସ୍‌ହାରି ପ୍ରଥମେ ବ୍ୟାଟିଂ କରିଥିବା ଅବଶିଷ୍ଟ ଓଡ଼ିଶା ‘ବି’ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୨୬୪ ରନ କରିଥିଲା। ଦେବାଶିଷ ବାଗ୍ ୯୨, ଆଶିଷ ମଲିକ ୫୫ ରନ କରିଥିଲେ। ସମ୍ବଲପୁର ଦଳ ତରଫରୁ କ୍ରିସ୍ ଯାଦବ ୨ ଏବଂ ଅଭିନବ ନନ୍ଦ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ସମ୍ବଲପୁର ୪୮.୩ ଓଭରରେ ୪ ଉଇକେଟରେ ୨୬୭ ରନ କରି ମ୍ୟାଚ ଜିତିନେଇଥିଲା। ଦଳ ପକ୍ଷରୁ ଅମରନାଥ ଭୋଇ ୧୦୨ (୧୪୪ବଲ୍)ରନ କରିଥିବା ବେଳେ, ଶ୍ରେଷ୍ଠ ସିଂ ୯୮ (୭୪ବଲ୍)ରନ କରି ଅପରାଜିତ ରହିଥିଲେ। ଅବଶିଷ୍ଟ ଓଡ଼ିଶା ‘ବି’ ତରଫରୁ ଦେବାଶିଷ ବାଗ୍ ୨ ଏବଂ ବିଜନ ମହାନ୍ତି ୧ ଉଇକେଟ ନେଇଥିଲେ।

# ବକ୍ସିଂ ଆସୋସିଏଶନ ଉପ ସଭାପତିଙ୍କ ଇସ୍ତଫା



ଖବରଦାତା ସମ୍ମିଳନୀରେ ସୁଦର୍ଶନ ସାହୁ ଇସ୍ତଫା ସମ୍ପର୍କରେ ସୂଚନା ଦେଉଛନ୍ତି।

ପୁରୀ ଅଫିସ, ୨୫।୨

ଓଡ଼ିଶା ଆମେଚର ବକ୍ସିଂ ଆସୋସିଏଶନର ଉପ ସଭାପତି ସୁଦର୍ଶନ ସାହୁ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଶନିବାର ପୁରୀ ଶରଧାବାଲିସ୍ଥିତ ରାଣୀସତୀ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏନେଇ ସୂଚନା ଦେଇଛନ୍ତି। ଖେଳାଳିଙ୍କୁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇବାରେ ଆସୋସିଏଶନ ବିଫଳ ହେଉଛି। ରାଜ୍ୟ ପ୍ରତିଯୋଗିତାରେ ଖେଳାଳିଙ୍କୁ ପ୍ରମାଣପତ୍ର ଦିଆଯାଉନାହିଁ, ଫଳରେ ସେମାନେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ବକ୍ସିଂ ପ୍ରତିଯୋଗିତା ଚଟାଣରେ ଆୟୋଜିତ ହେଉଛି, ଯାହା ବୃତ୍ତିଗତ ପ୍ରତିଯୋଗିତା ପାଇଁ ଗ୍ରହଣୀୟ ନୁହେଁ। ଏହା ଖେଳାଳି ଓ ସେମାନଙ୍କ ପ୍ରଦର୍ଶନ ଲାଗି କ୍ଷତିକାରକ। ଆସୋସିଏଶନ ଖେଳାଳିଙ୍କୁ ମୂଲ୍ୟ ଦେଉ ନ ଥିବାରୁ ସେ ନିଜ ପଦବୀରୁ ଇସ୍ତଫା ଦେବାକୁ ବାଧ୍ୟ ହେଉଛନ୍ତି। ଇସ୍ତଫାପତ୍ରର ନକଲଗୁଡ଼ିକ ସେ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ୍, ବକ୍ସିଂ ଫେଡେରେଶନ୍ ଅଫ୍ ଇଣ୍ଡିଆ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗକୁ ପଠାଇଛନ୍ତି।

# ଦୃଷ୍ଟିବାଧିତ ମହିଳା କ୍ରିକେଟ ପ୍ରଶିକ୍ଷଣ ଓ ଆତ୍ମରକ୍ଷା କୌଶଳ ଶିବିର

ଭୁବନେଶ୍ୱର, ୨୫।୨ (ସ୍ପୋର୍ଟସ ବ୍ୟୁରୋ)

ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘ ଓ ଚାଇଲ୍ଡ ଆଣ୍ଡ ଓମେନ୍ ଡେଭେଲପମେଣ୍ଟ ସୋସାଇଟି ପକ୍ଷରୁ ଦୃଷ୍ଟିବାଧିତ ମହିଳାଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର କ୍ରିକେଟ ପ୍ରଶିକ୍ଷଣ ଓ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ତାଲିମ ଶିବିର ଉଦଯାପିତ ହୋଇଯାଇଛି। କଟକର ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟରେ ପଢୁଥିବା ୩୦ ଜଣ ଦୃଷ୍ଟିବାଧିତ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମର ଉଦଯାପନୀ ସଭାରେ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘ ପକ୍ଷରୁ ଦୃଷ୍ଟିହୀନ କ୍ରିକେଟରଙ୍କୁ ଜର୍ସି, ଜୋତା ଏବଂ ଟୋପି ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଉତ୍ସାହ ଓ ଆଗ୍ରହକୁ ଦୃଷ୍ଟିରେ ରଖି ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘ ପକ୍ଷରୁ ଏକ କ୍ରିକେଟ କିଟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଡକ୍ଟର୍ ଗାୟତ୍ରୀ ବିଶ୍ୱାଳ ମୁଖ୍ୟ ଅତିଥି, ଚାଇଲ୍ଡ ଆଣ୍ଡ ଓମେନ୍ ଡେଭେଲପମେଣ୍ଟ ସୋସାଇଟିର ସମ୍ପାଦକ ମେଜର୍ ଡକ୍ଟର୍ ବିଜୟ ବିଶ୍ୱାଳ, ମହର୍ଷି କଲେଜ ଅଧ୍ୟାପିକା ରାଜଲକ୍ଷ୍ମୀ ବେହେରା, କାଭି ଓଡ଼ିଶାର ସଭାପତି ମହମ୍ମଦ ଜାଫର ଇଲବାଲ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଉଥିଲେ। ଶେଷରେ କଲେଜ ଆଥ୍ଲେଟିକ ସୋସାଇଟି ର ଉପସଭାପତି ଯୋଗମାୟା ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଶିବିରରେ ଚାଇଲ୍ଡ ଆଣ୍ଡ ଓମେନ୍ ଡେଭେଲପମେଣ୍ଟ ସୋସାଇଟି ଅଧ୍ୟକ୍ଷା ମେଜର୍ ଡକ୍ଟର୍ କଳ୍ପନା ଦାସ ଆତ୍ମରକ୍ଷା କୌଶଳ ପ୍ରଦାନ କରିଥିଲେ। କାଭି ଓଡ଼ିଶାର କ୍ରିକେଟ ପ୍ରଶିକ୍ଷକ ତଥା ଜାତୀୟ ସ୍ତରୀୟ କ୍ରିକେଟ ଖେଳାଳି ସୁକଦେବ ସୋରେନ ଏବଂ ଅନ୍ତର୍ଜାତୀୟ କ୍ରିକେଟର ନକୁଳ ବଡ଼ନାୟକ ଦୃଷ୍ଟିବାଧିତ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।




# ସିଙ୍ଗଲ୍ସ ଫାଇନାଲରେ ପ୍ରମୋଦ

## ସ୍ପେନ୍ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର, ୨୫।୨ (ସ୍ପୋର୍ଟସ ବ୍ୟୁରୋ)

ସ୍ପେନ୍ ପାରା ବ୍ୟାଡ୍‌ମିଣ୍ଟନ ଅନ୍ତର୍ଜାତୀୟ ୨୦୨୩ର ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ପ୍ରମୋଦ ଭଗତ। ପୁରୁଷ ସିଙ୍ଗଲ୍ସ ସେମିରେ ଜାପାନର ଡାଇସୁକେ ଫୁଜିହାରାଙ୍କୁ ୨୧-୧୬, ୨୧-୧୯ ଓ ୨୧-୧୯ ସେଟରେ ସେ ପରାସ୍ତ କରିଥିଲେ। ଫାଇନାଲରେ ସେ ଇଂଲଣ୍ଡର ଡାନିଏଲ ବେଥେଲଙ୍କୁ ଭେଟିବେ। ପ୍ରମୋଦ ଭଗତ ଓ ଅନ୍ୟତମ ଭାରତୀୟ ଖେଳାଳି ସୁକାନ୍ତ କଦମ ପୁରୁଷ ଡବଲ୍ସ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟତମ ଭାରତୀୟ ଯୋଡି ଦୀପ୍ ରଞ୍ଜନ ବିଶୋୟୀ ଓ ମନୋଜ ସରକାରଙ୍କୁ ୧୨-୨୧, ୨୧-୧୭, ୨୧-୧୮ରେ ହରାଇ ଉଭୟ କ୍ୱାର୍ଟରରେ ପହଞ୍ଚିଛନ୍ତି। ଅନ୍ୟତମ ଓଡ଼ିଆ ଖେଳାଳି ଶୁଭ୍ରଜିତ ମହାରଣା ମଧ ପୁରୁଷ ଡବଲ୍ସ ସେମିରେ ପ୍ରବେଶ କରିଛନ୍ତି। ଶୁଭ୍ରଜିତ ମହାରଣା ଓ ମହମ୍ମଦ ଅର୍ବାଜ ଅନସାରୀ ଅନ୍ୟତମ ଭାରତୀୟ ଯୋଡି ବିକ୍ରମ କୁମାର ଓ ସୁହାଦ ଲାଲିନାକେରେ ୟେଥିରାଜଙ୍କୁ ୨୧-୧୭, ୧୪-୨୧, ୨୧-୧୭ରେ ପରାସ୍ତ କରିଥିଲେ।



ଡବଲ୍ସ ସେମି ଫାଇନାଲରେ ପ୍ରବେଶ କରିବା ପରେ ପ୍ରମୋଦ ଭଗତ ଓ ସୁକାନ୍ତ କଦମ।

# ମାଲକାନଗିରିରେ ଟ୍ରେଣ୍ଡ୍‌ସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

ଭୁବନେଶ୍ୱର,୨୫।୨




ରିଲାଏନ୍ସ ରିଟେଲ୍‌ର ଆପାରେଲ ଏବଂ ଆସେସୋରି ସ୍ପେଶାଲିଟି ଚେନ୍ ଟ୍ରେଣ୍ଡ୍‌ସର ଆଉ ଏକ ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି କମ୍ପାନୀ ଓଡ଼ିଶା ବଜାରର ମାଲକାନଗିରି ସହରଠାରେ ଉକ୍ତ ଆଉଟ୍‌ଲେଟ୍‌ର ଶୁଭାରମ୍ଭ କରାଯାଇଛି। ବିଶେଷକରି ୧୩,୦୦୦ ବର୍ଗଫୁଟ ଅଞ୍ଚଳରେ ପରିବ୍ୟାପ୍ତ ଏହି ନବନିର୍ମିତ ଅତ୍ୟାଧୁନିକ ଷ୍ଟୋରରେ ଗ୍ରାହକମାନେ ବର୍ତ୍ତମାନ ଟ୍ରେଣ୍ଡି ୱିମେନ ୱିୟର, ମେନ୍ସ ୱିୟର, କିଡ୍‌ସ ୱିୟର ଏବଂ ଫ୍ୟାଶନ ଆସେସୋରିଜ ଅତି ସ୍ୱତନ୍ତ୍ର ମୂଲ୍ୟରେ ଏବଂ ଚମତ୍କାର କିଣାକିଣି ଅନୁଭୂତି ସହିତ ପାଇପାରିବେ। ସେହିଭଳି ଉକ୍ତ ଷ୍ଟୋରର ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର ଯେପରିକି ୩୯୯୯ଟଙ୍କାର କିଣାକିଣି କରନ୍ତୁ ଏବଂ ମାତ୍ର ୨୪୯ ଟଙ୍କାରେ ଏକ ଆକର୍ଷଣୀୟ ଉପହାର ପାଆନ୍ତୁ। କେବଳ ସେତିକି ନୁହେଁ, ୩୯୯୯ଟଙ୍କାର କିଣାକିଣି ଉପରେ ଗ୍ରାହକମାନେ ୨୦୦୦ ଟଙ୍କା ମୂଲ୍ୟର କୁପନ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ଅପରପକ୍ଷରେ ମାଲକାନଗିରି ସହର ତଥା ନିକଟବର୍ତ୍ତୀ ଅଞ୍ଚଳର ଗ୍ରାହକମାନେ ଏହାର ଫାଇଦା ଉଠାଇବାକୁ ଷ୍ଟୋର ପକ୍ଷରୁ କୁହାଯାଇଛି।

# ମେଳା ମିଳନର ମହାପର୍ବ

- ୧୮ତମ ହୋମ ଆଣ୍ଡ ଡେକୋର ପ୍ରଦର୍ଶନୀ
- ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମେଗା ଟ୍ରେଡ୍ ଫେୟାର ଉଦ୍‌ଘାଟିତ

ଭୁବନେଶ୍ୱର,୨୫।୨




ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ସ୍ଥାନୀୟ ଜନତା ମଇଦାନ ଠାରେ କ୍ରେଡାଇ ଭୁବନେଶ୍ୱର ପକ୍ଷରୁ ୧୮ ତମ ହୋମ ଆଣ୍ଡ ଡେକୋର–୨୦୨୩ ରିୟଲ ଇଷ୍ଟେଟ ପ୍ରଦର୍ଶନୀର ଆୟୋଜନ କରାଯାଇଛି। ସେହିଭଳି ବେଙ୍ଗଲ ଚ୍ୟାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ସହ ଜି.ଏସ ମାର୍କେଟିଙ୍ଗ ଆସୋସିଏଟ ମିଳିତ ଭାବେ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମେଗା ଟ୍ରେଡ ଫେୟାର ଆୟୋଜିତ ହୋଇଛି। ଏହି ଅବସରରେ ଓଡିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ବିଶେଷ କରି ଏହି ୧୦ ଦିନିଆ ସର୍ବବୃହତ ଫେୟାର ଏବଂ ପ୍ରଦର୍ଶନୀ ଶନିବାରଠାରୁ ଆରମ୍ଭ ହୋଇଯାଇଛି। ଉକ୍ତ ମେଳା ୨୦୨୩ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ରହିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ କ୍ରେଡାଇ ଭୁବନେଶ୍ୱରର ସଭାପତି ପି.କେ. ବିଶ୍ୱାସରଏ ଅତିଥି ପରିଚୟ ସାଙ୍ଗକୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏପରିକି ସେ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଉଭୟ ମେଳା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ସେହିଭଳି ବର୍ତ୍ତମାନ ସମୟରେ ବଢୁଥିବା ସହରାଞ୍ଚଳର ଆକାରରେ ରିୟଲ ଇଷ୍ଟେଟ ସଂସ୍ଥାର ଭୂମିକା ଅତୁଳନୀୟ। ଏପରିକି ଭିତ୍ତିଭୂମି ବିକାଶ ଓ ରିୟଲ ଇଷ୍ଟେଟଣ କ୍ଷେତ୍ର ପ୍ରତି ରହିଥିବା ସମସ୍ୟାର ସମାଧାନ କରାଯିବ ବୋଲି ବିଭାଗୀୟ ଉଷା ଦେବୀ ଓ ଅନ୍ୟ ଅତିଥିମାନେ ମଧ୍ୟ ଏ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିବା ସହ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ସେହିପରି ଗୋଟିଏ ସ୍ଥାନରେ ୨ଟି ମେଳା ଗୋଟିଏ ଛାତ ତଳେ ଆୟୋଜିତ ହେଉଥିବାରୁ ମେଳାକୁ ପ୍ରତିଦିନ ଶହ ଶହ ଲୋକ ସେମାନଙ୍କର ଆବଶ୍ୟକତା ଓ ମନୋରଞ୍ଜନ ପାଇଁ ଆସିବେ। ବର୍ତ୍ତମାନ ସମୟରେ ମେଳା ଏକ ମିଳନର ମହାପର୍ବ ପାଲଟିଛି ବୋଲି ମୁଖ୍ୟ ଅତିଥି ଓ ଅନ୍ୟ ସମ୍ମାନିତ ଅତିଥିମାନେ ମଧ୍ୟ କହିଛନ୍ତି। କାରଣ ମେଳାରେ ଯେ ଖାଲି ମନୋରଞ୍ଜନ ହୋଇନଥାଏ। ମେଳା ସବୁ ବର୍ଗଙ୍କ ପାଇଁ ହୋଇଥିଲେ ମଧ୍ୟ ଆବଶ୍ୟକତା ଅନୁଯାୟୀ ମେଳା ଉଭୟ ଗ୍ରାହକ ଓ ବ୍ୟବସାୟଙ୍କ ମଧ୍ୟରେ ଏକ ସମ୍ପର୍କ ସୃଷ୍ଟି କରିଥାଏ। ମେଳାରୁ ଗ୍ରାହକମାନେ ସେମାନଙ୍କର ଆବଶ୍ୟକତା ପୂରଣ କରିଥାଏ। କେତେକ କିଣାକିଣିରେ ବ୍ୟସ୍ତ ଥିଲେ ଆଉ କେତେକ ଖିଆପିଆରେ ମାତିଥାନ୍ତି। ହେଲେ କିଛିସ୍ୱତନ୍ତ୍ର ଗ୍ରାହକ ଥାନ୍ତି ସେମାନଙ୍କ ଆବଶ୍ୟକତା ପୂରଣ ପାଇଁ ଆସିଥାନ୍ତି। ଯେ ହେତୁ ଏହା ଏକ ବୃହତ ପ୍ଲାଟଫର୍ମ ଏଠାରେ ମଧ୍ୟ ସବୁ ସ୍ତର ଓ ବର୍ଗର ଗ୍ରାହକ ଓ ବ୍ୟବସାୟ ଏକତ୍ର ହୋଇଥାନ୍ତି।

# ଏୟାରଟେଲ୍‌ର ୫ଜି ଏକ୍ସପେରିଏନ୍ସ ଜୋନ୍

ନୂଆଦିଲ୍ଲୀ,୨୫।୨

ଦେଶର ଅଗ୍ରଣୀ ଟେଲି ଯୋଗାଯୋଗ ସେବା ପ୍ରଦାନକାରୀ କମ୍ପାନୀ ଭାରତୀ ଏୟାରଟେଲ୍ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ସମସ୍ତ ରିଟେଲ୍ ଷ୍ଟୋରରେ ୫ଜି ଏକ୍ସପେରିଏନ୍ସ ଜୋନ୍ ସ୍ଥାପନ କରିଛି। ସ୍ୱତନ୍ତ୍ର ଭାବେ ନିର୍ମିତ ଏହି ଜୋନ୍‌ଗୁଡିକ ଏୟାରଟେଲ୍ ଗ୍ରାହକଙ୍କ ପାଇଁ ୫ଜିର ଶକ୍ତିକୁ ପ୍ରଦର୍ଶିତ କରୁଛି, ଯେଉଁଥିରେ ଏହାର ଦମ୍‌ଦାର ଡେଟା ସ୍ପିଡ୍ ଏବଂ ନିମଜ୍ଜିତ ଭର୍ଚୁଆଲ ରିଆଲିଟି ଏଣ୍ଟରଟେନମେଣ୍ଟ, କ୍ଲାଉଡ୍ ଗେମିଂ ଭଳି ଆହୁରି ଅନେକ ଉଦୀୟମାନ ବ୍ୟବହାର ପ୍ରସଙ୍ଗ ସାମିଲ ରହିଛି। ସେହିଭଳି କମ୍ପାନୀର ସମସ୍ତ ୧୦୦୦ରୁ ଉର୍ଦ୍ଧ୍ୱ ଷ୍ଟୋରରେ ସ୍ୱତନ୍ତ୍ର ଭାବେ ତାଲିମପ୍ରାପ୍ତ କର୍ମଚାରୀ ଯିଏ ବ୍ୟବହାରିକ ମାମଲାଗୁଡିକୁ ପ୍ରଦର୍ଶିତ କରିବା ସହ ଏୟାରଟେଲ୍‌ର ନିଜସ୍ୱ ଉତ୍ପାଦ ଏବଂ ୫ଜି ସମ୍ପର୍କିତ ସମସ୍ତ ପ୍ରଶ୍ନର ଉତ୍ତର ଦେବେ।

ଏ ସମ୍ପର୍କରେ ଭାରତୀ ଏୟାରଟେଲ୍‌ର କଞ୍ଜ୍ୟୁମର ବିଜନେସ୍ ବିଭାଗର ନିର୍ଦ୍ଦେଶକ ଶାଶ୍ୱତ ଶର୍ମା କହିଛନ୍ତି,ଏୟାରଟେଲ ସର୍ବଦା ଗ୍ରାହକଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖିଥାଏ। ଏପରିକି ନେଟ୍‌ୱର୍କ ରୋଲ୍‌ଆଉଟ୍ ହେଉଥିବାରୁ ଆମେ ଆମ ଗ୍ରାହକଙ୍କଠାରୁ ନୂଆ ଟେକ୍ନୋଲୋଜିର ଅନୁଭୂତି ପାଇବାର ସେମାନଙ୍କର ଇଚ୍ଛା ଓ ଆଗ୍ରହ ସମ୍ପର୍କରେ ଶୁଣିଥିଲୁ।

# ଆଜି ଜୀ ସାର୍ଥକର ଦମ୍‌ଦାର ରବିବାର

ଭୁବନେଶ୍ୱର,୨୫।୨




ରାଜ୍ୟର ପ୍ରମୁଖ ଘରୋଇ ମନୋରଞ୍ଜନଭିତ୍ତିକ ଓଡ଼ିଆ ଚ୍ୟାନେଲ ଜୀ ସାର୍ଥକରେ ରବିବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଦମ୍‌ଦାର ରବିବାର' ଶୀର୍ଷକ ବିଶେଷ ଏପିସୋଡ୍ ପ୍ରସାରିତ ହେବ। ବିଶେଷକରି କେତେକ ଅନାବଶ୍ୟକ ପରିସ୍ଥିତି ଯୋଗୁ ଚଳିତ ସପ୍ତାହରେ ଦର୍ଶକଙ୍କ ସହ ସମ୍ପୂର୍ଣ୍ଣ ଭାବେ ଯୋଡ଼ିହୋଇପାରି ନ ଥିଲୁ। କାରଣ ଚ୍ୟାନେଲ କେବୁଲରେ ଥିବା ଯାନ୍ତ୍ରିକ ତ୍ରୁଟି ଯୋଗୁ ସେବା ଯୋଗାଇବାରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ବର୍ତ୍ତମାନ ଉକ୍ତ ସମସ୍ତ ସମସ୍ୟାର ସମାଧାନ ହୋଇଛି। ଏପରିକି ସମସ୍ତ କେବୁଲରେ ଜୀ ସାର୍ଥକର ସମସ୍ତ କାର୍ଯ୍ୟକ୍ରମ ଦର୍ଶକ ଦେଖିପାରିବେ ବୋଲି ଜୀ ସାର୍ଥକ ପକ୍ଷରୁ କୁହାଯାଇଛି। ସେହିଭଳି ଯାନ୍ତ୍ରିକ ବ୍ୟାଘାତ ଯୋଗୁ ନିଶ୍ଚିତ ଭାବେ ଆମେ ଆମର ଦର୍ଶକଙ୍କୁ ପୂରା ସପ୍ତାହ ମିସ୍ କରିଛୁ। ଦର୍ଶକ ଏବଂ ଆମ ଭିତରେ ଥିବା ସମ୍ପର୍କ ପୁଣି ଥରେ ଯୋଡ଼ିହେବାକୁ ଯାଉଛି। ଚଳିତ ସପ୍ତାହର ସମସ୍ତ ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମକୁ ଜୀ ସାର୍ଥକରେ ଦର୍ଶକ ମାତ୍ର ଗୋଟିଏ ଦିନରେ ସମ୍ପୂର୍ଣ୍ଣ ଦେଖିପାରିବେ ବୋଲି ଚ୍ୟାନେଲ ହେଡ୍ ପ୍ରତୀକ ସିଲ୍ କହିଛନ୍ତି। ଅପରପକ୍ଷରେ ଜୀ ସାର୍ଥକରେ ପ୍ରସାରିତ ପ୍ରମୁଖ ଧାରାବାହିକର ସ୍ୱତନ୍ତ୍ର ଏପିସୋଡ୍ ଫେବୃୟାରୀ ୨୬(ରବିବାର)ରେ 'ଦମ୍‌ଦାର ରବିବାର' ନାମରେ ପ୍ରସାରିତ ହେବ।

# ପିଏନ୍‌ବି ଗୃହଋଣ ଷ୍ଟଲ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨୫।୨

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ଏକ ସ୍ୱତନ୍ତ୍ର ଋଣମେଳା ଷ୍ଟଲ୍‌ର ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ଜନତା ମଇଦାନଠାରେ ଆୟୋଜିତ ମେଗା ହୋମ୍ ଆଣ୍ଡ୍ ଡେକୋର ମେଳାରେ ପିଏନ୍‌ବି ଗୃହଋଣ ଷ୍ଟଲ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଏ. ଉଦୟ ଭାସ୍କର ରେଡ୍ଡି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସେହିଭଳି ରାଜ୍ୟର ସମସ୍ତ ଶାଖାରେ ମଧ୍ୟ ହୋମ୍ ଲୋନ୍ ଗ୍ରାହକମାନଙ୍କ ପାଇଁ ବ୍ୟାଙ୍କ ପକ୍ଷରୁ 'ହଲ୍ଲା ବୋଲ୍' ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ବ୍ୟାଙ୍କର ଜୋନାଲ ମାର୍କେଟିଂ ମୁଖ୍ୟ ପ୍ରତାପ କୁମାର ବୈରୀଗଞ୍ଜନ ଜନତା ମଇଦାନଠାରେ ଉଦ୍‌ଘାଟନ ହୋଇଥିବା ଷ୍ଟଲ୍‌ର ଆୟୋଜନ କରିଥିଲେ।


## ZILLA SWASTHYA SAMITI, KALAHANDI
## OFFICE OF THE CHIEF DISTRICT MEDICAL OFFICER, (DPMU, NRHM), KALAHANDI

**Advt. No. 957/DPMU/NHM/23** **Date: 21.02.2023**

**TENDER CALL NOTICE FOR AIRBORNE INFECTION CONTROL KIT**

No. E-935: Sealed tenders are invited as per the prescribed format Agencies/Individuals for Supply of Airborne Infection Control Kit by the office of CDM & PHO, Kalahandi. Details eligibility criteria, format for submission of bid etc. are available in district website: **www.kalahandi.nic.in**.

The details terms and conditions may be downloaded from the website: **www.kalahandi.nic.in**. The tenders (Superscripted tender for __________) through Regd. Post/Speed Post only on or before 03.03.2023 (till 1.00 P.M.) to the Office of the CDM & PHO, Kalahandi, PIN Code - 766001. The tenders will be opened on 03.03.2023 4.00 P.M. The undersigned reserves the right to reject any or all the tenders without assigning any reason thereof.

**Sd./- Chief District Medical Officer, Kalahandi**
**OIPR-10076/11/0025/2223**

## ADVERTISEMENT

No. CAD-4939: Applications in the prescribed format are invited with full Bio-data for contractual engagement of suitable persons for the posts of District Social Audit Resource Person (District Social Auditor) under MGNREGS on purely temporary basis. The details terms & conditions are available in District Official Portal i.e. **(www.rayagada.nic.in)**.

1. Name of the Post - District Social Auditor
2. No. of Posts - 01 (One)
3. Key Responsibility - Visit District Official Portal
4. Eligibility -
   I. Graduation in any field
   II. 3 (Three) years of experience in Social Work/Social Audit/ right based activities with ample knowledge in Computer application.
   III. Upper age limit 45 years as on 01.01.2019
5. Emoluments - Rs.24,000/- (fixed), TA & DA will be provided as per norms of the Society.

Interested person may submit their application in the prescribed application format to be downloaded from the District Portal with detail testimonial/credentials by Regd. Post/Speed Post latest by 21 days of publication of this advertisement to the CDO-cum-EO, Zilla Parishad, Rayagada. The contract engagement will be initially for (01) one year. The engagement will be done on the recommendation of Selection Committee after observing the required formalities. For detail application form, selection process and job responsibility please visit **www.rayagada.nic.in**.

**Sd./- CDO-cum-EO**
**Zilla Parishad, Rayagada**
**OIPR-19266/11/0006/2223**

## idco | ODISHA NEW OPPORTUNITIES
## OFFICE OF THE CHIEF GENERAL MANAGER (P&C)
## IDCO, IDCO TOWERS, JANPATH, BHUBANESWAR - 751022

No. CAD-4938
**Tender Call Notice No. IDCO: H.O./P&C/EST/E-2141/01/2023/5797** **Dated: 23.02.2023**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of RCC Box Culverts and Cement Concrete Road of 9 mtr. & 12 mtr. RoW at Paralakhemundi Industrial Estate, Gajapati, Odisha
2. Value of the work : Rs.103.90 lakhs
3. Period of Completion : 03 (Three) Calendar Months
4. Other details :

| Procurement Officer | Bid ID/Tender reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar - 751022 | P&C/EST/E-161/ 2022-23 | 04.03.2023 at 17.00 hrs. | 20.03.2023 upto 17.00 hrs. |

Further details can be seen from the e-Procurement Portal: **www.tendersodisha.gov.in** and Corrigendum if any will not be published in Newspapers and can only be seen in the e-Procurement portal **www.tenderodisha.gov.in** and **www.idco.in**

**OIPR-14003/11/0307/2223** **Sd./- Chief General Manager (P&C), IDCO, Bhubaneswar**

## obcc ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)
## ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking)

No. CAD-4933

**File No.TCF-01/2022-23/Ref. No. 1620** **Date:- 24.02.2023**

**'e'-PROCUREMENT NOTICE**
**BID IDENTIFICATION NO. 86/TOLL/OBCC/2022-23**

| Sl. No. | Name of the R&B toll gates. | Upset Price (In Rs.) | Bid Security/ E.M.D. | Bid Processing fees (in Rs.) including GST | Period of Operation The initial contract period shall be of one year which is extendable by further two years with an renewal clause subject to mutual consent |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | Naranpur-Pandapada-Harichandarpur-Brahmanipal road toll gate | 1,44,55,667/- | 7,22,783/- | 1,18,000/- | 03.05.2023 to 02.05.2024 |
| 2. | Bansadhara bridge toll gate, Gunupur-Bisamkatak Road | 44,19,999/-/- | 2,21,000/- | 59,000/- | 19.05.2023 to 18.05.2024 |

1. Date and time for **online bidding for the above toll gates starts from 5.30 P.M. of dt.28.02.2023 to 10.30 A.M. of dt. 15.03.2023 and will be opened at 11.30 A.M. of dtd. 15.03.2023.**
2. Further details can be seen from the website **https://tendersodisha.gov.in**.

OIPR-34161/11/0051/2223 **Sd./- CHIEF FINANCE OFFICER**

GOVERNMENT OF ODISHA E-mail:- ori-rengali @nic.in
## OFFICE OF THE PANCHAYAT SAMITI, RENGALI, SAMBALPUR
## TENDER CALL NOTICE
**Bid Identification No.P1/2023**
**No.627 / Date.24.03.2023**

**No.i-461:**Sealed tenders is invited for following project from registered contractor with a valid class 'B' & 'C License for carrying out the work.

| Sl. No. | Location | Name of the Work | Estt. Cost (in Rs.) | Amount put to tender in (Rs.) | Cost of Tender Paper (Non Refundable) | Bid Security EMD 1% (in Rs.) | Period of Completion | Class of Contractor |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Lapanga GP | Construction of Day Care Sub-Center at SC Lapanga | 46,00,000 | 33,70,077 | 6000 | 33700 | 6(six) Calendar Months from the date of agreement | 'B' & 'C' |
| 2 | Bomaloi GP | Construction of Day Care Sub-Center at Bomaloi | 46,00,000 | 34,31,068 | 6000 | 34310 | 6(six) Calendar Months from the date of agreement | 'B' & 'C' |
| 3 | Khinda GP | Construction of Day Care Sub-Center at SC Babukhinda | 46,00,000 | 34,30,998 | 6000 | 34310 | 6(six) Calendar Months from the date of agreement | 'B' & 'C' |
| 4 | Kinaloi GP | Construction of Day Care Sub-Center at Kinaloi | 46,00,000 | 34,36,452 | 6000 | 34365 | 6(six) Calendar Months from the date of agreement | 'B' & 'C' |

The Bid documents consisting of plans, specification, the schedule of quantities and the set of terms & conditions of contract and other necessary documents will be available in the office of the undersigned during office hours every day except on Sunday & Public holidays till last date of sale and receipt of tender paper.

| Selling of Tender Paper Start from | Last Date of Receipt of Tender Paper | Opening Date of Tender Paper |
|---|---|---|
| Dt.27.02.2023 at 11.00 A.M. | Dt.14.03.2023 upto 5.00 P.M. | Dt.16.03.2023 at 11.00 A.M. |

Further detail can be see from the website http://sambalpur.nic.in

**Sd./- Block Development Officer, Rengali**
**OIPR-19315/11/0001/2223**

## OFFICE OF THE EXECUTIVE ENGINEER
## RWS&S DIVISION, BARIPADA
Tel. No.06792-254029,Fax No.06792-259464,
E-Mail: eerwss_bpd@rediffmail.com, eerwss_bpd@ori.nic.in

No.O-1910: **Govt. of Odisha e-procurement Notice**
**Bid Identification No.45 of 2022-23. Date: 24.02.2023**

1. Nature of the work: Execution of Rural Piped Water Supply Commissioned Projects/Repair work under different Blocks of Mayurbhanj District in Percentage rate contract. (01 packages).
2. Estimated Cost: 93.61 lakh.
3. Period of Completion: (180) days.
4. Date and time of availability of bid document in portal: From 11 hour of 06.03.2023 to 16.03.2023 upto 17 hours.
5. Last Date / Time for receipt of bids in the portal : Both Technical & Financial Bid for each Package Upto 17 hours of 16.03.2023.
6. Name and address of the O.I.T.: Executive Engineer, RWS&S Division, Baripada.
7. Date & Time for Opening of Tender: 17.03.2023 at 11.00A.M.
8. Corrigendum and addendum if any shall only be published in the above website http://www.tenderodisha.gov.in
   Further details can be seen from the e-procurement Portal: **"https://tendersodisha.gov.in"**

**Sd./- Executive Engineer**
**RWS&S Division, Baripada**
**OIPR-25014/11/0019/2223**

## INSTITUTE OF MATHEMATICS AND APPLICATIONS
ANDHARUA, BHUBANESWAR, ODISHA, 751029
(Under Science & Technology Department. Govt. of Odisha)
www.iomaorissa.ac.in

## ADVERTISEMENT FOR REGISTRAR POST

**No.IMA/100/176/2023** **Dated:24.02.2023**

**No.CAD-4937:**Applications in prescribed format are invited from the eligible Indian nationals for the Post of Registrar on the deputation basis. For details of the post, eligibility criteria, qualifications, experience, scale of pay, application format etc.; please visit the website www.iomaorissa.ac.in. In case of any difficulties for getting the above details, the candidate may contact to **hr@iomaorissa.ac.in.**

| Sl. No. | Name of the Post | Number of Posts | Category |
|---|---|---|---|
| 01 | REGISTRAR | 01 | UR |

Last date of receipt of application is 18.03.2023.

**Sd./- REGISTRAR**
**OIPR-28010/11/0020/2223**

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER, DRAINAGE CIRCLE, UNIT-8, BHUBANESWAR-751012

No.A-1195

**e-Procurement Notice No.- ACEDC-BBSR-08/2022-23**
e-mail id:- sedrainagebbsr12@gmail.com

| | | | |
|---|---|---|---|
| 1. | Total number of Packages | : | **3 no. of works of Drainage Division, Puri** |
| 2. | Name of Works | : | 1. Renovation of Luna-Ratnachira Drainage System with Structures under **Delanga** Block, Doab-VII. 2. Renovation of Luna-Ratnachira Drainage system with Structures under **Pipili** Block, Doab-VII. 3. Renovation of Bhargavi-Ratnachira Drainage System with Structures under **Pipili** Block, Doab-VII |
| 3. | Estimated Cost | : | **1. Rs.4,94,13,823.00 2. Rs.2,25,17,385.00 3. Rs.1,51,10,271.00** |
| 4. | Bid Identification No. | : | 1) ACEDC-BBSR/DD-PURI-15/2022-23 2) ACEDC-BBSR/DD-PURI-16/2022-23 3) ACEDC-BBSR/DD-PURI-17/2022-23 |
| 5. | Period of Completion | : | 11 (Eleven) Calendar months. |
| 6. | Class of Contractor | : | As per DTCN |
| 7. | Availability of Tender On-Line | : | **28.02.2023, 11.00 Hours to 15.03.2023, 17.00 Hours** |
| 8. | Date of opening of Technical Bid | : | **16.03.2023 at 11.30** hours in the O/o the Additional Chief Engineer, Drainage Circle, Unit-8, Bhubaneswar. |
| 9. | Date of opening of Financial Bid | : | **22.03.2023 at 11.00** hours in the O/o the Additional Chief Engineer, Drainage Circle, Unit-8, Bhubaneswar. |
| 10. | Date of Lottery (If required) | : | **27.03.2023 at 12.00** hours in the O/o the Additional Chief Engineer, Drainage Circle, Unit-8, Bhubaneswar. |
| 11. | Bid Security | : | **As per DTCN** |
| 12. | Cost of Tender paper | : | **Rs.10,000/-** |
| 13. | Procurement Officer | | Additional Chief Engineer, Drainage Circle, Unit-8, Bhubaneswar - 751012 |

Further details can be seen from the Govt. website www.tendersorissa.gov.in. Addendum / Corrigendum/ Cancellation if any required will be published only in Govt. website www.tendersorissa.gov.in

**Sd./- Additional Chief Engineer, Drainage Circle, Bhubaneswar**
OIPR-32375/11/0006/2223

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE CHIEF ENGINEER & BASIN MANAGER
## SUBARNAREKHA & BUDHABALANGA BASIN

No. A-1191

**At/P.O.: Laxmiposi, Dist.: Mayurbhanj**
**Mail Id: cebmsbb2019@gmail.com**

**Government of Odisha "e" PROCUREMENT NOTICE**
**Bid Identification No. 28/22-23 of CEBM, SBB, Laxmiposi**

| | | |
|---|---|---|
| 1 | Name of Work | Restoration & Protection to left Bank of river Budhabalanga near village Patukasan, Shankarpur, Gandarda, Amalkuda, Chamchhada, Sahupada & Dumduda |
| 2 | Estimated Cost | Rs.1937.42 Lakh |
| 3 | Bid Security/E.M.D. | Rs.19,37,500/- |
| 4 | Period of Completion | 18 (Eighteen) Calendar Months |
| 5 | Class of Contractor | "A" Class & "Special" Class |
| 6 | Date & Time of availability of bid document in the portal | 28.02.2023 at 10.00 A.M. |
| 7 | Last date/time for receipt of bid in the portal | 20.03.2023 upto 5.00 P.M. |
| 8 | Name & Address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj. |

Further details can be seen from the e-Procurement Portal **"https://tendersodisha.gov.in"**.

**Sd./- Chief Engineer & Basin Manager**
**Subarnarekha & Budhabalanga Basin,**
**Laxmiposi, Mayurbhanj**
**OIPR-32074/11/0017/2223**

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE CHIEF ENGINEER & BASIN MANAGER
## SUBARNAREKHA & BUDHABALANGA BASIN

No. A-1192

**At/P.O.: Laxmiposi, Dist.: Mayurbhanj**
**Mail Id: cebmsbb2019@gmail.com**

**Government of Odisha "e" PROCUREMENT NOTICE**
**Bid Identification No. 29/22-23 of CEBM, SBB, Laxmiposi**

| | | |
|---|---|---|
| 1 | Name of Work | Restoration & Protection to left Bank of river Subarnarekha from Village Bidyadharpur to Sekhbad |
| 2 | Estimated Cost | Rs.1551.50 Lakh |
| 3 | Bid Security/E.M.D. | Rs.15,51,600/- |
| 4 | Period of Completion | 18 (Eighteen) Calendar Months |
| 5 | Class of Contractor | "A" Class & "Special" Class |
| 6 | Date & Time of availability of bid document in the portal | 01.03.2023 at 10.00 A.M. |
| 7 | Last date/time for receipt of bid in the portal | 21.03.2023 upto 5.00 P.M. |
| 8 | Name & Address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj. |

Further details can be seen from the e-Procurement Portal **"https://tendersodisha.gov.in"**.

**Sd./- Chief Engineer & Basin Manager**
**Subarnarekha & Budhabalanga Basin,**
**Laxmiposi, Mayurbhanj**
**OIPR-32074/11/0018/2223**

## OFFICE OF THE ENGINEER-IN-CHIEF (CIVIL), ODISHA
## NIRMAN SOUDHA, UNIT-V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523

## INVITATIONS FOR BIDS (IFB)

File No. B-IV-H-(H&D)-31/2021 Lr. No. 7157 Dt. 22nd Feb. 2023

No. B-1286 **Invitation for Bids**

**Bid Identification No. C.E. (B) - 57/2022-23**

| | | | |
|---|---|---|---|
| 1. | The Chief Engineer (Buildings) Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the works "Construction of Cancer Care Centre at VIMSAR, Burla" amounting to Rs.36,17,00,000/- as detailed below. | | |
| 2. | Nature of Work | : | Building Work |
| 3. | No. of Work | : | 01 No. |
| 4. | Bid Cost | : | Rs.10,000/- (Each) |
| 5. | Class of Contractor | : | Special/Super Class |
| 6. | Availability of Bid documents in the website | : | From Dt.14.03.2023 to 17.00 hours of Dt.28.03.2023. |
| 7. | Date of opening of Bids | : | Dt.29.03.2023 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/ cancellation of tender can also be seen in the said website only. | | |

**Sd./- Chief Engineer (Buildings)**
**Odisha, Bhubaneswar**
**OIPR-34117/11/0126/2223**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହୋଲିରେ ହୁଏ ଜୀବନ୍ତଙ୍କ ଶବଯାତ୍ରା



**ମୁମ୍ବାଇ:** ହୋଲିରେ ମୁଖ୍ୟତଃ ବୁଢ଼ାଠୁ ଆରମ୍ଭ କରି ପିଲାଙ୍କ ପାଖରେ ଖୁସି ଦେଖିବାକୁ ମିଳିଥାଏ। ସମସ୍ତେ ସମସ୍ତଙ୍କୁ ବିଭିନ୍ନ ରଙ୍ଗର ରଙ୍ଗ ଲଗାଇ ଖୁସି ହୋଇଥାନ୍ତି। ତେବେ ମହାରାଷ୍ଟ୍ରର ଭିଲାବାଡ଼ି ସହରରେ ହୋଲିରେ ଏକ ଅଜବ ପରମ୍ପରା ପାଳନ କରାଯାଉଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ଏଠାରେ ହୋଲିର ୭ ଦିନ ପରେ ଶୀତଳା ସପ୍ତମୀରେ ବିଶେଷ ଢଙ୍ଗରେ ହୋଲି ଖେଳିଥାନ୍ତି। ସେଥିରେ ଜିଅନ୍ତା ଲୋକଙ୍କ ଶବଯାତ୍ରା କରାଯାଇଥାଏ। କୋକେଇରେ ଜଣେ ଜିଅନ୍ତା ଲୋକଙ୍କୁ ଶୁଆଇ ଦିଆଯାଏ। ଏହି ଯାତ୍ରା ଦେଖିବାକୁ ଅନେକ ଲୋକ ଏକାଠି ହୋଇଥାନ୍ତି। ଏହି ସହରର ଏକ ସ୍ଥାନରୁ ଆରମ୍ଭ ହୋଇ ସେଠାରେ ଥିବା ଏକ ବଡ଼ ମନ୍ଦିରରେ ଶେଷ ହୋଇଥାଏ। ମୃତ୍ୟୁର ଅଭିନୟ କରୁଥିବା ବ୍ୟକ୍ତି ଜଣକ ସେଠାରୁ ଦଉଡ଼ି ପଳାଇଯା'ନ୍ତି ଏବଂ ପରେ ସେହି କୋକେଇର ସଂସ୍କାର କରାଯାଇଥାଏ। ଏହି ଯାତ୍ରା ମୁଖ୍ୟତଃ ସେମାନଙ୍କ ଜୀବନ ଯାପନର ଏକ ଅଂଶ ଭାବେ ସେଠାରେ ପାଳନ କରାଯାଏ। ତେବେ ଏହି ପରମ୍ପରାକୁ ସେଠାକାର ଗୈନ୍ଦାର ନାମକ ଜଣେ ଦେହ ବ୍ୟବସାୟୀ ଆରମ୍ଭ କରିଥିଲେ, ଯାହା ୫୦୦ ବର୍ଷ ହେବ ସେଠାରେ ଚାଲିଆସୁଛି।

# ବୟସ ୧୧ ବର୍ଷ, ଆୟ କୋଟିଏ




**କାନ୍‌ବେରା:** ବର୍ତ୍ତମାନ ସମୟରେ ଟଙ୍କା ରୋଜଗାର କରିବା ବହୁତ କଷ୍ଟକର ହୋଇପଡ଼ିଲାଣି। ହେଲେ ଅଷ୍ଟ୍ରେଲିଆର ଜଣେ ୧୧ ବର୍ଷୀୟା ମାସକୁ ୧ କୋଟିରୁ ଊର୍ଦ୍ଧ୍ୱ ଆୟ କରୁଥିବା ଜଣାପଡ଼ିଛି। ଅଷ୍ଟ୍ରେଲିଆର ଜଣେ ପ୍ରସିଦ୍ଧ ଉଦ୍ୟୋଗୀ ରୋକ୍ସି ଜାକେନ୍‌କୋଙ୍କ ଝିଅ ପିକ୍ସି କର୍ଟିକ୍ସ ତାଙ୍କ ମା'ଙ୍କୁ ଖୁବ୍ କମ୍ ବୟସରୁ ବିଜନେସ୍‌ରେ ସାହାଯ୍ୟ କରୁଛନ୍ତି। ପିକ୍ସି କିଛିଦିନ ତଳେ ତାଙ୍କର ଏକ ଖେଳନା ଷ୍ଟୋର ମଧ୍ୟ ଖୋଲିଛନ୍ତି। ସେ ୩ ବର୍ଷ ତଳେ ତାଙ୍କ ପିକ୍ସିସ୍ ନାମକ ଖେଳନା ବଜାରକୁ ଆଣିଥିଲେ, ଯେଉଁଥିରେ ତାଙ୍କୁ ବହୁ ସଫଳତା ମିଳିଛି। ସେହି ସଫଳତା ପାଇଁ ସେ ପ୍ରତି ମାସରେ ୧ ଲକ୍ଷ ୩୩ ହଜାର ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୧ କୋଟିରୁ ଊର୍ଦ୍ଧ୍ୱ ଆୟ କରିପାରିଛନ୍ତି। ହେଲେ ପିକ୍ସି ୧୧ ବର୍ଷ ବୟସ ବେଳକୁ ଏତେ ଟଙ୍କା ଆୟ କରିସାରିଲେଣି ଯେ ସେ ଏବେ ସେଥିରୁ ଅବସର ନେବାକୁ ଚାହୁଁଛନ୍ତି। ତାଙ୍କ ମା' କହିଛନ୍ତି, ଏହି ବ୍ୟବସାୟ ପାଇଁ ପିକ୍ସିଙ୍କ ପାଠପଢ଼ା ଅଧାରେ ରହିଥିଲା। ସେ ଏବେ ପଢ଼ାକୁ ଗୁରୁତ୍ୱ ଦେବେ। ତାଙ୍କର ଖେଳନା ବ୍ୟବସାୟ ଆଗକୁ ମଧ୍ୟ ଚାଲିବ। ହେଲେ ପିକ୍ସିଙ୍କ ଉପରେ ତାଙ୍କ ମା' ଏତେ ଚାପ ପକାଇବାକୁ ଚାହୁଁନାହାନ୍ତି। ତେବେ ବର୍ତ୍ତମାନ ପିକ୍ସିଙ୍କ ପାଖରେ ଅନେକ ଦାମୀ କାର୍ ରହିଛି। ନିକଟରେ ରୋକ୍ସି ଝିଅ ପିକ୍ସିଙ୍କ ୧୦ମ ଜନ୍ମଦିନରେ ୨ ଲକ୍ଷ ୭୦ ହଜାର ଡଲାର(୨ କୋଟି ୨୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ)ର ମର୍ସିଡିସ୍ କାର୍ ଗିଫ୍ଟରେ ଦେଇଛନ୍ତି।

# ମୋ ପାଇଁ ପୁଅ ଖୋଜିଦିଅନ୍ତୁ



ପରିଣିତି ଚୋପ୍ରା

**ମୁମ୍ବାଇ:** ବର୍ତ୍ତମାନ ସମୟରେ ବଲିଉଡ୍‌ରେ ଅନେକ ଯୋଡ଼ି ବିବାହ ବନ୍ଧନରେ ବାନ୍ଧି ହେଉଥିବା ଖବର ଶୁଣିବାକୁ ମିଳୁଛି। ତେବେ ଏହା ମଧ୍ୟରେ ବଲିଉଡ୍ ଅଭିନେତ୍ରୀ ପରିଣିତି ଚୋପ୍ରା ତାଙ୍କ ପାଇଁ ପୁଅ ଖୋଜିଦେବାକୁ କହିଛନ୍ତି। ଯାହାଫଳରେ ତାଙ୍କ ବ୍ୟକ୍ତିଗତ ସମସ୍ୟା ସମାଧାନ ହୋଇଯିବ। ସେ କହିଛନ୍ତି, ତାଙ୍କୁ ଏପର୍ଯ୍ୟନ୍ତ କେହି ପୁଅ ମିଳିନାହାନ୍ତି। ସେ ସିଙ୍ଗଲ ଅଛନ୍ତି। ହେଲେ ସେ ତାଙ୍କ ପାଇଁ ଉପଯୁକ୍ତ ଜୀବନସାଥିର ଅପେକ୍ଷାରେ ଅଛନ୍ତି। ଯିଏ କି କେବଳ ତାଙ୍କ ପାଇଁ ହୋଇଥିବ ଆଉ ତାଙ୍କୁ ଭଲ ପାଇପାରିବ। ଜୀବନରେ ସ୍ୱାମୀ ଏବଂ ପିଲା ତ ନିହାତି ହେବ। ତାହା ଜରୁରୀ। ହେଲେ ତାଙ୍କୁ ଏପର୍ଯ୍ୟନ୍ତ ସେପରି କେହି ମିଳିନାହାନ୍ତି। ସେ ସାଙ୍ଗମାନଙ୍କ ସହିତ ଖୁସି ଅଛନ୍ତି। ହେଲେ ସେ ତାଙ୍କ ପାଇଁ ଏକ ଲାଇଫ୍ ପାର୍ଟନର ଖୋଜିଦେବାକୁ କହିଛନ୍ତି। ପରିଣିତିଙ୍କୁ ଶେଷଥର ପାଇଁ ଫିଲ୍ମ 'କୋଡ୍ ନେମ୍ ତ୍ରିରଙ୍ଗା'ରେ ଦେଖିବାକୁ ମିଳିଥିଲା। ତେବେ ସେ ତାଙ୍କ ଆଗାମୀ ଫିଲ୍ମ 'ଆନିମଲ'ରେ ବ୍ୟସ୍ତ ଅଛନ୍ତି। ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ଏହାକୁ ଆସନ୍ତା ୧୧ ଅଗଷ୍ଟରେ ରିଲିଜ୍ କରିବାର ଯୋଜନା ରଖିଛନ୍ତି।

# ଆର୍‌ଆର୍‌ଆର୍‌କୁ କ୍ରିଟିକ୍ସ ଆସୋସିଏଶନ ଆୱାର୍ଡ



**ମୁମ୍ବାଇ:** ଏସ୍‌ଏସ୍ ରାଜାମୌଳିଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଆର୍‌ଆର୍‌ଆର୍'ର କ୍ରେଜ୍ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ନାଁ କରିବାରେ ଲାଗିଛି। ନିକଟରେ ରାମଚରଣ ଓ ଜୁନିୟର ଏନ୍‌ଟିଆର୍‌ଙ୍କ ଏହି ଫିଲ୍ମ ଗୋଲ୍ଡେନ୍ ଗ୍ଲୋବ୍ସ ଆୱାର୍ଡ ଜିତିବା ସହ ଓସ୍କାର ଦୌଡ଼ରେ ସାମିଲ ହୋଇ ଦେଶର ନାମ ରଖିସାରିଛି। ତେବେ ଏହି ଚଳଚ୍ଚିତ୍ର ଆଉ ଏକ ଇତିହାସ ରଚିଛି। ରାଜାମୌଳିଙ୍କ ଏହି ମୁଭି ଏବେ ସମସ୍ତଙ୍କୁ ପଛରେ ପକାଇ ହଲିଉଡ୍ କ୍ରିଟିକ୍ ଆସୋସିଏଶନ୍ ଆୱାର୍ଡ ହାତେଇଛି। ନିର୍ଦ୍ଦେଶକ ରାଜାମୌଳିଙ୍କୁ ଏହି ଆୱାର୍ଡକୁ ଗ୍ରହଣ କରିଛନ୍ତି। ତେବେ ଏହି ଫିଲ୍ମକୁ ସାରା ବିଶ୍ୱରେ ବେଶ୍ ଭଲ ପାଇବା ମିଳିସାରିଛି। ପୂର୍ବରୁ ଏହାର ଗୀତ 'ନାଟୁ ନାଟୁ' ଗୋଲ୍ଡେନ୍ ଗ୍ଲୋବ୍‌ସ ପୁରସ୍କାର ଜିତି ସଫଳତା ହାସଲ କରିଛି। ବର୍ତ୍ତମାନ ଫିଲ୍ମ 'ଆର୍‌ଆର୍‌ଆର୍'କୁ ଶ୍ରେଷ୍ଠ ଅନ୍ତର୍ଜାତୀୟ ଫିଲ୍ମ ବର୍ଗରେ ପୁରସ୍କାର ମିଳିଛି। ସେ ହଲିଉଡ୍ ଫିଲ୍ମ ଆର୍ଜେଣ୍ଟିନା '୧୯୮୫'କୁ ପଛରେ ପକାଇ ଏହି ପୁରସ୍କାର ହାତେଇଛି। ଏଥିସହ ଫିଲ୍ମକୁ ଶ୍ରେଷ୍ଠ ଆକ୍ସନ ଫିଲ୍ମ, ଶ୍ରେଷ୍ଠ ଷ୍ଟଣ୍ଟ ଏବଂ ଶ୍ରେଷ୍ଠ ମୂଳ ଗୀତ ବର୍ଗରେ ମଧ୍ୟ ଏହାକୁ ପୁରସ୍କୃତ କରାଯାଇଛି। ଫିଲ୍ମ 'ଆର୍‌ଆର୍‌ଆର୍'କୁ ହଲିଉଡ୍ କ୍ରିଟିକ୍ସ ଆସୋସିଏଶନ ଆୱାର୍ଡ ମିଳିବା ପରେ ଫିଲ୍ମର ପୂରା ଟିମ୍ ଖୁସିରେ ନାଚି ଉଠିଛନ୍ତି। ଏହି ସଫଳତା ପାଇଁ ନିର୍ଦ୍ଦେଶକ ରାଜାମୌଳି ହଲିଉଡ୍ କ୍ରିଟିକ୍ସ ଆସୋସିଏଶନ୍‌କୁ ଧନ୍ୟବାଦ ଜଣାଇବା ସହ ତାଙ୍କ ଟିମ୍‌କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି। ତେବେ ଏହି ଫିଲ୍ମକୁ ବିଶ୍ୱବ୍ୟାପୀ ଭଲ ପାଇବା ମିଳିବା ସହ ୧୦୦୦ କୋଟିରୁ ଅଧିକ ଆୟ କରିବାରେ ସଫଳ ହୋଇଛି।


# Classified Everyday
## 0674-2580101, 2549949



MATRIMONIAL

### BRIDE WANTED

Ashribad Wedding ସବୁ ଜାତିର ପୁରୁଷଙ୍କ ପାଇଁ ମହିଳା ଆବଶ୍ୟକ। ଯୋଗାଯୋଗ- 9178392294. D-2864

Brahmin boy 1984, 5'10" MCA Serving Bangalore "SUNASANSAR". 9937512659, 8249969649. D-2867

Wanted Fair looking mahishya/ kayastha or any general caste bride, 26-29 year, 5.4" or more, B.Tech/ MCA/ MBA, for a boy 31 years, 5.9, M.S (Engg) from Germany, working as manager in IT company in Germany @ 45 lakhs per annum. contact -9437287547/ 8917262124. D-74648

### GROOM WANTED

Government Teacher, Age-36, Divorce କରଣ ଝିଅଙ୍କ ପାଇଁ anycaste ବରପାତ୍ର ଦରକାର। 7077495623. D-2828

38 ବୟସ୍କା ଏକାକୀ ରହୁଥିବା Software Engineer ସୁନ୍ଦର ମାରୱାଡ଼ି ଝିଅଙ୍କୁ any caste ବରପାତ୍ର ଆବଶ୍ୟକ। ଘରଜ୍ୱାଇଁ ପ୍ରାଥମିକତା। 8327715036. D-2877

Ashribad Wedding ସବୁ ଜାତିର ମହିଳାଙ୍କ ପାଇଁ ପୁରୁଷ ଆବଶ୍ୟକ। ଯୋଗାଯୋଗ- 9178392294. D-2865



REAL ESTATE

### SALE

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818

ତମାଣ୍ଡୋ 1500 sqft. 21,000,00/- ଘରବାରି 30' ରୋଡ୍ ଥାଇ contact- 8658864750, 9556393409. D-56671

**Residential gharabari plot at Brahmanjharilo Cuttack with boundary wall, Electripole inside Temple on Bank Loan facilities near English Medium High School. 6 k.m. from Phulnakhara, 11 k.m. from Bhubaneswar. 7809525452.** D-74649

କଟକ-ଭୁବନେଶ୍ୱର Twincityର ମଧ୍ୟଭାଗରେ ନିର୍ମିତ Grandbazar NH-16 ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି, ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। 8249422604. D-74822

Area 803 sqft, 1 BHK for Sale, 1st floor Fully Furnished flat with balcony at 1000 Sands, Empires Hotel Puri, Contact +91 93309 67266. D-2798

ଭୁବନେଶ୍ୱର ଜଟଣୀ ଗେଟ୍ 1200 sqft.- 3,60,000/-, ଛତାବର 1200 sqft. - 5,40,000/-, ନଖରା 300/-. 6371569855. D-74821

**3.5 Guntha (6100sqft) gharabadi Land Adjacent to NH -16 Near Grand-bazar Between Cut-tack & Bhubane-swar, Frontage, 75ft (Broker Excuse) Owner- 9040059669.** D-74823

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ଛକଠାରୁ 7K.M. ଦୂରରେ Bank Loan ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9437003399, 8908017863. D-74820

**Plot Sale at Nearby Sum Hospital Mendhasala, Bhubaneswar. 30ft Road, Plantation, Electricity, NH-16 Side Price Rs-1050/-, Rs-1250/- 7749892855, 8144855184, 9556392667.** D-2628

Duplex project at Retang Medical, Station near CV Raman University, Tamando, Bhubaneswar. 7008459987. D-74819

**ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434.** D-74824

Gharabari plot near Madanpur High School, infront DN Heritage Bhubaneswar. 9937175132, 8917236183. D-71050

**Bhubaneswar Gita/ Gandhi College/ Cultural University** ପାଖରେ ଥିବା **BDA Housing project** କୁ ଲାଗି **sqft.-650/- plot** କିଣନ୍ତୁ। **9348767829, 9040317195.** D-74814



CONSTRUCTION

Construct your Dream Home/Building with compititive rate contact Besco Developers, Satyanagar, Bhubaneswar. 7735330028, 9778855101. D-2706

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



FOR RENT

Commercial space North-East facing of 3500sqft. to 14000sqft. for rent at Kesura near SBI Colony, Bhubaneswar convenient for Nursing-Home, Bank. Institute, Water, Lift, Parking & all Modern amenities. Contact. 9861010084. D-2823

### ACCOMMODATION

**Required 3000 to 5000sqft. Independent building on rent for Govt. of India aided special School preferable in Sahidnagar, Rasulgarh, Palasuni, VSS Nagar and Mancheswar. Contact: 7609066599.** D-71672




Newly open full body massage ladies and gents. 8327740003, 8093860513. D-74650

All types hair cutting, body massage by smart lady Cone hour 700/-, room services available. Contact: 8917595202. D-71367

All types body massage with hiprofile smart lady, room services available. 9937833100. D-71366

**Relax, Refresh your Body, Mind at Saikrupa Spa with best therapies. 8984068077.** D-2744

Newly open SPA positively health benefit with expert. Contact: 8984068198. D-74517

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74647

Newly open health benefits SPA special Offer @ 999 Nayapalli. 7846814019. D-73687

Newly opened Capital Ayurvedic SPA, professional trading therapy. Contact me: 9556924059, 7077933109. D-2851

Newly open full body massage, ladies and gents. 9040171280. D-74645

**Full Body massage by experience therapist @999 only- 9078484455 (Bhubaneswar).** D-2791

### ଜନ୍ମଦିନ ଶୁଭେଚ୍ଛା



ଶୁଭଦର୍ଶିନୀ ବିଶ୍ୱକର୍ମା (ମାମୁନି)
ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବାବା: ଗଙ୍ଗାଧର ଓଝା, ମାମା: ବନଜ ବାସିନୀ ଓଝା, ବୋଉ, ଆଇ, ପିଇସା, ପିଉସୀ, ମଉସା, ମାଉସୀମାନେ ଓ ବନ୍ଧୁ ପରିବାରବର୍ଗ।
ଧ-୭୪୬୫୧



BUSINESS

କାରଖାନାରୁ ସିମେଣ୍ଟ ପରିବହନ ନିମନ୍ତେ ୧୦, ୧୨, ୧୪+ ଚକିଆ ଗାଡ଼ି/ ଟ୍ରକ୍ ଆବଶ୍ୟକ। ଯଥାଶୀଘ୍ର ଯୋଗାଯୋଗ କରନ୍ତୁ। 9338375318, 9692679472, 8763436231. D-60975

**Contact for Development, Renovation, Maintenance of Ornamental Garden and also for Outdoor, Indoor, Fruit, Flower plants. 7978668914.** D-2848

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### LOST

ଏତଦ୍ୱାରା ଜଣାଇ ଦିଆଯାଉଛି ଯେ ପ୍ଲଟ୍ ନଂ.-୭୧୬, ଖାତା ନଂ.-୭୫୯/୧୪୧, ମୌଜା- ଲିଙ୍ଗିପୁରର ମୂଳ ଦସ୍ତାବିଜ No.-1116 dt. 08.02.2001 ହଜିଯାଇଛି। କେହି ଏହା ପାଇଲେ ନିମ୍ନ ଠିକଣାରେ ଫେରାଇ ଦେବାକୁ ଅନୁରୋଧ। SSPPP Trust Office, SSB Hospital & CHC, Plot No.-716, Lingipur, Bhubaneswar.
ଭାରପ୍ରାପ୍ତ ଟ୍ରଷ୍ଟି
D-73371

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

### ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ନିର୍ମଳା ସାହୁ
ଲେନ୍-୩, ଫେଜ୍-୧, ଏ/ଏଲ-୧୩୨, ଭିମଟାଙ୍ଗୀ ହାଉସିଂ ବୋର୍ଡ଼ କଲୋନୀ, ଭୁବନେଶ୍ୱର
ଆବିର୍ଭାବ : ୦୧.୦୧.୧୯୪୫ - ତିରୋଧାନ : ୧୬.୦୨.୨୦୨୩
ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ପୁଅ-କୀର୍ତ୍ତି, ବୋହୂ-ବସନ୍ତ ମଞ୍ଜରୀ, ନାତି-ରାଜା, ନାତୁଣୀ-ଗିଗିଲ, ଓ ଶୋକାକୁଳ ପରିବାରବର୍ଗ।
ଧ-୭୪୫୧୮

## ଏ ସପ୍ତାହର ପ୍ରଶ୍ନ

୧– ସ୍ୱାଧୀନ ଭାରତର ପ୍ରଥମ ଆଇନମନ୍ତ୍ରୀ ........... ?
୨– ୟୁଏନ୍ ଜେନେରାଲ୍ ଆସେମ୍ବ୍ଲିର ପ୍ରେସିଡେଣ୍ଟ ଭାବେ ଯୋଗ ଦେଇଥିବା ପ୍ରଥମ ଭାରତୀୟ ............. ?
୩– ଅଶୋକ ଚକ୍ର ପାଇଥିବା ପ୍ରଥମ ଭାରତୀୟ ମହିଳା ............... ?
୪– ତାଜମହଲ ସମ୍ପୂର୍ଣ୍ଣ ନିର୍ମାଣ ହେବାକୁ ................. ବର୍ଷ ସମୟ ଲାଗିଥିଲା ?
୫– ନାଇଟ୍ରସ୍ ଅକ୍ସାଇଡ୍ ଗ୍ୟାସ୍ ସାଧାରଣତଃ .............. ଗ୍ୟାସ୍ ଭାବେ ଜଣାଶୁଣା ।

## ଗତ ଥରର ଉତ୍ତର

୧ ମଧ୍ୟପ୍ରଦେଶ
୨ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ
୩ ଦଲାଇ ଲାମା ଓ ଡେସ୍‌ମଣ୍ଡ ଟୁଟୁ
୪ ଅକ୍ଟୋବର ୨୩ ତାରିଖ
୫ ଏଲିଶା ଓଟିସ୍

## ଉତ୍ତରଦାତା

ଦିବ୍ୟାଂଶୁ ସାହୁ
ନୟାଗଡ଼

ପ୍ରେମ ସାଗର
ଖୋର୍ଦ୍ଧା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

# ସାଇବର ବୁଲିଂ

ସୋସିଆଲ୍ ମିଡିଆରେ ପ୍ରତ୍ୟେକ ବର୍ଗର ଲୋକଙ୍କ ସହିତ ଯୋଗାଯୋଗ କରିବା ସହ ନିଜ ବିଚାରକୁ ସର୍ବସମ୍ମୁଖରେ ରଖିବାର ସୁବିଧା ମିଳୁଛି। ନିଜ ଅନ୍ତର୍ନିହିତ ପ୍ରତିଭା ପରିପ୍ରକାଶ ପାଇଁ ଏହା ଏକ ବଳିଷ୍ଠ ପ୍ଲାଟଫର୍ମ ମଧ୍ୟ ସାଜିଛି। ତେବେ ଏସବୁ ସୁବିଧା ସତ୍ତ୍ୱେ ମଧ୍ୟ ଏହାର ସାଇବର ବୁଲିଂ ଭଳି କେତେକ ନକାରାତ୍ମକ ଦିଗ ରହିଛି, ସୁରକ୍ଷା ଦୃଷ୍ଟିରୁ ଯାହାପ୍ରତି ସଭିଙ୍କୁ ସଚେତନ ରହିବା ଆବଶ୍ୟକ...



ୟୁନାଇଟେଡ୍ ନେସନ୍ସ ଇଣ୍ଟରନ୍ୟାଶନାଲ୍ ଚିଲ୍‌ଡ୍ରେନ୍ସ ଏମର୍ଜେନ୍ସି ଫଣ୍ଡ ବା ୟୁନିସେଫ୍ ପକ୍ଷରୁ ଅସୁରକ୍ଷିତ ଇଣ୍ଟରନେଟ୍ ବ୍ୟବହାର ଏବଂ ସାଇବର ବୁଲିଂର ପିଲା ଏବଂ ଯୁବପିଢ଼ିଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ପଡୁଥିବା ପ୍ରଭାବକୁ ନେଇ ସତର୍କ କରାଯାଉଛି। ଇଣ୍ଟରନେଟ୍‌କୁ ସୁରକ୍ଷିତ ରଖିବା ଲାଗି ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଉଛି। ତଥାପି ମଧ୍ୟ ଅନେକେ ସାଇବର ବୁଲିଂର ଶିକାର ହେବା ଅତ୍ୟନ୍ତ ପରିତାପର ବିଷୟ।

**ସାଇବର ବୁଲିଂ କ'ଣ:** ଡିଜିଟାଲ୍ ଜ୍ଞାନକୌଶଳ ବ୍ୟବହାର କରି ଲୋକଙ୍କୁ ବିଶେଷକରି ଯୁବପିଢ଼ିଙ୍କୁ ଡରାଇବା, ଧମକାଇବା ବା ମାନସିକ ସ୍ତରରେ ଚାପ ପକାଇବା ଭଳି ଅସାମାଜିକ କାର୍ଯ୍ୟକୁ ସାଇବର ବୁଲିଂ ବୋଲି କୁହାଯାଇଥାଏ। ବର୍ତ୍ତମାନ ଟ୍ୱିଟର୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଭଳି ସୋସିଆଲ୍ ସାଇଟ୍‌ରେ ଅନେକଙ୍କୁ ଟ୍ରୋଲ୍ କରାଯାଉଥିବାର ଦେଖୁଥିବେ। ତେବେ ଉଦ୍ଦେଶ୍ୟମୂଳକ ଭାବେ ଫଟୋ, ଭିଡିଓ ଆଦି ପୋଷ୍ଟ କରି କାହାକୁ ସୋସିଆଲ୍ ମିଡିଆରେ ଡରାଇବା, ସର୍ବସମ୍ମୁଖରେ ଅପଦସ୍ଥ କରାଇବା, ଲଜ୍ଜିତ କରିବା କିମ୍ବା ରଗାଇବା ମଧ୍ୟ ସାଇବର ବୁଲିଂର ଏକ ଅଂଶ। ଏମିତିକି କେହି କେହି ଅନ୍ୟକୁ ସର୍ବସମ୍ମୁଖରେ ଖରାପ ପରିଚୟ ଦେବାକୁ ତାଙ୍କ ନାମରେ ଫେକ୍ ଆକାଉଣ୍ଟ ମଧ୍ୟ ଖୋଲି ଏଣୁତେଣୁ ଆପତ୍ତିଜନ ଫଟୋ, ଭିଡିଓ ଆଦି ପୋଷ୍ଟ କରିବାକୁ ପଛାନ୍ତି ନାହିଁ।

**ମଜା ପଡ଼ିପାରେ ଭାରି:** ସାଙ୍ଗସାଥୀ ହୁଅନ୍ତୁ ଅବା ପରିଚିତଙ୍କ ସହ ଥଟ୍ଟା, ମଜା କାହାକୁ ବା ଭଲ ନ ଲାଗେ ! ହେଲେ ଏହା ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ରହିଲେ ଭଲ। କାରଣ ଅଧିକ ଥଟ୍ଟା ଅନ୍ୟକୁ ମାନସିକ ସ୍ତରରେ ପ୍ରଭାବିତ କରିପାରେ। ଆଉ ସୋସିଆଲ୍ ସାଇଟ୍‌ରେ ଏପରି କରି ଅନ୍ୟକୁ ସର୍ବସମ୍ମୁଖରେ ହଇରାଣ କରିବା ଓ ନୀଚ ଦେଖାଇବା ହିଁ ସାଇବର ବୁଲିଂ ଅନ୍ତର୍ଭୁକ୍ତ।

**ଏହାର ପ୍ରଭାବ:** ଯଦିଓ ବର୍ତ୍ତମାନ ଅନେକେ ସାଇବର୍ ବୁଲିଂର ଶିକାର ହେଉଛନ୍ତି ଏବଂ କେହି କେହି ପ୍ରଥମେ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥା'ନ୍ତି। ଏହା କ'ଣ ଏବଂ କିପରି ଏହାକୁ ରୋକାଯାଇପାରିବ ସେ ଦିଗରେ ସେମାନେ ଅବଗତ ନୁହନ୍ତି। ହେଲେ ପରବର୍ତ୍ତୀ ସମୟରେ ଏହା ଜଟିଳ ସମସ୍ୟାର ରୂପ ନେଇପାରେ। ଏହାଦ୍ୱାରା ଜଣଙ୍କର ଉଭୟ ମାନସିକ ଓ ଶାରୀରିକ ସ୍ଥିତି ପ୍ରଭାବିତ ହୋଇଥାଏ।












### ଧ୍ୟାନ ଦିଅନ୍ତୁ...

ୟୁନିସେଫ୍ ଦ୍ୱାରା ଏ ଦିଗରେ ବିଭିନ୍ନ ସଚେତନତାମୂଳକ ବାର୍ତ୍ତା ଦିଆଯାଉଛି। ଗବେଷକମାନଙ୍କ କହିବା ଅନୁଯାୟୀ, ସ୍କୁଲ୍ ପିଲାଙ୍କଠାରୁ ଆରମ୍ଭ କରି ଯୁବପିଢ଼ି ଯେଉଁମାନେ ସୋସିଆଲ୍ ମିଡିଆ ଅଧିକ ବ୍ୟବହାର କରୁଛନ୍ତି, ସେମାନେ ବୁଲିଂର ଶିକାର ନ ହେବା ପାଇଁ ସତର୍କ ରହିବା ଆବଶ୍ୟକ।

➤ପ୍ରଥମ କଥା ହେଉଛି, କୌଣସି ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ ନିଜର ପ୍ରୋଫାଇଲ୍ କ୍ରିଏଟ୍ କରୁଥିଲେ ପ୍ରାଇଭେସି ସେଟିଂ ପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତୁ। ଆପଣଙ୍କ ଫଟୋ, ଭିଡିଓ, ପୋଷ୍ଟ ଆଦି କିଏ ଦେଖିପାରିବେ, କିଏ ଆପଣଙ୍କୁ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇ ପାରିବେ, କିଏ ମେସେଜ୍ କିମ୍ବା କମେଣ୍ଟ କରିପାରିବେ ଏସବୁ ସେଟିଂ ଠିକ୍ ଭାବେ କରିନେଲେ ବୁଲିଂ ହେବାର ଆଶଙ୍କା କମ୍।

➤ଦ୍ୱିତୀୟ କଥା ହେଉଛି ଯଦି ଆପଣଙ୍କୁ କେହି ଅନ୍‌ଲାଇନ୍‌ରେ ଡରାଇବା, ଧମକାଇବା ଏବଂ ଆପଣଙ୍କ ବ୍ୟକ୍ତିତ୍ୱ ଖରାପ କରିବା ଭଳି କାର୍ଯ୍ୟ କରୁଥା'ନ୍ତି, ତେବେ ତୁରନ୍ତ ସତର୍କ ହୋଇଯାଆନ୍ତୁ। ଯଦି କାହାର କାର୍ଯ୍ୟକଳାପ ସନ୍ଦେହଜନକ ଅନୁଭବ ହୁଏ, ତେବେ ଉକ୍ତ ଆକାଉଣ୍ଟ ବ୍ଲକ କରିଦିଅନ୍ତୁ ଏବଂ ରିପୋର୍ଟ କରନ୍ତୁ। ଚୁପ୍ ନ ରହି ପରିବାର, ବନ୍ଧୁଙ୍କୁ ଏ ସମ୍ପର୍କରେ ଜଣାନ୍ତୁ ଏବଂ ସମାଧାନର ଉପାୟ ଖୋଜନ୍ତୁ। ଯଦି ଏମାନଙ୍କୁ ଜଣାଇବାକୁ ସଙ୍କୋଚ ଲାଗୁଥାଏ, ତେବେ ହେଲ୍ପ ଲାଇନ୍ ନମ୍ବରରେ କଲ୍ କରି କୌଣସି ପରାମର୍ଶଦାତାଙ୍କ ସାହାଯ୍ୟ ନିଅନ୍ତୁ। ଆବଶ୍ୟକ ସ୍ଥଳେ ଆଇନ୍‌ର ଆଶ୍ରୟ ନେଇପାରନ୍ତି। କାରଣ ସାଇବର ବୁଲିଂ ଏକ କ୍ରାଇମ୍, ଯେଉଁଥିପାଇଁ ଦୋଶୀକୁ ୩ ବର୍ଷ ଜେଲ୍ ଦଣ୍ଡ ବି ହୋଇପାରେ।

ଏହାଦ୍ୱାରା ଚିନ୍ତା, ଅବସାଦ, ନିଦ୍ରାହୀନତା ଭଳି ସମସ୍ୟା ଉପୁଜିଥାଏ।

**ବଢ଼ାଉଛି ଆତ୍ମହତ୍ୟା ପ୍ରବଣତା:** ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ଗବେଷଣା ମୁତାବକ ସୋସିଆଲ୍ ମିଡିଆରେ ବୁଲିଂର ଶିକାର ହେଉଥିବା ମଣିଷ ବ୍ୟସ୍ତ ହେବା, ଲଜ୍ଜିତ ହେବା, ଅପମାନିତ ହେବା, ବ୍ୟକ୍ତିତ୍ୱରେ ଆଞ୍ଚ ଆସିବା କିମ୍ବା ଅତ୍ୟଧିକ ଭୟଭୀତ ହୋଇଯିବା ଭଳି କାରଣରୁ ଅନେକ ସମୟରେ ପରିବାର ଏବଂ ସମାଜଠୁ ଦୂରେଇ ଏକାକୀ ରହିବାକୁ ପସନ୍ଦ କରନ୍ତି। ବେଳେବେଳେ ଏହାଦ୍ୱାରା କାହା କାହାର ମାନସିକ ସ୍ତରରେ ଏତେ ଗଭୀର ନକାରାତ୍ମକ ପ୍ରଭାବ ପଡ଼ିଥାଏ ଯେ, ସେମାନେ ଡିପ୍ରେସନର ଶିକାର ହୋଇ ନିଜ ଜୀବନକୁ କ୍ଷତି ପହଞ୍ଚାଇବା ବା ଆତ୍ମହତ୍ୟା କରିବାକୁ ବି ପଛାନ୍ତି ନାହିଁ।

## ଜାଣନ୍ତୁ ଦୁନିଆ

# କଫି ପାଇଁ ଛାଡ଼ପତ୍ର

ଇସ୍‌ଲାମିକ୍ ଦେଶ ତୁର୍କୀ ନିକଟରେ ଭୟଙ୍କର ଭୂକମ୍ପର ଶିକାର ହୋଇଛି। ଏଠାରେ ବହୁତ କ୍ଷୟକ୍ଷତି ହେବା ସହ ଏବେବି ଅନେକ ମୃତକଙ୍କୁ ଠାବ କରାଯାଇପାରି ନାହିଁ। ତେବେ ସୁନ୍ଦର ପର୍ଯ୍ୟଟନସ୍ଥଳୀରେ ପରିପୂର୍ଣ୍ଣ ଏହି ଦେଶରେ ଏମିତି କିଛି ଅଜବ କଥା ବା ପ୍ରଥା ରହିଛି, ଯାହା ସମ୍ପର୍କରେ ଜାଣିଲେ ଆଶ୍ଚର୍ଯ୍ୟ ଲାଗିଥାଏ....



★ଚା ପିଇବାରେ ତୁର୍କୀର ବାସିନ୍ଦାମାନେ ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦେଶର ୯୬% ଜନତା ପ୍ରତିଦିନ ଚା ପିଇଥାଆନ୍ତି। ଏଠାରେ ଜଣେ ନାଗରିକ ଦିନକୁ ୫ରୁ ୧୦ କପ୍ ପର୍ଯ୍ୟନ୍ତ ଚା ପିଇଥା'ନ୍ତି।

★ତୁର୍କୀର ସବୁଠାରୁ ପ୍ରସିଦ୍ଧ ସହର ଇସ୍ତାନ୍‌ବୁଲ, ବାଇଜାଣ୍ଟିଅମ୍ ନାମରେ ମଧ୍ୟ ଜଣାଶୁଣା। ଏହି ସହରର ନାମ ପରିବର୍ତ୍ତନ କରି କନ୍‌ଷ୍ଟାଣ୍ଟିନୋପଲ କରି ଦିଆଯାଇଥିଲା, କିନ୍ତୁ ୧୯୩୦ ମସିହାରେ ପୁଣି ପରିବର୍ତ୍ତନ ହୋଇ ଇସ୍ତାନ୍‌ବୁଲ ରଖାଗଲା।

★ତୁର୍କୀର ଜାତୀୟ ଫୁଲ ଟୁଲିପ୍। ଏହି ନାମଟି ଟର୍କିସ୍ ଶବ୍ଦ ଟରବାନ୍‌ରୁ ଆସିଛି।

★ତୁର୍କୀର ରାଜଧାନୀ ଇସ୍ତାନ୍‌ବୁଲ ବୋଲି ଅଧିକାଂଶ ଭାବିଥା'ନ୍ତି। କିନ୍ତୁ ଏହା ଭୁଲ୍। ଏହାର ରାଜଧାନୀ ଅଙ୍କାରା। ଦେଶର ମସ୍‌ଜିଦ ବିଶ୍ୱର ସବୁଠାରୁ ପ୍ରସିଦ୍ଧ ମସ୍‌ଜିଦ୍। ଏହି ମସ୍‌ଜିଦ୍ ନୀଳ ମସଜିଦ୍ ନାମରେ ମଧ୍ୟ ପରିଚିତ।

★ତୁର୍କୀର ନାଗରିକ ଚା ପିଉଥିଲେ ମଧ୍ୟ ୧୬ ଶତାବ୍ଦୀରେ ଏଠାରେ କଫିର କ୍ରେଜ ଅଧିକ ଥିଲା। ଏଠାରେ ମୋଚା କଫି ପ୍ରସିଦ୍ଧ। ତେବେ କଫିକୁ ନେଇ ଏଠାରେ ରୋଚକ କାହାଣୀ ମଧ୍ୟ ରହିଛି। ଅତୀତରେ ସେଠାକାର ମହିଳାମାନେ ସେମାନଙ୍କ ସ୍ୱାମୀ କଫି ଆଣି ଦେଉନଥିବା ଅଭିଯୋଗରେ ତାଙ୍କୁ ଛାଡ଼ପତ୍ର ଦେଉଥିଲେ।

★ତୁର୍କୀର ନାଗରିକ ଖରାପ ନଜର ନ ଲାଗିବା ପାଇଁ କାଚ, ଲୁହା ଏବଂ ତମ୍ବାରେ ପ୍ରସ୍ତୁତ ଏକ ନୀଳ ରଙ୍ଗର ପଥର ବ୍ୟବହାର କରନ୍ତି। ୩୦୦୦ବର୍ଷ ପୁରୁଣା ଏହି ପରମ୍ପରାରେ ଲୋକେ ବିଶ୍ୱାସ କରନ୍ତି ଯେ, ଏହାକୁ ପିନ୍ଧିବା ଦ୍ୱାରା କୌଣସି ଖରାପ ଶକ୍ତି ତାଙ୍କର କିଛି ଅସୁବିଧା କରିବ ନାହିଁ। ତୁର୍କୀ ଆସୁଥିବା ପର୍ଯ୍ୟଟକ ଏହି ପଥରକୁ ବେଶି କିଣିଥାନ୍ତି।



ବଡ଼ ସହର ହେଉଛି ଇସ୍ତାନ୍‌ବୁଲ। ଇସ୍ତାନ୍‌ବୁଲ ଦୁଇ ମହାଦେଶ ଏସିଆ ଓ ୟୁରୋପ ମଧ୍ୟରେ ରହିଛି। ତୁର୍କୀର ୯୫% ଅଂଶ ଏସିଆରେ ଏବଂ ୫% ୟୁରୋପରେ ଅଛି।

★ଅଏଲ୍ ରେସ୍‌ଲିଂ ତୁର୍କୀର ଜାତୀୟ ଖେଳ। ୬୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏହି ଖେଳ ଏଠାରେ ଖେଳାଯାଉଛି। ଏହି ଖେଳରେ ଖେଳାଳି ନିଜ ଦେହରେ ତେଲ ଲଗାଇ କୁସ୍ତି କରିଥାନ୍ତି।

★ବିଶ୍ୱର ସବୁଠାରୁ ଆକର୍ଷଣୀୟ ମସ୍‌ଜିଦଗୁଡିକ ତୁର୍କୀରେ ଅଛି। ଏଠାରେ ୮୨,୦୦୦ରୁ ଅଧିକ ମସ୍‌ଜିଦ୍ ନିର୍ମାଣ କରାଯାଇଛି। ଏଗୁଡ଼ିକ ମଧ୍ୟରେ ଇସ୍ତାନ୍‌ବୁଲର ସୁଲତାନ୍ ଅହମଦ୍

★ବାଦାମ ଜାତୀୟ ହାଜେଲ୍‌ନଟ୍ ଉତ୍ପାଦନ ତୁର୍କୀରେ ସବୁଠାରୁ ଅଧିକ ହୋଇଥାଏ। ବିଶ୍ୱରେ ପ୍ରାୟ ୭୫% ହାଜେଲ୍‌ନଟ୍ ତୁର୍କୀରେ ଉତ୍ପାଦନ ହୋଇଥାଏ। କଳା ସାଗର କୂଳରେ ଏହି ବାଦାମକୁ ଚାଷ କରାଯାଏ। ଉତ୍ପାଦନର କେବଳ ୬୦ଭାଗ ବିକ୍ରି କରାଯାଏ।

★ତୁର୍କୀରେ ନବଜାତ ଶିଶୁର ତକିଆ ତଳେ କଇଁଛ ପ୍ରତିମୂର୍ତ୍ତି ରଖିବାର ପ୍ରଥା ରହିଛି। ତକିଆ ତଳେ କଇଁଛ ରଖିବା ଦ୍ୱାରା ଶିଶୁ ସୁରକ୍ଷିତ ରହିଥାଏ ବୋଲି ସେଠାରେ ଏକ ବିଶ୍ୱାସ ରହିଛି।

## ୟୁଥ୍ ଆଲର୍ଟ

# ଭିଟାମିନ୍-ବି' ଅଭାବରେ...

ଅସନ୍ତୁଳିତ ଖାଦ୍ୟାଭ୍ୟାସ ବର୍ତ୍ତମାନ ମଡର୍ନ ଲାଇଫ୍‌ଷ୍ଟାଇଲ୍‌ର ଏକ ଅଂଶ ପାଲଟିଗଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦ୍ଦ୍ୱାରା ଅନେକଙ୍କଠାରେ ବିଭିନ୍ନ ପୋଷକତତ୍ତ୍ୱର ଅଭାବ ହେଉଛି ଏବଂ ତତ୍‌ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଛି। ଜାଣିବା ଶରୀରରେ ଭିଟାମିନ୍–ବି' ଅଭାବକୁ ଦୂର କରି ଫିଟ୍ ରହିବାର ବିଭିନ୍ନ ଉପାୟ ସମ୍ପର୍କରେ...



ଶରୀରରେ ଭିଟାମିନ୍–ବି' ଅଭାବ ହେଲେ ଦୁର୍ବଳତା, କୋଷ୍ଠକାଠିନ୍ୟ, ଆନେମିଆ, ଇଣ୍ଟେଷ୍ଟାଇନ୍ ସମସ୍ୟା, ସ୍ନାୟୁ ଦୁର୍ବଳତା, ଦୃଷ୍ଟିଶକ୍ତି ହ୍ରାସ ହେବା ଭଳି ବିଭିନ୍ନ ସମସ୍ୟା ଉପୁଜିଥାଏ। ତେଣୁ ଶରୀରରେ ଏହାର ମାତ୍ରା ଠିକ୍ ରଖିବା ଲାଗି ତଟକା ପନିପରିବା, ଶାଗ, ଦହି, ଅଣ୍ଡା, ମାଛ, ମାଂସ, କ୍ଷୀର ଭଳି ଭିଟାମିନ୍–ବି'ଯୁକ୍ତ ସନ୍ତୁଳିତ ଖାଦ୍ୟ ଖାଇବା ନିହାତି ଆବଶ୍ୟକ। ଭିଟାମିନ୍–ବି' ମାତ୍ରା ଠିକ୍ ରହିଲେ କ'ଣ ଲାଭ ହୁଏ ଜାଣିବା ସେ ସମ୍ପର୍କରେ...

❖ମାନସିକ ସୁସ୍ଥତା ପାଇଁ ଭିଟାମିନ୍–ବି'ର ବିଶେଷ ଭୂମିକା ରହିଛି। ଏହା ଷ୍ଟ୍ରେସ୍, ଡିପ୍ରେସନ୍, ଷ୍ଟ୍ରୋକ୍ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ।

❖ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ। ହେଲେ ଶରୀରରେ ଭିଟାମିନ୍–ବି' ମାତ୍ରା ସଠିକ୍ ରହିଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହା ପ୍ରୋଟିନ୍, ଫ୍ୟାଟ୍ ଏବଂ କାର୍ବୋହାଇଡ୍ରେଟ୍ ଜାତୀୟ ଖାଦ୍ୟ ହଜମ ହେବାରେ ସାହାଯ୍ୟ କରେ ଏବଂ ଶରୀରକୁ ଉର୍ଜା ପ୍ରଦାନ କରିଥାଏ। ତା'ଛଡ଼ା ମୋତିଆବିନ୍ଦୁ ଏବଂ ମାଇଗ୍ରେନ୍ ମୁଣ୍ଡବିନ୍ଧା କମ୍ କରିବାରେ ମଧ୍ୟ ଏହାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ।

❖ମଣିଷର ସମସ୍ତ କାର୍ଯ୍ୟକଳାପ ପାଇଁ ସ୍ନାୟୁଗୁଡ଼ିକ ସୁସ୍ଥ ରହିବା ନିହାତି ଜରୁରୀ। କାରଣ ଏହା ଦୁର୍ବଳ ହୋଇପଡ଼ିଲେ ହାତ, ଗୋଡ଼ ଥରିବା ଏବଂ ଶରୀରର ଅନ୍ୟ ଅଙ୍ଗ ପ୍ରତ୍ୟଙ୍ଗର କାର୍ଯ୍ୟ କ୍ଷମତା ହ୍ରାସ ହେବା ଏମିତିକି କାହା କାହାଠାରେ ପାରାଲିସିସ୍ ଭଳି ଜଟିଳ ସମସ୍ୟା ଉପୁଜିଥାଏ। ତେଣୁ ଖାଦ୍ୟ ତାଲିକାରେ ଭିଟାମିନ୍–ବି'ଯୁକ୍ତ ଖାଦ୍ୟକୁ ସାମିଲ କଲେ ଶରୀରରେ ଏହା ଆବଶ୍ୟକ ମାତ୍ରାରେ ରହିବା ଦ୍ୱାରା ମସ୍ତିଷ୍କ ସହ ସ୍ନାୟୁତନ୍ତ୍ରର କାର୍ଯ୍ୟକ୍ଷମତା ବୃଦ୍ଧି ହୋଇଥାଏ।

❖ ଭିଟାମିନ୍–ବି'ରେ ଥିବା ରିବୋଫ୍ଲାବିନ୍ ଖାଦ୍ୟର ସମସ୍ତ ଭିଟାମିନ୍ ଓ ପୋଷକତତ୍ତ୍ୱକୁ ଭଲ ଭାବେ ଗ୍ରହଣ କରିବାରେ ଶରୀରକୁ ସାହାଯ୍ୟ କରେ। ଏହା ହୃତ୍‌ପିଣ୍ଡର କାର୍ଯ୍ୟକ୍ଷମତା ବୃଦ୍ଧି କରିଥାଏ ଏବଂ ଭଲ ଭାବେ ରକ୍ତସଞ୍ଚାଳନ ହେବାରେ ସାହାଯ୍ୟ କରିଥାଏ।



ଧରିତ୍ରୀ
DHARITRI



# ଷଷ୍ଠ ଟାଇଟଲ ଲକ୍ଷ୍ୟରେ ଅଷ୍ଟ୍ରେଲିଆ

**ମହିଳା ଟି୨୦ ବିଶ୍ୱକପ୍**



ଫାଇନାଲ ମ୍ୟାଚ୍ ପୂର୍ବରୁ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଟ୍ରଫି ସହ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ଅଧିନାୟିକା।

**କେପ୍‌ଟାଉନ୍,୨୫।୨(ପି.ଟି.)**

ରବିବାର କେପ୍‌ଟାଉନ୍‌ର ନ୍ୟୁଲାଣ୍ଡ୍ସରେ ଖେଳାଯିବ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଫାଇନାଲ। ଷଷ୍ଠ ଟାଇଟଲ ହାସଲ ଲକ୍ଷ୍ୟରେ ରହିଥିବା ଶକ୍ତିଶାଳୀ ଅଷ୍ଟ୍ରେଲିଆ ସମ୍ମୁଖରେ ରହିଛି ଘରୋଇ ଦକ୍ଷିଣ ଆଫ୍ରିକା। ବିଗତ ଏକ ବର୍ଷ ମଧ୍ୟରେ ଘରୋଇ ଦଳ କ୍ରିକେଟରେ ବେଶ୍ ଆଗେଇଛି। ବର୍ଷେ ତଳେ ବିଶ୍ୱକପ୍ ସେମିଫାଇନାଲରୁ ବିଦାୟ ନେଇଥିବା ଏହି ଦଳ ଚଳିତ ଟି୨୦ ବିଶ୍ୱକପ୍‌ରେ ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଛି। ତେବେ ସାମ୍ନାରେ ରହିଛି ୫ ଥର ଟି୨୦ ବିଶ୍ୱକପ୍ ଚାମ୍ପିୟନ୍ ଅଷ୍ଟ୍ରେଲିଆ। କ୍ରମାଗତ ସପ୍ତମ ଥର ଫାଇନାଲରେ ପ୍ରବେଶ କରିଥିବା ତଥା ଷଷ୍ଠ ଟାଇଟଲ ଲକ୍ଷ୍ୟରେ ରହିଥିବା ଅଷ୍ଟ୍ରେଲିଆକୁ ମାତ୍ ଦେବାର ଯୋଜନାରେ ଘରୋଇ ଦଳ କେତେ ସଫଳ ହେବ ତାହା ଦେଖିବାକୁ ବାକି ଅଛି। ଲୌରା ଓଲ୍‌ଭାର୍ଡ୍ଟ ଓ ତାଜମିନ୍ ବ୍ରିଟ୍ସ ଟୁର୍ନାମେଣ୍ଟର ଅନ୍ୟତମ ଶ୍ରେଷ୍ଠ ଓପନିଂ ଯୋଡ଼ି ରହିଛନ୍ତି। ପୂର୍ବତନ ଜୁନିୟର ଜାଭେଲିନ୍ ଥ୍ରୋୟର ବିଶ୍ୱ ଚାମ୍ପିୟନ ତାଜମିନ ବ୍ରିଟ୍ସ ୨୦୧୨ କାର୍ ଦୁର୍ଘଟଣା ପରେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ଫାଇନାଲରେ ଘରୋଇ ଦଳର ସଫଳତା ଏହି ଦୁଇ ଖେଳାଳିଙ୍କ ପ୍ରଦର୍ଶନ ଉପରେ ନିର୍ଭର କରିବ। ଭାରତ ବିପକ୍ଷରେ ଅବିଶ୍ୱସନୀୟ ବିଜୟ ପରେ ଅଷ୍ଟ୍ରେଲିଆ ଦଳ ଦୃଢ଼ ଆତ୍ମବିଶ୍ୱାସରେ ନଜର ଆସିବ। ଅଷ୍ଟ୍ରେଲିଆ ବିପକ୍ଷରେ ସଫଳ ହେବାକୁ ହେଲେ ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର ମାରିଜେନ୍ କାପ୍‌ଙ୍କ ପ୍ରଦର୍ଶନ ଉପରେ ସଭିଙ୍କ ନଜର ରହିବ। ଇଂଲଣ୍ଡ ବିପକ୍ଷ ସେମିରେ ତାଙ୍କ ପ୍ରଦର୍ଶନ ଭଲ ରହିଥିଲା। ଅଧିନାୟିକା ସୁନ୍ ଲୁସ୍‌ଙ୍କ ସମେତ ଶବନିମ ଇସମାଇଲ ଓ ଆୟୋବୋଙ୍ଗା ଖାଖାଙ୍କ ପରି ପ୍ରଭାବୀ ବୋଲର ରହିଛନ୍ତି। ମିଡିଲ ଅର୍ଡରରେ କ୍ଲୋଏ ଟ୍ରାୟନ୍ ଓ ନାଡିନ୍ ଡି କ୍ଲର୍କଙ୍କ ଭଳି ଖେଳାଳି ରହିଛନ୍ତି। କ୍ଲୋଏ ଟ୍ରାୟନ୍ ନିଜ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ରହିଛନ୍ତି। ଦକ୍ଷିଣ ଆଫ୍ରିକାକୁ ସ୍ଥାନୀୟ ଦର୍ଶକଙ୍କ ସମର୍ଥନ ମଧ୍ୟ ମିଳିବ। ଗ୍ରୁପ୍ ପର୍ଯ୍ୟାୟରେ ଅଷ୍ଟ୍ରେଲିଆ ସହଜରେ ଦକ୍ଷିଣ ଆଫ୍ରିକାକୁ ହରାଇଥିବାରୁ ଏହା ଦଳର ଆତ୍ମବିଶ୍ୱାସ ବଢାଇବାରେ ସହାୟକ ହେବ। ତେବେ ଟାଇଟଲ ମୁକାବିଲା କଙ୍ଗାରୁ ଦଳ ପାଇଁ ଏତେଟା ସହଜ ନ ହେବା ନେଇ ଅନୁମାନ କରାଯାଉଛି। ଭାରତ ବିପକ୍ଷ ସେମି ଫାଇନାଲରେ ଦଳ ଯେଉଁ ଢଙ୍ଗରେ ଅନ୍ତିମ ୫ ଓଭରରେ ୩୯ ରନ୍ ରୋକିବାରେ ସମର୍ଥ ହେଲା ତାହା ମେଗ୍ ଲାନିଙ୍ଗଙ୍କ ଦଳର ମାନସିକ ଦୃଢ଼ତା ପ୍ରମାଣିତ କରୁଛି। ଫାଇନାଲ ମ୍ୟାଚରେ ଉଭୟ ଦଳ ପାଇଁ ସମାନ ସୁଯୋଗ ରହିଥିବା କହିଛନ୍ତି ଓପନର ବ୍ରିଟ୍ସ। ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଆମେ ଫେଭରିଟ୍ ନ ଥିଲୁ। ମାତ୍ର ବିଜୟୀ ହେବା ସହିତ ଆମେ ଯେ କୌଣସି ଦଳକୁ ପରାସ୍ତ କରିବାରେ ସମର୍ଥ ବୋଲି ପ୍ରମାଣିତ କରିଛୁ।

**ମ୍ୟାଚ ସ୍ଥାନ: ନ୍ୟୁଲାଣ୍ଡ୍ସ, କେପ୍‌ଟାଉନ୍**
**ମ୍ୟାଚ୍ ସମୟ: ସନ୍ଧ୍ୟା ୬.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

**ସପ୍ତମ ଏସିଆନ୍ ଜୁ ଜୁଟ୍‌ସୁ**

# ଅନୁପମାଙ୍କୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର,୨୫।୨(ସ୍ପୋର୍ଟ୍ସ ବ୍ୟୁରୋ)**

ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ଏସିଆନ୍ ଜୁ ଜୁଟ୍‌ସୁରେ ଭାରତର ପ୍ରତିନିଧିତ୍ୱ କରୁଥିବା ଅନୁପମା ସ୍ୱାଇଁଙ୍କୁ ବ୍ରୋଞ୍ଜ ପଦକ। ୨୪ ରୁ ୨୮ ତାରିଖ ପର୍ଯ୍ୟନ୍ତ ହେଉଥିବା ସପ୍ତମ ଏସିଆନ୍ ଜୁ ଜୁଟ୍‌ସୁ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଅନୁପମା ଶନିବାର ପଦକ ହାସଲ କରିଛନ୍ତି। ଟୁର୍ନାମେଣ୍ଟର ପ୍ରଥମ ଦିନରେ ଫାଇଟିଙ୍ଗ ସିଷ୍ଟମ ପ୍ରତିଯୋଗିତାରେ କାଜାଖସ୍ତାନ ଓ ଥାଇଲାଣ୍ଡ ପ୍ରତିଯୋଗୀଙ୍କୁ ହରାଇ ଅନୁପମା ପଦକ ହାସଲ କରିଛନ୍ତି। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ୫୨ କିଗ୍ରା ବର୍ଗରେ ଅଂଶଗ୍ରହଣ କରିଥିବା ବେଳେ ଏହା ତାଙ୍କର ୪ର୍ଥ ଏସୀୟ ପଦକ। ରବିବାର ଅନୁପମା ନେ- ୱାଜା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ସଫଳତା ପାଇଁ ଅନୁଙ୍କୁ ଅଭିନନ୍ଦନ ଜଣାଇଛି ଓଡ଼ିଶା ଜୁ ଜୁଟ୍‌ସୁ ସଂଘ।



ପୋଡିୟମ୍‌ରେ ପଦକ ସହ ଅନୁପମା(ବାମରୁ ତୃତୀୟ)।




# ଶର୍ଟଲିଷ୍ଟରେ ରିଚା ଏକମାତ୍ର ଭାରତୀୟ



**ଦୁବାଇ, ୨୫।୨ (ପି.ଟି.)**

ଓମେନ୍ସ ଟି୨୦ ୱାର୍ଲ୍ଡକପ୍ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପାଇଁ ଶର୍ଟଲିଷ୍ଟରେ ସ୍ଥାନ ପାଇଥିବା ୯ଜଣ ଖେଳାଳିଙ୍କ ମଧ୍ୟରେ ରିଚା ଘୋଷ ହେଉଛନ୍ତି ଏକମାତ୍ର ଭାରତୀୟ। ଗୁରୁବାର କେପ୍‌ଟାଉନ୍‌ଠାରେ ୫ଥର ଚାମ୍ପିୟନ ଅଷ୍ଟ୍ରେଲିଆଠାରୁ ୫ ରନରେ ପରାଜିତ ହୋଇ ଭାରତ ସେମିଫାଇନାଲରୁ ବିଦାୟ ନେଇଥିଲା। ଦକ୍ଷିଣ ଆଫ୍ରିକାରେ ଏହି ୧୯ବର୍ଷୀୟା ଖେଳାଳି ଫିନିଶର ଭୂମିକା ନିର୍ବାହ କରିଥିଲେ। ଟୁର୍ନାମେଣ୍ଟରେ ସେ ଦୁଇଥର ୪୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ତନ୍ମଧ୍ୟରେ ତାଙ୍କର ଇଂଲଣ୍ଡ ବିପକ୍ଷରେ ଅପରାଜିତ ୪୭ ରନ ଅନ୍ୟତମ। ତାଙ୍କର ଏହି ଇନିଂସ ଭାରତ ପାଇଁ ବିଜୟ ସମ୍ଭାବନା ସୃଷ୍ଟି କରିଥିଲା। ଟୁର୍ନାମେଣ୍ଟରେ ରିଚା ଖେଳିଥିବା ୫ଟି ଇନିଂସ ମଧ୍ୟରୁ ଦୁଇଥର ଆଉଟ ହୋଇଥିଲେ। ଏହି ଆକ୍ରମଣାତ୍ମକ ଖେଳାଳିଙ୍କ ଷ୍ଟ୍ରାଇକ୍‌ରେଟ୍ ୧୩୦ରୁ ଅଧିକ ରହିଥିଲା। ଓଭରଅଲ୍ ସେ ୬୮ ଆଭରେଜରେ ୧୬୮ରନ ସଂଗ୍ରହ କରିଥିଲେ। ସେ ଚମତ୍କାର ଉଇକେଟ କିପିଂ ମଧ୍ୟ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଶର୍ଟଲିଷ୍ଟରେ ଅଷ୍ଟ୍ରେଲିଆ ଦଳର ସର୍ବାଧିକ ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକାର ୨ଜଣ ଲେଖାଏ ଏବଂ ଭାରତ ଓ ୱେଷ୍ଟଇଣ୍ଡିଜର ଜଣେ ଲେଖାଏ ଖେଳାଳି ଏଥିରେ ରହିଛନ୍ତି। ତାଲିକାରେ ସ୍ଥାନ ପାଇଁ ଅଷ୍ଟ୍ରେଲୀୟ ଖେଳାଳିମାନେ ହେଲେ ମେଗ୍ ଲାନିଂ ( ୬୯.୫୦ ଆଭରେଜରେ ୧୩୯ରନ), ଉଇକେଟକିପର ବ୍ୟାଟର ଏଲିସା ହିଲି (୫୭ ଆଭରେଜରେ ୧୭୧ ରନ) ଏବଂ ଅଲରାଉଣ୍ଡର ଆଶ୍ ଗାର୍ଡନର (୮୧ରନ ଓ ୯ ଉଇକେଟ)। ସେହିପରି ଇଂଲଣ୍ଡରୁ ଅଲ୍‌ରାଉଣ୍ଡର ନାଟ୍ ସ୍କିଭର-ବ୍ରଣ୍ଟ (୭୨ ଆଭରେଜରେ ୨୧୬ ରନ) ଏବଂ ସ୍ପିନର ସୋଫି ଏକ୍ଲେଷ୍ଟୋନ୍, ଯିଏକି ୪.୧୫ ଆଭରେଜରେ ୧୧ ଉଇକେଟ ଅକ୍ତିଆର କରିଛନ୍ତି। ସେହିପରି ଦକ୍ଷିଣ ଆଫ୍ରିକାକୁ ଫାଇନାଲରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଲାଉରା ଓଲ୍‌ଭାର୍ଡ୍ଟ ଓ ତାଜ୍‌ମିନ୍ ବ୍ରିଟ୍ସଙ୍କୁ ଶର୍ଟଲିଷ୍ଟରେ ସ୍ଥାନ ମିଳିଛି। ୱେଷ୍ଟଇଣ୍ଡିଜ ଅଧିନାୟିକା ହେଲି ମାଥ୍ୟୁସ ମଧ୍ୟ ଏହି ତାଲିକାରେ ରହିଛନ୍ତି।

**ଓମେନ୍ସ ଟି୨୦ ୱାର୍ଲ୍ଡକପ୍ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ**

# ମହାରାଷ୍ଟ୍ର-ମଧ୍ୟପ୍ରଦେଶ ଫାଇନାଲ

**ଜାତୀୟ ସିନିୟର ମହିଳା ହକି**

**କାକିନାଡା (ଆନ୍ଧ୍ର ପ୍ରଦେଶ), ୨୫।୨ (ପି.ଟି.):** ଏଠାରେ ଚାଲିଥିବା ୧୩ ତମ ଜାତୀୟ ସିନିୟର ମହିଳା ହକି ପ୍ରତିଯୋଗିତାର ଫାଇନାଲ ମ୍ୟାଚ ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ମଧ୍ୟରେ ହେବ। ଶନିବାର ଅନୁଷ୍ଠିତ ଏକ ସେମିଫାଇନାଲ ମ୍ୟାଚରେ ମହାରାଷ୍ଟ୍ର ୨-୧ ପେନାଲ୍‌ଟି ଶୁଟଆଉଟରେ ହରିୟାଣାକୁ ପରାସ୍ତ କରିଥିବା ବେଳେ ମଧ୍ୟପ୍ରଦେଶ ୨-୦ ଗୋଲ୍‌ରେ ଝାଡ଼ଖଣ୍ଡକୁ ହରାଇ ଦେଇଛି। ପ୍ରଥମ ସେମିଫାଇନାଲରେ ହରିୟାଣା ଦେବିକା ସେନ୍ (୧୮ତମ ମିନିଟ)ଙ୍କ ଗୋଲ ବଳରେ ପ୍ରଥମେ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ମାତ୍ର ୪୩ ତମ ମିନିଟ୍‌ରେ ମହାରାଷ୍ଟ୍ରର ପ୍ଲେୟର ଅଫ୍ ଦି ମ୍ୟାଚ ଭାବନା ଖାଡେଙ୍କ ଗୋଲ୍ ଯୋଗୁ ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୧-୧ରେ ଅମୀମାଂସିତ ରହିଥିଲା। ଶୁଟ୍‌ଆଉଟ୍‌ରେ ଏଚ୍. ଲାଲରୁଆତ୍‌ଫେଲି ଓ ଆକାଂକ୍ଷା ସିଂ ଗୋଲ୍ ସ୍କୋର କରି ମହାରାଷ୍ଟ୍ରକୁ ଫାଇନାଲରେ ପ୍ରବେଶ କରାଇଥିଲେ। ଅନ୍ୟ ସେମିଫାଇନାଲରେ କରିସ୍ମା ସିଂ (୫୬ତମ) ଓ ଦୀକ୍ଷା ତିୱାରୀ (୫୮ତମ) ମ୍ୟାଚର ଶେଷ ପର୍ଯ୍ୟାୟରେ ଗୋଲ୍ ସ୍କୋର କରି ମଧ୍ୟପ୍ରଦେଶକୁ ଫାଇନାଲରେ ପ୍ରବେଶ କରାଇଥିଲେ। ରବିବାର ଫାଇନାଲ ମ୍ୟାଚ ବ୍ୟତୀତ ହରିୟାଣା ଓ ଝାଡ଼ଖଣ୍ଡ ମଧ୍ୟରେ ପ୍ଲେ-ଅଫ୍ ମ୍ୟାଚ ଖେଳାଯିବ।

# ଦୀପ୍ତି ଶର୍ମା ୟୁପି ୱାରିୟର୍ଜ ଉପଅଧିନାୟିକା

**ଲକ୍ଷ୍ନୌ, ୨୫।୨ (ପି.ଟି.):** ଆଗାମୀ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଲାଗି ଭାରତୀୟ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମାଙ୍କୁ ୟୁପି ୱାରିୟର୍ଜର ଉପଅଧିନାୟିକା ଘୋଷଣା କରାଯାଇଛି। ଭାରତୀୟ ମହିଳା ଦଳର ଏହି ୨୫ବର୍ଷୀୟା ପ୍ରମୁଖ ଖେଳାଳିଙ୍କୁ ଫ୍ରାଞ୍ଚାଇଜ ୨.୬ କୋଟି ଟଙ୍କା ବିନିମୟରେ କ୍ରୟ କରିଛି। ପୂର୍ବରୁ ଏଲିସା ହିଲି ୟୁପି ୱାରିୟର୍ଜର ଅଧିନାୟିକା ମନୋନୀତ ହୋଇସାରିଛନ୍ତି। ଇଂଲଣ୍ଡର ଜନ୍ ଲିୱିସ ଦଳର କୋଚ୍ ଓ ଅଞ୍ଜୁ ଜୈନ ସହକାରୀ କୋଚ୍ ରହିଥିବା ବେଳେ ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର ଆଶ୍‌ଲେ ନଫ୍‌କି ବୋଲିଂ କୋଚ୍ ଏବଂ ୪ଥର ବିଶ୍ୱ ଚାମ୍ପିୟନ ଲିସା ଷ୍ଟାଲେକର ଦଳର ମେଣ୍ଟର ରହିଛନ୍ତି। ଓମେନ୍ସ ପ୍ରିମିୟର ଲିଗ୍ ମୁମ୍ବାଇର ବ୍ରାବୋର୍ନ ଓ ଡି.ୱାଇ. ପାଟିଲ ଷ୍ଟାଡିୟମରେ ମାର୍ଚ୍ଚ ୪ରୁ ୨୬ ପର୍ଯ୍ୟନ୍ତ ଖେଳାଯିବ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ